


ନାଗଙ୍କ ସହ ଆଲିଆ
▸ପୃଷ୍ଠା ୨ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-139 ◆BHUBANESWAR ◆FRIDAY ◆15 NOVEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୩୯ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୫ ନଭେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦


## ଦିଲ୍ଲୀ ମେୟର ନିର୍ବାଚନରେ ଆପ୍‌ର ବିଜୟ

**୧୦ ପ୍ରାର୍ଥୀଙ୍କ କ୍ରସ୍‌ଭୋଟିଂ ସତ୍ତ୍ୱେ ଜିତିଲେ ମହେଶ ଖିନ୍‌ଚି**

■ **ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି):** ଘମାଘୋଟ ଲଢେଇ ଭିତରେ ଗୁରୁବାର ଦିଲ୍ଲୀ ମେୟର ପଦବୀ ପାଇଁ ହୋଇଥିବା ନିର୍ବାଚନରେ ଆମ୍ ଆଦମୀ ପାର୍ଟି (ଆପ୍) ବିଜୟୀ ହୋଇଛି। ଆପ୍ କାଉନସିଲର ମହେଶ ଖିନ୍‌ଚିଙ୍କ ସପକ୍ଷରେ ୧୩୩ ଭୋଟ୍ ମିଳିଥିଲା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେପି ପ୍ରାର୍ଥୀ କିଷାନ ପଲଙ୍କୁ ୧୩୦ ଭୋଟ ମିଳିଛି। ଏହାଦ୍ୱାରା ମହେଶ ଦିଲ୍ଲୀ ମହାନଗର ନିଗର ପରବର୍ତ୍ତୀ ମେୟର ହେବା ନିଶ୍ଚିତ ହୋଇଛି। ସେ କରୋଲ ବାଗ୍‌ର ଦେବ ନଗରରୁ ପ୍ରତିନିଧିତ୍ୱ କରୁଥିବା ବେଳେ ଦିଲ୍ଲୀର ପ୍ରଥମ ଦଳିତ ମେୟର ହେବେ । ତେବେ ଆଗାମୀ ୫ ମାସ ପାଇଁ ସେ ମେୟର ▸ପୃଷ୍ଠା-୭



## ଆଜିଠାରୁ ଐତିହାସିକ କଟକ ବାଲିଯାତ୍ରା

■ **କଟକ, ୧୪।୧୧ (ସମିସ):** ଐତିହାସିକ କଟକ ବାଲିଯାତ୍ରା ଉତ୍ସବ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତାକାଲି ସନ୍ଧ୍ୟା ସାଢ଼େ ୫ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ବାଲିଯାତ୍ରାକୁ ଉଦ୍‌ଘାଟନ କରିବେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ସୂଚନା ଦେଇଛନ୍ତି। ଏଥିସହ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରଦୂତ ଏବଂ ହାଇକମିସନର୍ ତଥା ଅନ୍ୟାନ୍ୟ ଅତିଥି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସବୁ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ରହିଛି ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ, ଲାଓ ପିଡିଆର, ଭୁଟାନ, ସିଙ୍ଗାପୁର, ନେପାଳ, ମାଲେସିଆ, ଇଣ୍ଡୋନେସିଆ, ନାଉରୁ, ସୋଲୋମନ ଆଇଲାଣ୍ଡ, ନ୍ୟୁଜିଲାଣ୍ଡ, ଭିଜି, ଟିମୋର ଲେସେ ଏବଂ ବୃଣେଇ। ଚଳିତଥର ବାଲିଯାତ୍ରାର ଉପର ପଡ଼ିଆ ଓ ତଳ ପଡ଼ିଆକୁ ମିଶାଇ ▸ପୃଷ୍ଠା-୭



# ଜୟନାରାୟଣଙ୍କୁ 'ସୁପ୍ରିମ' ଝଟ୍‌କା

## ବିଧାୟକଙ୍କ ଆଗୁଆ ଜାମିନ ଆବେଦନ ଖାରଜ

■ **ଭୁବନେଶ୍ୱର, ୧୪।୧୧ (ସମିସ):** ବିଜେପିର ବରିଷ୍ଠ ବିଧାୟକ ତଥା ପୂର୍ବତନ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ରଙ୍କୁ ଲାଗିଛି ପ୍ରଚଣ୍ଡ ଝଟ୍‌କା। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ତାଙ୍କ ଦ୍ୱାରା କରାଯାଇଥିବା ଆଗୁଆ ଜାମିନ ଆବେଦନକୁ ସୁପ୍ରିମକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ଖାରଜ କରି ଦେଇଛନ୍ତି। ଏହା ସହିତ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ରାଜ୍ୟ ବିଜେପି ସରକାରଙ୍କ ନରମ ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଛନ୍ତି। ସରକାର ପରିବର୍ତ୍ତନ ହେଲେ ପୁଲିସ ୟୁନିଫର୍ମର ରଙ୍ଗ ବଦଳିଯାଏ ନାହିଁ ବୋଲି ରାଜ୍ୟ ସରକାରଙ୍କୁ କଟାକ୍ଷ କରି ସୁପ୍ରିମକୋର୍ଟ ଜନପ୍ରତିନିଧିମାନେ ସର୍ବସାଧାରଣରେ ବ୍ୟବହାର ଉଦାହରଣୀୟ ହେବା ଆବଶ୍ୟକ ବୋଲି ଜୟନାରାୟଣଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି ସୁପ୍ରିମକୋର୍ଟରେ ଆଗୁଆ ଜାମିନ ▸ପୃଷ୍ଠା-୭



ରାଜ୍ୟ ବିଜେପି ସରକାରଙ୍କ ଆଭିମୁଖ୍ୟକୁ କଡ଼ା ସମାଲୋଚନା

ସରକାର ବଦଳିଗଲେ ପୁଲିସ ୟୁନିଫର୍ମର ରଙ୍ଗ ବଦଳେ ନାହିଁ

ଆବେଦନକାରୀଙ୍କୁ ଜାମିନ୍ ଦେଲେ ଶୁଣାଣି ପ୍ରଭାବିତ ହୋଇପାରେ

ସର୍ବସାଧାରଣରେ ଉଦାହରଣୀୟ ବ୍ୟବହାର ରଖନ୍ତୁ ଜନପ୍ରତିନିଧି

**ମୋତେ ଯେତେ ମାଠିବୁ ମାଠ୍...**

## ପୁଲିସକୁ ମାଡ଼ ମାରିବା ଦରକାର: ଜୟନାରାୟଣ

ସୁପ୍ରିମକୋର୍ଟରେ ଆଗୁଆ ଜାମିନ୍ ଆବେଦନ ଅଗ୍ରାହ୍ୟ ହେବା ସତ୍ତ୍ୱେ ଜୟନାରାୟଣ ମିଶ୍ରଙ୍କ ବ୍ୟବହାରରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ସମୟରେ ସେ ପୁନର୍ବାର ଚିରାଚରିତ ଢ଼ଙ୍ଗରେ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ପୁଲିସ ପ୍ରତି ଅଶୋଭନୀୟ ମନ୍ତବ୍ୟ ଦେଇ ସେମାନଙ୍କୁ ମାଡ ମାରିବା ଦରକାର ବୋଲି ସେ ପୁଣି ଦୋହରାଇଛନ୍ତି। ସେ କହିଛନ୍ତି ଯେ ମୋ ନାମରେ ୭୨ଟି ମାମଲା ରହିଛି। ଏହି ମାମଲାରେ ସୁପ୍ରିମକୋର୍ଟ କଣ ରାୟ ଦେଇଛନ୍ତି, ସେନେଇ ସବିଶେଷ ତଥ୍ୟ ମୋ ପାଖରେ ନାହିଁ। ଏସବୁକୁ ନେଇ ମୁଁ ବିଚଳିତ ନୁହେଁ ବୋଲି ଜୟନାରାୟଣ କହିଛନ୍ତି ।

**ଗମ୍ଭୀର ହେଉଛି ଦିଲ୍ଲୀ ପ୍ରଦୂଷଣ ସ୍ଥିତି**

## ଆଜିଠାରୁ ଲାଗୁହେବ 'ଗ୍ରାପ୍-୩'



**ସହରର ବିଭିନ୍ନ ଅଞ୍ଚଳରେ ଏକ୍ୟୁଆଇ ସ୍ତର ୪୫୦ରୁ ଅଧିକ**

**ଗାଡ଼ି ଚଳାଚଳ ଉପରେ କଟକଣା**

■ **ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି):** ପ୍ରଦୂଷଣକୁ ନେଇ ଦିଲ୍ଲୀରେ ସୃଷ୍ଟି ହୋଇଥିବା ସମସ୍ୟା ବେଳକୁ ବେଳ ଜଟିଳ ହେବାରେ ଲାଗିଛି। ପ୍ରଦୂଷଣ ଯୋଗୁଁ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳର ବାୟୁମଣ୍ଡଳ କଳା ଚଦରର ଭ୍ରମ ସୃଷ୍ଟି କରିଥିବା ବେଳେ ବାୟୁ ଗୁଣବତ୍ତା ମଧ୍ୟ ହ୍ରାସ ପାଇଚାଲିଛି। ପ୍ରଦୂଷଣ ସାଙ୍ଗକୁ ଘନ କୁହୁଡ଼ି ବାୟୁସ୍ତରକୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର କରି ଦେଇଛି। ଫଳାରେ ସାଧାରଣ ଜନଜୀବନ ଭାରୀ ମାତ୍ରାରେ ବ୍ୟାହତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତାକାଲି ଠାରୁ ଦିଲ୍ଲୀରେ ପ୍ରଦୂଷଣ ନିରୋଧୀ 'ଗ୍ରାପ୍-୩'( ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ) ନିୟମ ଲାଗୁ କରାଯିବ ବୋଲି 'କମିସନ ଫର୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ' କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଗାଡି ଚଳାଚଳ କ୍ଷେତ୍ର ସମେତ ନିର୍ମାଣ କ୍ଷେତ୍ରରେ ଅଙ୍କୁଶ ଲାଗିବ। ଆସନ୍ତାକାଲି ଠାରୁ ଦିଲ୍ଲୀ ରାସ୍ତାରେ ଅଣ ଇଲେକଟ୍ରିକ୍, ଅଣ ସିଏନଜି ଯାନ ଠାରୁ ଅଣ ବିଏସ୍-୬ ଡିଜେଲ ଯାନ ଚାଲିପାରିବନି। ସେହିପରି ସହରର କୌଣସି ଅଞ୍ଚଳରେ ଖନନ କାର୍ଯ୍ୟ ହେବ ନାହିଁ କି ନିର୍ମାଣ କିମ୍ବା କୋଠା ଭଙ୍ଗା ▸ପୃଷ୍ଠା-୭

## ୩ ବର୍ଷ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

**ଜୟୀଙ୍କ ସମେତ ୩ଜଣଙ୍କୁ 'ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାର'**

**ବାବୁସାନ୍, ଦ୍ୱୀପାନିତ ଓ ଅଙ୍କିତ, ଅମ୍ଲାନ ଓ ଦେବାଶିଷ ଶ୍ରେଷ୍ଠ ଅଭିନେତା**

**କାବ୍ୟା, ସୂର୍ଯ୍ୟମୟୀ ଓ ଲୋପାମୁଦ୍ରା ଶ୍ରେଷ୍ଠ ଅଭିନେତ୍ରୀ**

■ **ଭୁବନେଶ୍ୱର, ୧୪।୧୧ (ସମିସ):** ଦୀର୍ଘ ଦିନ ଅପେକ୍ଷାର ଅନ୍ତ ଘଟିଛି। ଆଜି ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ନାମ ଘୋଷଣା ହୋଇଛି। ୨୦୨୦ ମସିହାରୁ ଦୀର୍ଘ ୩ ବର୍ଷ ଧରି ଅଟକି ରହିଥିବା ଏହି ପୁରସ୍କାର ଚଳିତ ମାସ ୧୭ ତାରିଖରେ ଏକାବେଳକେ ପ୍ରଦାନ କରାଯିବ। ଆଜି ସଂସ୍କୃତି ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏହି ଘୋଷଣା କରିଛନ୍ତି।

ବର୍ଷ ୨୦୨୦ ପାଇଁ ବିଶିଷ୍ଟ ଲେଖକ, ନିର୍ଦ୍ଦେଶକ ଓ ନାଟ୍ୟକାର ଅନନ୍ତ ମହାପାତ୍ର, ୨୦୨୧ପାଇଁ ବିଶିଷ୍ଟ ଚିତ୍ରତ୍ତୋଳନକାରୀ ଶ୍ରୀନିବାସ ମହାପାତ୍ର ଏବଂ ୨୦୨୨ପାଇଁ ବିଶିଷ୍ଟ ଅଭିନେତା ଜୟୀରାମ ସାମଲଙ୍କୁ ଜୀବନବ୍ୟାପୀ ସାଧନା ▸ପୃଷ୍ଠା-୭

## ଫେବୃଆରୀ ୨୧ରୁ ମାଟ୍ରିକ୍ ପରୀକ୍ଷା

**କାର୍ଯ୍ୟସୂଚୀ ପ୍ରକାଶ କଲା ମାଧ୍ୟମିକ ଶିକ୍ଷା ପରିଷଦ**

■ **କଟକ, ୧୪।୧୧ (ସମିସ):** ଆସନ୍ତା ଫେବୃଆରୀ ୨୧ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସବିଶେଷ କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ପ୍ରଥମ ଦିନ ଅର୍ଥାତ ୨୦୨୫ ମସିହା ଫେବୃଆରୀ ୨୧ ତାରିଖରେ ମାତୃଭାଷା ବିଷୟରେ ପରୀକ୍ଷା କରାଯିବ। ସେହିଭଳି ୨୪ତାରିଖରେ ଇଂରାଜୀ, ୨୭ରେ ଗଣିତ, ମାର୍ଚ୍ଚ ୧ରେ ସାଧାରଣ ବିଜ୍ଞାନ, ମାର୍ଚ୍ଚ ୩ ତାରିଖରେ ସାମାଜିକ ବିଜ୍ଞାନ ଓ ମାର୍ଚ୍ଚ ୬ରେ ତୃତୀୟ ଭାଷା ସଂସ୍କୃତ ▸ପୃଷ୍ଠା-୭

**ତାରାତାରିଣୀ ମନ୍ଦିରରୁ ଚୋରି ଘଟଣା**

## ସେବାୟତ ଲୁଟିଥିଲେ ମା'ଙ୍କ ଅଳଙ୍କାର



୪ ସେବାୟତଙ୍କ ସହ ୨ ସୁରକ୍ଷାକର୍ମୀ ଗିରଫ

୩୯ ହଜାର ଟଙ୍କା ଉଦ୍ଧାର, ମିଳିନି ଅଳଙ୍କାର

ଘଟଣାର ୩ ଦିନ ପୂର୍ବରୁ କରିଥିଲେ ବ୍ଲୁ-ପ୍ରିଣ୍ଟ

ରିମାଣ୍ଡରେ ଆଣି ଅଧିକ ଜେରାକରିବ ପୁଲିସ

■ **ପୁରୁଷୋତ୍ତମପୁର, ୧୪।୧୧ (ସମିସ):** ଦକ୍ଷିଣଓଡ଼ିଶାର ଅନ୍ୟତମ ପ୍ରମୁଖ ଶକ୍ତିପୀଠ ତାରାତାରିଣୀ ମନ୍ଦିରରୁ ଚୋରି ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଙ୍କ ମଧ୍ୟରେ ୨ଜଣ ମନ୍ଦିରର ରାତ୍ର ଜଗୁଆଳି ଓ ୪ଜଣ ସେବାୟତ ସାମିଲ ଥିବା ପୁଲିସ କହିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାତ୍ର ଜଗୁଆଳୀ କାଳିଆ ଦାସ(୩୫) ବଳିଆ ନାୟକ(୪୫) ଏବଂ ସେବାୟତ ଅମୂଲ୍ୟ ରଣା(୨୮), ବିକାଶ ରଣା(୨୦), ଗୌତମ ରଣା(୨୮) ଓ ରବୀନ କୁମାର ରଣା(୨୫)। ଗିରଫ ଅଭିଯୁକ୍ତ ଅମୂଲ୍ୟ ରଣା ଠାରୁ ଚୋରି ନଗଦ ୨୧ହଜାର, ରବୀନ ରଣା ଠାରୁ ୧୮ ହଜାର ଟଙ୍କା, କଟର ▸ପୃଷ୍ଠା-୭

# ଶେଷ ନିଃଶ୍ୱାସ ଛାଡୁଛି 'ମୁକ୍ତା'

**ସରକାର ଟଙ୍କା ନ ଦେବାରୁ ହେଉନି କାମ**

**ଚାକିରି ହରାଇବେ ୪୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ**

**ଗତ ବର୍ଷ ୮୩୧ କୋଟି ଦେଇଥିଲେ ନବୀନ**

## ଅଧପନ୍ତରିଆ ପଡ଼ିଛି ୨୨୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ

■ **ଭୁବନେଶ୍ୱର, ୧୪।୧୧ (ସମିସ):** ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ଶ୍ରମିକମାନଙ୍କୁ କାମ ଯୋଗାଇ ଦେଉଥିବା 'ମୁକ୍ତା' ଯୋଜନା ବନ୍ଦ ହୋଇଯିବ। ଏହି ଯୋଜନାରେ ହୋଇଥିବା ପ୍ରକଳ୍ପଗୁଡ଼ିକ ଏବେ ଅଧପନ୍ତରିଆ ହୋଇ ପଡ଼ି ରହିଛି। ଯେଉଁ ପ୍ରକଳ୍ପ କାମ ଜୋରଦାର ଆଗେଇବା କଥା, ଅର୍ଥ ନ ଥିବାରୁ ପ୍ରକଳ୍ପ ଆଗକୁ ବଢ଼ିପାରୁ ନାହିଁ। ତେଣୁ ଏହି ପ୍ରକଳ୍ପ ସହିତ ଯଡ଼ିତ ଥିବା କର୍ମଚାରୀ ବିଶେଷ କରି ଏସ୍‌ଏଚ୍‌ଜି ମହିଳାମାନେ ଏବେ ହାତବାନ୍ଧି ବସିଛନ୍ତି। ରାଜ୍ୟର ୫ଟି ମହାନଗର ନିଗମ ସହିତ ମୋଟ୍ ୧୧୪ଟି ପୌରାଞ୍ଚଳରେ ମୁକ୍ତା ଯୋଜନା କାର୍ଯ୍ୟକାରୀ ହେଉଛି। ସହରାଞ୍ଚଳରେ ମୌସୁମୀ ପୂର୍ବରୁ ଡ୍ରେନ ଗୁଡିକର ରକ୍ଷଣାବେକ୍ଷଣ, ବର୍ଷା ଜଳର ଅମଳ ସରଞ୍ଜନା ନିର୍ମାଣ, ନୂତନ ଜଳାଶୟ ବିକାଶ, ପାର୍କ ନିର୍ମାଣ, ବୃକ୍ଷରୋପଣ, କମ୍ୟୁନିଟି ସେଣ୍ଟର, ସର୍ବସାଧାରଣ ଶୌଚାଳୟ ନିର୍ମାଣ କାର୍ଯ୍ୟ ମୁକ୍ତା ଯୋଜନା କାର୍ଯ୍ୟକାରୀ ହେଉଥିଲା। ଇତି ମଧ୍ୟରେ ମୁକ୍ତାରେ ମୋଟ୍ ୭୬୨୦ ଟି ପ୍ରକଳ୍ପ ମଞ୍ଜୁର ହୋଇଥିବାବେଳେ ଏଥିରୁ ୫୩୮୫ଟି ସମ୍ପୂର୍ଣ୍ଣ ହୋଇସାରିଛି। ବାକି ୨୨୩୫ଟି ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି। ତେବେ ଆସନ୍ତା ଡିସେମ୍ବର ସୁଦ୍ଧା ୩୦୦ ଟି ପ୍ରକଳ୍ପ ସାରିବାକୁ ଲକ୍ଷ୍ୟ ଥିବାବେଳେ ଏଥିମଧ୍ୟରୁ ମାତ୍ର ୨୫ ଟି ପ୍ରକଳ୍ପ ଶେଷ ହୋଇଥିବା ଜଣାପଡ଼ିଛି।

ଶେଷ ଥର ପାଇଁ ଗତ ବର୍ଷ ଜୁନ୍ ମାସରେ ଏହି ପ୍ରକଳ୍ପ ବାବଦକୁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୮୩୧ କୋଟି ଟଙ୍କା ଅନୁମୋଦନ ଦେଇଥିଲେ। ହେଲେ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଏହି ଯୋଜନା ପାଇଁ ଯେମିତି ସବୁ ଚାବି ବନ୍ଦ କରିଦିଆଯାଇଛି। ▸ପୃଷ୍ଠା-୭




## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ । ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ । ଆର୍ଥିକ ସମସ୍ୟା ଭୋଗିପାରନ୍ତି ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ । ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ । ଗୁରୁଜନଙ୍କ ଆଶୀର୍ବାଦ ନେବେ । ଆର୍ଥିକ କାରବାରରେ ଲାଭ ମିଳିବ । ଦୀର୍ଘଦିନର ସମସ୍ୟା ସମାଧାନ ହେବ ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ । ପରିଶ୍ରମ ଅନୁସାରେ ଫଳ ମିଳିବ । ବାଦବିବାଦରୁ ଦୂରେଇ ରହିବେ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ । ଜୀବନସାଥୀଙ୍କୁ ସମୟ ଦେବେ ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ । ଇଷ୍ଟ ଦେବଙ୍କୁ ସ୍ମରଣ କରିବେ । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ ହେବ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ । ଜମି କିଣିବା ଯୋଗ ଅଛି ।

**ସିଂହ:** ଦିନଟି ହସଖୁସିରେ କଟିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ବନ୍ଧୁଙ୍କ କଥା ଆଘାତ ଦେବ । ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ । ଉଧାର ଟଙ୍କା ଫେରି ପାଇପାରନ୍ତି ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ରୋଗମୁକ୍ତ ହେବେ । ପରିବାର ସଦସ୍ୟଙ୍କ ମନ ଜିଣିବେ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ । ଅଚାନକ ଖୁସି ଖବର ପାଇବେ ।

**ତୁଳା:** ବ୍ୟବସାୟରେ ଲାଭ ହେବ । ପାରିବାରିକ ବିବାଦ ଦେଖା ଦେବ । ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ହାତେ ମାପି ଚାଖଣ୍ଡେ ଚାଲନ୍ତୁ ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହେବ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ସମ୍ପର୍କୀୟଙ୍କ ସହଯୋଗ ମିଳିବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । କୌଣସି କଥାକୁ ନେଇ ମନଦୁଃଖ କରିପାରନ୍ତି ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ । ବୈବାହିକ ଜୀବନ ମଜଭୁତ୍ ହେବ । ଅଯଥା ଖର୍ଚ୍ଚ ବଢ଼ିବ । ପିଲାମାନେ ଖେଳମନସ୍କ ହେବେ ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ । ବନ୍ଧୁମିଳନ ଯୋଗ ଅଛି । ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

# ଓଡ଼ିଆ ସଂସ୍କୃତିରେ କାର୍ତ୍ତିକ ପୂର୍ଣ୍ଣିମା

## ଆ-କା-ମା-ବୈ ପାନ ଗୁଆ ଥୋଇ...



କାର୍ତ୍ତିକ ପୂର୍ଣ୍ଣିମା ଦିନ କାର୍ତ୍ତିକ ବ୍ରତର ଉଦ୍‌ଯାପନ କରାଯାଇଥାଏ । ଏହି ପୂର୍ଣ୍ଣିମାର ଅନ୍ୟନାମ ରାସ ପୂର୍ଣ୍ଣିମା । ଓଡ଼ିଶାର ଆଚାର ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହିତ କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଉତ୍କଳର ଗୌରବମୟ ନୌବାଣିଜ୍ୟ ଇତିହାସ ସହିତ ମଧ୍ୟ ଏହା ନିବିଡ଼ ଭାବେ ସମ୍ପୃକ୍ତ । ଏହିଦିନ ବିଭିନ୍ନ ସ୍ଥାନରେ ରାସ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥାଏ । ଆଜିର ଦିନରେ ଦାନ କଲେ କୋଟିପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଅଛି । କାର୍ତ୍ତିକ ମାସ ସାରା ଦେବଦେବୀଙ୍କ ନିକଟରେ ପୂଜା ଉପାସନା କରାଯାଇଥାଏ । ଏହାଦ୍ୱାରା ଅକାଳ ମୃତ୍ୟୁ ହୋଇ ନ ଥାଏ ବୋଲି ବିଶ୍ୱାସ ରହିଛି । ବିଷ୍ଣୁ ପୁରାଣ ଅନୁସାରେ, କାର୍ତ୍ତିକ ମାସର ପୂର୍ଣ୍ଣିମା ତିଥିରେ ଭଗବାନ ବିଷ୍ଣୁ ତାଙ୍କର ଦଶ ଅବତାରର ପ୍ରଥମ ଅବତାର ମତ୍ସ୍ୟ ଅବତାର ଧାରଣ କରିଥିଲେ । ଜଳ ପ୍ରଳୟ ସମୟରେ ସାରା ପୃଥିବୀ ଜଳମଗ୍ନ ହୋଇଯାଇଥିଲା । ସେତେବେଳେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାରରେ ସମସ୍ତଙ୍କୁ ରକ୍ଷା କରିଥିଲେ । ବୈଷ୍ଣବ ମତରେ, ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଛି । ସେହିପରି ଶୈବ ମତ ଅନୁସାରେ, କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ସଂହାର କରିଥିଲେ ଭଗବାନ ଶିବ । ମାସସାରା ହବିଷ ବ୍ରତ କରିଥିବା ଶ୍ରଦ୍ଧାଳୁମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଡଙ୍ଗା ଭସାଇ ବ୍ରତ ଉଦ୍‌ଯାପନ କରନ୍ତି । ପ୍ରତ୍ୟୁଷରୁ ଆବାଳବୃଦ୍ଧବନିତା ନଦୀ ବା ପୁଷ୍କରିଣୀରେ ବୁଡ଼ ପକାଇ କଦଳୀ ବାସୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ସେସବୁ ଭସାଇ ଦିଅନ୍ତି । ଏହି ଅବସରରେ ଗାଇଥାନ୍ତି 'ଆ - କା - ମା - ବୈ, ପାନ ଗୁଆ ଥୋଇ । ପାନ, ଗୁଆ ତୋର, ମାସକ ଧରମ ମୋର' । ତେବେ ଏହି ଆ - କା - ମା - ବୈର ଅର୍ଥ ହେଉଛି - ଆ - ଆଷାଢ଼, କା - କାର୍ତ୍ତିକ, ମା - ମାଘ, ବୈ - ବୈଶାଖ । ଏହି ଚାରିମାସ ଧର୍ମ ଅର୍ଜନ କରିବା ପାଇଁ ପ୍ରକୃଷ୍ଟ ମାସ । ପୌରାଣିକ ଅନୁଧ୍ୟାନରୁ ଏହି ଚାରିମାସ ଧର୍ମ ଦୃଷ୍ଟିରୁ ଶୁଭପ୍ରଦ ଏବଂ ଦେବଦେବୀଙ୍କ ଉପାସନା ନିମନ୍ତେ ଅତ୍ୟନ୍ତ ଅନୁକୂଳ । ପୂର୍ବକାଳରେ ଆମ ଓଡ଼ିଆ ସାଧବ ପୁଅମାନେ କାର୍ତ୍ତିକ ମାସରେ ବେପାର ବଣିଜ କରିବାକୁ ବୋଇତରେ ବିଦେଶ ଯାଉଥିଲେ । କାରଣ ଏହି ସମୟକୁ ସେମାନେ ସମୁଦ୍ରରେ ବୋଇତ ନେଇଯିବାକୁ ପ୍ରକୃଷ୍ଟ ସମୟ ଭାବୁଥିଲେ, ଏହି ସମୟର ପବନର ଗତି ସେମାନଙ୍କ ଯାତ୍ରା ପାଇଁ ଅନୁକୂଳ ଥିଲା । ପୁଣି ଆଷାଢ଼ ମାସରେ ଫେରୁଥିଲେ । ସେଇ ସାଧବପୁଅଙ୍କ ଦୁଃସାହସିକ ବୋଇତ ଯାତ୍ରାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବା ପରମ୍ପରା ରହିଆସିଛି । ବହୁ ସ୍ଥାନରେ ଏହି ଦିନ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୁଏ । ଡଙ୍ଗା ଭସାଇ ଲୋକେ ମନ୍ଦିର ଯାଇ ଦେବଦେବୀଙ୍କୁ ଦର୍ଶନ କରିଥାନ୍ତି । ପୁରାଣ ଅନୁସାରେ, କାର୍ତ୍ତିକ ପୂର୍ଣ୍ଣିମା ଦିନ ଗୋପୀମାନଙ୍କ ମେଳରେ ରାଧାକୃଷ୍ଣଙ୍କର ନୃତ୍ୟୋତ୍ସବ ହୋଇଥିଲା । ଭଗବାନ ଶ୍ରୀକୃଷ୍ଣ ରାସେଶ୍ୱରୀ ଶ୍ରୀରାଧାଙ୍କ ସହ ବୃନ୍ଦାବନର କୁଞ୍ଜକାନନରେ ଏହି ଦିନ ରାସ ରଚନା କରିଥିଲେ । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରାଜରାଜେଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । କାର୍ତ୍ତିକ ପୂର୍ଣ୍ଣିମାଠାରୁ କଟକରେ ଐତିହାସିକ ବାଲିଯାତ୍ରା ଅନୁଷ୍ଠିତ ହୁଏ ।

# ନାଗ ଅଶ୍ୱିନ୍‌ଙ୍କ ସହ କାମ କରିବେ ଆଲିଆ



ବଲିଉଡ୍ ଅଭିନେତ୍ରୀ ଆଲିୟା ଭଟ୍ଟ ଜଣେ ଆଗଧାଡ଼ିର ନାୟିକା ଭାବେ ଜଣାଶୁଣା । ଶେଷଥର ପାଇଁ ଆଲିଆ 'ଜିଗରା' ଫିଲ୍ମରେ ଦେଖାଯାଇଥିଲେ । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରି ନଥିଲା । କିନ୍ତୁ ଆଲିଆଙ୍କ ହାତରେ ଏବେ ବହୁତ ବଡ଼ ବଡ଼ ପ୍ରୋଜେକ୍ଟ ରହିଛି । ସଞ୍ଜୟ ଲୀଳା ଭଁସାଲୀଙ୍କ 'ଲଭ୍ ଆଣ୍ଡ ୱାର୍'ରେ ସେ ଲିଡ୍ ରୋଲରେ ନଜର ଆସିବେ । ଏହାବାଦ୍ ସ୍ପାଇ ୟୁନିଭର୍ସର 'ଆଲ୍‌ଫା'ରେ ମଧ୍ୟ ସେ ଲିଡ୍ ରୋଲରେ ନଜର ଆସିବେ । ଏଥିରେ ତାଙ୍କ ସହ ଶରବରି ୱାଗ୍ ଓ ବବି ଦେଓ୍ୱଲ ମଧ୍ୟ ଦେଖାଯିବେ । ଇତିମଧ୍ୟରେ ନାଗ ଅଶ୍ୱିନ୍‌ଙ୍କ ଏକ ଚଳଚ୍ଚିତ୍ରରେ କାମ କରିବା ପାଇଁ ଆଲିଆଙ୍କୁ ଅଫର୍ ଆସିଛି । ଫିଲ୍ମର ବଜେଟ୍ ରହିଛି ୫୦୦ କୋଟି । 'କଲ୍‌କି ୨୮ ୯୮ ଏଡି'ର ସଫଳତା ପରେ ନାଗ ଅଶ୍ୱିନ୍ ବଡ଼ ବଡ଼ ପ୍ରୋଜେକ୍ଟରେ କାମ କରୁଛନ୍ତି । ଆଲିଆ ଓ ନାଗ ଅଶ୍ୱିନ୍ ଉଭୟ ଏହି ପ୍ରୋଜେକ୍ଟକୁ ନେଇ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି । ଏହାକୁ ହାଇଦ୍ରାବାଦ୍‌ସ୍ଥିତ ପ୍ରଡକ୍ସନ୍ ହାଉସ୍ 'ବୈଜୟନ୍ତ ଫିଲ୍ମସ୍' ବ୍ୟାନରରେ ନିର୍ମାଣ କରାଯାଉଛି । ତେବେ ଏସ୍. ଏସ୍ ରାଜମୌଳିଙ୍କ 'ଆର୍‌ଆର୍‌ଆର୍' ଫିଲ୍ମ ପରେ ଆଲିଆ ଏବେ ପ୍ୟାନ୍ ଇଣ୍ଡିଆ ଫିଲ୍ମଗୁଡ଼ିକରେ କାମ କରିବାକୁ ଚାହୁଁଛନ୍ତି । ନାଗ ଅଶ୍ୱିନ୍‌ଙ୍କ ଏହି ଫିଲ୍ମ ଜଣେ ଶକ୍ତିଶାଳୀ ମହିଳାଙ୍କ ଉପରେ ଆଧାରିତ ହେବ । ସେଥିପାଇଁ ସେ ଆଲିଆଙ୍କୁ ବାଛିଥିବା ଜଣାପଡ଼ିଛି ।

### ଆଜି ଆସିଥିଲେ...

# ମହାନ୍ ବିପ୍ଳବୀ ବିର୍ସା ମୁଣ୍ଡା



ବିର୍ସା ମୁଣ୍ଡା, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଏକ ପ୍ରମୁଖ ନାଁ । ବହୁତ କମ୍ ବୟସରୁ ସେ ଦେଶର ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ୧୮ ୭୫ ମସିହା ଆଜିର ଦିନରେ ବିର୍ସା ମୁଣ୍ଡା ଅଧୁନା ଝାଡ଼ଖଣ୍ଡ ରାଜ୍ୟର ଖୁଣ୍ଟି ଜିଲ୍ଲା ଉଲିହାତୁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ବିର୍ସା ମୁଣ୍ଡାଙ୍କର ବାଲ୍ୟଶିକ୍ଷା ସାଲଗାଠାରେ ଆରମ୍ଭ ହୋଇଥିଲା । ଚାଇଁବସା ମିଶନ୍ ସ୍କୁଲରେ ପଢୁଥିଲାବେଳେ ଗୋରା ପ୍ରଧାନଶିକ୍ଷକ ଆକ୍ରୋଶମୂଳକ ଭାବେ ବିର୍ସାଙ୍କୁ ଚାବୁକରେ ମାଡ଼ ମାରିଥିଲେ ଓ ସ୍କୁଲରୁ ବହିଷ୍କାର କରି ଦେଇଥିଲେ । ସରଳ ବିଶ୍ୱାସୀ ଆଦିବାସୀମାନଙ୍କ ଉପରେ ଗୋରା ଇଂରେଜ ଶାସକମାନଙ୍କ ଅତ୍ୟାଚାର ଓ ଅମାନୁଷିକ ବ୍ୟବହାର ବିର୍ସାଙ୍କୁ ଗଭୀର ଭାବେ ମର୍ମାହତ କରିଥିଲା । ଏଥିପାଇଁ ସ୍ଥାନୀୟ ଆଦିବାସୀଙ୍କୁ ସେ ଏକାଠି କରିଥିଲେ । ଏହି କାରଣରୁ ତାଙ୍କୁ ଦେଶଦ୍ରୋହ ଅପରାଧରେ ଦୁଇବର୍ଷ କାରାଦଣ୍ଡ ଦିଆଗଲା । ମହାରାଣୀ ଭିକ୍ଟୋରିଆଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅନେକ କଏଦୀଙ୍କୁ ମୁକ୍ତ କରି ଦିଆଯାଇଥିଲା । ଏମିତିରେ ବିର୍ସା ଓ ତାଙ୍କର ସହକର୍ମୀମାନେ ମଧ୍ୟ ମୁକ୍ତି ପାଇ ଯାଇଥିଲେ । ତାଙ୍କ ଆହ୍ୱାନରେ ଶହ ଶହ ଯୁବକ ନିଜ ମାତୃଭୂମିକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବାପାଇଁ ଶପଥ ନେଲେ । ସେମାନେ ୧୮ ୯ ୯ ମସିହା ଡିସେମ୍ବର ୯ ତାରିଖ ଦିନ ନିଆଁହୁଳା, ଧନୁତୀର ଓ ବର୍ଚ୍ଛା ଧରି ଗୋରାମାନଙ୍କର ବାସଭବନ ଓ ଅଫିସ୍‌ରେ ନିଆଁ ଲଗାଇଦେଲେ । ସେମାନେ ସିଂହଭୂମ ଜିଲ୍ଲାର ପୋରହାଟରେ ଅଗ୍ନିକାଣ୍ଡ ଘଟାଇଥିଲେ । ରାଞ୍ଚି ବିଚାରାଳୟ ଆକ୍ରମଣ କରୁଥିବା ସମୟରେ ସେମାନଙ୍କ ଭିତରୁ ୧୨ଜଣ ଶହୀଦ ହୋଇଥିଲେ । ବ୍ରିଟିଶ୍ ସରକାର ବିର୍ସାଙ୍କୁ ଧରାଇଦେଲେ ପାଞ୍ଚଶହ ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା କରିଥିଲେ । ତାଙ୍କର ସନ୍ଧାନ ନେବାପାଇଁ କନେଷ୍ଟବଳ ବୁଦ୍ଧୁରାମ ଓ ଜୟରାମଙ୍କୁ ଏଟିକେଡ଼ି ଗ୍ରାମକୁ ପଠାଗଲା । ବିର୍ସାଙ୍କର ମୁଖ୍ୟ ସହକର୍ମୀ ଗୟା ମୁଣ୍ଡା ଅନ୍ୟ ଗ୍ରାମବାସୀଙ୍କ ସହାୟତାରେ ୧୯୦୦ ମସିହା ଜାନୁଆରୀ ୧୫ ତାରିଖରେ ଏହି ଦୁଇଜଣ କନେଷ୍ଟବଳଙ୍କୁ ହତ୍ୟା କରିଥିଲେ । ଏହାର ପ୍ରତିଶୋଧ ନେଇ ମିଃ ଷ୍ଟ୍ରିଟ୍ ଫିଲ୍ଡ ସଶସ୍ତ୍ର ପୋଲିସ୍ ବାହିନୀ ସହାୟତାରେ ଗୟା ମୁଣ୍ଡାଙ୍କୁ ଗିରଫ କରିବା ସମୟରେ ସେମାନଙ୍କ ଭୀଷଣ ଅସ୍ତ୍ରାଘାତରେ ସେ ମୃତ୍ୟୁ ବରଣ କରିଥିଲେ । ଏହା ପରେ ବିର୍ସାଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଖୁଣ୍ଟିଥାନାରେ ନିଆଁ ଲଗାଇଦେଲେ, କନେଷ୍ଟବଳ ରଘୁରାମକୁ ହତ୍ୟାକଲେ ଓ ଅନ୍ୟ ପୁଲିସ୍‌ମାନଙ୍କୁ ଥାନା ଛାଡ଼ି ଚାଲିଯିବାକୁ ଧମକ ଦେଲେ । ଏହାପରେ ଏକ ପାହାଡ଼ ଉପରେ, ଯେଉଁଠି ବିର୍ସା ସଂଗ୍ରାମୀମାନଙ୍କୁ ଉଦ୍‌ବୋଧନ ଦେଉଥିଲେ ସେଠାରେ ଇଂରେଜ ସିପାହୀ ସେମାନଙ୍କୁ ଘେରିଯାଇ ଆତ୍ମସମର୍ପଣ କରିବାକୁ କହିଲେ । ବିଦ୍ରୋହୀମାନେ ଏଥିରେ ରାଜି ନ ହୋଇ ପାହାଡ଼ ଉପରୁ ଧନୁତୀର, ବର୍ଚ୍ଛା ଓ ପଥରଦ୍ୱାରା ଇଂରେଜମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେଲେ । ଏହାର ଜବାବରେ ଇଂରେଜମାନଙ୍କ ତରଫରୁ ଗୁଳିଗୋଳା ମାଡ଼ରେ ନରସିଂହ ମୁଣ୍ଡାଙ୍କ ସମେତ ଦୁଇଶହ ବିଦ୍ରୋହୀ ଶହୀଦ୍ ହୋଇ ଯାଇଥିଲେ । ବିର୍ସା ଅଳ୍ପକେ ବଞ୍ଚିଯାଇ ଆତ୍ମଗୋପନ ପାଇଁ ଚକ୍ରଧରପୁର ଜଙ୍ଗଲକୁ ଚାଲିଗଲେ । ସଂଗ୍ରାମକୁ ନୂଆରୂପ ଦେବାପାଇଁ ସେ ଓଡ଼ିଶା ଛାଡ଼ି ସିଂହଭୂମ ଜିଲ୍ଲାକୁ ଚାଲି ଯାଇଥିଲେ । ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ଇଂରେଜ ସରକାର ତାଙ୍କୁ ଗିରଫକରି ରାଞ୍ଚି ଜେଲ୍‌କୁ ପଠାଇ ଦେଲେ । ମାତ୍ର ପଚିଶ ବର୍ଷ ବୟସ୍କ ବିଦ୍ରୋହୀ ବିର୍ସା ରାଞ୍ଚି ଜେଲ୍‌ରେ ୧୯୦୦ ମସିହା ଜୁନ୍ ୯ ତାରିଖ ଦିନ ଶେଷନିଃଶ୍ୱାସ ତ୍ୟାଗକଲେ ।




# ମୁଖଗହ୍ୱରର ଯତ୍ନ

**ପାଟିରେ ଖାଦ୍ୟାଂଶ ରହିଲେ, ଦନ୍ତ କ୍ଷୟ ହେଲେ କିମ୍ବା କୌଣସି ଜଟିଳ ରୋଗ ଆଦିରେ ମୁଖ ଦୁର୍ଗନ୍ଧ ହୋଇଥାଏ । ବେଳେ ବେଳେ ମୁଖ ଦୁର୍ଗନ୍ଧ ଏକ ଅସୁସ୍ଥତାର ସଙ୍କେତ ମଧ୍ୟ ଦେଇଥାଏ । ତେଣୁ ମୁଖର ସ୍ୱଚ୍ଛତା କେବଳ ଦାନ୍ତ ଏବଂ ମାଢ଼ିକୁ ସୁସ୍ଥ ରଖେ ତାହା ନୁହେଁ, ବରଂ ଏହା ମନୁଷ୍ୟ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ ।**



- ମୁଖ ସ୍ୱଚ୍ଛତା ନ ରହିଲେ, ମାଢ଼ି ସଂକ୍ରମଣ, ହୃଦ୍‌ରୋଗ, ମଧୁମେହ, ଶ୍ୱସନ ସଂକ୍ରମଣ, ଗର୍ଭାବସ୍ଥାରେ ସମସ୍ୟା ସୃଷ୍ଟି କରେ । ପାଟିର ଜୀବାଣୁ ରକ୍ତରେ ପ୍ରବେଶ କରିବାର ଆଶଙ୍କା ଥାଏ । ଏଥିରୁ ନାନା ରୋଗ ସହ ମୁଖଗହ୍ୱର କର୍କଟ ହେବାର ଆଶଙ୍କା ବଢ଼େ । ତେଣୁ ମୁଖ ସ୍ୱଚ୍ଛତା ପାଇଁ ଫ୍ଲୋରାଇଡ୍‌ଯୁକ୍ତ ଟୁଥ୍‌ପେଷ୍ଟରେ ଦିନକୁ ଦୁଇଥର ଦୁଇମିନଟ୍ ବ୍ରଶ୍ କରିବା ଆବଶ୍ୟକ । ମାଢ଼ିକୁ କ୍ଷତି ନ ପହଞ୍ଚାଇବା ପରି ନରମ ବ୍ରଶ୍ ଓ ମଟର ଦାନା ଆକାରର ପେଷ୍ଟ ବ୍ୟବହାର କରନ୍ତୁ । ସଠିକ୍ ଭାବେ କୁଳି କରି ଫେଣକୁ ବାହାର କରିବା ସ୍ୱାସ୍ଥ୍ୟପ୍ରଦ । ଚାରି ମାସ ମଧ୍ୟରେ ବ୍ରଶ୍ ବଦଳାଇବା ଜରୁରି ।
- ଖାଦ୍ୟ କଣିକାକୁ ଦାନ୍ତରୁ ବାହାର କରିବାକୁ ଭଲ କରି କୁଳି କରନ୍ତୁ । ଡାକ୍ତରଙ୍କ ପରାମର୍ଶ ନେଇ ମାଉଥ୍ ୱାସ୍ ବ୍ୟବହାର କରିପାରିବେ ।
- ସଂକ୍ରମଣ ଯୋଗୁଁ ମାଢ଼ିରେ ପ୍ରଦାହ ହୋଇ ରକ୍ତ ବାହାରିଥାଏ । ସଂକ୍ରମଣ ଯୋଗୁଁ ପାଟି ଭିତରେ କ୍ୟାଭିଟି, ପାଇରିଆ, ମାଢ଼ି ପ୍ରଦାହ ଆଦି ହୋଇଥାଏ । ତେଣୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଚିକିତ୍ସା କରନ୍ତୁ ।
- ମିଠା ଦ୍ରବ୍ୟ, ମଇଦା, ଗୁଟ୍‌ଖା, ତମ୍ବାଖୁ, ଚକୋଲେଟ୍ ଜିନିଷ ଖାଦ୍ୟ ଖାଇବା କମ୍ କରନ୍ତୁ ।

# କାହିଁକି କମିଯାଏ ପ୍ଲେଟ୍‌ଲେଟ୍ସ

**ଭୂତାଣୁ, ଜୀବାଣୁ ସଂକ୍ରମଣ କିମ୍ବା ଅନ୍ୟାନ୍ୟ କାରଣ ଯୋଗୁଁ ମନୁଷ୍ୟ ଶରୀରର ପ୍ଲେଟ୍‌ଲେଟ୍ସ କମିଥାଏ । ଶରୀରରେ ପ୍ଲେଟ୍‌ଲେଟ୍ସର କାର୍ଯ୍ୟ କ'ଣ, କାହିଁକି ପ୍ଲେଟ୍‌ଲେଟ୍ସ ସଂଖ୍ୟା କମ୍ ହୋଇଯାଏ ତାହା ଜାଣିବା ନିତାନ୍ତ ଜରୁରି ।**

ବିଭିନ୍ନ ସଂକ୍ରମଣ ଜନିତ, ହେପାଟାଇଟିସ୍ ସି ଭୂତାଣୁ କିମ୍ବା ଜୀବାଣୁ ସଂକ୍ରମଣ, ଆନୁବଂଶିକ ଏବଂ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଯୋଗୁଁ ପ୍ଲେଟ୍‌ଲେଟ୍ସ କମିଥାଏ । ପ୍ଲେଟ୍‌ଲେଟ୍ସ କମିଲେ, ରକ୍ତସ୍ରାବର ଭୟ ଥାଏ । ତେଣୁ ରୋଗୀର ପ୍ଲେଟ୍‌ଲେଟ୍ସ କମିବାର କାରଣ ଅନୁଯାୟୀ ଚିକିତ୍ସା କରାଯାଏ ।

ଜଣେ ସୁସ୍ଥ ବ୍ୟକ୍ତିଙ୍କ ଶରୀରରେ ୫ରୁ ୬ ଲିଟର ରକ୍ତ ଥାଏ । ଲୋହିତ ରକ୍ତକଣିକା ଏବଂ ଶ୍ୱେତରକ୍ତ କଣିକା ସମେତ ଅନ୍ୟାନ୍ୟ ତତ୍ତ୍ୱ ମିଶି ରକ୍ତ ସୃଷ୍ଟି ହୋଇଥାଏ । ତନ୍ମଧ୍ୟରେ ପ୍ଲେଟଲେଟ୍ସ ବୋନମ୍ୟାରୋରେ ଥିବା କୋଷିକାର ଛୋଟ କଣ ହୋଇଥାଏ । ଏକ କ୍ୟୁବ୍ ମିଲିମିଟର ରକ୍ତରେ ଦେଢ଼ରୁ ଚାରି ଲକ୍ଷ ଯାଏଁ ପ୍ଲେଟଲେଟ୍ସ ଥାଏ । ଚୋଟ ଲାଗିଲେ ରକ୍ତଜମାଟ ପ୍ରକ୍ରିୟାକୁ ମଜଭୁତ୍ କରିବା ସହ ରକ୍ତସ୍ରାବ ରୋକିବାରେ ପ୍ଲେଟ୍‌ଲେଟ୍ସ ସାହାଯ୍ୟ କରେ । ପ୍ଲେଟ୍‌ଲେଟ୍ସ ସଂଖ୍ୟା ୧୦,୦୦୦ରୁ କମ୍ ହେଲେ ରକ୍ତସ୍ରାବର ଆଶଙ୍କା ଅଧିକ ବଢ଼ିଯାଏ ।

# ସାବଧାନ! ଯେକୌଣସି ସମୟରେ ହୋଇପାରେ ହୃଦ୍‌ଘାତ



***ଆପଣଙ୍କୁ ଆଉ ୩୦ ମିନିଟରେ ଷ୍ଟ୍ରୋକ୍ ହେବ, ଶୀଘ୍ର ଏସ୍‌ସିବି କିମ୍ବା ଏମ୍‌ସକୁ ଯାଆନ୍ତୁ । ଜଣେ ଡାକ୍ତରଙ୍କ ଏପରି ଭବିଷ୍ୟବାଣୀ ରୋଗୀଙ୍କୁ ହତବାକ୍ କରିଦେଇଥିଲା । ହେଲେ ସେଇ ୩୦ ମିନିଟର ଗୋଲ୍‌ଡେନ୍ ପିରିୟଡ (ସୁବର୍ଣ୍ଣ ମୁହୂର୍ତ୍ତ)ର ସଦୁପଯୋଗ ହିଁ ବଞ୍ଚାଇ ଦେଲା ତାଙ୍କ ଜୀବନ । ଭୁବନେଶ୍ୱରରେ ଦେଖିବାକୁ ମିଳିଛି ଏପରି ଏକ ଲୋମଟାଙ୍କୁରା ଘଟଣା ।***

ରାଜଧାନୀ ଭୁବନେଶ୍ୱରର ଶୁଭ୍ରାଂଶୁ ମହାପାତ୍ର, ବୟସ ୩୯ ବର୍ଷ । କର୍ମମୟ ଜୀବନ ଭିତରେ ସେ କେବେ ଚିନ୍ତା କରି ନ ଥିଲେ ଯେ, ଯୁବ ବୟସରେ ହୃଦ୍‌ଘାତର ଶିକାର ହେବେ । ଗତ ୧୨ ତାରିଖ ଦିନ ଛାତିରେ ସାମାନ୍ୟ କଷ୍ଟ ହେବାରୁ ନିଜେ ବାଇକ୍ ଚଲେଇ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଲେ । ହେଲେ ପରୀକ୍ଷା ପରେ ଯେତେବେଳେ ଡାକ୍ତର ତାଙ୍କୁ କହିଲେ ଯେ, ଆଉ ୩୦ ମିନିଟ ପରେ ତାଙ୍କର ହାର୍ଟ ଷ୍ଟ୍ରୋକ ହେବ, ସେତେବେଳେ ତାଙ୍କ ପାଦ ତଳୁ ମାଟି ଖସି ଯାଇଥିଲା । ରିପୋର୍ଟରୁ ଜଣାପଡ଼ିଲା ତାଙ୍କ ହୃଦୟର ୯୮ ପ୍ରତିଶତ ବ୍ଲକ ହୋଇଗଲାଣି । ପ୍ରଥମେ ଅବିଶ୍ୱାସ କଲେ । ପରିବାରର କୌଣସି ସଦସ୍ୟଙ୍କୁ ଡାକି ଏମ୍‌ସ୍ କିମ୍ବା ଏସ୍‌ସିବି ଯାଆନ୍ତୁ । ଯିବାପୂର୍ବରୁ ହୃଦ୍‌ରୋଗ ବିଭାଗରେ ଟ୍ରପ୍-ଟି ରକ୍ତ ପରୀକ୍ଷା କରାଇନେବାକୁ ପରାମର୍ଶ ଦେଲେ । ଡାକ୍ତରଙ୍କ ଏପରି ଡେଡ୍‌ଲାଇନ୍ ଶୁଣି ଶୁଭ୍ରାଂଶୁ ଡରି ନ ଥିଲେ । କିଛି ସମୟ ପାଇଁ ନିଜ ବାପାଙ୍କୁ ମନେପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ । କ୍ୟାପିଟାଲ ହସ୍ପିଟାଲ ହୃଦ୍‌ରୋଗ ବିଶେଷଜ୍ଞମାନେ ତାଙ୍କର ଆଶୁ ଚିକିତ୍ସା କରିବାପରେ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଘରୋଇ ହସ୍ପିଟାଲରେ ପହଞ୍ଚାଇଲେ । ଆଉ ଡାକ୍ତରଖାନାରେ ପହଞ୍ଚିବାର କିଛି ମିନିଟ୍ ପରେ ତାଙ୍କର ହୃଦ୍‌ଘାତ ହୋଇଥିଲା । ପରେ ଘରୋଇ ହସ୍ପିଟାଲ ଡାକ୍ତର ତୁରନ୍ତ ଅସ୍ତ୍ରୋପଚାର କରିବା ପରେ ତାଙ୍କ ଜୀବନ ବଞ୍ଚିଗଲା । ସେ ଏବେ ସୁସ୍ଥ ଅଛନ୍ତି ।

ନିଜ ଅନୁଭୂତି ସମ୍ପର୍କରେ ଶୁଭ୍ରାଂଶୁ କହିଛନ୍ତି, ଡାକ୍ତର ହେଉଛନ୍ତି ଦ୍ୱିତୀୟ ଭଗବାନ୍ । କ୍ୟାପିଟାଲ ହସ୍ପିଟାଲର ଅଭିଜ୍ଞ ଡାକ୍ତର ବିଜୟ ବେହେରାଙ୍କ ପରାମର୍ଶ ତାଙ୍କୁ ଆଜି ନୂଆ ଜୀବନ ଦେଇଛି ।



**ଯୁବକଙ୍କୁ ନୂଆ ଜୀବନ ଦେଲା ଡାକ୍ତରଙ୍କ ସମୟୋଚିତ ପରାମର୍ଶ**

ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ବିଜୟ କୁମାର ବେହେରା କହିଛନ୍ତି, ସରକାରୀ ସର୍ଭେରୁ ଜଣାପଡ଼ିଛି, ଓଡ଼ିଶାରେ ପ୍ରତି ୧ ଲକ୍ଷ ଲୋକଙ୍କ ଭିତରୁ ବର୍ଷକୁ ୨୮୨ ଜଣଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟୁଛି । ସଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀ ଉପଯୁକ୍ତ ଚିକିତ୍ସା କରାଇଲେ ଜୀବନ ବଞ୍ଚିଯିବ । ଶୁଭ୍ରାଂଶୁଙ୍କ ପରି ସାହାସୀ ଯୁବକ ଏହା ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଛନ୍ତି ।

# ହୃଦ୍‌ଘାତ ଭୟ ଥିଲେ...



ଆଜିକାଲିର ଜୀବନଶୈଳୀ, ଅନିୟନ୍ତ୍ରିତ ଉଚ୍ଚରକ୍ତଚାପ, ଓଜନ ବୃଦ୍ଧି, ମଧୁମେହ, ମାନସିକ ଚାପ ଓ ନିଦ୍ରାହୀନତା ଆଦି କାରଣରୁ ହୃତ୍‌ପିଣ୍ଡରେ ରକ୍ତସଞ୍ଚାଳନରେ ଅନିୟମିତତା ହୋଇଥାଏ । ଏହା ଉପରେ ରକ୍ତ ଜମାଟ ବାନ୍ଧିଗଲେ, ରକ୍ତନଳୀ ସମ୍ପୂର୍ଣ୍ଣ ଅବରୁଦ୍ଧ ହୋଇଯାଏ । ହୃତ୍‌ପିଣ୍ଡର ନିର୍ଦ୍ଦିଷ୍ଟ ଅଂଶକୁ ରକ୍ତ ଓ ଅମ୍ଳଜାନ ପହଞ୍ଚିବାରେ ବ୍ୟାଘାତ ସୃଷ୍ଟିହୁଏ । ଏହାଫଳରେ ହୃଦ୍‌ଘାତ ସୃଷ୍ଟି ହୋଇଥାଏ । ଅଧିକାଂଶ ଏହି ରୋଗ ବିଷୟରେ ସଚେତନ ନ ଥାନ୍ତି, ତେଣୁ ଝାଳ ବୋହିଯିବା କିମ୍ବା ଛାତି ଯନ୍ତ୍ରଣା ହେବା ମାତ୍ରେ କିଛିଜଣ ମନଇଚ୍ଛା ଚିକିତ୍ସା ଆରମ୍ଭ କରିଦିଅନ୍ତି । କିନ୍ତୁ ଜଣଙ୍କର ହୃଦ୍‌ଘାତ ହେବାର ଆଶଙ୍କା ଥିଲେ, ଛାତିଯନ୍ତ୍ରଣା ହେଉଥିଲେ, ଡାକ୍ତରଙ୍କ ପରାମର୍ଶ କ୍ରମେ ଇସିଜି ପରୀକ୍ଷା ଜରୁରି । ଏଥିରୁ ହୃଦ୍‌ଘାତ ହୋଇଛି କି ନାହିଁ ଜଣାପଡ଼େ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରାଯାଏ ।

ଇସିଜି ପରୀକ୍ଷା ପରେ ଛାତିଯନ୍ତ୍ରଣା ଆରମ୍ଭ ହେବାର ୧୨ ଘଣ୍ଟା ଭିତରେ ଡାକ୍ତରଙ୍କ ପରାମର୍ଶକ୍ରମେ ଥମ୍ବୋଲାଇସିସ୍ ଇଞ୍ଜେକସନ୍ ନେବା ଜରୁରି । ଏହା ଏମିତି ଏକ ଇଞ୍ଜେକସନ୍ ଯାହା ରକ୍ତଧମନୀରେ ରକ୍ତଜମାଟକୁ ପ୍ରବାହିତ କରି ରୋଗୀର ଜୀବନକୁ ସ୍ୱାଭାବିକ କରିଥାଏ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ସିଟିସ୍କାନ, କ୍ୟାଲ୍‌ସିୟମ୍ ସ୍କୋର (ସିଏସି), ସିଟି ଆଞ୍ଜିଓଗ୍ରାମ୍ କିମ୍ବା କରୋନାରୀ ଆଞ୍ଜିଓଗ୍ରାମ ଦ୍ୱାରା ହୃତ୍‌ପିଣ୍ଡର ରକ୍ତ ସଂଚାଳନର ଅବସ୍ଥା ଜାଣିହେବ । ଏହାଦ୍ୱାରା ଉପଯୁକ୍ତ ଚିକିତ୍ସା ଦ୍ୱାରା ହୃଦ୍‌ଘାତରୁ ରକ୍ଷା ପାଇହେବ । ରୋଗୀର ପୂର୍ବବତ୍ ସ୍ଥିତିକୁ ଦେଖି ଡାକ୍ତର ସଠିକ୍ ସମୟରେ ଚିକିତ୍ସା କରିବା ଦ୍ୱାରା ହୃଦ୍‌ଘାତ ଜନିତ ମୃତ୍ୟୁ ଆଶଙ୍କା କମ୍ କରାଯାଇପାରିବ ।

# ତ୍ରିବିକ୍ରମ ବେଶ ଦେଖିଲେ ଭକ୍ତ



**ପୁରୀ,୧୪।୧୧(ସମିସ):** କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ଗୁରୁବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା। ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କ ତ୍ରିବିକ୍ରମ ବେଶ କରାଯାଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ସୋଲ, କନା, ବେତ, ଜମ୍ଭୁରା କଇଁଥ ଅଠା ଇତ୍ୟାଦିରେ ନିର୍ମିତ ଦୁଇଟି ଚୂଳ ଲାଗି ହୋଇଥିଲା। ଏହି ଚୂଳରେ ସୋଲ, ଜରି ଓ ରଙ୍ଗ ଲଗାଯାଇ ପ୍ରସ୍ତୁତ ବହୁତ ଫୁଲ ଶ୍ରୀମସ୍ତକରେ ସଜା ଯାଇଥିଲା। ଏଥିରେ ସୁନାର କିଆ ମଧ୍ୟ ଖଞ୍ଜା ଯାଇଥିଲା। ଏଥିସହ ଅନେକ ସୁବର୍ଣ୍ଣ ଅଳଙ୍କାରରେ ଠାକୁରଙ୍କୁ ବିଭୂଷିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଶଙ୍ଖ, ଚକ୍ର ଏବଂ ଶ୍ରୀବଳଭଦ୍ର ହଳ, ମୂଷଳ ଧାରଣ କରିଥିଲେ। ଏହା ଅତ୍ୟନ୍ତ ମନୋମୁଗ୍ଧକର ବେଶ। ଏହି ବେଶକୁ ଶ୍ରଦ୍ଧାଳୁ ତ୍ରୟୋଦଶୀ ତିଥିରେ ଦର୍ଶନ କଲେ ଅପାର କରୁଣା ଲାଭ କରିବା ସହ ଅଶେଷ ପୂଣ୍ୟ ପ୍ରାପ୍ତି ହୋଇଥା'ନ୍ତି ବୋଲି ବିଶ୍ୱାସ ରହିଛି।

**ଆଜି ଚତୁର୍ଦ୍ଧାବିଗ୍ରହଙ୍କ ସୁନାବେଶ**

ଅପରପକ୍ଷେ, ଚଳିତ ବର୍ଷ ପଞ୍ଚୁକ ୪ ଦିନ ପଡ଼ିଛି। ଚତୁର୍ଦ୍ଦଶୀ ତିଥି କ୍ଷୟ ପଡ଼ିଥିବାରୁ ଏଥର ଚତୁର୍ଦ୍ଦଶୀରେ ହେଉଥିବା ଲକ୍ଷ୍ମୀନୃସିଂହ ବେଶ ହେବ ନାହିଁ। ତେଣୁ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା। ଅର୍ଥାତ୍ ଧର୍ମ ମାସ କାର୍ତ୍ତିକର ଶେଷ ଦିବସ। ରତ୍ନସିଂହାସନରେ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ। ବିଭିନ୍ନ ପାଟ ବସ୍ତ୍ର ଏବଂ ରତ୍ନଅଳଙ୍କାରରେ ମହାପ୍ରଭୁ ବିଭୂଷିତ ହେବେ।

# ରୁପା ଛାଉଣି ହେବ ମହାପ୍ରଭୁଙ୍କ ରତ୍ନ ପଲଙ୍କ

**ପୁରୀ, ୧୪।୧୧(ସମିସ):** କୋଟି ଓଡ଼ିଆଙ୍କ ପ୍ରାଣର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗଜଦନ୍ତ ରତ୍ନ ପଲଙ୍କ ପୁରୁଣା ହୋଇଗଲାଣି। ପଲଙ୍କର ଗୋଡ଼ ସହ ଅନ୍ୟାନ୍ୟ ସ୍ଥାନ ଭାଙ୍ଗି ଦୋହଲିଲାଣି। ଲାଗିଥିବା ରୁପା ଛାଡ଼ି ଗଲାଣି। ତେଣୁ ଏହାକୁ ମରାମତି କରିବା ପାଇଁ ଦୀର୍ଘ ଦିନ ହେବ ଦାବି କରି ଆସୁଥିଲେ ସେବାୟତ ଓ ଭକ୍ତ।

- ୩୦୦ କେଜି ରୁପା ବ୍ୟବହାର ହେବ
- ପତିତପାବନ ମନ୍ଦିର ଓ ସିଂହଦ୍ୱାର ଗୁମୁଟ ଦ୍ୱାର ବନ୍ଧ ବି ହେବ ରୁପା ଛାଉଣି

ଏବେ ଏହି ଦାବି ପୂରଣ ହେବାକୁ ଯାଉଛି। ମହାପ୍ରଭୁଙ୍କ ରତ୍ନ ପଲଙ୍କ ମରାମତି କରାଯାଇ ଏହାକୁ ରୁପା ଛାଉଣି କରାଯିବ। ଏତଦ୍‌ବ୍ୟତୀତ ପତିତପାବନ ମନ୍ଦିର ଏବଂ ସିଂହଦ୍ୱାର ଗୁମୁଟ ଦ୍ୱାର ବନ୍ଧକୁ ବି ରୁପା ଛାଉଣୀ କରାଯିବ। ଗୁରୁବାର ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ବୈଠକ ବସି ବିସ୍ତୃତ ଭାବେ ଆଲୋଚନା କରାଯାଇଥିବା ବେଳେ ସେବାୟତମାନଙ୍କୁ ଡିଜାଇନ୍ ଦେଖାଯାଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଭକ୍ତମାନଙ୍କର ଦାନ ଅର୍ଥରେ ମିଳିଥିବା ପ୍ରାୟ ୩୦୦ କେଜିରୁ ଊର୍ଦ୍ଧ୍ୱ ରୁପା ବ୍ୟବହାର କରାଯାଇ ମହାପ୍ରଭୁଙ୍କ ରତ୍ନ ପଲଙ୍କ, ପତିତପାବନ ମନ୍ଦିର, ସିଂହଦ୍ୱାର ଗୁମୁଟର ଦ୍ୱାରବନ୍ଧକୁ ରୁପା ଛାଉଣୀ କରାଯିବ। ତେବେ ଏସବୁ କିପରି ହେବ, ତାହାର ଡିଜାଇନ ସେବାୟତମାନଙ୍କୁ ଦେଖାଯାଇଛି। ୨୦୨୩ ମେ' ୨୭ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ରତ୍ନପଲଙ୍କ ମରାମତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଚୂଡ଼ାନ୍ତ ହୋଇଥିଲା। ସେହିପରି ପରବର୍ତ୍ତୀ ସମୟରେ ପତିତପାବନ ମନ୍ଦିର ଏବଂ ସିଂହଦ୍ୱାର ଗୁମୁଟ ଦ୍ୱାର ବନ୍ଧ ରୁପା ଛାଉଣୀ କରାଯିବା ଲାଗି ନିଷ୍ପତ୍ତି ହୋଇଥିବା ବେଳେ ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି।

ପୂର୍ବପରିଚାଳନାକମିଟିରେରୁପାଛାଉଣୀସଂକ୍ରାନ୍ତରେ ବିଶଦ୍ ଆଲୋଚନା କରାଯାଇଥିବା ବେଳେ ପ୍ରାଥମିକ ଭାବେ ଆସନ୍ତା ଡିସେମ୍ବର ୨୫ ସୁଦ୍ଧା ପତିତପାବନ ମନ୍ଦିର ଓ ସିଂହଦ୍ୱାର ଗୁମୁଟ ବନ୍ଧକୁ ରୁପା ଛାଉଣୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ରତ୍ନପଲଙ୍କ ଓ ପ୍ରଭା ଆଦିକୁ ଆସନ୍ତା ବର୍ଷ ମାର୍ଚ୍ଚ ମଧ୍ୟରେ ରୁପା ଛାଉଣୀ କରିବା ନେଇ ଗୁରୁବାର ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଛି।

ସୂଚନାଥାଉ କି, ପୂର୍ବରୁ ଶ୍ରୀମନ୍ଦିରର ଜୟବିଜୟ, କଳାହାଟ, ବେହେରଣ, ସାତପାହଚ, ଭୋଗମଣ୍ଡପ ପଶ୍ଚିମପାର୍ଶ୍ୱ ଦ୍ୱାର, ନୃସିଂହ, ସୂର୍ଯ୍ୟ ମନ୍ଦିର, ମା' ବିମଳା, ମା' ଲକ୍ଷ୍ମୀଙ୍କ ମନ୍ଦିରର ଗର୍ଭଗୃହ ଦ୍ୱାର, ସିଂହଦ୍ୱାର ରୁପା ଛାଉଣୀ କରାଯାଇଛି।

# ପଚା ବିହନରେ କେମିତି ହେବ ଆଳୁ ଚାଷ?

**ଭୁବନେଶ୍ୱର,୧୪।୧୧ (ସମିସ):** ରାଜ୍ୟରେ ଆଳୁର ଆବଶ୍ୟକତା ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷ ଜମିର ପରିମାଣ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ତରବରିଆ ଭାବେ ଚାଷୀଙ୍କ ଉପରେ ଚାପ ସୃଷ୍ଟି କରି, ଚାଷର ପରିଣାମ ବଢ଼ାଯାଉଥିବା ବେଳେ ଅନ୍ୟାନ୍ୟ ଭିତ୍ତିଭୂମି ଅଭାବକୁ ସରକାର ଅଣଦେଖା କରୁଛନ୍ତି। ଚାଷୀଙ୍କଠାରୁ ଆଳୁ କିଣିବା ପାଇଁ ରାଜ୍ୟରେ ବ୍ୟବସ୍ଥିତ ମଣ୍ଡି ନାହିଁ। ଅମଳ ପରେ ଗଚ୍ଛିତ ରଖିବା ପାଇଁ ଶୀତଳ ଭଣ୍ଡାର ନିର୍ମାଣ ହୋଇନି। ଭଣ୍ଡାର ନିର୍ମାଣ ନେଇ ସରକାର କହୁଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ଉଦ୍ୟମ ଆରମ୍ଭ ହୋଇନି। ଅନ୍ୟପକ୍ଷରେ ଚାଷୀଙ୍କୁ ଯୋଗାଯାଉଥିବା ବିହନ ଅତି ନିମ୍ନମାନର ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ରାଜ୍ୟରେ ଆଳୁ ଚାଷକୁ ନେଇ ଏଭଳି ବହୁବିଧ ସମସ୍ୟା ଉପୁଜୁଥିଲେ ହେଁ ସରକାରୀ ଭାବେ ସମାଧାନ କରିବା ନେଇ କୌଣସି ଠୋସ୍ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହେଉଛି। ଏପରିସ୍ଥଳେ ଆଳୁ ଚାଷ କିଭଳି ସଫଳ ହେବ ଓ ଆମ ରାଜ୍ୟ ଆଳୁ ଉତ୍ପାଦନରେ ଆତ୍ମନିର୍ଭର ହେବ, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷେ ଚାଷୀଙ୍କୁ ଆବଶ୍ୟକତାଠାରୁ ଅଧିକ ବିହନ ଦିଆଯାଉଥିବା ବେଳେ ଚାଷୀମାନେ ବିହନ ନେବାକୁ ଅମଙ୍ଗ ହେଉଛନ୍ତି। ହେଲେ ଯେନେତନ ପ୍ରକାରେଣ ଚାଷୀଙ୍କୁ ବିହନ ଦେବାକୁ ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି ଅଧିକାରୀମାନେ ଚେଷ୍ଟା କରୁଛନ୍ତି। ଚାଷୀ ବିହନ ନ ନେଲେ ଉଦ୍ୟାନ କୃଷି ବିଭାଗ ବଳକା ବିହନର ଅର୍ଥ ଭରଣା କରିବ ବୋଲି କଡ଼ା ନିର୍ଦ୍ଦେଶ ହୋଇଥିବା ଜଣାପଡ଼ିଛି।

ସୂଚନାନୁସାରେ, ପୂର୍ବରୁ ରାଜ୍ୟରେ ବର୍ଷକୁ ୯ହଜାର ୫ଶହ ହେକ୍ଟର ଚାଷ ଜମିରେ ଆଳୁ ଚାଷ ହେଉଥିଲା। ହେକ୍ଟର ପିଛା ୧୫୦ କୁଇଣ୍ଟାଲ୍ ହିସବାରେ ୬ହଜାର ୮୬୫ ଟନ୍ ଉତ୍ପାଦନ ହେଉଥିବା ସରକାରୀ ତଥ୍ୟ କହୁଛି। ଚଳିତବର୍ଷ ଏହି ପରିମାଣ ବୃଦ୍ଧି କରି ସରକାର ୧୪ ହଜାର

- ପରିମାଣ ବଢ଼ାଇବାକୁ ଚାଷୀଙ୍କ ଉପରେ ଚାପ
- ଅମଙ୍ଗ ଚାଷୀ, ହରଡ଼ଘଣାରେ ଉଦ୍ୟାନ ବିଭାଗ
- ଚାଷ ବଢ଼ିଲେ ବି ପୂରଣ ହୋଇପାରିବନି ଆବଶ୍ୟକତା
- ସବୁ ବ୍ଲକ୍‌ରେ ଶୀତଳଭଣ୍ଡାର ଖୋଲିବା ଚିତ୍ର ଅସ୍ପଷ୍ଟ



୪୨୩ ହେକ୍ଟର ଚାଷ ଜମିରେ ଚାଷ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପୂର୍ବ ବର୍ଷର ପରିସଂଖ୍ୟାନକୁ ହିସାବକୁ ନେଲେ, ହେକ୍ଟର ପିଛା ୧୫୦ କୁଇଣ୍ଟାଲ୍ ଅମଳ ହେଲେ ଚଳିତବର୍ଷ ୧୦ହଜାର ୪୨୨ ଟନ୍ ଆଳୁ ଉତ୍ପାଦନ ହେବ। ରାଜ୍ୟରେ ବର୍ଷକୁ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଆବଶ୍ୟକତା ହେଉଥିବା ବେଳେ ଉତ୍ପାଦନ ବଢ଼ିଲେ ମଧ୍ୟ ରାଜ୍ୟ ଆତ୍ମନିର୍ଭର ହୋଇପାରିବନି। ଅନ୍ୟପକ୍ଷରେ ଚାଷ ପରିମାଣ ବଢ଼ାଇବା ପୂର୍ବରୁ ସରକାରଙ୍କ ପକ୍ଷରୁ ଚାଷୀଙ୍କ ଆବଶ୍ୟକତା ପୂରଣ କରିବା ଦିଗରେ ଚେଷ୍ଟା କରାଯାଉନି। ଏମିତିକି ଚାଷୀ ଏତେ ପରିମାଣରେ ଚାଷ କରିବାକୁ ଅମଙ୍ଗ ହେଉଥିବାବେଳେ ତାଙ୍କୁ ଜୋର ଜବରଦସ୍ତ ଅଧିକ ଜମିରେ ଚାଷ କରିବା ନେଇ ପ୍ରବର୍ତ୍ତାଯାଉଛି।

'ଆଳୁ ମିଶନ' ୩ବର୍ଷ ବୃଦ୍ଧି ନେଇ ସରକାର ଘୋଷଣା କରିଥିବା ବେଳେ ଉତ୍ତରପ୍ରଦେଶ ଓ ପଞ୍ଜାବରୁ ଉନ୍ନତମାନର ବିହନ ଆଣିବେ ବୋଲି କହିଥିଲେ। ହେଲେ ପଶ୍ଚିମବଙ୍ଗରୁ ନିମ୍ନମାନର ବିହନ ଆଣି ଚାଷୀଙ୍କୁ ଦିଆଯାଉଛି। ଏହି ପଚା ବିହନ ଚାଷୀ ଘରକୁ ନେବା ବେଳକୁ ଉତ୍କଟ ଗନ୍ଧ ବାହାରୁଛି। ତେଣୁ ପଚା ବିହନରେ କିଭଳି ଆଳୁ ଉତ୍ପାଦନ ହେବ ତାକୁ ନେଇ ଚାଷୀମାନେ ପ୍ରଶ୍ନ କରିଛନ୍ତି।

ରାଜ୍ୟବ୍ୟାପୀ ଏହି ପଚା ବିହନକୁ ନେଇ ଅଭିଯୋଗ ବଢ଼ୁଥିବା ବେଳେ ସରକାରୀ ଭାବେ ଏହାର ସମାଧାନ ଶୂନ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ପଞ୍ଜିକୃତ ଚାଷୀମାନଙ୍କୁ ରିହାତି ଦରରେ ଏହି ବିହନ ଯୋଗାଇ ଦିଆଯିବା ପାଇଁ ସରକାରୀ ନିୟମ କରାଯାଇଛି। ୧କେଜି ବିହନର ଦର ୪୨.୮୭ ଟଙ୍କା ରହିଥିବା ବେଳେ ଚାଷୀଙ୍କୁ ୨୦ ଟଙ୍କା ରିହାତିରେ ଏହାକୁ ଯୋଗାଇ ଦିଆଯିବ। ଚାଷ କାର୍ଯ୍ୟ ଚାଲୁଥିବା ବେଳେ ବିଭାଗର କର୍ମଚାରୀମାନେ ସେଠାରେ ପହଞ୍ଚି ଯାଞ୍ଚ କରିବେ। ଏହାପରେ ସେମାନଙ୍କୁ କେଜି ପ୍ରତି ଆଉ ୧୦ ଟଙ୍କା ଲେଖାଁଏ ରିହାତି ମିଳିବ। ସାଧାରଣତଃ ନଭେମ୍ବର ପ୍ରଥମ ସପ୍ତାହରୁ ଡିସେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଚାଷ କରିବାକୁ ବିଭାଗୀୟ ନିର୍ଦ୍ଦେଶ ରହିଛି। ଅଧିକାଂଶ ବ୍ଲକର ଜଳବାୟୁ ଆଳୁ ଚାଷ ପାଇଁ ଅନୁକୂଳ ହୋଇଥିଲେ ମଧ୍ୟ ମୃତ୍ତିକାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଯେଉଁଠି ଚିନାବାଦାମ, ସାରୁ ଓ ପାଳୁଅ ଚାଷ କରାଯାଉଛି, ସେହି ସ୍ଥାନରେ ଆଳୁ ଚାଷ ପ୍ରତି ଗୁରୁତ୍ୱ ଦିଆଯାଉଥିବା ଜଣାପଡ଼ିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯଦି ବିହନ ବିତରଣ ଟାର୍ଗେଟ୍ ପୂରଣ ନହୁଏ, ତେବେ ବିହନ ବାବଦକୁ ଟଙ୍କା ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ବହନ କରିବେ ବୋଲି ନିୟମ କରାଯାଇଛି। ଫଳରେ ଏହାକୁ ବେଶ୍ ଗୁରୁତ୍ୱର ସହ ନେଇ ଏବେ ଉଦ୍ୟାନ କୃଷି ବିଭାଗ ଚାଷୀଙ୍କ ନିକଟରେ ସିଧାସଳଖ ପହଞ୍ଚୁଥିବା ଦେଖିବାକୁ ମିଳୁଛି। ମାତ୍ର ଅମଳ ପରେ ଚାଷୀମାନଙ୍କଠାରୁ ଏତେ ପରିମାଣରେ ଆଳୁ କିଣିବ କିଏ? ଏହାକୁ ସେମାନେ ସଂରକ୍ଷିତ ରଖିବେ କେଉଁଠି? ଏମିତି ଅନେକ ପ୍ରଶ୍ନ ଚାଷୀମାନଙ୍କ ମନରେ ଉଙ୍କି ମାରୁଛି। ବିଶେଷ କରି ଶୀତଳଭଣ୍ଡାର ସମସ୍ୟା ଯୋଗୁଁ ଅଧିକାଂଶ ଚାଷୀ ଆଳୁ ଚାଷ କରିବାକୁ ପସନ୍ଦ କରୁନାହାନ୍ତି। ଏଣୁ ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ମୁଖ୍ୟମନ୍ତ୍ରୀଙ୍କ ଭାଷଣ କେବଳ ରାଜନୀତି ଆଧାରିତ: ବିଜେଡି

ଭୁବନେଶ୍ୱର,୧୪।୧୧(ସମିସ): କୃଷି ଓ ସମବାୟ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କରି ଯାଇଛନ୍ତି; ତାହା ଆଜି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ନବୀନ ପଟ୍ଟନାୟକ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ଆଉ ତାକୁ ସଫଳ କରି ଦେଖାଇଛନ୍ତି। ଅନ୍ୟ ରାଜ୍ୟର ସରକାର ନବୀନ ମଡେଲ୍ ଅନୁକରଣ କରୁଛନ୍ତି। କିନ୍ତୁ ଆଜି ସମବାୟ ସପ୍ତାହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା।



ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ସରକାରକୁ ଆସିବାର ୫ ମାସ ପୂରିବା ସତ୍ତ୍ୱେ କୌଣସି ଆଖିଦୃଶିଆ ଉପଲବ୍ଧି ନଥାଇ କଥାକୁହା ବିଜେପି ସରକାର ଏଭଳି ମନ୍ତବ୍ୟ ଦେବା ଅତ୍ୟନ୍ତ ଅରୁଚିକର। ୨୦୦୦ ମସିହାରେ ବିଜୁ ଜନତା ଦଳ ସରକାରକୁ ଆସିଲା ବେଳେ ରାଜ୍ୟରେ କୃଷି ଋଣ ୧୪% ସୁଧ ହାରରେ ସମଗ୍ର ରାଜ୍ୟରେ ୨୬୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଋଣର ପରିମାଣ ବୃଦ୍ଧି ଓ ସୁଧ ହାର ହ୍ରାସଦ୍ୱାରା ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ଏହି ଋଣ ପରିମାଣ ୨୪୦୦୦ କୋଟି ଟଙ୍କା ଅତିକ୍ରମ କରିଥିଲା। ନବୀନ ସରକାରଙ୍କ ଯୁଗାନ୍ତକାରୀ ନିଷ୍ପତ୍ତି କ୍ରମେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣରେ ୦% ସୁଧ ଏବଂ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨% ସୁଧ ହାରରେ ଚାଷୀଙ୍କୁ କୃଷି ଋଣ ପ୍ରଦାନ କରାଯାଉଛି। ବୈଦ୍ୟନାଥନ କମିଟିର ସୁପାରିସ ଅନୁଯାୟୀ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ସମବାୟ ସଂସ୍ଥା ମାନଙ୍କରେ ଆନୁପାତିକ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଥିଲା। ୨୦୧୫-୧୬ ଆର୍ଥିକ ବର୍ଷରେ ରାଜ୍ୟର ୧୦ଟି ଜିଲ୍ଲାରେ ଓ ୨୦୧୭ରେ ସାରା ରାଜ୍ୟରେ ପି.ପାସ୍ କାର୍ଯ୍ୟାନ୍ୱୟନ କରାଗଲା। ସ୍ୱଚ୍ଛତାର ସହ ସମବାୟ ସଂସ୍ଥା ମାଧ୍ୟମରେ ଧାନ ସଂଗ୍ରହ ସଫଳତାର ସହ କରିବାରୁ କେନ୍ଦ୍ର ସରକାର ଓଡ଼ିଶାକୁ ପ୍ରଶଂସା କରିଥିଲେ । ଅନ୍ୟ ରାଜ୍ୟର ଅଧିକାରୀମାନେ ଓଡ଼ିଶା ଆସି ଏହାର କାର୍ଯ୍ୟକାରିତା ଅନୁଧ୍ୟାନ କରି ନିଜ ନିଜ ରାଜ୍ୟରେ କାର୍ଯ୍ୟକାରୀ କରିଥିଲେ। ନବୀନ ସରକାରଙ୍କ ନିଷ୍ପତ୍ତି ବଳରେ ଜେଏଲ୍‌ଜି ଗଠନ କରି ଭାଗଚାଷୀ ଓ କ୍ଷୁଦ୍ରଚାଷୀଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଗଲା। ସେହିପରି ବଳରାମ ଯୋଜନା ମାଧ୍ୟମରେ ଏହାକୁ ୧ ଲକ୍ଷ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଗଲା ପାକ୍ସ ଓ ଲାମ୍ପସ୍ ଜରିଆରେ ଧାନ ବିହନ ସହିତ ଅନ୍ୟାନ୍ୟ ବିହନ ଚାଷୀମାନଙ୍କୁ ରିହାତି ଦରରେ ଯୋଗାଇବା ସହ ରିହାତି ଅର୍ଥକୁ ଡିବିଟି ମାଧ୍ୟମରେ ଚାଷୀମାନଙ୍କ ଆକାଉଣ୍ଟକୁ ସ୍ୱଚ୍ଛତାର ସହ ପ୍ରଦାନ କରିବା ବ୍ୟବସ୍ଥା ଆରମ୍ଭ କରାଗଲା। ନବୀନ ବାବୁଙ୍କ ଦୃଢ଼ ନିଷ୍ପତ୍ତି ଫଳରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୫ ଶହ ଟଙ୍କା ଏବଂ ୧୦ ଲକ୍ଷ ଟଙ୍କାରୁ ଅଧିକ ଋଣ ପାଇଁ ୧୫ ଶହ ଟଙ୍କା ଅଂଶଧନ ଦେବାକୁ ବ୍ୟବସ୍ଥା କରାଯାଇଛି। ରାସାୟନିକ ସାର ଚାଷୀମାନଙ୍କୁ ଠିକ୍ ସମୟରେ ସହ ବଣ୍ଟନ ବ୍ୟବସ୍ଥା କରିବା ପାଇଁ ମାର୍କଫେଡ୍‌କୁ ଏକ କର୍ପସ ଫଣ୍ଡ ନବୀନ ସରକାର ପ୍ରଦାନ କରିଥିଲେ। ଏହି କର୍ପସ ଫଣ୍ଡ ୭୫ କୋଟି ଟଙ୍କାରୁ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ୯୦ କୋଟି, ୧୦୦ କୋଟି ଏବଂ ବର୍ତ୍ତମାନ ୧୫୦ କୋଟି ଟଙ୍କାରେ ପହଞ୍ଚିଛି। ତେଣୁ ନବୀନ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଯୁଗାନ୍ତକାରୀ ନିଷ୍ପତ୍ତି ସମୂହକୁ ଆଗକୁ ନେବା ପରିବର୍ତ୍ତେ ନକାରାତ୍ମକ ମନ୍ତବ୍ୟ ଦେବାରୁ ସରକାର କ୍ଷାନ୍ତ ରୁହନ୍ତୁ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

- ନବୀନଙ୍କ ନେତୃତ୍ୱରେ ଇତିହାସ ରଚିଛି ସମବାୟ ଆନ୍ଦୋଳନ
- ସମବାୟ କ୍ଷେତ୍ରରେ ଓଡିଶାକୁ ଅନୁକରଣ କରୁଛନ୍ତି ଅନ୍ୟ ରାଜ୍ୟ

**ଏମିତି ବି ଆସେ ମୃତ୍ୟୁ!**

# ଭାଷଣ ଦେଉଦେଉ ଟଳିପଡ଼ିଲେ ପ୍ରଧାନଶିକ୍ଷକ

**ତୁରେକେଲା, ୧୪।୧୧(ସମିସ):** ଶିଶୁ ଦିବସ ଅବସରରେ ଭାଷଣ ଦେଉ ଦେଉ ହଠାତ୍ ଟଳିପଡ଼ିଲେ ପ୍ରଧାନ ଶିକ୍ଷକ। ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକରେ ଆଜି ଏପରି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ମୃତ ଶିକ୍ଷକ ହେଲେ, ପ୍ରଧାନଶିକ୍ଷକ ପର୍ଶୁରାମ ଦାସ। ତାଙ୍କ ଘର ଯାଜପୁର ଜିଲ୍ଲା ଛତିଆ ଅଞ୍ଚଳରେ। ସେ କଣ୍ଟାବାଞ୍ଜି ସହରରେ ଭଡ଼ାଘରେ ରହି କୁଇବାହାଲ ହାଇସ୍କୁଲରେ ୨୦୦୧ରୁ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ତାଙ୍କ ଶବ ହସ୍ତାନ୍ତର କରାଯାଇଛି। ଅପରପକ୍ଷେ, ଏହି ଖବର ପ୍ରଚାରିତ ହେବା ପରେ ଶିକ୍ଷକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

**ସ୍କୁଲ୍‌ରେ ଶିଶୁ ଦିବସରେ ଶୋକର ଛାୟା**



ସୂଚନାନୁସାରେ, ତୁରେକେଲା ବ୍ଲକ କୁଇବାହାଲପଲି ବିକାଶ ପଞ୍ଚାୟତ ହାଇସ୍କୁଲରେ ଗୁରୁବାର ଶିଶୁ ଦିବସ ପାଳନ ହେଉଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷକ ଶ୍ରୀ ଦାସ ଶିଶୁମାନଙ୍କୁ ଅଭିଭାଷଣ ଦେଉଥିଲେ। ଏହି ସମୟରେ ସେ ହଠାତ୍ ଟଳିପଡ଼ିଥିଲେ। ସହଯୋଗୀ ଶିକ୍ଷକମାନେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜୟନାରାୟଣଙ୍କୁ ତୁରନ୍ତ ଗିରଫ କରାଯାଉ: ବିଜେଡି

## ଅଭିଯୁକ୍ତଙ୍କ ମୁହଁ ଦେଖି ସରକାର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି

**ଭୁବନେଶ୍ୱର,୧୪।୧୧(ସମିସ):** ବିଜେପି ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ରଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରାଯାଇଥିବା ଅନ୍ତରୀଣ ଜାମିନକୁ ସର୍ବୋଚ୍ଚ ନ୍ୟାୟାଳୟ ଆଜି ପ୍ରତ୍ୟାଖ୍ୟାନ କରିବା ପରେ ବିଜୁ ଜନତା ଦଳ ତାଙ୍କ ଗିରଫ ଦାବି କରିଛି। ଶଙ୍ଖଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସଂସଦ ତଥା ମୁଖପାତ୍ର ସୁଲତା ଦେଓ କହିଛନ୍ତି ଯେ ଗୋଟିଏ ପଟେ ବିଜେପି ବିଧାୟକ ବା କର୍ମୀ ଅପରାଧରେ ଲିପ୍ତ ରହୁଛନ୍ତି ଅପରପକ୍ଷରେ ବିଜେପି ସରକାର ସେମାନଙ୍କୁ ଘଣ୍ଟ ଘୋଡାଉଛି। କୁଚିଣ୍ଡା ଗଣବଳାତ୍କାର ହେଉ କି ବିଧାୟକ ଜୟନାରାୟଣ ମିଶ୍ରଙ୍କ ମାମଲା ହେଉ, ବିଜେପି ସରକାର କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ଅଭିଯୁକ୍ତର ଚେହେରା ଦେଖି ପଦକ୍ଷେପ ନେଉଛନ୍ତି। ଫଳରେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି ଓ ଆଜିର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ରାଜ୍ୟ ସରକାରଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ସୃଷ୍ଟି କରିଛି।



ସୁଲତା କହିଛନ୍ତି ଯେ ୧୫ ଫେବୃଆରୀ ୨୦୨୩ ଦିନ ବିଜେପିର ଏକ ଧାରଣା କାର୍ଯ୍ୟକ୍ରମ ସମୟରେ ଶ୍ରୀ ମିଶ୍ର ଜଣେ ମହିଳା ଥାନା ଅଧିକାରୀଙ୍କୁ ସର୍ବସମ୍ମୁଖରେ ଚାପୁଡ଼ା ମାରିବାର ଅଭିଯୋଗ ଆସିଥିଲା। ଏହି ଅଭିଯୋଗକୁ ଭିତ୍ତି କରି ସମ୍ବଲପୁର ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସମାଜରେ ନିଜ ବ୍ୟବହାର ମାଧ୍ୟମରେ ଜଣେ ନେତୃତ୍ୱ ନେଉଥିବା ବ୍ୟକ୍ତି ଉଦାହରଣ ସୃଷ୍ଟି କରିବାର ଆବଶ୍ୟକ ରହିଛି ବୋଲି ଟିପ୍ପଣୀ ଦେଇ ସର୍ବୋଚ୍ଚ ନ୍ୟାୟାଳୟ ଶ୍ରୀ ମିଶ୍ରଙ୍କ ମହିଳା ପୁଲିସ ଅଧିକାରୀଙ୍କ ପ୍ରତି ଜୟନାରାୟଣ ମିଶ୍ରଙ୍କ ଆଚରଣକୁ ନାପସନ୍ଦ କରି ପ୍ରଦାନ କରା ଯାଇଥିବା ଅନ୍ତରୀଣ ସୁରକ୍ଷାକୁ ମଧ୍ୟ ଉଠାଇ ଦେଇଛନ୍ତି। ଯେହେତୁ ତାଙ୍କର ଅନ୍ତରୀଣ ସୁରକ୍ଷା ଉଠାଇ ଦିଆଯାଇଛି ଓ ଆଗୁଆ ଜାମିନ ଆବେଦନ ଖାରଜ ହୋଇଛି, ତେଣୁ ଜୟନାରାୟଣ ମିଶ୍ରଙ୍କୁ ତୁରନ୍ତ ଗିରଫ କରାଯିବା ଆବଶ୍ୟକ ଅଛି ବୋଲି ସୁଲତା କହିଛନ୍ତି। ସେ ପୁଣି କହିଛନ୍ତି ଯେ ଜୟନାରାୟଣ ମିଶ୍ର ଅନେକ ଅପରାଧିକ ମାମଲାରେ ଜଡିତ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଜିର ନିର୍ଦ୍ଦେଶ ପରେ ଶ୍ରୀ ମିଶ୍ର ଗଣମାଧ୍ୟମକୁ ଦେଇଥିବା ମନ୍ତବ୍ୟରେ ସେ ନିଜେ ଅନେକ ଅପରାଧରେ ଜଡିତ ବୋଲି ଗର୍ବର ସହିତ ସ୍ୱୀକାର କରିଛନ୍ତି । ଏଥିରୁ ସ୍ପଷ୍ଟ ହେଉଛି ଯେ, ସରକାରରେ ଥିବା ଭାରତୀୟ ଜନତା ପାର୍ଟିର ସଦସ୍ୟ ଭାବେ ଶ୍ରୀ ମିଶ୍ର ଆଇନକୁ ହାତକୁ ନେବାରେ ଦ୍ୱିଧା ନାହିଁ ଓ ଏପରି ମାମଲାକୁ ସେ ଖାତିର କରନ୍ତି ନାହିଁ ବୋଲି ସ୍ପଷ୍ଟ କହୁଛନ୍ତି। ବିଜେଡି ସରକାର ତାଙ୍କ ନାଁରେ ମିଛ ଅଭିଯୋଗ ଆଣି ମାମଲା କରିଛନ୍ତି ବୋଲି ଶ୍ରୀ ମିଶ୍ର ଆଜି କହିଛନ୍ତି; କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ଥିବା ଟିପ୍ପଣୀ ଦେବାପରେ ଜୟନାରାୟଣଙ୍କ ମିଛ ମୁଖା ଖସି ଯାଇଛି ବୋଲି ସୁଲତା କହିଛନ୍ତି ।

## ବିଜେପି ସରକାରଙ୍କ ପାଇଁ ଚରମ ଲଜ୍ଜା: ପ୍ରଣବ

**ଭୁବନେଶ୍ୱର,୧୪।୧୧(ସମିସ):** ଜଣେ କର୍ତ୍ତବ୍ୟରତ ମହିଳା ପୁଲିସ ଅଧିକାରୀଙ୍କୁ ମାଡ଼ ମାରିବା ମାମଲାର ବିଚାର କରିବା ସମୟରେ ଅଭିଯୁକ୍ତ ବିଧାୟକଙ୍କୁ ସୁରକ୍ଷା ପ୍ରଦାନକୁ ନେଇ ସୁପ୍ରିମ୍‌କୋର୍ଟ ରାଜ୍ୟ ସରକାରଙ୍କୁ କଟୁ ଭର୍ତ୍ସନା କରିଛନ୍ତି। ବିଜେପି ସରକାରଙ୍କ ପାଇଁ ଏହାଠାରୁ ଆଉ ଲଜ୍ଜାଜନକ କ'ଣ ହୋଇପାରେ ବୋଲି ପ୍ରଶ୍ନ କରିଛନ୍ତି ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପ୍ରଣବପ୍ରକାଶ କହିଛନ୍ତି ଯେ ଯେ ସରକାର ବଦଳି ଥାଏ; କିନ୍ତୁ ପୁଲିସ ପୋଷାକର ରଙ୍ଗ କେବେ ବଦଳି ନଥାଏ। ଆଜି ମହିଳା ଆଇଆଇସିଙ୍କୁ ଚାପୁଡ଼ା ମାରିବା ମାମଲାରେ ଜାମିନ୍ ଆବେଦନର ବିଚାର କରିବା ଅବସରରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ଏହି ଟିପ୍ପଣୀ ମନ୍ତବ୍ୟ ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଛି। ଅଭିଯୁକ୍ତ ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ ମାମଲାରେ ରାଜ୍ୟ ସରକାର ଯେପରି ଭାବେ ଢ଼ିଲା ଆଚରଣ ପ୍ରଦର୍ଶନ କରିଛନ୍ତି ତାକୁ ସୁପ୍ରିମ୍ କୋର୍ଟ ତୀବ୍ର ଭର୍ତ୍ସନା କରିଛନ୍ତି । ଯେ କୌଣସି ସରକାରଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ଏହି ଟିପ୍ପଣୀ ଅତ୍ୟନ୍ତ ଲଜ୍ଜାଜନକ ବୋଲି ପ୍ରଣବ ପ୍ରକାଶ କହିଛନ୍ତି ।



# ଆକାଶଛୁଆଁ ଦର; ହାଣ୍ଡିଶାଳକୁ ରସୁଣ ମାଡ଼



- ବଜାରରେ ରସୁଣ କିଲୋ ୪ ଶହ
- ଛାଡ଼ଖାଇକୁ ନେଇ ଚିନ୍ତାରେ ଗ୍ରାହକ

ଶେରଗଡ଼,୧୪ ।୧୧(ସମିସ)

ରସୁଣର ଦରବୃଦ୍ଧି ସିଧାସଳଖ ହାଣ୍ଡିଶାଳ ଉପରେ ପଡ଼ିଛି । ସାଧାରଣ ଲୋକଟିଏ ରସୁଣ କିଣିବାକୁ ଡରୁଛି । ବିନା ରସୁଣରେ ମସଲା ତରକାରୀରୁ ସୁଆଦ ଗାଏବ ହୋଇଯାଇଛି । ଯାହାକୁ ନେଇ ରୋଷେଇ ଘରେ ରାତି ପାହିଲେ ଗୃହୀଣିଙ୍କୁ ରସୁଣ ଚିନ୍ତା ଘାରୁଛି । ଆମିଷ ଦରଠାରୁ ରସୁଣ ଦର ଢ଼େର ଅଧିକ ବୋଲି ଗୃହିଣୀଙ୍କ ଭିତରେ ଆଲୋଚନାର ବିଷୟ ପାଲଟିଛି । ରସୁଣ କିଲୋ ପିଛା ୪ ଶହ ଟଙ୍କା ଥିବାବେଳେ ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକଙ୍କ ପକେଟକୁ ଏହା ବାଧୁଛି । କାର୍ତ୍ତିକ ଆରମ୍ଭରୁ ରସୁଣ ଦର କମିବା କଥା, ମାତ୍ର ଏହି ମାସରେ ଅଦା ଓ ରସୁଣର ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି । ସପ୍ତାହକ ମଧ୍ୟରେ ରସୁଣ ଦର ୮୦ ଟଙ୍କା ବଢିଥିଲାବେଳେ ଆଗାମୀ ଦିନରେ ଏହା କେତେ ହେବ ତାହା କହିବା ବ୍ୟବସାୟୀଙ୍କ ପକ୍ଷରେ କଷ୍ଟକର ହୋଇପଡୁଛି । ସେପଟେ ପିଆଜ ଓ ଆଳୁ ଦର ମଧ ଲଗାମଛଡା ହୋଇଛି । ପରିବା କଥା ନକହିବା ଭଲ, ଯାହାକୁ କିଣିବ ୫୦ ଟଙ୍କା ଉପରେ ରହିଛି । ସାଧାରଣ ମାନର ରସୁଣ ୧୦ କେଜି ପିଛା ଦର ଏବେ ୩୨ ଶହ ଟଙ୍କା ଥିବାବେଳେ ଉନ୍ନତ ମାନର ରସୁଣ ୧୦ କେଜି ପିଛା ଦର ୪ ହଜାର ଟଙ୍କା ରହିଛି । ପୂର୍ବରୁ ରସୁଣ କେଜି ୧୮୦ରୁ ୨୦୦ ଟଙ୍କାରେ ବିକ୍ରି ହେଉଥିଲା । ଗତ ସପ୍ତାହରେ ଖୁଚୁରା ବ୍ୟବସାୟୀ କେଜି ପିଛା ୩୦୦ରୁ ୩୨୦ ଟଙ୍କାରେ କାରବାର କରୁଥିଲେ । କିନ୍ତୁ ଚଳିତ ସପ୍ତାହରେ ରସୁଣର ଦର ବୃଦ୍ଧି ହୋଇ କେଜି ପିଛା ୩୮୦ରୁ ୪୦୦ ଟଙ୍କାରେ ବିକ୍ରି ହେଉଛି । ବାହାର ରାଜ୍ୟରୁ ରସୁଣ ଆମଦାନୀ ହେଉ ନ ଥିବାବେଳେ ଏହାର ଦରବୃଦ୍ଧି ହେଉଛି । ଆମ ରାଜ୍ୟକୁ ରାଜସ୍ଥାନ ଓ ଉତ୍ତର ପ୍ରଦେଶରୁ ରସୁଣ ଆସିଥାଏ । ଦୀର୍ଘ ୪ରୁ ୫ ମାସ ହେବ ରସୁଣ ଦର ଉପର ମୁହାଁ ହୋଇ ରହିଥିବା ବେଳେ ଗତ କିଛି ଦିନ ହେବ ଦର ୩୫୦ ଟଙ୍କା ପାର କରିଛି । ଯଦି ଯୋଗାଣ ବିଭାଗ ଏନେଇ ଧ୍ୟାନ ନ ଦେବ ତା ହେଲେ ସ୍ଥିତି ଅଣାୟତ୍ତ ହେବ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରୁଛନ୍ତି । ତେବେ ଆଗକୁ ଛାଡ଼ଖାଇ ଥିବାରୁ ରସୁଣ ଦର ଅଧିକ ହେବାର ଆଶଙ୍କା ରହିଛି । ଯାହାକୁ ନେଇ ଏବେ ସାଧାରଣ ଗ୍ରାହକ ଚିନ୍ତାରେ ପଡ଼ିଛନ୍ତି ।

## ନିର୍ବନ୍ଧ ଭୋଜିରେ ଛୁରାମାଡ଼; ଜଣେ ଆହତ

**ଧରାକୋଟ,୧୪ ।୧୧(ସମିସ):** ଧରାକୋଟ ଥାନା ଅନ୍ତର୍ଗତ ଜଗମୋହନ ପଞ୍ଚାୟତର ନାରାୟଣପୁର ଶାସନ ଗ୍ରାମରେ ଏକ ନିର୍ବନ୍ଧ ଭୋଜିରେ ବଚସାକୁ କେନ୍ଦ୍ରକରି ଛୁରା ମାଡ଼ ହୋଇଛି । ଏଥିରେ ଜଣେ ଆହତ ହୋଇଛନ୍ତି । ଆହତ ଜଣକ ହେଲେ ନାରାୟଣପୁର ଗ୍ରାମର ସନ୍ୟାସୀ ବେହେରା । ଗତ ବୁଧବାର ଦିନ ସେହି ଗ୍ରାମର ଶ୍ରୀଧର ବେହେରାଙ୍କ ପୁଅ ସୁଶାନ୍ତ ବେହେରାଙ୍କ ନିର୍ବନ୍ଧ ଭୋଜି ଅନୁଷ୍ଠିତ ହେଉଥିଲା । ଏହି ଭୋଜିରେ ସେହି ଗ୍ରାମର ଭଗବାନ ବେହେରା ମଦ୍ୟ ପାନ କରି ନିଜ ସମ୍ପର୍କୀୟ ପୁତୁରା ସୁଶାନ୍ତକୁ କୌଣସି କାରଣ ନେଇ ଗାଳି ଗୁଲଜ କରିଥିଲା । ସନ୍ନ୍ୟାସୀ ବେହେରା(ଗାଁ ସଭାପତି) ଘଟଣାସ୍ଥଳକୁ ଆସି ଉତ୍ତେଜିତ ଭଗବାନକୁ ବୁଝାସୁଝା କରିବାବେଳେ ଭଗବାନ ଅଚାନକ ସନ୍ନ୍ୟାସୀଙ୍କୁ ଛୁରା ମାଡ଼ କରିଥିଲା । ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକେ ଭଗବାନକୁ କାବୁ କରି ଧରାକୋଟ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ନ୍ୟାସୀଙ୍କୁ ମେଡିକାଲରେ ଭର୍ତ୍ତି କରିଥିବାବେଳେ ତାଙ୍କ ଏତଲାକୁ ଭିତ୍ତି କରି ୩୭୬/୨୪ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଭଗବାନକୁ କୋର୍ଟଚାଲାଣ କରିଛି ।

## ଓଲଟିଲା ଗହମ ବୋଝେଇ ଟ୍ରକ୍; ଡ୍ରାଇଭର୍ ଗୁରୁତର



**ହୁମ୍ମା,୧୪ ।୧୧(ସମିସ):** ଜାତୀୟ ୧୬ ନମ୍ବର ରାଜପଥ ହୁମ୍ମା ଫାଣ୍ଡି ସାମ୍ନାରେ ଓଭରବ୍ରିଜ ନିର୍ମାଣ ବିଳମ୍ବ ଯୋଗୁଁ ପୁଣି ଏକ ଦୁର୍ଘଟଣା ଦେଖିବାକୁ ମିଳିଛି । ଗତ ବୁଧବାର ସନ୍ଧ୍ୟା ୭ଟାରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ଗହମ ବୋଝେଇ ଟ୍ରକ (ଏଟି୩୫ଏକ୍ସ-୬୪୮୯) ଭାରସାମ୍ୟ ହରାଇ ଡିଭାଇଡରକୁ ପିଟି ହୋଇ ଓଲଟି ପଡ଼ିଥିଲା । ଘଟଣାସ୍ଥଳରେ ଡ୍ରାଇଭର ଜଣଙ୍କ ଗୁରୁତର ହୋଇଥିବା ବେଳେ ହେଲ୍ପର ଜଣଙ୍କ ସାମାନ୍ୟ ଆହତ ହୋଇଛନ୍ତି । ରମ୍ଭା ଥାନା ଆଇଆଇସି ସତ୍ୟବ୍ରତ ଭୁତିଆ, ହୁମ୍ମା ଫାଣ୍ଡି ଅଧିକାରୀ ସୁବ୍ରଜିତ ସାମନ୍ତ ରାୟ, ପୁଲିସ କର୍ମଚାରୀ ଓ ହୁମ୍ମା ସମିତିସଭ୍ୟ ଧ୍ରୁବଚରଣ ପଲେଇଙ୍କ ନେତୃତ୍ୱରେ ତାଙ୍କ ହୁମ୍ମା ଗ୍ରାମର ଶତାଧିକ ଲୋକେ ପହଞ୍ଚି ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ ।

## କୁଇ ସମାଜ ସମନ୍ୱୟ ସମିତିର ବାର୍ଷିକ ଉତ୍ସବ

**ଭଞ୍ଜନଗର,୧୪ ।୧୧(ସମିସ):** ଗଞ୍ଜାମ ଜିଲ୍ଲା ତାରା ସିଂ ଥାନା ସଲପ୍ ତଇଲା ଠାରେ ନିଖିଳ ଉତ୍କଳ କୁଇ ସମାଜ ସମନ୍ୱୟ ସମିତିର ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବ ମାଧ୍ୟମରେ କୁଇ ସମାଜର ବିଭିନ୍ନ ମୌଳିକ ସମସ୍ୟା ଗୁଡିକ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି । ମୁଖ୍ୟ ଅତିଥି ଭାବେ ଆଦିବାସୀ ନେତା ଲମ୍ବୋଦର କହଁର ଯୋଗଦେଇ କୁଇ ଆଦିବାସୀଙ୍କ ସମସ୍ୟାଗୁଡ଼ିକ ଯଥା ଶୀଘ୍ର ରାଜ୍ୟ ସରକାର ହୃଦୟଙ୍ଗମ କରି ପୂରଣ କରିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଏଥିରେ ଘୁମୁସର ଅଞ୍ଚଳର ସଭାପତି ପାଣ୍ଡବ ମଲିକ, ଉପସଭାପତି ଉଦୟ ନାଥ ଯାନୀ, ଘୁମୁସର ମାଳ ବିକାଶ ମଞ୍ଚର ସଭାପତି ଶତୃଘନ ଗୌଡ଼, ସମ୍ପାଦକ ଯୁବରାଜ ଯାନୀ, କାର୍ଯ୍ୟକାରୀ ସମ୍ପାଦକ କାହ୍ନୁ ମଲିକ, ମିଳିତ ମଞ୍ଚର ସଭାପତି ସମିର ଘୋଟାଲ୍, ବିଭିନ୍ନ ମୁଠାର ସଭାପତି ଓ କାର୍ଯ୍ୟକର୍ତ୍ତା ଯୋଗଦେଇ ବିଭିନ୍ନ ମୌଳିକ ସମସ୍ୟା ଉପରେ ନିଜର ମତ ରଖିଥିଲେ । ଏଥିରେ ୧୬ ମୁଠାରୁ ୩ ହଜାର ଆଦିବାସୀ ଯୋଗ ଦେଇଥିଲେ ।

## ରାଶି ଅମଳ ଯନ୍ତ୍ରର କ୍ଷେତ୍ର ପରୀକ୍ଷଣ



**ଭଞ୍ଜନଗର,୧୪ ।୧୧(ସମିସ):** ଜଗନ୍ନାଥପ୍ରସାଦ ବ୍ଲକର ୭ଟି ଗ୍ରାମରେ ଚାଲୁଥିବା ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଇକ୍ରିସାଟ୍, ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା କୃଷି ବିଶ୍ୱ ବିଦ୍ୟାଳୟର ମିଳିତ ସହଯୋଗରେ ରାଜ୍ୟର ପ୍ରଥମ ରାଶି ଅମଳ ଯନ୍ତ୍ରର କ୍ଷେତ୍ର ପରୀକ୍ଷଣ କାର୍ଯ୍ୟ କରାଯାଇଛି । ଖରିଫ୍ ରାଶିର ଫସଲ କଟା ଓ ଅମଳକୁ ସହଜ, ସରଳ ଏବଂ ଯାନ୍ତ୍ରିକ ଉପାୟରେ କରାଯାଇ ଚାଷୀଙ୍କ ଖର୍ଚ୍ଚ କମ୍ ଏବଂ ସମୟ କମ୍ କରିବା ପାଇଁ ଏକ କ୍ଷେତ ପ୍ରଦର୍ଶନ କାର୍ଯ୍ୟକ୍ରମ ଅଳସୁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏକଘରିଆ ଗ୍ରାମରେ ମହିଳା ସଞ୍ଚୟିକା ସଂଘର ସହାୟତାରେ କରାଯାଇଛି । କାର୍ଯ୍ୟକ୍ରମରେ ଇକ୍ରିସେଟ୍ ପରାମର୍ଶଦାତା ଡକ୍ଟର ସଂଗ୍ରାମ କେଶରୀ ସ୍ୱାଇଁ, କ୍ଷେତ୍ରୀୟ ସଂଯୋଜକ ରାମ ବିକାଶ ବର୍ମା, କୃଷି ଯାନ୍ତ୍ରିକ ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ପ୍ରଫେସର ମାର୍କଣ୍ଡେଶ୍ୱର ମହାପାତ୍ର ଉପସ୍ଥିତ ଥିଲେ ।

## କୁକୁଡ଼ାଖଣ୍ଡିରେ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା



**କୁକୁଡ଼ାଖଣ୍ଡି,୧୪ ।୧୧(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ହୁଗୁଲାପଟାସ୍ଥିତ କୃଷକ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସଭାପତି କୁକୁଡ଼ାଖଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ବି.ବାପେୟା ପାତ୍ର, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସମିତି ସଭ୍ୟା ବବିତା ରାଣୀ ବରଡ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାତିଶ୍ରୀ ରଥ ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ମେଳାରେ ମୋଟ ୧୨୦ଟି ପ୍ରକଳ୍ପରେ ଶିଶୁ ବିଜ୍ଞାନୀ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌରୀ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ପଞ୍ଚାୟତର ବିକାଶ ପାଇଁ ବିଡିଓଙ୍କୁ ଦାବିପତ୍ର



ପୋଲସରା,୧୪ ।୧୧(ସମିସ)

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର ୨୫ଟି ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ମଧୁପଲ୍ଲୀ ପଞ୍ଚାୟତକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି । ଏନେଇ ଗୁରୁବାର ମଧୁପଲ୍ଲୀ ପଞ୍ଚାୟତର ସରପଞ୍ଚ ବସନ୍ତ କରଣ ଓ ସେହି ପଞ୍ଚାୟତର ସମିତି ସଭ୍ୟ ତଥା ପୋଲସରା ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡ଼ାଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ପୋଲସରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ । ଯାହା ଦୀର୍ଘ ୫ ପାଞ୍ଚମାସ ଧରି ମଧୁପଲ୍ଲୀ ପଞ୍ଚାୟତରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇ ନ ଥିବା ଦର୍ଶାଇ ପୋଲସରା ବିଡିଓ କୁରେଶ ଚନ୍ଦ୍ର ଜାନୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ । ପ୍ରାୟ ସବୁ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ହେଉଥିବାବେଳେ ରାଜନୈତିକ ଉଦ୍ଦେଶ୍ୟ ରଖି ମଧୁପଲ୍ଲୀ ପଞ୍ଚାୟତକୁ କାହିଁକି ଅଣଦେଖା କରାଯାଉଛି ବୋଲି ଜନପ୍ରତିନିଧି ଓ ଗ୍ରାମବାସୀ ପ୍ରଶ୍ନ କରିଥିଲେ । ଏନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ମଧୁପଲ୍ଲୀ ପଞ୍ଚାୟତକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ପାଇଁ ଦାବି କରାଯାଇଛି । ଦାବିପତ୍ର ପ୍ରଦାନବେଳେ ମଧୁପଲ୍ଲୀ ପଞ୍ଚାୟତର ସୁଶାନ୍ତ କୁମାର ପୋଲେଇ, କାଳୁଚରଣ ପରିଡା, ଦୁର୍ଗାମାଧବ ବଡ଼େଇ, ରାମଚନ୍ଦ୍ର ଗୌଡ଼, ଜୟ ଚନ୍ଦ୍ର ପରିଡା ସମେତ ପଞ୍ଚାୟତର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## କୃଷି ଯନ୍ତ୍ରପାତି ସମ୍ମାନ ନିମନ୍ତେ ବୈଠକ



ଛତ୍ରପୁର,୧୪ ।୧୧(ସମିମସ)

ଗଞ୍ଜାମ ଜିଲ୍ଲାପାଳଙ୍କ ଓସ୍ୱାନ ହଲରେ କୃଷକ ମାନଙ୍କ ଉଦ୍ଦେଶ୍ୟରେ ହୋଇଥିବା ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ କାର୍ଯ୍ୟକ୍ରମର ଏକ ଜିଲ୍ଲାସ୍ତରୀୟ କମିଟି ବୈଠକ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଯାହାର ଉଦ୍ଦେଶ୍ୟ ହେଲା କୃଷକ ମାନଙ୍କ ଦ୍ୱାରା ନିଜର ଜ୍ଞାନ କୌଶଳରେ ଅଭିନବ କୃଷି ଯନ୍ତ୍ରପାତି ତିଆରି କରିବା କିମ୍ବା ନୂତନ ଜ୍ଞାନ କୌଶଳ ବିଭାଗକୁ ଦେବା । ଏଥିପାଇଁ ଜିଲ୍ଲାର ପ୍ରତି ବ୍ଲକରେ ଥିବା ସମସ୍ତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଅଭିନବ ଯନ୍ତ୍ରପାତି ଉଦ୍ଭାବନ କରିଥିବା ଚାଷୀଙ୍କ ଠାରୁ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା । ସମ୍ପୂର୍ଣ୍ଣ ଜିଲ୍ଲାରେ ଚାଷୀଙ୍କ ଠାରୁ ୬୮ଟି ଆବେଦନ ପତ୍ର ଗ୍ରହଣ କରାଯାଇଥିବାବେଳେ ତନ୍ମଧ୍ୟରୁ କ୍ଷେତ୍ର ପରିଦର୍ଶନ କରି ୧୦ଜଣ ଚାଷୀଙ୍କୁ ଚୟନ କରାଯାଇଥିଲା । ସେଥି ମଧ୍ୟରୁ ଚୟନ କମିଟି ପକ୍ଷରୁ ୪ ଜଣଙ୍କୁ ମନୋନୀତ କରାଯାଇଥିଲା । ସେଥି ମଧ୍ୟରୁ ନୂତନ ଭାବେ ଯନ୍ତ୍ରପାତି ଉଦ୍ଭାବନ କରିଥିବା ୩ଜଣ ଚାଷୀଙ୍କୁ ପୁରସ୍କାର ସ୍ୱରୂପ ୧୫ ହଜାର ଟଙ୍କା ହିସାବରେ ଏବଂ ନୂତନ ଜ୍ଞାନ କୌଶଳ ଦେଇଥିବା ଜଣେ ଚାଷୀଙ୍କୁ ୫ ହଜାର ଟଙ୍କା ଅର୍ଥରାଶି ଦିଆଯିବା ପାଇଁ ସ୍ଥିର ହୋଇଥିଲା ।

ଚୟନ କରାଯାଇଥିବା ଚାଷୀ ମାନଙ୍କୁ ଆସନ୍ତା ଜାନୁୟାରୀ ମାସରେ ବ୍ରହ୍ମପୁର ଠାରେ ହେବାକୁ ଥିବା ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାରେ ସମ୍ମାନୀତ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି । ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ ।

## କାଠ ଫାଳିଆ ମାଡ଼ରେ ଜଣେ ମୃତ୍ୟୁ; ଜଣେ ଅଟକ

ପୋଲସରା, ୧୪।୧୧(ସମିସ)

କୌଣସି କାରଣକୁ ନେଇ ବଚସା ହେବାପରେ କାଠ ଫାଳିଆରେ ମାଡ଼ରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଏହି ଘଟଣାରେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଏଭଳି ଘଟଣା ଘଟିଛି ପୋଲସରା ଏନ୍ଏସି ୫ ନଂ ୱାର୍ଡ ବାଲିଘାଇ ଗ୍ରାମରେ । ମୃତକ ଜଣଙ୍କ ହେଉଛନ୍ତି କଂଗ୍ରେସ ବେହେରା (୫୧) । ଏହି ଘଟଣାରେ ପୁଲିସ ସେହି ଗ୍ରାମର ଲକ୍ଷ୍ମୀ ବିଶ୍ୱାଳ (୪୦)ଙ୍କୁ ଅଟକ ରଖି ପଚରାଉଚରା କରୁଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ପରିସ୍ରା କରିବାକୁ କେନ୍ଦ୍ରକରି କଂଗ୍ରେସ ଓ ଲକ୍ଷ୍ମୀ ବିଶ୍ୱାଳଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଲକ୍ଷ୍ମୀ ଏକ କାଠ ଫାଳିଆରେ କଂଗ୍ରେସଙ୍କ ପଛପଟ ମୁଣ୍ଡକୁ ମାଡ଼ ମାରିଥିଲେ । ଘଟଣାସ୍ଥଳରେ କଂଗ୍ରେସ ଗୁରୁତର ଅବସ୍ଥାରେ ଚାଲିଚାଲି ପୋଲସରା ମେଡ଼ିକାଲକୁ ଆସିବା ବାଟରେ ବାଲିଘାଇ ଗାଁ ମୁଣ୍ଡରେ ପଡ଼ି ଯାଇଥିଲେ । ପରେ ଗାଁ ଲୋକେ ଗୁରୁତର କଂଗ୍ରେସଙ୍କୁ ପୋଲସରା ମେଡ଼ିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ କଂଗ୍ରେସଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ବେଳେ ବହୁ ଦିନ ଆଗରୁ ସ୍ତ୍ରୀଙ୍କ ପରଲୋକ ଘଟିଛି । ଏଭଳି ପରିସ୍ଥିତିରେ ପୁଅ ଏବଂ ଝିଅ ବାପା-ମାଆ ଛେଉଣ୍ଡ ହୋଇଯାଇଛନ୍ତି । ଖବର ପାଇ ପୋଲସରା ଥାନା ଅଧିକାରୀ କୌଶିକ୍ ମାଝୀ ପୋଲସରା ମେଡ଼ିକାଲରେ ପହଞ୍ଚି ଘଟଣାର ତଦନ୍ତ କରିଥିବା ବେଳେ ହତ୍ୟାକାଣ୍ଡ ଭିଆଇଥିବା ଲକ୍ଷ୍ମୀ ବିଶ୍ୱାଳକୁ ପୋଲିସ ବାଲିଘାଇ ଗ୍ରାମରୁ କାବୁକରି ତଦନ୍ତ ଜାରି ରଖିଛି ।

## ବାଙ୍କ ବଜାରରେ ଚବିଶି ପ୍ରହର ନାମଯଜ୍ଞ

**ବେଲଗୁଣ୍ଠା,୧୪ ।୧୧(ସମିସ):** ବେଲଗୁଣ୍ଠା ସହରର ବାଙ୍କ ବଜାରରେ ମଧ ଚବିଶି ପ୍ରହର ନାମଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହେଉଛି । ବାଙ୍କ ବଜାରର ବାସୁଦେବ ନାମ ସଂକୀର୍ତ୍ତନ ସଙ୍ଘ ଆନୁକୂଲ୍ୟରେ ହେଉଥିବା ଏହି ତୃତୀୟ ଅର୍ଘ ଅଷ୍ଟମ ବାର୍ଷିକ ନାମ ଯଜ୍ଞ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପବିତ୍ର ଅଁଳା ନବମୀରେ ଶୁଭାଧିବାସ,୧୧ ତାରିଖ ଦିନ ଠାରୁ ଅଖଣ୍ଡ ନାମ ଶୁଭାରମ୍ଭ ହୋଇଥିଲା । ଏହା ମଧ୍ୟରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ନନ୍ଦିଘର ଚଢେୟାପଲୀର ଦାମୋଦର ପୁରୀଙ୍କ ପୌରହିତ୍ୟରେ ହେଉଥିବା ଉତ୍ସବରେ କୁମ୍ଭାପଡା, ଜିରୋଳି, ଗୁଣ୍ଡୁରିବାଡି, ରାମଗଡ ଓ ଖରିଡା ଗ୍ରାମର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ ନେଇଥିଲେ । କାର୍ଯ୍ୟକ୍ରମକୁ ବାସୁଦେବ ନାମ ସଂକୀର୍ତ୍ତନ ସଂଘର ସମସ୍ତ ସଦସ୍ୟ ଓ ବାଙ୍କବଜାର ସାହି ବାସିନ୍ଦା ସହଯୋଗ କରୁଛନ୍ତି ।

## ଧାନକିଣା ପାଇଁ ପ୍ରସ୍ତୁତି ବୈଠକ

**ଗଞ୍ଜାମ,୧୪ ।୧୧(ସମିସ):** ସମିତିର ପ୍ରତ୍ୟେକ ପଞ୍ଜିକୃତ ଚାଷୀଙ୍କ ଠାରୁ ସରକାରୀ ଧାର୍ଯ୍ୟ ପ୍ରଜାରେ ଧାନ କିଣିବା ପାଇଁ ଗଞ୍ଜାମ ବ୍ଲକ ଅନ୍ତର୍ଗତ ବାଗଲପୁର ସମବାୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ହୃଷୀକେଶ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ କ୍ଷେତ୍ର ପରିଦର୍ଶନ ଅଧିକାରୀ କାହ୍ନୁଚରଣ ଡାକୁଆ, ଅନ୍ୟତମ ଅଧିକାରୀ ମାନସୀ ଲେଙ୍କା ଯୋଗଦେଇ ପ୍ରତ୍ୟେକ ପଞ୍ଜିକୃତ ଚାଷୀ ନିଜ ନିଜର ଧାନ କିପରି ବିକ୍ରୟ କରିପାରିବେ ସେ ଉପରେ ପ୍ରତ୍ୟେକ ଚାଷୀଙ୍କୁ ଅବଗତ କରିଥିଲେ । ବୈଠକରେ ବାଗଲପୁର, ଆମ୍ବିଳିଝର, ଝରକୁଆଳି ଗ୍ରାମରୁ ଶତାଧିକ ଲୋକ ଯୋଗ ଦେଇଥିବା ବେଳେ ପଦ୍ମନାଭ ପ୍ରଧାନ, ମାଧବ ପଣ୍ଡା, ସୁଦର୍ଶନ ଗୌଡ଼, ପ୍ରକାଶ ବେହେରା, ଅଚ୍ୟୁତାନନ୍ଦ ଗୌଡ଼, ଭୀମ ପ୍ରଧାନ, ମଙ୍ଗଳା ଗୌଡ଼, ସନ୍ତୋଷ ଗୌଡ଼, ମନୋଜ ଗୌଡ଼, ରବୀନ୍ଦ୍ର ବେହେରା, ଦୁର୍ଯ୍ୟୋଧନ ବେହେରା ପରିଚାଳନା କରିଥିଲେ ।

## ହବିଷ୍ୟାଳୀଙ୍କ ରାଇଦାମୋଦର ପୂଜା

**ପୋଲସରା,୧୪ ।୧୧(ସମିସ):** ପୋଲସରା ବିଶ୍ୱକର୍ମା ମନ୍ଦିରରେ ହବିଷ୍ୟାଳୀ ମହିଳାମାନେ ମହାପ୍ରଭୁ ରାଧାକୃଷ୍ଣଙ୍କ ଅନାବିଳ ପ୍ରେମରେ ଭକ୍ତିପୂତ ହୋଇ ରାଇ ଦାମୋଦରଙ୍କ ପୂଜାର୍ଚ୍ଚନା କରିଥିଲେ । କାର୍ତ୍ତିକ ମାସରେ ସମସ୍ତ ବ୍ରତଧାରୀ ନିଜେ ନିଜ ଉଦ୍ୟମରେ ମହାପ୍ରଭୁଙ୍କ ସାନିଧ ଲାଭ କରିବା ନେଇ ସାତ୍ତ୍ୱିକ ଆଚରଣ ସହ ପ୍ରତ୍ୟେକ ମନ୍ଦିର ପରିଭ୍ରମଣ କରି ଦେବାଦେବୀଙ୍କ ଦର୍ଶନ ଅଭିଳାଷ ପୂର୍ବକ କୃପା ଲାଭ କରିଥାନ୍ତି । ଏହି ଅବସରରେ ସମସ୍ତ ହବିଷ୍ୟାଳୀ ମହିଳାମାନେ ଭକ୍ତି ଓ ଶ୍ରଦ୍ଧାରେ ରାଧାକୃଷ୍ଣଙ୍କ ଅର୍ଚ୍ଚନାରେ ମନପ୍ରାଣ ଦେଇ ନିଜକୁ ସମର୍ପଣ କରି ବନ୍ଦନା କରିବା ସହ ସ୍ୱରଚିତ କବିତା ଗାନ କରିଥିଲେ ।



## ଏନ୍ଏସି ଅଧ୍ୟକ୍ଷ ଦାୟିତ୍ୱ ନେଲେ କୃଷ୍ଣଚନ୍ଦ୍ର

**ପୁରୁଷୋତ୍ତମପୁର,୧୪।୧୧(ସମିସ):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍ଏସି ଅଧ୍ୟକ୍ଷ ଭାବରେ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେପ୍ଟେମ୍ବର ୧୨ ତାରିଖରେ ଅନସ୍ଥା ନେଇ ଭୋଟ ହୋଇଥିଲା ୧୦ ଅନସ୍ଥା ସପକ୍ଷରେ ଭୋଟ ଦେଇଥିଲେ । ଏଥିନେଇ ପୂର୍ବତନ ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ । ଅନସ୍ଥା ନେଇ ହାଇକୋର୍ଟଙ୍କ ରାୟ ଆସିବା ପରେ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତମାସ ୨୪ ତାରିଖରେ ଚିଠି ନଂ ୨୧୯୧୦ ପ୍ରକାରେ ଅନାସ୍ଥା ଭୋଟ୍‌ର ଫଳାଫଳକୁ ନେଇ ବିଜ୍ଞପ୍ତି ପ୍ରକାଶ କରି ଅଧ୍ୟକ୍ଷା ପଦ ହରାଇଥିବା ନେଇ ସ୍ପଷ୍ଟ କରିଥିଲା ।



ସେହିଦିନ ଚିଠିନଂ ୧୯୬୬ ପ୍ରକାରେ ଗେଜେଟ୍ ନୋଟିଫିକେଶନ ମଧ୍ୟ କରିଥିଲେ । ପୁରୁଷୋତ୍ତମପୁର ଏନ୍ଏସିର ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ ଅନାସ୍ଥା ପରେ ଅକ୍ଟୋବର ୨୪ ତାରିଖ ଠାରୁ ଅଧ୍ୟକ୍ଷ ପଦ ଖାଲି ପଡିଥିଲା । ଏନେଇ ନିର୍ବାହୀ ଅଧିକାରୀ ଗୋବିନ୍ଦ ତନସେନା ବୁଧବାର ଚିଠି ନଂ ୨୨୨୧ରେ ମ୍ୟୁନିସିପାଲିଟି ଆଇନର ଧାରା ୮୯ (ଏ)ପ୍ରକାରେ ଉପାଧ୍ୟକ୍ଷଙ୍କୁ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟ କରିବା ଲାଗି ଚିଠି କରିଥିଲେ ।

## ସ୍ମାର୍ଟ ମିଟରକୁ ନେଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ଅସନ୍ତୋଷ

ଶେରଗଡ଼,୧୪ ।୧୧(ସମିସ)

ଗତ କିଛି ମାସ ହେଲା ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଦ୍ୟୁତ ସ୍ମାର୍ଟ ମିଟର ଲଗାଯିବା ଆରମ୍ଭ ହୋଇଛି । ବହୁ ଜାଗାରେ ସ୍ମାର୍ଟ ମିଟର ବିଭିନ୍ନ ଗୃହରେ ଲଗାଇବାକୁ ଯିବା ବେଳେ କର୍ମଚାରୀ ମାନେ ଗ୍ରାହକଙ୍କ ବିରୋଧର ଶିକାର ହେଉଛନ୍ତି । ଗତ ସରକାର ସମୟରେ ଟାଟା ପାୱାର ହାତକୁ ବିଦ୍ୟୁତ ବିଭାଗ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଉତ୍ତମ ସେବା ପାଇବା ବଦଳରେ ଗ୍ରାହକମାନେ ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୨୦୨୦ରେ ଟାଟା ପାୱାର ସ୍ମାର୍ଟ ମିଟର ଲଗାଇବା ଲାଗି ଅନୁମତି ପାଇଥିଲା । ଦୀର୍ଘ ୪ ବର୍ଷ ପରେ ଏବେ ଟାଟା ପାୱାର ସ୍ମାର୍ଟ ମିଟର ଲଗାଇବାକୁ କାହିଁକି ବ୍ୟଗ୍ରତା ଦେଖାଉଛି ତାହାକୁ ନେଇ ଚାରି ଆଡେ ଚର୍ଚ୍ଚାର ବିଷୟ ପାଲଟିଛି । ଯଦି ସ୍ମାର୍ଟ ମିଟର ସଂଯୋଗ ଲାଗି ନିର୍ଦ୍ଦେଶ ଥିଲା ତେବେ ଗତ ଦୁଇ ବର୍ଷ ହେଲା ବହୁ ଗ୍ରାହକଙ୍କ ଗୃହରେ ନୂତନ ମିଟର କାହିଁକି ସଂଯୋଗ କରାଯାଇଥିଲା । ଏବେ ପୁଣି ସେହି ମିଟର ଗୁଡିକୁ ବଦଳାଇ ସ୍ମାର୍ଟ ମିଟର ସଂଯୋଗ କରିବାକୁ ଗ୍ରାହକ ସହଜରେ ଗ୍ରହଣ କରିପାରୁନାହାନ୍ତି । ଲୋକମାନେ ଏବେ ସ୍ଥାନୀୟ ନେତା ମାନଙ୍କୁ ଗୁହାରି କରିବା ଆରମ୍ଭ କରିଦେଇଛନ୍ତି । କେତେକ ନେତା ଏବେ ଟାଟା ପାୱାରର ଅଧିକାରୀ ମାନଙ୍କୁ ସିଧା ତାଗିଦ କରି ସ୍ମାର୍ଟ ମିଟର ସଂଯୋଗକୁ ବାରଣ କରୁଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ସ୍ମାର୍ଟ ମିଟର ଠିକାଦାରୀ ଦେଇଥିବା ଠିକାଦାରର କର୍ମଚାରୀ ମାନେ ଶେରଗଡ ଅଞ୍ଚଳରେ ଉପଭୋକ୍ତାଙ୍କ ଅନିଚ୍ଛା ସତ୍ତ୍ୱେ ଭଲଥିବା ମିଟର ଗୁଡିକୁ ଅଯଥାରେ



ବାହାର କରି ଏହି ସ୍ମାର୍ଟ ମିଟର ବସାଇବାକୁ ଆସିଥିବାବେଳେ ଅଞ୍ଚଳବାସୀ ବିରୋଧ କରୁଥିବା ଦେଖିବାକୁ ମିଳିଛି । ଏନେଇ ଉପଭୋକ୍ତା ମାନେ ମିଟର ଲଗାଇବା ଲାଗି ଆସିଥିବା କର୍ମଚାରୀ ମାନଙ୍କୁ ନ ବୁଝି ଶୁଝି କୌଣସି ମତେ ସ୍ମାର୍ଟ ମିଟର ଲଗାଇବାକୁ ମନା କରୁଛନ୍ତି । ଶେରଗଡରେ ଯଦି ଆଗାମୀ ଦିନରେ ଏହି ମିଟର ଜୋର ଜବରଦସ୍ତ ଲଗାଇବାକୁ ବାଧ କରାଯାଏ ଏହାର ପ୍ରତିବାଦରେ ଶେରଗଡ଼ବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## କମେଣ୍ଟମରାକୁ ନେଇ ଗୋଷ୍ଠୀ କନ୍ଦଳ; ପୁଲିସକୁ ଟେକାମାଡ଼

**ବ୍ରହ୍ମପୁର,୧୪ ।୧୧(ସମିସ):** ବୁଧବାର ରାତିରେ ଟାଉନ ଥାନା ଅନ୍ତର୍ଗତ ଗେଟ ବଜାର ଜାଗିଲି ସାହିରେ କମେଣ୍ଟମରାକୁ କେନ୍ଦ୍ର କରି ବଡ଼ ଦୁର୍ଗା ଅର୍ଜୁନ ସାହି-ସାନ ଅର୍ଜୁନ ସାହିର ଦୁଇଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇଥିଲା । କିନ୍ତୁ ପରେ ପରିସ୍ଥିତି ଆୟତ୍ତକୁ ଆସିଥିବା ବେଳେ ଗୁରୁବାର ସନ୍ଧ୍ୟାରେ ପୁନର୍ବାର ଗଣ୍ଡଗୋଳ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ଟେକା ପଥର ମାଡ଼ କରିଥିଲେ ଉଭୟ ଗୋଷ୍ଠୀର ଲୋକେ । ପରିସ୍ଥିତି ଆୟତ୍ତ ପାଇଁ ଯାଇଥିବା ଟାଉନ୍ ଥାନା ପୁଲିସ ଉପରକୁ ମଧ୍ୟ ଉତ୍ୟକ୍ତ ଲୋକେ ଟେକାପଥର ମାଡ଼ କରିଥିଲେ । ଏଥିରେ ସବ୍ ଇନ୍ସପେକ୍ଟର ବିଭୂତି ଭୂଷଣ ସେଠୀ, ରଞ୍ଜିତ ଦାସ ଆହତ ହୋଇଥିବା ବେଳେ ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କୁ ମଧ୍ୟ ପଥରମାଡ଼ ଉଦ୍ୟମ କରିଥିଲେ ଉତ୍ତ୍ୟକ୍ତ ଲୋକେ । ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୁଲିସ ମୂତୟନ କରାଯାଇଛି । ଗଣ୍ଡଗୋଳ ଖବର ପାଇ ପ୍ରଥମେ କର୍ପୋରେଟର ଦୁର୍ଗା ଲାୟକ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ଯୁବକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଆୟତ୍ତକୁ ଆସିଥିଲା ।

## ଗଞ୍ଜେଇ ବେପାରୀକୁ ୧୦ ବର୍ଷ ଜେଲ୍

**ବ୍ରହ୍ମପୁର,୧୪ ।୧୧(ସମିସ):** ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଜଜ୍-(ପ୍ରଥମ) ଡ. ଇନ୍ଦୁ ଶର୍ମା ଗୁରୁବାର ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ପାଟପୁର ଥାନା ଅନ୍ତର୍ଗତ ବାଲିପାଟ ଦେଉଳ ସାହିର ଗଞ୍ଜେଇ ବ୍ୟବସାୟୀ କୁରେସୁ ବଡ଼ରଇତ (୫୪)ଙ୍କୁ ୧୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ଉକ୍ତ ରାୟରେ ଉଲ୍ଲେଖ ରହିଛି । ଜରିମାନା ଅନାଦେୟ ହେଲେ ଅଭିଯୁକ୍ତ କୁରେସୁଙ୍କୁ ଅଧିକ ବର୍ଷେ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି । ପ୍ରକାଶ ଥାଉ କି, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୨୦୨୩ମସିହା ମାର୍ଚ୍ଚ ୧୮ ତାରିଖ କୁରେସୁଙ୍କ ଘରେ ତତ୍କାଳୀନ ଥାନା ଏସଆଇ ଶାନ୍ତନୁ କୁମାର ଦିଗାଲଙ୍କ ଅଭିଯୋଗ କ୍ରମେ ଚଢଉ କରାଯାଇଥିଲା । ପୁଲିସ ସେଠାରୁ ଗଞ୍ଜେଇ ବେପାରୀ କୁରେସୁଙ୍କୁ କାବୁ କରିବା ସହ ସେଠାରେ ୬ଟି ପ୍ୟାକେଟରେ ମହଜୁଦ ଥିବା ୧୩୦କିଲୋ ୬୦୦ଗ୍ରାମ ଗଞ୍ଜେଇ ଜବତ କରି କୁରେସୁଙ୍କୁ କୋର୍ଟଚାଲାଣ କରିଥିଲା । ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଏସଆଇ ପଦ୍ମନାଭ ସାହୁ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ମାମଲାର ବିଚାରଣା ବେଳେ ମୋଟ ୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସାକ୍ଷୀମାନଙ୍କ ବୟାନକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପିପି) ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ ।

## ଚାକିରିର ଲୋଭ ଦେଖାଇ ସାଢ଼େ ୩ ଲକ୍ଷ ଠକେଇ

**ବ୍ରହ୍ମପୁର,୧୪ ।୧୧(ସମିସ):** ଚାକିରି କରାଇଦେବା କହି ଜଣେ ଯୁବକଙ୍କ ଠାରୁ ସାଢେ ୩ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି । ଖବର ନେବାରୁ ଜଣାପଡ଼ିଛି ଯେ, ପାଣିଗ୍ରାହୀପେଣ୍ଠ ନିବାସୀ ଶିବଶଙ୍କର ସାହୁଙ୍କ ସହ ଗତ ଦୁଇବର୍ଷ ପୂର୍ବେ ସୁରଜ ବିହାର ଅଞ୍ଚଳର ପ୍ରଦ୍ୟୁମ୍ନ କୁମାର ମିଶ୍ର ନାମକ ଜଣେ ବ୍ୟକ୍ତି ସାକ୍ଷାତ କରିଥିଲେ । ପ୍ରଦ୍ୟୁମ୍ନ ନିଜକୁ ମାର୍ଚାଣ୍ଟ ନ୍ୟାଭି କ୍ୟାପଟନ ବୋଲି ପରିଚୟ ଦେଇ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ । ଚାକିରି ଆଶାରେ ଯୁବକ ଜଣକ ପ୍ରଦ୍ୟୁମ୍ନଙ୍କ କଥାରେ ବିଶ୍ୱାସ କରି ସାଢ଼େ ୩ ଲକ୍ଷ ଟଙ୍କା ଦେଇଥିଲେ । ହେଲେ ଟଙ୍କା ଦେବାର ବର୍ଷକ ପରେ ମଧ୍ୟ ଚାକିରି ମିଳି ନ ଥିଲା ।

### ଚିକିତ୍ସା ଅବହେଳାରୁ ଏମକେସିଜିରେ ପ୍ରସୂତିଙ୍କ ମୃତ୍ୟୁ ଘଟଣା

# ମାମଲା ରୁଜୁ ପରେ ବଢ଼ିଲା କର୍ତ୍ତୃପକ୍ଷଙ୍କ ଟେନ୍‌ସନ୍

**ବ୍ରହ୍ମପୁର,୧୪ ।୧୧(ସମିସ)**

ଏମକେସିଜି ମେଡିକାଲରେ ଚିକିତ୍ସା ଅବହେଳାରୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ଘଟଣା ଦିନକୁ ଦିନ ଅଧିକ ବିବାଦୀୟ ହେବାରେ ଲାଗିଛି । ଗୋଟିଏ ପକ୍ଷରେ ଏହି ଘଟଣାକୁ ନେଇ ମୃତ ମହିଳାଙ୍କ ସ୍ୱାମୀ ବିଏନପୁର ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ଅନ୍ୟପକ୍ଷରେ କେଉଁ କାରଣରୁ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଛି ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତିଙ୍କ ଦ୍ୱାରା ମୃତ ମହିଳାଙ୍କ ସ୍ୱାମୀ ପ୍ରଶାନ୍ତ ନାୟକ ଘଟଣା ସମ୍ପର୍କରେ ଗୁରୁବାର ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି ।

ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଅଭିଯୋଗରେ ଦର୍ଶାଯାଇଛି ଯେ, ପ୍ରଶାନ୍ତଙ୍କ ସ୍ତ୍ରୀ ସୁନେଲୀ ନାୟକ (୨୫)ଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଛି । ଡ଼ାକ୍ତରଙ୍କ ପକ୍ଷରୁ ତାଙ୍କୁ ଭୁଲ ରକ୍ତ ଦିଆଯିବା ଫଳରେ ତାଙ୍କ ମୃତ୍ୟୁ ଘଟିଥିବା କୁହାଯାଇଛି । ତେଣୁ ରକ୍ତ ଭଣ୍ଡାର ଓ ହସ୍ପିଟାଲର ବିଭିନ୍ନ

### ଶନିବାର ତଦନ୍ତ ଲାଗି ତାରିଖ ଧାର୍ଯ୍ୟ

ସିସିଟିଭି ସହ ରେକଡର୍ ଯାଞ୍ଚ କରି ଦାୟିତ୍ୱରେ ଥିବା ଡ଼ାକ୍ତର ଓ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଏମକେସିଜି ମେଡ଼ିକାଲ କଲେଜର ରେଜିଷ୍ଟ୍ରାରଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଗୁରୁବାର ଏମକେସିଜି ମେଡ଼ିକାଲ କଲେଜ ଅଧୀକ୍ଷକଙ୍କ କୋଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଏମକେସିଜି ମେଡ଼ିକାଲ ଅଧିକ୍ଷକ ପ୍ରଫେସର ଡ଼ାକ୍ତର ସୁଚିତ୍ରା




ଦାଶଙ୍କ ସମେତ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ମୁଖ୍ୟ ଡ଼ାକ୍ତର ସଂଘମିତ୍ରା ମହାପାତ୍ର, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା ଉପସ୍ଥିତ ଥିଲେ । ଆଗାମୀ ଶନିବାର ଦିନ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା । ପ୍ରସୂତି ମହିଳା ସୁନେଲୀଙ୍କ ମୃତ ଦିନ ଲେବର ରୁମରେ କାର୍ଯ୍ୟରତ ଡ଼ାକ୍ତର ଓ କର୍ମଚାରୀମାନେ ମୃତ ମହିଳାଙ୍କ ଚିକିତ୍ସା ସମ୍ପର୍କିତ ସମସ୍ତ ତଥ୍ୟ ନେଇ ଉପସ୍ଥିତ ରହିବେ ବୋଲି ଜଣାଯାଇଛି । ତେବେ ମହିଳାଙ୍କ ରକ୍ତ ଗ୍ରୁପ ଗୋଟିଏ ରହିଥିବା ବେଳେ ଆଉ ଗୋଟିଏ ଗ୍ରୁପର ରକ୍ତ କିଭଳି ଦିଆଗଲା, ଏଥିରେ ପ୍ରସୂତି ବିଭାଗ ସମେତ ରକ୍ତ ଭଣ୍ଡାର କର୍ମଚାରୀଙ୍କ ସମ୍ପୃକ୍ତି ଆଦି ସମସ୍ତ ବିଷୟରେ ତର୍ଜମା କରାଯିବ ।

ସୂଚନାଯୋଗ୍ୟ ଯେ, ରମ୍ଭା ଅଞ୍ଚଳର ଡିଆଁଡିଇଁ ଗ୍ରାମର ସୁନେଲୀ ନାୟକ(୨୫) ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଗତ ୧୦ତାରିଖରେ ଛତ୍ରପୁର ସ୍ଥିତ ଏସଡ଼ିଏଚରେ ଭର୍ତ୍ତି କରାଯାଇଥିଲା । ସେଠାରୁ ଡ଼ାକ୍ତର ସୁନେଲୀଙ୍କୁ ଏମକେସିଜି ମେଡ଼ିକାଲକୁ ରେଫର କରିଥିଲେ । ରାତି ପ୍ରାୟ ୧୨ଟା ସମୟରେ ସୁନେଲୀ ଏମକେସିଜି ମେଡିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ଲେବୋର ରୁମରେ ଭର୍ତ୍ତି ହୋଇଥିଲେ । ତା ପରଦିନ ଭୋର ସମୟରେ ସୁନେଲୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ତେବେ ରକ୍ତ ଦେବାର କିଛି ସମୟ ପରେ ସୁନେଲୀଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ପରିବାର ଲୋକଙ୍କୁ ଜଣାଇଥିଲେ । ଯାହାକୁ ନେଇ ବିଭାଗରେ କିଛି ସମୟଧରି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଚିକିତ୍ସାରେ ଅବହେଳା ଯୋଗୁଁ ସୁନେଲୀଙ୍କର ମୃତ୍ୟୁ ହୋଇଥିବା ସ୍ୱାମୀ ପ୍ରଶାନ୍ତ ନାୟକ ଓ ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି । ସୁନେଲୀଙ୍କର ରକ୍ତ ଗ୍ରୁପ 'ଓ' ପଜିଟିଭ ଥିବାବେଳେ ତାଙ୍କୁ 'ଓ' ନେଗେଟିଭ ରକ୍ତ ଚଢା ଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା ।

## ବାଘ ଭୟ ଛାଡ଼ିନି; ହାତୀଙ୍କୁ ନେଇ ଆଶଙ୍କାରେ ଚାଷୀ



**ବ୍ରହ୍ମପୁର,୧୪।୧୧(ସମିସ):** ଗଞ୍ଜାମ ଜିଲ୍ଲାରେ ବାଘ ଭୟ ଛାଡ଼ିନି । ହେଲେ ପୁଣି ହାତୀ ଭୟ ଆରମ୍ଭ ହୋଇଗଲାଣି । ଧାନ ଫସଲ ଉତ୍ପାଦନ ସମୟରେ ହାତୀ ପୋଲ ବୁଲିବା ଚାଷୀଙ୍କ ଲାଗି ଚିନ୍ତାର କାରଣ ହୋଇଛି । ବିଶେଷକରି ଚିକିଟି ଓ ପାତ୍ରପୁର ବ୍ଲକରେ ଏହି ଛାନିଆ ଏବେ ସମସ୍ତଙ୍କୁ ଘାରିଲାଣି । ଗତ ସପ୍ତାହେ ଧରି ଦିଗପହଣ୍ଡି ଓ ସାମନ୍ତିଆପଲ୍ଲୀ ବନାଞ୍ଚଳରେ ବାଘ ଆତଙ୍କ ଦେଖା ଦେଇଥିବା ବେଳେ ଦୁଇଟିକିଆ ହାତୀ ପୋଲ ଏବେ ଗାଁ ମୁହାଁ ହୋଇଛନ୍ତି । ମଙ୍ଗଳବାର ସନ୍ଧ୍ୟାରେ ଦୁଇ ଟିକିଆ ହାତୀ ଥାନା ନୂଆଗାଁ ସ୍ଥିତ ରତ୍ନେଶ୍ୱରୀ ମନ୍ଦିର ନିକଟରେ ରହିଥିଲେ । କ୍ଷେତରେ ପସି କିଛି ଧାନ ଫସଲ ନଷ୍ଟ କରିଥିଲେ । ବୁଧବାର ସନ୍ଧ୍ୟାରେ ପୁଣି ଚିକିଟି-ଦିଗପହଣ୍ଡି ମୁଖ୍ୟ ରାସ୍ତାରେ ଗାଁ ମୁହାଁ ହୋଇ କଳିଙ୍ଗଦଳା ଡ୍ୟାମ ନିକଟରେ ରହିଥିବା ଜଣାପଡିଛି । ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବାକୁ ଉଦ୍ୟମ ଜାରି ରହିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି । ଯାହାକୁ ନେଇ ଅଂଚଳବାସୀ ଆତଙ୍କିତ ହୋଇ ପଡିଛନ୍ତି ।

## ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ହାତୀଗଣନା ଆରମ୍ଭ

**ବ୍ରହ୍ମପୁର,୧୪ ।୧୧(ସମିସ):** ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ହାତୀ ଗଣନା ଆରମ୍ଭ ହୋଇଛି । ଏନେଇ ୩ଟି ବନାଞ୍ଚଳରେ ୮ଟି ଟିମ୍ ଗଠନ କରାଯାଇଛି । ଟିମରେ ୩୦ଜଣ କର୍ମଚାରୀ ନିୟୋଜିତ ରହିଥିବା ବେଳେ ୩ଦିନ ଧରି ଏହି ଗଣନା ଜାରି ରହିବ ବୋଲି ଡିଏଫ୍‌ଓ ସନି ଖୋଖର ସୂଚନା ଦେଇଛନ୍ତି । ବନଖଣ୍ଡ ଅଧୀନସ୍ଥ ଖଲ୍ଲିକୋଟ, ଦିଗପହଣ୍ଡି ଓ ବ୍ରହ୍ମପୁର ବନାଞ୍ଚଳରେ ହାତୀର ଗତିବିଧି ନଜର ଆସିଥାଏ । ଟିମ୍ ହାତୀର ଗତିବିଧି ଥିବା ଅଞ୍ଚଳରେ ବୁଲିବା ସହ ଫଟୋ ଓ ଭିଡିଓ ସଂଗ୍ରହ କରିବେ । ସୂଚନାଯୋଗ୍ୟ ଯେ, ଗତ ୨୦୨୪ମସିହାରେ ହାତୀ ଗଣନା ଅନୁଯାୟୀ ବ୍ରହ୍ମପୁର ବନଖଣ୍ଡରେ ୧୦ଟି ହାତୀ ରହିଥିଲା । ସେଥିରେ ୨ଟି ଦନ୍ତା ହାତୀ ଓ ୮ଟି ମାଇ ହାତୀ ରହିଛନ୍ତି । ଚଳିତ ଗଣନା ରିପୋର୍ଟ ଆସିବା ପରେ ହାତୀଙ୍କ ସଂଖ୍ୟା ବୃଦ୍ଧି ହେବ ବୋଲି ବିଭାଗ ଆଶା ରଖିଛି ।

## ବୋଇତ ବନ୍ଦାଣରେ ପ୍ଲାଷ୍ଟିକ ବର୍ଜନର ବାର୍ତ୍ତା




**ବ୍ରହ୍ମପୁର,୧୪।୧୧(ସମିସ):** ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ବୋଇତ ବନ୍ଦାଣ ଏକ ସ୍ୱତନ୍ତ୍ର ପରମ୍ପରା । ହେଲେ ଏଥିରେ ପାରମ୍ପରିକ ପଦ୍ଧତି ବଦଳରେ ପ୍ଲାଷ୍ଟିକର ବ୍ୟବହାର ଅଧିକ ମାତ୍ରାରେ ହେଉଛି । ଯାହା ପରିବେଶ ଲାଗି ବିପଦ । ଏଥିଲାଗି ଜଳ ସହ ପରିବେଶ ମଧ୍ୟ ଦୂଷିତ ହେଉଛି । ଏହି ବିନାଶରୁ ମୁକ୍ତି ଲାଗି ବୋଇତ ବନ୍ଦାଣ ଉତ୍ସବରେ ପ୍ଲାଷ୍ଟିକ ବର୍ଜନ କରିବାକୁ ଆର୍ଯ୍ୟଭଟ୍ଟ ପରିବେଶ ଓ ପ୍ରକୃତି ଫାଉଣ୍ଡେସନ ପକ୍ଷରୁ ଦାବି ହୋଇଛି । ଏନେଇ ବିଶିଷ୍ଟ ପରିବେଶବିତ ସୁଧିର ରାଉତ ଓ ଶ୍ୟାମ ସୁନ୍ଦର ଖାଡଙ୍ଗା ସହରର ବିଭିନ୍ନ ସ୍ଥାନ ବୁଲି ସଚେତନ କରିଛନ୍ତି । ହାତରେ ପ୍ଲାକାଡର୍ ଧରି ପାରମ୍ପରିକ ପଦ୍ଧତି ଆପଣାଇ ପ୍ଲାଷ୍ଟିକ ବର୍ଜନ ଲାଗି ସଚେତନ କରାଯାଇଛି ।

## ମଧୁମେହ ସଚେତନତା ଶୋଭାଯାତ୍ରା



**ବ୍ରହ୍ମପୁର,୧୪ ।୧୧(ସମିସ):** ମଧୁମେହ ଦିବସ ଅବସରରେ ଫ୍ରେଣ୍ଡସ୍ ହେଲପିଙ୍ଗ୍ କ୍ଲବ ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଏକ ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଏଥିରେ ଅତିଥି ଭାବେ ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ୍. ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ମଧୁମେହର କୁପ୍ରଭାବ ଚକ୍ଷୁ, ଯକୃତ, ସ୍ନାୟୁ ସମେତ ବିଭିନ୍ନ ଅଙ୍ଗରେ ପଡିଥାଏ । ସେହିପରି ଡା. ଟି.ପ୍ରକାଶ ରାଓ, ଡା. ନାରାୟଣ ମିଶ୍ର, ଆଇଏସ୍‌ଏର ସମ୍ପାଦକ ଡା. କମଳାକାନ୍ତ ପାଣିଗ୍ରାହୀ, ଡା. ଶଙ୍କର୍ଷଣ ପାତ୍ର, ଡା. ଜେ. ଭରତୁଡୁ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସମ୍ପାଦକ ସତ୍ୟକାମ୍ ପାତ୍ର, ସଦସ୍ୟ ପି.ଶ୍ରୀନିବାସ ରାଓ, ଇ.ଟି.ରାଓ, ଜାମ୍ମୁଲା ସୁରେଶ, କେ. ନନ୍ଦେଶ୍ବ ସେନାପତି, ରୋଟାରୀ କ୍ଲବ୍, ମାରୱାଡୀ ମହିଳା ସମିତି, ଫ୍ରେଣ୍ଡସ୍ ୱେଲଫେର୍ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ । ପ୍ରଜାପ୍ରତି ବ୍ରହ୍ମାକୁମାରୀସ୍ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିକୁଣ୍ଡରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ ଏମକେସିଜି ମେଡିକାଲ କଲେଜର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ବରିଷ୍ଠ ଡ଼ାକ୍ତର ଡା. ଭାରତୀ ମିଶ୍ର ଯୋଗଦେଇ ମଧୁମେହ ରୋଗର କାରଣ ସମ୍ପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ ଭେଷଜ ତଥା ମଧୁମେହ ବିଶେଷଜ୍ଞ ଡା. ପ୍ରକାଶ ଚନ୍ଦ୍ର ପାତ୍ର ଯୋଗଦେଇ ନିୟମିତ ବ୍ୟାୟାମ, ପ୍ରାତଃ ଭ୍ରମଣ, ଅଧିକ ଶର୍କରା ଜାତୀୟ ଖାଦ୍ୟ ଗ୍ରହଣ ନ କରିବା, ଚାପମୁକ୍ତ ଜୀବନ ନିର୍ବାହ, ଧୂମ୍ରପାନ ସମ୍ପୂର୍ଣ୍ଣ ପରିହାର, ସୁଖ ନିଦ୍ରାରେ ଶୋଇବା, ପୁଷ୍ଟିକର ଖାଦ୍ୟ ସେବନ ତଥା ଶାରୀରିକ ସକ୍ରିୟତା ବଜାୟ ରଖିବା ଦ୍ୱାରା ରୋଗରେ ପୀଡ଼ିତ ହେବାର ଆଶଙ୍କା କମ ହୋଇପାରିବ ବୋଲି କହିଥିଲେ । ବ୍ରହ୍ମାକୁମାରୀସ୍ ଗଞ୍ଜାମ ଓ ଗଜପତି ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଭଗିନୀ ମାଳା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ଅର୍ଚ୍ଚନା ଅତିଥି ପରିଚୟ ସମେତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## ବୋଇତ ବନ୍ଦାଣ ଉତ୍ସବ ପାଇଁ ମନ୍ତ୍ରୀଙ୍କ ସମୀକ୍ଷା



**ବ୍ରହ୍ମପୁର,୧୪।୧୧(ସମିସ):** ଉତ୍କଳୀୟ ପରମ୍ପରାର ଅନନ୍ୟ ପର୍ବ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା । ଏ ଅବସରରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୋପାଳପୁରରେ ଆୟୋଜିତ ହେବାକୁ ଥିବା ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏନେଇ ଗୋପାଳପୁରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ 'ବୋଇତ ବନ୍ଦାଣ ମହୋତ୍ସବ'ର ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ । ପ୍ରାତଃ ୩ଟାରେ 'ସାଧବ ସାଂସ୍କୃତିକ ସମାରୋହ, ୫ଟାରୁ "ବୋଇତ ବନ୍ଦାଣ ମହୋତ୍ସବ, ଲୋକନାଟ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଝୋଟି ଓ ହୁଳହୁଳି ପ୍ରତିଯୋଗିତା, ଓଡ଼ିଆଣୀ ବେଶ ପ୍ରତିଯୋଗିତା, ପାରମ୍ପରିକ ପିଠାପଣା ପ୍ରତିଯୋଗିତା ଆଦି ଆୟୋଜିତ ହେବ । ସେହିଭଳି ଅପରାହ୍ନରେ କଳିଙ୍ଗର ନୌବାଣିଜ୍ୟ ପରମ୍ପରାରେ ଗଞ୍ଜାମର ଅବଦାନ ଶୀର୍ଷକ ଆଲୋଚନା ଚକ୍ର ସହ ସ୍ମରଣୀକା "ତଅପୋଇ" ଉନ୍ମୋଚନ ହେବ । ପରେ ରାମାୟଣ ଏବଂ ସନ୍ଧ୍ୟାରେ ମହୋଦଧି ଆଳତୀ ଅନୁଷ୍ଠିତ ହେବ । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଉପଜିଲ୍ଲାପାଳ ଦିନା ଦସ୍ତାଗିର ଉପସ୍ଥିତ ଥିଲେ ।

## ରୋଟାରୀ ଇଷ୍ଟ ପକ୍ଷରୁ ଶିଶୁଦିବସ



**ବ୍ରହ୍ମପୁର,୧୪ ।୧୧(ସମିସ):** ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ପବିତ୍ର ଜନ୍ମୋତ୍ସବ ଓ ଶିଶୁ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପନ୍ନଗ ଭୂଷଣ ମାଝି ପୌରହିତ୍ୟ କରିଥିଲେ । ଏ ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ସିଟି ହାଇସ୍କୁଲର ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋପାଳ କୃଷ୍ଣ ମିଶ୍ରଙ୍କ ସଂଯୋଜନା ପରିଚାଳନା କରିଥିଲେ । ଉତ୍ସବକୁ ଶିକ୍ଷୟିତ୍ରି ସୁଜାତା ମହାରଣା, ଭି.ଜୟଲକ୍ଷ୍ମି, ଅଶୋକ ପଟ୍ଟନାୟକ, ରାଜଲକ୍ଷ୍ମୀ ସାହୁ, ରଶ୍ମିତାରାଣୀ ସାହୁ, ଚିତ୍ରା ପଟ୍ଟନାୟକ ପ୍ରମୁଖ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କ୍ଲବ ସଭାପତି ଜୟନ୍ତ କିଶୋର ପାତ୍ର, ସଂପାଦକ ଦୁର୍ଗା ରାଓ, ପୂର୍ବତନ ସଭାପତି ଗଦାଧର ରାଉଳ, କୁଶ ପାତ୍ର, ଅଜିତ୍ ପୃଷ୍ଟି ଓ ସନ୍ତୋଷ ତ୍ରିପାଠୀ ଉପସ୍ଥିତ ଥିଲେ ।

### ସବୁଜ ବାହିନୀର ନିଆରା ପ୍ରୟାସ

## 'ପିଲାଟିଏ ଗଛଟିଏ' ଓ 'ଆଡପ୍ଟ ଏ ଟ୍ରି'



**ବ୍ରହ୍ମପୁର,୧୪ ।୧୧(ସମିସ):** ଜଗଦଳପୁରସ୍ଥିତ ବେଣାବନ୍ଧ ପରିସରରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସୁବାସ ମହାରଣା, ରୁବି ଆଇ ହସ୍ପିଟାଲର ମୁଖ୍ୟ ଡା. ବି. ନାଗେଶ୍ୱର ରାଓ ସୁବୁଦ୍ଧି, ଶ୍ରୀକ୍ଷେତ୍ର ବିହାର ଉନ୍ନୟନ କମିଟି ମୁଖ୍ୟ ଦିତୀକୃଷ୍ଣ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ 'ଏଡପ୍ଟ ଏ ଟ୍ରି' ବା 'ବୃକ୍ଷକୁ ପୋଷ୍ୟ ଭାବେ ଗ୍ରହଣ କରିବା' ଅଭିଯାନ ମାଧ୍ୟମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୫ଜଣ ବ୍ୟକ୍ତି ବୃକ୍ଷକୁ ପୋଷ୍ୟ ଭାବେ ଗ୍ରହଣ କରି ବୃକ୍ଷରୋପଣ କରିଥିଲେ । ନିଜ ବ୍ୟସ୍ତତା ଭିତରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣରେ ସାମିଲ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି । କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏ. ପ୍ରକାଶ, ପି. ବିନୋଦ, ଗଣେଶ ପାଣିଗ୍ରାହୀ, ରବୀନ୍ଦ୍ର ସହାଣୀ, ଅନିଲ କୁମାର ଚୌଧୁରୀ, ବନମାଳୀ ପ୍ରଧାନ ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝୀ, ମିହିର ତ୍ରିପାଠୀ ଓ ସୁଧୀର ସାତୁଆ ସମେତ ଅନ୍ୟମାନେ ଉପସ୍ଥିତ ହୋଇଥିଲେ ।

# ଡିସେମ୍ବର ୨୦ରୁ ଓଡ଼ିଶା ପରିବେଶ କଂଗ୍ରେସ ଅଧିବେଶନ

**ବ୍ରହ୍ମପୁର,୧୪।୧୧(ସମିସ)**



ଓଡ଼ିଶା ପରିବେଶ କଂଗ୍ରେସର ୧୫ତମ ଅଧିବେଶନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ । ଚଳିତବର୍ଷର ବିଷୟବସ୍ତୁ ରହିଛି, "ପରିବେଶ ଓ ବେଳାଭୂମି । ଏହା ଡିସେମ୍ବର ୨୦ତାରିଖରୁ ତିନିଦିନ ଧରି ଅନୁଷ୍ଠିତ ହେବ । ଏନେଇ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ହଲରେ ଅନୁଷ୍ଠିତ ବୈଠକରେ ଏହାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇଛି । ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାସ ଅଧ୍ୟକ୍ଷତା କରିଥିଲେ ।

ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ମୁଖ୍ୟ ତଥା ପ୍ରାଧ୍ୟାପକ, ଅଧ୍ୟାପକ, ପଦାଧିକାରୀଙ୍କ ସମେତ ପ୍ରକୃତି ଓ ପରିବେଶ ଉପରେ କର୍ଯ୍ୟକରୁଥିବ ବ୍ରହ୍ମପୁର ଅନେକ ସ୍ୱେଚ୍ଛାସେବୀ, ସାମାଜିକ ସଂଗଠନ ମାନେ ଯୋଗ ଦେଇଥିଲେ । ବୈଠକ ଆରମ୍ଭରେ ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ବିଭାଗର ମୁଖ୍ୟ ଡ ତମୋଘନ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ । ଓଡ଼ିଶା ପରିବେଶ କଂଗ୍ରେସର କାର୍ଯ୍ୟକାରୀ ସମ୍ପାଦକ ସୁଦର୍ଶନ ଦାସ କହିଥିଲେ ଜଳବାୟୁ ପରିବର୍ତ୍ତନ ଏବଂ ତଥାକଥିତ ବିକାଶର ଧାରା ଯୋଗୁଁ ଓଡ଼ିଶାର ପ୍ରାକୃତିକ ପ୍ରତୁର୍ଯ୍ୟ ଆଜି ବିପଦ ଡାକି ଆଣୁଛି । ଓଡ଼ିଶା ଓ ଦେଶର ସାମୁଦ୍ରିକ ବେଳାଭୂମି ସ୍ଥିତି, ଅବସ୍ଥିତି, ସମସ୍ୟା, ପ୍ରାକୃତିକ ବିପର୍ଯ୍ୟୟ, ବେଳାଭୂମି ଅଞ୍ଚଳରେ ଗଢି ଉଠୁଥିବା ପ୍ରକଳ୍ପ ଗୁଡ଼ିକର ପ୍ରଭାବ, ସମୁଦ୍ର ଉପରେ ନିର୍ଭରଶୀଳ ଜୀବନ ଜୀବିକାର ସମସ୍ୟା ଇତ୍ୟାଦି ଉପରେ ୫୦ରୁ ଅଧିକ ଗବେଷକମାନେ ତାଙ୍କର ପ୍ରବନ୍ଧ ଏଥିରେ ପାଠ କରିବେ । ସେହି ପ୍ରବନ୍ଧ ସବୁକୁ ନେଇ ଏକ ଗବେଷଣାତ୍ମକ ପୁସ୍ତକ ପ୍ରକାଶ ପାଇବ । ଏହି ଅବସରରେ ପିଲାଙ୍କ ପରିବେଶ କଂଗ୍ରେସ ମଧ୍ୟ ଅନୁଷ୍ଠିତ ହେବ । ପରିବେଶ ଓ ବେଳାଭୂମିକୁ ନେଇ ସ୍କୁଲ, କଲେଜର ଛାତ୍ରଛାତ୍ରୀମାନେ ରଚନା, ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାବ ନେବେ ।

- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ହେବ ପରିବେଶ ଓ ବେଳାଭୂମି ସମ୍ପର୍କରେ ଆଲୋଚନା
- ସାମୁଦ୍ରିକ ବେଳାଭୂମି ସ୍ଥିତି, ଅବସ୍ଥିତି ଓ ସମସ୍ୟା ଉପରେ ସନ୍ଦର୍ଭ ପାଠ କରିବେ ଗବେଷକ

ଏହି ଅବସରରେ ରାଧାମୋହନ ଗ୍ରୀନ ଆମ୍ବାସେଡର ସମ୍ମାନ, ପଦ୍ମଶ୍ରୀ ଅଜୟ ପରିଡ଼ା ଯୁବ ବିଜ୍ଞାନୀ ସମ୍ମାନ, ଅବସର ବେଉରିଆ ଯୁବ ପରିବେଶବିତ ସମ୍ମାନ, ସୁଧାଂଶୁ ମିଶ୍ର ଗ୍ରୀନ କର୍ପୋରେଟ ସମ୍ମାନ ଇତ୍ୟାଦି ପୁରସ୍କାର ପ୍ରଦାନ କରାଯିବ । ବୈଠକରେ ପରିବେଶବିତ ସୁଧିର ରାଉତ, ଡ ପୁରୁଷୋତ୍ତମ ସାହୁ, ଲତିକା ପଟେଲ, ଡ ସୁଚିସ୍ମିତା ଶ୍ରୀଚନ୍ଦନ, ଡ ଶକ୍ତିଧର ନାଥ, ଡ ଶେଷଦେବ ପାତ୍ର, ଶିବରାମ ପାଣିଗ୍ରାହୀ, ବନମାଳୀ ପ୍ରଧାନ, ଇ ଟି ରାଓ, ବିଘ୍ନେଶ୍ୱର ସାହୁ, ଲୋକନାଥ ପରିଡ଼ା, ଅଞ୍ଜନ ପୃଷ୍ଟି, ରବୀନ୍ଦ୍ର ନାଥ ସାହୁ, ପ୍ରାଧ୍ୟାପିକା ଡ ବନ୍ଦିତା ପଣ୍ଡା, ପ୍ରଫେସର ମୃତ୍ୟୁଞ୍ଜୟ ସ୍ୱାଇଁ, ନୀରଦ ବରଣ ଖୁଣ୍ଟିଆ, ସଞ୍ଜୟ କୁମାର ନାୟକ, ବିଜୟ ପ୍ରଧାନ, ସଚ୍ଚିକାନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ବିଶିଷ୍ଟ ପରିବେଶବିତ ଡ ସୁଧୀର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟଙ୍କା ପାଇଁ ପତ୍ନୀଙ୍କୁ ହତ୍ୟା



**ବାରିପଦା,୧୪।୧୧(ସମିସ):** ସାମାନ୍ୟ ଟଙ୍କା କେଇଟା ପାଇଁ ସ୍ତ୍ରୀକୁ କୁରାଢ଼ି ବେଣ୍ଟରେ ପିଟିପିଟି ମାରିଦେଲା ସ୍ୱାମୀ। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ବ୍ରାହ୍ମଣଗାଁ ପଞ୍ଚାୟତର କଦମଡିହା ଗ୍ରାମ ନିକଟରେ ଘଟିଛି। ମୃତକ ହେଲେ, ଶାଳଘାଟି ଗ୍ରାମର କୌଶଲ୍ୟା ଦେହୁରୀ (୩୫)। ଏହି ଘଟଣାରେ ପୁଲିସ୍ ସ୍ୱାମୀ ପଦନ ଦେହୁରୀ (୪୫)କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାନୁଯାୟୀ, ଏହି ଦେହୁରୀ ଦମ୍ପତି ଆଜି ନିକଟସ୍ଥ ଗ୍ରାମ କଦମଡିହା ଗ୍ରାମକୁ ଯାଇଥିବା ବେଳେ ସାମାନ୍ୟ କିଛି ଟଙ୍କା ପାଇଁ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପଦନ ଧରିଥିବା ଏକ କୁରାଢ଼ିରେ କୌଶଲ୍ୟାଙ୍କୁ ନିର୍ଘାତ ପିଟିଥିଲା। ଘଟଣାସ୍ଥଳରେ ହିଁ କୌଶଲ୍ୟା ଟଳି ପଡ଼ିଥିଲେ ଓ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗ୍ରାମବାସୀ ପଦନକୁ ଅଟକ ରଖି ପୁଲିସ୍ ଜିମା ଦେଇଥିଲେ।

## ପୋଖରୀରେ ବୁଡ଼ି ଦୁଇ ଭାଇ ମୃତ

**କାମାକ୍ଷାନଗର,୧୪।୧୧(ସମିସ):** କାମାକ୍ଷାନଗର ଥାନା ଏକତାଳି ଗ୍ରାମରେ ପୋଖରୀରେ ବୁଡ଼ି ଦୁଇ ଭାଇ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଗଣେଶ୍ୱର ବେହେରା (୮) ଓ ଶୁଭମ ବେହେରା (୭)। ସମ୍ପର୍କରେ ସେମାନେ ଦାଦା ପୁଅ ଓ ବଡ଼ବାପା ପୁଅ ବୋଲି ଜଣାପଡ଼ିଛି। ବଡ଼ଓଷା ଉପଲକ୍ଷେ ଆଜି ସକାଳୁ ଦୁଇ ଭାଇ ଗାଁ ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ଉଭୟ ପୋଖରୀର ଗଭୀର ଜଳରାଶିରେ ବୁଡ଼ି ଯାଇଥିଲେ। ଅପରପକ୍ଷେ, ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକ ସମେତ ସ୍ଥାନୀୟ ଲୋକେ ପୋଖରୀ ତୁଠରେ ଉଭୟଙ୍କ ଚପଲ ଦେଖି ପାଣିରେ ପଶି ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ପରେ ପାଣି ଭିତରୁ ଦୁହିଁଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କାମାକ୍ଷାନଗର ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

## କାଠ ବ୍ୟବସାୟୀଙ୍କୁ ମାରି ଫିଙ୍ଗିଦେଲେ

**ପଟ୍ଟାଙ୍ଗି,୧୪।୧୧(ସମିସ):** ଗତ ୪ ଦିନ ଧରି ନିଖୋଜ ଥିବା ଜୟପୁର ସହରର ନୀଳଗିରି କାଠ ବ୍ୟବସାୟୀଙ୍କ ଗଳିତ ମୃତଦେହ କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ସୁଙ୍କି ଘାଟି ତଳ ଜଙ୍ଗଲରୁ ଆଜି ଉଦ୍ଧାର କରାଯାଇଛି। ମୃତକ ହେଲେ, ଜୟପୁର ସହର ମାଦଳାସାହିର କାଠ ବ୍ୟବସାୟୀ ରାଧାକୃଷ୍ଣ ମହାପାତ୍ର। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ନେଇ ତାଙ୍କ ଭାଇ ତ୍ରିନାଥ ଚନ୍ଦ୍ର ମହାପାତ୍ର ଅଭିଯୋଗ କରିଛନ୍ତି। ପଟ୍ଟାଙ୍ଗି ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛି। ଏ ସଂପର୍କରେ ଥାନାରେ ନମ୍ବର ୧୨୮/୨୪ରେ ଏକ ମାମଲା ରୁଜୁ ହୋଇଛି। ସୂଚନାନୁଯାୟୀ, ରବିବାର ଦିନ ରାଧାକୃଷ୍ଣ ନିଜ ବାଇକ୍‌ରେ ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଦେଓପଟ୍ଟାଙ୍ଗି ଅଞ୍ଚଳକୁ କିଛି ଗଛ ବିକ୍ରି ପାଇଁ ଯାଇଥିଲେ। ଅପରାହ୍ଣ ୪ଟା ପର୍ଯ୍ୟନ୍ତ ସେ ପରିବାରଲୋକଙ୍କ ସହ ଫୋନ୍‌ରେ ଯୋଗଯୋଗରେ ଥିଲେ। କିନ୍ତୁ ପରେ ତାଙ୍କ ମୋବାଇଲ୍ ସ୍ୱିଚ୍ ଅଫ୍ ହୋଇଯାଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଯୋଗାଯୋଗ ହୋଇ ନପାରିବାରୁ ପରିବାରବର୍ଗ ଜୟପୁର ଟାଉନ୍ ଥାନାରେ ଏନେଇ ଅଭିଯୋଗ କରିଥିଲେ। ଜୟପୁର ପୁଲିସ ପଟ୍ଟାଙ୍ଗି ପୁଲିସର ସହାୟତାରେ ବ୍ୟବସାୟୀଙ୍କ ସନ୍ଧାନ ଜାରି ରଖିଥିଲା।



- ସୁଙ୍କି ଘାଟିରୁ ଗଳିତ ଶବ ଉଦ୍ଧାର
- ୪ ଦିନ ଧରି ନିଖୋଜ ଥିଲେ

## ପଶ୍ଚିମବଙ୍ଗରରୁ ନିଖୋଜ ୬ ଶିଶୁ ଉଦ୍ଧାର

**ଭୁବନେଶ୍ୱର,୧୪।୧୧(ସମିସ):** ଓଡ଼ିଶାରୁ ନିଖୋଜ ହୋଇଥିବା ୬ ଶିଶୁକୁ ଉଦ୍ଧାର କରିଛି ମହିଳା ଏବଂ ଶିଶୁ ୱିଙ୍ଗ୍। ସେମାନେ ପଶ୍ଚିମବଙ୍ଗରେ ବିଭିନ୍ନ ସ୍ଥାନରେ କାମ କରୁଥିବା ବେଳେ ଉଦ୍ଧାର କରି ମହିଳା ଏବଂ ଶିଶୁ ୱିଙ୍ଗ। ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଟିମ୍ ଏହି ୬ଶିଶୁଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି। ୬ଜଣ ମଧ୍ୟରୁ ୪ଜଣ ପୁଅ ଥିବା ବେଳେ ୨ଜଣ ଶିଶୁ ଅଛନ୍ତି। ସେଥିରୁ କେନ୍ଦୁଝର ଜିଲ୍ଲାର ୩ଜଣ ପୁଅ ଥିବା ବେଳେ ଜଣେ ଝିଅ ଅଛନ୍ତି। ମୟୂରଭଞ୍ଜର ଜିଲ୍ଲାରୁ ଜଣେ ପୁଅ ଏବଂ ଜଣେ ଝିଅ ଅଛି। ବାଲେଶ୍ୱରରୁ କେବଳ ଜଣେ ଝିଅ ଅଛନ୍ତି। ଉଦ୍ଧାର ଶିଶୁଙ୍କୁ ଭୁବନେଶ୍ୱର ଅଣାଯାଇ ଶିଶୁ କଲ୍ୟାଣ କମିଟି ମାଧ୍ୟମରେ ସେମାନଙ୍କ ପିତାମାତାଙ୍କୁ ହସ୍ତାନ୍ତର କରାଯାଇଛି। ମହିଳା ଏବଂ ଶିଶୁ ବିକାଶ ବିଭାଗର ଦୁଇଜଣ ଅଧିକାରୀ ମଧ୍ୟ ଏହି ଟିମ୍ ସହିତ ଯାଇ ଆବଶ୍ୟକ ସହାୟତା ପ୍ରଦାନ କରିଥିଲେ। ରାଜ୍ୟର ନିଖୋଜ ଥିବା ଏକାଧିକ ଶିଶୁଙ୍କୁ ଉଦ୍ଧାର ପାଇଁ ପ୍ରୟାସ କରିଛି କ୍ରାଇମ୍‌ବ୍ରାଞ୍ଚର ମହିଳା ଏବଂ ଶିଶୁ ୱିଙ୍ଗ୍।

### କଳିଙ୍ଗ ବାଲିଯାତ୍ରା ଉଦ୍‌ଘାଟିତ

# ପ୍ରତିଟି ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ 'ବାଲିଯାତ୍ରା': ମୁଖ୍ୟମନ୍ତ୍ରୀ



**ପାରାଦୀପ, ୧୪।୧୧(ସମିସ):** ଗୁରୁବାର ସନ୍ଧ୍ୟାରେ ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳିଙ୍ଗ ନୌବାଣିଜ୍ୟିକ ପରମ୍ପରାର ଗୌରବ ବହନ କରୁଥିବା ଏହି ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାର ଗର୍ବ ଗୌରବ ତଥା ପ୍ରାଚୀନ ନୌବାଣିଜ୍ୟିକ ପରମ୍ପରାକୁ ଉଜ୍ଜୀବିତ କରିଥିବା ଏହି ମହାନ ଉତ୍ସବ ପ୍ରତିଟି ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ ବହନ କରିଛି ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ଭାବେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ସାଂସଦ ବିଭୂପ୍ରସାଦ ତରାଇ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୂର୍ବାଞ୍ଚଳ ଡି.ଆଇ.ଜି. ଚରଣସିଂ ମୀନା, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ବାଲିକୁଦା-ଏରସମା ବିଧାୟକ ଶାରଦା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଅଧ୍ୟକ୍ଷ ଜେ.ସୋନାଲ ସଭାପତିତ୍ୱ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍‌ଘାଟନୀ ସମାରୋହ ପରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଆସି ପାରାଦୀପ ନୂଆବଜାରସ୍ଥ ଗୋପବନ୍ଧୁ ଷ୍ଟାଡିୟମଠାରେ ଓହ୍ଲାଇଥିଲେ। ସେଠାରୁ ଆସି ଭାରତରତ୍ନ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ରୋଡ୍ ସୋ'ରେ ଯାଇ କଳିଙ୍ଗ ବାଲିଯାତ୍ରା ମହୋତ୍ସବ-୨୦୨୪କୁ ଉଦ୍‌ଘାଟନ କରିଥିଲେ।

### କେନ୍ଦୁଝର ଜିଲ୍ଲାରେ ସରୁନି ଦାଦନ ଦୁଃଖ

## ଦାଦନ ଖଟିବାକୁ ଯାଇ ଯୁବକ ମୃତ

**ତେଲକୋଇ, ୧୪।୧୧(ସମିସ):** ରତ୍ନଗର୍ଭା କେନ୍ଦୁଝର ଜିଲ୍ଲାରେ ଦାଦନ ଦୁଃଖ। ଦାଦନ ଖଟିବାକୁ ଯାଇ ଯୁବକ ମୃତ। ଅର୍ଥ ଅଭାବରୁ ଆନ୍ଧ୍ରରୁ ଆସିପାରୁନି ମୃତଦେହ। ଏଭଳି ଏକ ସଙ୍ଗୀନ ଅଭିଯୋଗ କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ ସଲେଇକେନା ପଞ୍ଚାୟତ ଡିମିରିଆ ଗ୍ରାମରୁ ଆସିଛି। ଗ୍ରାମର ମଦନ କିସାନଙ୍କ ସାନଭାଇ କୁଶଧର କିସାନ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲ୍ଲା ବିଜୟୱାଡ଼ା ଅଞ୍ଚଳକୁ ଦାଦନ ଖଟିବାକୁ ଯାଉଥିବା ବେଳେ ସେଠାରେ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। କୁଶଧରଙ୍କ ମୃତଶରୀର ଦୁଇ ଦିନ ହେବ ନିକଟସ୍ଥ ଡାକ୍ତରଖାନାରେ ରହିଥିବା ବେଳେ ଅର୍ଥ ଅଭାବ ଯୋଗୁଁ ପରିବାର ଲୋକ ମରଶରୀରକୁ ଆଉ ଘରକୁ ଆଣି ପାରୁନାହାନ୍ତି। ଫଳରେ କୁଶଧରଙ୍କ ପରିବାରରେ ଦୁଇ ଦିନ ହେବ ଚୁଲି ଜଳୁନାହିଁ। ପରିବାର ଲୋକଙ୍କ ସମେତ ଘରେ ଥିବା ଧର୍ମ ପତ୍ନୀ ଏବଂ ଦୁଇ ଜଣ ଶିଶୁ ଭୋକ ଉପାସରେ କାଳ କାଟୁଛନ୍ତି। ସାହି ପଡ଼ିଶା ଓ ଆତ୍ମୀୟସ୍ୱଜନ ମଧ୍ୟ ବହୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। କୁଶଧର ଗତ ୨ ତାରିଖରେ ଦାଦନ ଖଟିବାକୁ ଯାଇଥିବା ବେଳେ ଗତକାଲି ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ଏଇ କେଇ ମାସ ମଧ୍ୟରେ ତେଲକୋଇ ବ୍ଲକରେ ଦୁଇ ତିନି ଜଣଙ୍କ ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିଥିବା ନଜିର ରହିଛି। କୁଶଧରଙ୍କ ମରଶରୀରକୁ ତୁରନ୍ତ ପୈତୃକ ଘର ଡିମିରିଆ ଗ୍ରାମକୁ ପହଞ୍ଚାଇବାକୁ ପରିବାର ଲୋକ ସମେତ ଗ୍ରାମବାସୀ ଦାବି କରିଛନ୍ତି।

**ସ୍ୱାସ୍ଥ୍ୟକେନ୍ଦ୍ରରେ ପଡ଼ିରହିଛି ମୃତଦେହ**



## ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ

### ୫ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ

**ଭଦ୍ରକ, ୧୪।୧୧ (ସମିସ):** ଜମିର କିସମ ପରିବର୍ତ୍ତନ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି ତିହିଡ଼ି ତହସିଲ ଅଧୀନ ଗଦି ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଭାଗବତ ଖଟୁଆ। ମଧ୍ୟାହ୍ନ ପ୍ରାୟ ୨ଟା ବେଳେ ଭିଜିଲାନ୍ସ ଅଧିକାରୀମାନେ ଆଜି ତାଙ୍କ କାର୍ଯ୍ୟାଳୟରୁ ଲାଞ୍ଚ ଟଙ୍କା ସହ ଗିରଫ କରିଛନ୍ତି। ସୂଚନା ମୁତାବକ, ଏହି ରାଜସ୍ୱ ସର୍କଲ ଅଧୀନ ଜାମଯୋଡ଼ି ପଞ୍ଚାୟତ ଅନ୍ତର୍ଗତ ଅମୃତପୁର ଗାଁର ବିଜୟ ମଲ୍ଲିକ ନିଜ ଚାଷ ଜମିର କିସମ ପରିବର୍ତ୍ତନ କରି ଘରବାଡ଼ି କରିବା ପାଇଁ ରାଜସ୍ୱ ନିରୀକ୍ଷକ ଶ୍ରୀ ଖଟୁଆଙ୍କ ପାଖକୁ ଯାଇଥିଲେ। ତେବେ ଏହି କାମ ପାଇଁ ସେ ବିଜୟଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ଦେଲେ କାମ ହେବନି ବୋଲି ରୋକଠୋକ୍ ମନା କରିଦେଇଥିଲେ। ବାରମ୍ବାର ଅଫିସ୍ ଦୌଡ଼ି ବିଜୟ ନିରାଶ ହେବା ପରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ, ଆଜି ମଧ୍ୟାହ୍ନରେ ଭାଗବତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ପରେ ଭିଜିଲାନ୍ସ ତିହିଡ଼ି ତହସିଲ ପରିସରରେ ଥିବା ତାଙ୍କ ସରକାରୀ ବାସଭବନ ସମେତ ଗଦି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାୟଳ ଓ ଧାମନଗର ବ୍ଲକ ଧୂଷୁରୀ ରହିପୁରସ୍ଥିତ ପୈତୃକ ବାସଭବନରେ ଏକକାଳୀନ ଚଢ଼ଉ କରିଛି।



## ସୁନାଥାଳି ଲୋଭ ଦେଖାଇ ଦମ୍ପତିଙ୍କଠାରୁ ଲୁଟିନେଲେ ୧୫ ଲକ୍ଷ

**ତାଳଚେରସଦର,୧୪।୧୧(ସମିସ):** ସୁନାଥାଳି ଦେବାର ଲୋଭ ଦେଖାଇ ଦୁର୍ବୃତ୍ତମାନେ ଏକ ଦମ୍ପତିଙ୍କଠାରୁ ୧୫ଲକ୍ଷ ଲୁଟିନେବା ଘଟଣା ସ୍ଥାନୀୟ ତାଳଚେର ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସଂପର୍କରେ ସେମାନେ କୋଲିୟରୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, କୋଲିୟରୀ ଥାନା ଅନ୍ତର୍ଗତ ଲିଙ୍ଗରାଜ ଟାଉନସିପ୍ କଲୋନୀ କ୍ୱାର୍ଟର୍‌ରେ ରହୁଥିବା ଖଣି କର୍ମଚାରୀ ଦୀପକ ବରାଳ ଓ ତାଙ୍କ ପତ୍ନୀ ପ୍ରଣତି ବରାଳଙ୍କୁ ଦୁଇଜଣ ମହିଳା ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରିଥିଲେ। ଦୁଇ ମହିଳା ସେମାନଙ୍କୁ ଏକ ସୁନାଥାଳି ଦେବେ ବୋଲି ଗତ ୭ତାରିଖରେ କହିଥିଲେ, ଯାହାର ମୂଲ୍ୟ ୨୦ଲକ୍ଷ ଟଙ୍କା ହେବ ବୋଲି ଜଣାଇଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଉକ୍ତ ଦମ୍ପତି ସୁନାଥାଳି ରଖିବେ ବୋଲି ନିଷ୍ପତ୍ତି ନେଇଥିଲେ। ମହିଳାଦ୍ୱୟ ଏକ ପିତଳ ଥାଳିରେ ସୁନା ପ୍ରଲେପ ଲଗାଇ ସେମାନଙ୍କଠାରୁ ଏବାବଦରେ ନଗଦ ୧୫ ଲକ୍ଷ ଟଙ୍କା ନେଇଯାଇଥିଲେ ଏବଂ ବାକି ୫ଲକ୍ଷ ଟଙ୍କା ଦୁଇଦିନ ପରେ ନେବେ ବୋଲି କହି ଚାଲିଯାଇଥିଲେ। ତେବେ ସେମାନଙ୍କ ହାବଭାବରେ ସ୍ୱାମୀ-ସ୍ତ୍ରୀଙ୍କର ସନ୍ଦେହ ହେବାରୁ ଅଳଙ୍କାର ଦୋକାନକୁ ଯାଇ ଉକ୍ତ ଥାଳିକୁ ପରୀକ୍ଷା କରାଇଥିଲେ। ପିତଳ ଥାଳିରେ ସୁନାର ପ୍ରଲେପ ଦିଆଯାଇଥିବା ଅଳଙ୍କାର ଦୋକାନୀ କହିବାରୁ ସେମାନେ ଠକାମିର ଶିକାର ହୋଇଛନ୍ତି ଜାଣି କୋଲିୟରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

- ଦୁଇ ମହିଳା ଫେରାର
- ସୁନା ବଦଳରେ ଦେଇଥିଲେ ପିତଳ ଥାଳି

## ବୃଦ୍ଧାଙ୍କୁ ଝୁଣି ମାରିଦେଲା ପାଗଳା କୁକୁର

**ଭୋଗରାଇ, ୧୪।୧୧(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜୟରାମପୁର ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଏକ ପାଗଳା କୁକୁର ଘରେ ପଶି ଜଣେ ୬୫ବର୍ଷୀୟ ବୃଦ୍ଧାଙ୍କୁ ଝୁଣି ମାରିଦେଇଛି। ମୃତ ମହିଳାଜଣଙ୍କ ହେଲେ, ଗାଁର ଶ୍ରୀଧର ସାହୁଙ୍କ ପତ୍ନୀ ବାସନ୍ତୀ ସାହୁ (୬୫)। ସୂଚନାଯୋଗ୍ୟ, ଆଜି ସକାଳେ ପଞ୍ଚକ ବ୍ରତ କରିବା ପାଇଁ ବାସନ୍ତୀଙ୍କ ପରିବାରଲୋକେ ପଡ଼ିଶା ଘରକୁ ଯାଇଥିଲେ। ଘରେ କେହି ପରିବାର ସଦସ୍ୟ ନ ଥିଲା ବେଳେ ପାଗଳା କୁକୁରଟି ଘରେ ପଶିଯାଇ ବୃଦ୍ଧାଙ୍କୁ କାମୁଡ଼ି ଝୁଣି ପକାଇଥିଲା। ପାଟି ଶୁଣି ପଡ଼ୋଶୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ସେତେବେଳକୁ ବୃଦ୍ଧାଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ରାଗରେ ଉତ୍ତ୍ୟକ୍ତ ଗ୍ରାମବାସୀ ଉକ୍ତ କୁକୁରକୁ ପିଟିପିଟି ମାରିଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମୃତ ବାସନ୍ତୀଙ୍କ ପରିବାର ଗରିବ ଅସହାୟ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

### କୁସୁମଡେଗି ଗଣଦୁଷ୍କର୍ମ ମାମଲା

## ୨ ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**ସୁନ୍ଦରଗଡ଼, ୧୪।୧୧ (ସମିସ):** ଗତ ୯ ବର୍ଷ ତଳେ ୨୦୧୫ ମସିହାରେ ବଡ଼ଗାଁ ଥାନା ଅଞ୍ଚଳରେ ସଂଘଟିତ କୁସୁମଡେଗି ଗଣଦୁଷ୍କର୍ମ ମାମଲାର ଆଜି ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଜିଲ୍ଲା ଦୌରାଜଜ୍ ଶିଖାରାଣୀ ରଥ ମାମଲାର ବିଚାର କରି ୨ ଅଭିଯୁକ୍ତ ସଞ୍ଜୀବ ମାଝୀ (୩୧) ଓ ସୂରଜ ଲାକ୍ରା (୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଦୁହିଁଙ୍କଠାରୁ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ନିର୍ଦ୍ଦେଶ ରହିଛି। ୨୧ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ୨୫ଟି ଦସ୍ତାବିଜ୍‌କୁ ଆଧାର କରି ଜିଲ୍ଲା ଦୌରାଜଜ୍ ଆଜି ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

ସୂଚନାନୁଯାୟୀ, ୨୦୧୫ ଫେବ୍ରୁଆରୀ ୨୩ରାତିରେ ବଡ଼ଗାଁ ଥାନା କୁସୁମଡେଗି ଅଞ୍ଚଳର ଜଣେ ଯୁବତୀ ପଡ଼ୋଶୀ ଗ୍ରାମକୁ ଏକ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ଯାଇଥିଲେ। ରାତି ଅଧିକ ହେବାରୁ ସେଠାରେ ଥିବା କିଛି ଯୁବକ ତାଙ୍କୁ ଘରେ ଛାଡ଼ିଦେବେ ବୋଲି କହିଥିଲେ। କିନ୍ତୁ ଯୁବତୀଜଣଙ୍କ ମନା କରିବାରୁ ଅଭିଯୁକ୍ତମାନେ ଏକ ବାଇକ୍‌ରେ ତାଙ୍କୁ ଉଠାଇ ନେଇ ନିକାଞ୍ଚନ ସ୍ଥାନରେ ଦୁଷ୍କର୍ମ କରିଥିଲେ। ପରେ ପୀଡ଼ିତା ଏନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ପୁଲିସ୍ ସଂଜୀବ, ସୂରଜ ଓ ନିରଞ୍ଜନ ମାଝୀଙ୍କୁ ଗିରଫ କରିଥିଲା। ଅନ୍ୟତମ ନିରଞ୍ଜନଙ୍କ ମୃତ୍ୟୁ ହୋଇସାରିଛି। ତେବେ ଏହି ଘଟଣାରେ ଆଉ ୩ ଅଭିଯୁକ୍ତଙ୍କ ସଂପୃକ୍ତି ରହିଛି। ଏଯାବତ୍ ପୁଲିସ୍ ସେମାନଙ୍କୁ ଚିହ୍ନଟ କରିପାରିନାହିଁ। ସରକାରୀ ଓକିଲ ଦିଲ୍ଲୀପ କୁମାର ମୁର୍ମୁ ଏହି ମାମଲା ପରିଚାଳନା କରୁଥିଲେ।

### ବାରିପଦାରେ ସେକ୍ସ ରାକେଟ୍ ଠାବ

## ଚାକିରି ନାଁରେ ଦେହ ବ୍ୟବସାୟ

**ବାରିପଦା, ୧୪।୧୧ (ସମିସ):** ଅଧିକ ବେତନରେ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦେହ ବ୍ୟବସାୟରେ ଲଗାଉଥିବା ଏକ ଦମ୍ପତିଙ୍କୁ ଗିରଫ କରିବା ସହ ବାରିପଦା ସହରରେ ଚାଲିଆସୁଥିବା ଏକ ସେକ୍ସ ରାକେଟ୍‌କୁ ଠାବ କରିଛି ଭଞ୍ଜପୁର ଥାନା ପୁଲିସ୍। ଅଭିଯୁକ୍ତ ଦମ୍ପତିଦ୍ୱୟ ହେଲେ ଭଞ୍ଜପୁର ଥାନା ଅନ୍ତର୍ଗତ ରଘୁନାଥପୁର ୱାର୍ଡ ନଂ ୨୨ ଅଞ୍ଚଳର ରୁବି ସେଠୀ ଓ ଅଭିମନ୍ୟୁ। ଅପରପକ୍ଷେ, ଏହି ଘଟଣାରେ ପୁଲିସ୍ ୩ଜଣ ଯୁବତୀଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଅନ୍ୟ ଦୁଇଜଣଙ୍କୁ ପୁଲିସ୍ ଆଶ୍ରୟସ୍ଥଳରେ ଛାଡ଼ିଛି। ସୂଚନା ଅନୁଯାୟୀ, ବାଲେଶ୍ୱରର ଜଣେ ଶିକ୍ଷାନୁଷ୍ଠାନରେ ଯୁବତୀଜଣକ କାର୍ଯ୍ୟ କରୁଥିଲେ। ତାଙ୍କ ସହ ରୁବି ଓରଫ୍ ମାମୁନିଙ୍କ ସମ୍ପର୍କ ହୋଇଥିଲା। ସେ ଅଧିକ ବେତନରେ ଚାକିରି କରାଇଦେବା ସହ ପାଠ ପଢ଼ାଇବେ ବୋଲି ମିଥ୍ୟା ପ୍ରଲୋଭନ ଦେଇଥିଲେ। ଯୁବତୀଜଣକ ବାରିପଦା ଆସିଥିବା ବେଳେ ରଘୁନାଥପୁରସ୍ଥିତ ଘରେ ଉକ୍ତ ଦମ୍ପତି ତାଙ୍କୁ ନଜରବନ୍ଦି କରି ରଖିଥିଲେ। ଦେହ ବ୍ୟବସାୟ କରି ଅନେକ ଲୋକଙ୍କ ସହ ତାଙ୍କୁ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ କରାଉଥିଲେ। ପ୍ରତିବାଦ କଲେ ଦମ୍ପତି ବିଭିନ୍ନ ଧମକ ଚମକ ଦେଉଥିଲେ। ଏ ସଂପର୍କରେ ଯୁବତୀଜଣଙ୍କ କୌଶଳକ୍ରମେ ତାଙ୍କ ପରିବାରଲୋକଙ୍କୁ ଫୋନ୍‌ରେ ଜଣାଇଥିଲେ। ଯୁବତୀଙ୍କ ବାପା ଏ ସଂପର୍କରେ ଭଞ୍ଜପୁର ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଆଜି ସେଠାରେ ଚଢ଼ଉ କରିଥିଲା।

**୩ ଯୁବତୀ ଉଦ୍ଧାର, ଦମ୍ପତି ଗିରଫ**

### ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

# 'କଳା, ପ୍ରତିଭା ଏବଂ ସୃଜନଶୀଳତା ଉପସ୍ଥାପନା ପାଇଁ ସୁରଭି ନିଆରା ମଞ୍ଚ'

**ଭୁବନେଶ୍ୱର,୧୪।୧୧(ସମିସ):** ବିଦ୍ୟାର୍ଥୀଙ୍କ ଭିତରେ ଅପାର ସମ୍ଭାବନା ଏବଂ ପ୍ରତିଭା ରହିଛି। ସେମାନେ ନିଜ ଭିତରେ ଥିବା ଲୁକ୍କାୟିତ ଗୁଣାବଳୀ ଏବଂ ଦକ୍ଷତାକୁ ଚିହ୍ନନ୍ତୁ। ନୂତନ ଚିନ୍ତା କରିବା ସହ ବଡ଼ ସ୍ୱପ୍ନ ଦେଖନ୍ତୁ। କଠିନ ପରିଶ୍ରମ ଏବଂ ନିଷ୍ଠା ବଳରେ ପ୍ରତିଟି ଲକ୍ଷ୍ୟକୁ ହାସଲ କରିପାରିବେ ବୋଲି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ସୁରଭି'ର ଉଦଯାପନୀ ଦିବସର ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ କହିଛନ୍ତି, ଦେଶ ନିର୍ମାଣରେ ଛାତ୍ରଛାତ୍ରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇବାକୁ ସରକାର ନିରନ୍ତର ପ୍ରୟାସ କରୁଛି। ଛାତ୍ରଛାତ୍ରୀଙ୍କ କଳା, ପ୍ରତିଭା ଏବଂ ସୃଜନଶୀଳତା ଉପସ୍ଥାପନ କରିବା ପାଇଁ ସୁରଭି ଏକ ସୁନ୍ଦର ଓ ନିଆରା ମଞ୍ଚ। ଏହାର ଅଭିଜ୍ଞତା ବିଦ୍ୟାଳୟରେ ସାଥୀମାନଙ୍କୁ ବାଣ୍ଟିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଓ ଐତିହ୍ୟ ବିଦ୍ୟାଳୟର ଲୋଗୋ ଉନ୍ମୋଚନ କରିବା ସହ ଏହି ଦୁଇଟି ଯୋଜନାକୁ ରାଜ୍ୟରେ ଆରମ୍ଭ କରିଛନ୍ତି। ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ବିଦ୍ୟାଳୟରେ ଉନ୍ନତ ଶୈକ୍ଷିକ ବାତାବରଣ ପ୍ରତିଷ୍ଠା କରି ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟ କରିବ। ସେହିପରି ଶହେ ବର୍ଷରୁ ଅଧିକ ପୁରାତନ ବିଦ୍ୟାଳୟ କିମ୍ବା ଜିଲ୍ଲାର ସର୍ବ ପୁରାତନ ବିଦ୍ୟାଳୟକୁ ବିକଶିତ କରାଯିବ। ଏଥିରେ ସମୁଦାୟ ୫୧ଟି ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୪୫୫ଟି ହଷ୍ଟେଲର ଅନ୍ତେବାସୀଙ୍କ ମାସିକ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ଓ ମଧ୍ୟାହ୍ନ ଭୋଜନ ମୂଲ୍ୟରେ ପ୍ରତି ପିଲାଙ୍କ ପିଛା ୧ଟଙ୍କା ବୃଦ୍ଧି କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି। ସମ୍ମାନୀତ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ସଙ୍ଘର୍ଷ କରି ସଫଳତା ପାଇବା ଏବଂ ନିଜର ପ୍ରତିଷ୍ଠା ବୃଦ୍ଧି କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତୃଣମୂଳ ସ୍ତରରେ ପିଲାମାନଙ୍କ ସୃଜନଶୀଳ ପ୍ରତିଭାର ଯେତେ ଉନ୍ନତି ହେବ, ଉଚ୍ଚଶିକ୍ଷା ସେତିକି ସହଜ ହେବ ବୋଲି କହିଛନ୍ତି। ବିଧାୟକ ବାବୁ ସିଂ ଯୋଗଦେଇ ପିଲାମାନେ ଆମର ସମୃଦ୍ଧ ଇତିହାସ ଓ ଐତିହ୍ୟ ଜାଣିବାର ଆବଶ୍ୟକତା ଅଛି ବୋଲି କହିଛନ୍ତି। ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଓ ଐତିହ୍ୟ ବିଦ୍ୟାଳୟ ଲୋଗୋ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ
- ମଧ୍ୟାହ୍ନ ଭୋଜନ ମୂଲ୍ୟ ୧ଟଙ୍କା ବଢ଼ିବ



## ଅଗ୍ନିଶମ ବିଭାଗରେ ସାମିଲ ହେବ ଅତ୍ୟାଧୁନିକ ଡ୍ରୋନ୍

**ଭୁବନେଶ୍ୱର,୧୪।୧୧(ସମିସ):** ଅଗ୍ନିଶମ ବିଭାଗରେ ସାମିଲ ହେବ ଅତ୍ୟାଧୁନିକ ଡ୍ରୋନ୍। ଏହି ଡ୍ରୋନ୍‌ରେ ହାଇ କ୍ୱାଲିଟି କ୍ୟାମେରା ଏବଂ ସେନ୍‌ସର୍ ରହିଛି। ଯାହାଦ୍ୱାରା ବହୁ ଦୂର ପର୍ଯ୍ୟନ୍ତ କ୍ୟାମେରା ଲେନ୍ସରେ ଭିଡିଓ କଏଦ କରିପାରିବ। ଏହି ଡ୍ରୋନ୍‌ରେ ସେନ୍‌ସର ଥିବାରୁ ଡ୍ରୋନ୍ ଦେହରେ ନିଆଁ ବାଜିବ ନାହିଁ। ଆହୁରି ମଧ୍ୟ ରାତ୍ର ସମୟରେ ଡ୍ରୋନ୍ ମଧ୍ୟ ସ୍ପଷ୍ଟ ଭାବେ ଭିଡିଓ କଏଦ କରିବାର କ୍ଷମତା ରହିଛି। ଯଦି କୌଣସି ଅଘଟଣ ସ୍ଥାନରେ କୌଣସି ଜୀବଜନ୍ତୁ କିମ୍ବା ମଣିଷ ରହିଥିଲେ, ତାହା ସେନ୍‌ସର ମାଧ୍ୟମରେ ସହଜରେ ଜଣାପଡ଼ିଯିବ। ତେଣୁ ଏହି ଡ୍ରୋନ୍ ମାଧ୍ୟମରେ ଏକାଧିକ ମଣିଷ ଏବଂ ପଶୁଙ୍କ ଜୀବନ ବଞ୍ଚାଇ ହେବ। ବିଶେଷ କରି ଜଙ୍ଗଲରେ ଅଗ୍ନିକାଣ୍ଡ ଲାଗିଲେ ଡ୍ରୋନ୍‌ର ବ୍ୟବହାର କରାଯିବ। କାରଣ ଜଙ୍ଗଲ ଭିତରେ ଅଗ୍ନିଶମ ବିଭାଗ ସହଜରେ ଯାଇ ନିଆଁ ଲିଭାଇବା କଷ୍ଟକର ହୋଇଥାଏ। ତେଣୁ ଡ୍ରୋନ୍ ଉଡ଼ାଇବା ପରେ କେଉଁ ସ୍ଥାନରେ ନିଆଁ ଲାଗିଛି ତାହା ସ୍ପଷ୍ଟ ଭାବେ ଜଣାପଡ଼ିବ। ନିଆଁ ଭିତରେ କୌଣସି ଜନ୍ତୁ ଫଶି ରହିଥିଲେ ତାହା ମଧ୍ୟ ଭିଡିଓରେ କଏଦ ହେବ। ସବୁ କିଛି ଜଣାପଡ଼ିବା ପରେ ତୁରନ୍ତ ସେଠାକୁ ଅଗ୍ନିଶମ କର୍ମଚାରୀ ଯାଇ ଜନ୍ତୁଙ୍କୁ ଉଦ୍ଧାର କରିବା ସହ ନିଆଁ ଲିଭାଇବାରେ ସହଜ ହୋଇଥାଏ।

ସେହିପରି ବଡ଼ ଅଟ୍ଟାଳିକାରେ ନିଆଁ ଲାଗିଲେ ଡ୍ରୋନ୍‌ର ସହାୟତା ନିଆଯାଇଥାଏ। କାରଣ ୧୫ରୁ ୨୦ ମହଲାରେ ନିଆଁ ଲାଗିଲେ ଶୀଘ୍ର ଅଗ୍ନିଶମ କର୍ମଚାରୀ ଉପରକୁ ଯାଇପାରିବା କଷ୍ଟକର ହୋଇଥାଏ। ତେଣୁ ତୁରନ୍ତ ଡ୍ରୋନ୍ ଉଡ଼ାଇ କେଉଁ ମହଲାରେ ଏବଂ କେଉଁ ବ୍ଲକ୍‌ରେ ନିଆଁ ଲାଗିଛି ଏବଂ ଲୋକ ଫଶି ରହିଛନ୍ତି ତାହା ଜଣାପଡିଥାଏ। ଏବେ ଅଗ୍ନିଶମ ବିଭାଗ ନିକଟରେ ଥିବା ଗୋଟିଏ ଡ୍ରୋନ୍‌କୁ ପରୀକ୍ଷାମୂଳକ ଭାବେ ଉଡ଼ାଯିବ। ଆହୁରି ମଧ୍ୟ କିଭଳି ଡ୍ରୋନ୍ ମାଧ୍ୟମରେ ଉଦ୍ଧାର କରାଯିବ ସେନେଇ ପ୍ରଶିକ୍ଷଣ ଦିଆଯିବ। ଏହାପରେ ଡ୍ରୋନ୍‌କୁ ନିଆଁ ଲିଭାଇବାରେ ବ୍ୟବହାର କରାଯିବ। ଏହା ସଫଳ ହେଲେ ଏକାଧିକ ଡ୍ରୋନ୍ କିଣାଯିବ ବୋଲି ଅଗ୍ନିଶମ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

- ଜଙ୍ଗଲ, ବୃହତ ଅଟ୍ଟାଳିକାରେ ନିଆଁ ଲାଗିଲେ ସହାୟ ହେବ
- ପ୍ରଶିକ୍ଷଣ ପରେ ବ୍ୟବହାର କରାଯିବ

ସକାଳ
THE SAKALA

# ସମ୍ପାଦକୀୟ



ଅନ୍ୟକୁ ମାତ୍ରାଧିକ ଭଲପାଇବା ଭିତରେ ନିଜକୁ ହଜାଇ ଦେବା ଓ ନିଜର ସ୍ୱତନ୍ତ୍ରତାକୁ ଭୁଲି ଯିବା ସବୁଠାରୁ କଷ୍ଟଦାୟକ।
-ଅର୍ନେଷ୍ଟ ହେମିଙ୍ଗୱେ

## ସାର୍ବଭୌମତ୍ୱ ପ୍ରତି ବିପଦ

ଗତ ତିନିମାସ ମଧ୍ୟରେ ଦେଶରେ ଏଭଳି କେତେକ କ୍ଷୀଣ ଅଥଚ ସ୍ୱତନ୍ତ୍ରପ୍ରାବଶାଳୀ ସ୍ୱର ଉଠିଛି, ଯାହା ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ବିପଦ ବୋଲି କୁହାଯାଇପାରେ। ଗତ ଜୁଲାଇ ମାସର ପ୍ରଥମାର୍ଦ୍ଧରେ ସ୍ୱତନ୍ତ୍ର ଭିଲ୍ ପ୍ରଦେଶ ଗଠନ ପାଇଁ ସ୍ୱର ଉଠିଥିବା ବେଳେ ଗତ ସେପ୍ଟେମ୍ବର ମାସରେ ତ୍ରିପୁରା-ମିଜୋରାମରେ ସ୍ଥାନୀୟ ପାରମ୍ପରିକ ଅଧିବାସୀଙ୍କ ଅସନ୍ତୋଷର ବହ୍ନି ଏବଂ ଗତ ଅକ୍ଟୋବର ମାସ ଶେଷ ସପ୍ତାହରେ ନାଗାଲାଣ୍ଡକୁ ଅଧିକ ସ୍ୱାୟତ୍ତ କ୍ଷମତା ଓ ସ୍ୱାଧୀନତା ସପକ୍ଷରେ ଉଠିଥିବା ସ୍ୱର ଭାରତର ଅଖଣ୍ଡତା ଓ ସ୍ଥିରତାକୁ ଅନେକ ପ୍ରଶ୍ନବାଚୀର ବଳୟ ଭିତରକୁ ଠେଲି ଦେଇଛି। ବିଶେଷକରି ଅଶାନ୍ତ ମଣିପୁର ଓ ବାଂଲାଦେଶ ଅସ୍ଥିର ରାଜନୀତି ଭାରତର ସାର୍ବଭୌମ ପ୍ରତି ଉଠିଥିବା ପ୍ରଶ୍ନଚିହ୍ନକୁ ଆହୁରି ସଘନ କରିଛି।

ଗତ ଜୁଲାଇ ୧୮ ତାରିଖରେ ରାଜସ୍ଥାନର ମାନଗଡ଼ ଧାମରେ ରାଜସ୍ଥାନ ସମେତ ମଧ୍ୟପ୍ରଦେଶ, ଗୁଜରାଟ ଓ ମହାରାଷ୍ଟ୍ରର ୪୯ଟି ଜିଲ୍ଲାକୁ ନେଇ ସ୍ୱତନ୍ତ୍ର ଭିଲ୍ ପ୍ରଦେଶ ଗଠନ ପାଇଁ ପୁଣି ଥରେ ଦାବି ଜୋର ଧରିଛି। ଜାଲିଆନାୱାଲାବାଗ ଘଟଣାର ପ୍ରାୟ ୬ ବର୍ଷ ପୂର୍ବରୁ ୧୯୧୩ ନଭେମ୍ବର ୧୭ ତାରିଖରେ 'ଆଦିବାସୀ ଜାଲିଆନାୱାଲାବାଗ' ଭାବରେ ବିଦିତ ମାନଗଡ଼ ହତ୍ୟାକାଣ୍ଡରେ ଶହ ଶହ ଭିଲ୍ ଆଦିବାସୀ ବ୍ରିଟିଶ ଗୁଳିରେ ଟଳି ପଡ଼ିଥିଲେ। ତେଣୁ ସହିଦ ଭିଲମାନଙ୍କ ସମ୍ମାନାର୍ଥେ ସ୍ୱତନ୍ତ୍ର ଭିଲ୍ ପ୍ରଦେଶ ଗଠନ ପାଇଁ ୧୯୧୩ ମସିହାରୁ ଗୋବିନ୍ଦ ଗୁରୁଙ୍କ ଦ୍ୱାରା ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। କିନ୍ତୁ ସ୍ୱାଧୀନତା ପରେ ଆଦିବାସୀମାନେ ବହୁଧା ବିଭକ୍ତ ହୋଇଯିବାରୁ ସ୍ୱର ଥମିଗଲା। ଏବେ ଏହି ଆନ୍ଦୋଳନକୁ ୨୦୧୭ରେ ଭାରତୀୟ ଟ୍ରାଇବାଲ୍ ପାର୍ଟି ପୁଣି ଥରେ ଜୋରଦାର କରିଛି। ୨୦୧୧ ଜନଗଣନା ଅନୁଯାୟୀ ଏହି ଅଞ୍ଚଳରେ ଆଦିବାସୀଙ୍କ ସଂଖ୍ୟା ରାଜସ୍ଥାନ ଜନସଂଖ୍ୟାର ୧୪% ଥିବାରୁ କ୍ରମଶଃ ଝାଡ଼ଖଣ୍ଡ ପଦାଙ୍କ ଅନୁସରଣ କରି ସ୍ୱତନ୍ତ୍ର ଭିଲ୍ ପ୍ରଦେଶ ଗଠନ ଦାବି ଉପରୋକ୍ତ ଚାରି ରାଜ୍ୟକୁ ବ୍ୟାପିବାରେ ଲାଗିଛି।

ତ୍ରିପୁରା-ମିଜୋରାମ୍ ସମେତ ବାଂଲାଦେଶ ସୀମାନ୍ତରେ ରହୁଥିବା ଚକ୍ମା ଜନଜାତି ଗୋଷ୍ଠୀର ଲୋକଙ୍କୁ ମୋହରା କରାଯାଉଥିବା ଅଭିଯୋଗ ଆଣି ସେମାନେ ଏହାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଗତ ସେପ୍ଟେମ୍ବର ମାସରେ ପତ୍ର ଲେଖିଛନ୍ତି। ବିଶେଷକରି ଚିଟାଗଙ୍ଗ ପାର୍ବତ୍ୟମାଳାରେ ଏହି ମୂଳ ଆଦିବାସୀଙ୍କ ଉପରେ ବାଂଲାଦେଶ ସେନା ଓ ଅନୁପ୍ରବେଶକାରୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଉପାସନା ପୀଠଗୁଡ଼ିକ ମଧ୍ୟ ଏହି ଆକ୍ରମଣରୁ ବର୍ତ୍ତିପାରୁନାହିଁ। ସ୍ୱାଭାବିକ ଭାବେ ଜନଜାତିଙ୍କ ଜନସଂଖ୍ୟାନିକ ପ୍ରଭାବିତ ହୋଇଛି ଏବଂ ଏବେ ସେଠାରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଚକ୍ମା ସମ୍ପ୍ରଦାୟ ବାଂଲାଦେଶର ଚିଟାଗଙ୍ଗ ପାହାଡ଼ି ଅଞ୍ଚଳ ସମେତ ଚୀନ୍, ମ୍ୟାଁମାର, ମିଜୋରାମ୍ର ଉତ୍ତର-ପୂର୍ବ ପାହାଡ଼ି ଇଲାକା, ଭାରତ-ବାଂଲାଦେଶ ସୀମାନ୍ତ, ତ୍ରିପୁରାର ଉତ୍ତର ଓ ଦକ୍ଷିଣାଞ୍ଚଳ ଜିଲ୍ଲା, ଅରୁଣାଚଳ ପ୍ରଦେଶ, ଆସାମ, ପଶ୍ଚିମବଙ୍ଗର କେତେକ ଜିଲ୍ଲା ଆଦିରେ ବିସ୍ତାରିତ ଭାବେ ରହିଛନ୍ତି। ସେମାନେ ସବୁବେଳେ ଅବହେଳିତ କିନ୍ତୁ ସଂଘବଦ୍ଧ। ଚିଟାଗଙ୍ଗ ସମେତ ଭାରତ-ବାଂଲା-ମ୍ୟାଁମାର ସୀମାନ୍ତର କେତେକ ଅଞ୍ଚଳକୁ ନେଇ ଆମେରିକା ଈଶାଇ ରାଷ୍ଟ୍ରର ପରିକଳ୍ପନା କରୁଥିବାରୁ ଏବେ ସେଠାରେ ଏଭଳି ଅସ୍ଥିରତା ସୃଷ୍ଟିର ଯୋଜନା କରୁଥିବା ମଧ୍ୟ ଅସ୍ୱାଭାବିକ ନୁହେଁ। ଏବେ ଚକ୍ମା ସମ୍ପ୍ରଦାୟ ଅସନ୍ତୁଷ୍ଟମାନଙ୍କୁ ପ୍ରଲୋଭିତ କରି ଚୀନ୍ ସେଥିରୁ ଫାଇଦା ଉଠାଇବା ଆଶଙ୍କା ଥିବା ବାଂଲାଦେଶ ଓ ମଣିପୁରର ଅଶାନ୍ତ ପରିବେଶରୁ ବାହ୍ୟ ଶକ୍ତି ଫାଇଦା ଉଠାଇଲେ ଚକ୍ମାମାନେ ମଧ୍ୟ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବି କରିବା ଅସମ୍ଭବ ନୁହେଁ।

୧୯୬୩ ମସିହାରେ ଭାରତ ସରକାର ଓ ନାଗା ପିପୁଲ୍ କନ୍ଭେନ୍ସନ ମଧ୍ୟରେ ୧୬ - ୧୬ ପଏଣ୍ଟ ରାଜିନାମା ଆଧାରରେ ଆସାମଠାରୁ ଅଲଗା ହୋଇ ଗଠିତ ସ୍ୱତନ୍ତ୍ର ନାଗାଲାଣ୍ଡକୁ ସ୍ୱତନ୍ତ୍ରତା ଓ ସ୍ୱାୟତ୍ତତା ଦାବିରେ ସ୍ୱର ପୁଣି ତେଜିୟାନ୍ ହୋଇଛି। ଚୁକ୍ତିନାମା ଅନୁଯାୟୀ ନାଗାଲାଣ୍ଡର ଛଅଟି ଜିଲ୍ଲାକୁ ସ୍ୱାୟତ୍ତ ଶାସନ କ୍ଷମତା ୧୦ ବର୍ଷ ପାଇଁ ଦିଆଯାଇଥିଲା। ଏହି କ୍ଷମତା ବଳରେ ୩୫ ସଦସ୍ୟ ବିଶିଷ୍ଟ ଆଞ୍ଚଳିକ ପରିଷଦ ଗଠିତ ହୋଇଥିଲା। ଏହି ପରିଷଦ ବିଧାନସଭାକୁ ଜନପ୍ରତିନିଧି ଚୟନ କରୁଥିଲେ। ଚୁକ୍ତି ଅବଧି ସମାପ୍ତ ପରେ ୧୯୭୩ରେ ସେଠାରେ ପ୍ରତ୍ୟକ୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଲା। କିନ୍ତୁ ଏବେ ପୁଣି ଥରେ ସେହି କ୍ଷମତା ଓ ବ୍ୟବସ୍ଥା ପୁନଃବାହାଲ ପାଇଁ ଦାବି ଜୋର ଧରିଛି। ନାଗାଲାଣ୍ଡର ୬ଟି ଜିଲ୍ଲା କାଇଫିରେ, ଲୋଙ୍ଗଲେଙ୍ଗ, ମନ୍, କୋକଲାକ୍, ଶାମାଟର ଓ ତୁଏନ୍ସଙ୍ଗ ସେଠାକାର ଆଦିମ ଅଧିବାସୀ ସମ୍ପ୍ରଦାୟ କୋନ୍ୟାକ୍, ଖିଆମ୍ନିୟୁନଗାଁ, ଚାଙ୍ଗ, ସାଙ୍ଗଟାମ୍, ଟିଖିର, ଫୋମ୍ ଓ ୟିମ୍ଖିୟୁଙ୍ଗଙ୍କୁ ପ୍ରତିନିଧିତ୍ୱ କରେ। ସେହି ଆଦିମ ଅଧିବାସୀମାନେ ନାଗାଲାଣ୍ଡର ମୋଟ ଜନସଂଖ୍ୟାର ୩୦% ଏବଂ ୬୦ ଆସନ ବିଶିଷ୍ଟ ବିଧାନସଭାର ଏକ-ତୃତୀୟାଂଶକୁ ପ୍ରତିନିଧିତ୍ୱ କରନ୍ତି। ସେଠାକାର ପ୍ରଭାବଶାଳୀ ଗୋଷ୍ଠୀ ଇଷ୍ଟର୍ଣ୍ଣ ନାଗାଲାଣ୍ଡ ପିପୁଲ୍ ଅର୍ଗାନାଇଜେସନ୍(ଇଏନ୍ପିଓ) ୨୦୧୦ ନଭେମ୍ବର ମାସରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ନାଗାଲାଣ୍ଡର ସ୍ୱାୟତ୍ତତା ଦାବିରେ ଏକ ସ୍ମାରକପତ୍ର ଦେଇଥିଲା। ଦୀର୍ଘ ଦଶନ୍ଧି ଧରି ବିଚାରାଧୀନ ରହିବା ପରେ ୨୦୨୩ ଅଗଷ୍ଟ ମାସରେ ସେଠାରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ବେଳେ ଏହି ପ୍ରସଙ୍ଗ ପୁଣି ଥରେ ତେଜିୟାନ ହେଲା। ଦାବି ପୂରଣ ନ ହେଲେ ଛଅଟି ଜିଲ୍ଲାବାସୀ ୨୦୨୪ ସାଧାରଣ ନିର୍ବାଚନ ବର୍ଜନ କରିବେ ବୋଲି ଇଏନ୍ପିଓ ଧମକ ଦେଇଥିଲା। କିନ୍ତୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହିତ ଆପୋସ ଆଲୋଚନା ପରେ ଭୋଟଦାନ ବର୍ଜନ ନିଷ୍ପତ୍ତିରୁ ଇଏନ୍ପିଓ ଓହରି ଆସିଥିଲା। ପରବର୍ତ୍ତୀ ସମୟରେ ଅନେକ ଥର ଆଲୋଚନା ହୋଇଥିଲେ ବି ସମାଧାନର ସୂତ୍ର ବାହାରି ନାହିଁ। ଚଳିତ ବର୍ଷ ପ୍ରାରମ୍ଭରେ କେନ୍ଦ୍ର ସରକାର ଏକ ଚିଠା ସ୍ମାରକପତ୍ର ପଠାଇ ରାଜ୍ୟ ସରକାରଙ୍କ ମତାମତ ଲୋଡ଼ିବା ପରେ ଇଏନ୍ପିଓର ଅସନ୍ତୋଷ ଆହୁରି ବଢ଼ିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ନାଗାଲାଣ୍ଡର କେତେକ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ବିଧାନପାଳିକା, କାର୍ଯ୍ୟନିର୍ବାହୀ ଓ ଆର୍ଥିକ କ୍ଷମତା ସହିତ 'ଫ୍ରଣ୍ଟିୟର ନାଗା ଟେରିଟୋରି' ଗଠନ ପାଇଁ ଆଲୋଚନା ଆରମ୍ଭ ହୋଇଛି। ଏହା ରୂପାୟନ ହେଲେ କାଶ୍ମୀର ପରି ନାଗାଲାଣ୍ଡ ମଧ୍ୟ ସମ୍ବିଧାନର ୩୭୧ ଧାରା(ଏ) ଆଧାରରେ କେତେକ ସ୍ୱତନ୍ତ୍ର କ୍ଷମତା ଉପଭୋଗ କରିବ। ଭାରତର ସାର୍ବଜନୀନ ଆଇନ କାନୁନ ସେଠାରେ ଲାଗୁ ହେବ ନାହିଁ।

ମଣିପୁରରେ ମେଇତେଇ-କୁକି ସମ୍ପ୍ରଦାୟ ମଧ୍ୟରେ ଜାରି ଉତ୍ତେଜନା ଓ ହିଂସା ଥମିନାହିଁ। ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଯୋଗୁଁ ଭାରତରେ ଅନୁପ୍ରବେଶ ସମସ୍ୟା ବଢ଼ିବାରେ ଲାଗିଛି। ରୋହିଙ୍ଗ୍ୟା ଶରଣାର୍ଥୀ ଅନୁପ୍ରବେଶ ସମସ୍ୟା ସମଗ୍ର ଉତ୍ତର-ପୂର୍ବ ଭାରତ ଓ ବାଂଲାଦେଶ ପାଇଁ ଚିନ୍ତା ବଢ଼ାଇ ଚାଲିଛି। ଏଭଳି ସମୟରେ ଭାରତ ପାଇଁ ଉପରୋକ୍ତ ତିନି ଘଟଣା ନୂଆ ସମସ୍ୟା ରୂପେ ଦେଖାଦେଇଛି। ଏଥିପ୍ରତି ଗୁରୁତ୍ୱ ନ ଦେଲେ ଆଗକୁ ପରିସ୍ଥିତି ଅଣାୟତ୍ତ ହୋଇପାରେ।

# ଭାରତରେ 'ସମୟ-ଦାରିଦ୍ର୍ୟତା': ଏକ ସମାଲୋଚନାତ୍ମକ ବିଶ୍ଳେଷଣ

**ଡାକରୁଷି ସାହୁ**

ଆରିଷ୍ଟୋଟଲଙ୍କ ମତରେ 'ଶ୍ରମର ଅନ୍ତିମ ଲକ୍ଷ୍ୟ ହେଉଛି ଅବସର ଲାଭ କରିବା।' ସାମ୍ପ୍ରତିକ ବ୍ୟସ୍ତବହୁଳ ଦୁନିଆରେ ଦୈନନ୍ଦିନ ଜୀବନର ଗୁଣବତ୍ତା ମୁଖ୍ୟତଃ ଜଣେ ବ୍ୟକ୍ତିର ସମୟକୁ ସଂଗଠିତ କରିବାର କୁଶଳତା ଉପରେ ନିର୍ଭର କରେ। ଗତ କିଛିବର୍ଷ ଧରି 'ସମୟ-ଦାରିଦ୍ର୍ୟତା' ନାମରେ ଏକ ଧାରା ସୃଷ୍ଟି ହୋଇଛି ଯାହା କେବଳ 'ଖାଲି ସମୟ'ର ଅଭାବ କିମ୍ବା ଦୈନନ୍ଦିନ କାର୍ଯ୍ୟକଳାପ ପାଇଁ ସମୟ ଆବଣ୍ଟନ କରିବା ପରେ ବିଶ୍ରାମ ଓ ଅବସର ପାଇଁ ପର୍ଯ୍ୟାପ୍ତ ସମୟ ନ ପାଇବାର ଭାବନାକୁ ସୂଚିତ କରେ। ଅଧିକ ସମୟ କାମ କରିବା ଦ୍ୱାରା କିମ୍ବା ଖାଲି ସମୟର ଅଭାବ ଯୋଗୁଁ ଚାପ ଏବଂ ଥକାପଣ ବୃଦ୍ଧି ପାଇବା ସହିତ ସୁସ୍ଥତା ଓ ଗୁଣବତ୍ତା ମଧ୍ୟ ହ୍ରାସ ପାଇଥାଏ। ଯାହାଫଳରେ, ଅର୍ଥବ୍ୟବସ୍ଥାର ସାମଗ୍ରିକ ପ୍ରଗତିରେ ବାଧା ପହଞ୍ଚିଥାଏ।

'ସମୟ-ଦାରିଦ୍ର୍ୟତା'ର ଏକ ପ୍ରମୁଖ କାରଣ ହେଉଛି ଅଧିକ ସମୟ କାମ କରିବା ପାଇଁ ଆର୍ଥିକ ବାଧ୍ୟବାଧକତା। ଦାରିଦ୍ର୍ୟ-ଗ୍ରସ୍ତ (ଆୟ/ଉପଭୋଗ) ଶ୍ରମିକମାନେ ପାରିବାରିକ ଆବଶ୍ୟକତା ପୂରଣ ପାଇଁ ସଂଘର୍ଷ କରନ୍ତି ଏବଂ ଅଧିକ ସମୟ କାମ କରିବାକୁ ବାଧ୍ୟ ହୁଅନ୍ତି। ତେଣୁ ଆୟ/ଉପଭୋଗ ଦାରିଦ୍ର୍ୟତା ଏବଂ 'ସମୟ-ଦାରିଦ୍ର୍ୟତା' ସମାନ୍ତରାଳ ଭାବରେ ଚାଲିଥାଏ। ଅନ୍ୟପକ୍ଷରେ ଧନୀ ତଥା ଉଚ୍ଚ ମଧ୍ୟବିତ୍ତ ଶ୍ରେଣୀର ପରିବାରମାନେ ସମୟ ସଞ୍ଚୟକାରୀ ମେସିନ୍ ସାହାଯ୍ୟରେ ଘରୋଇ ସେବା ପାଇଁ କାର୍ଯ୍ୟ ବିଭାଜନ କରି ସମୟ କିଣିବାର ବିକଳ୍ପ ଉପଭୋଗ କରନ୍ତି, ଯାହାଦ୍ୱାରା ସେମାନଙ୍କୁ ମନୋରଞ୍ଜନ ଓ ଅବସର ବିନୋଦନ ପାଇଁ ପର୍ଯ୍ୟାପ୍ତ ସମୟ ମିଳିଥାଏ। ତେଣୁ ସେମାନେ 'ସମୟ-ଦାରିଦ୍ର୍ୟତା' ଅନୁଭବ କରିବା ପାଇଁ କମ୍ ସମ୍ବେଦନଶୀଳ। ବିଶେଷକରି, ଆୟ/ଉପଭୋଗ ଦାରିଦ୍ର୍ୟତା ଗରିବଙ୍କ 'ସମୟ-ଦାରିଦ୍ର୍ୟତା'କୁ ଅଧିକ କରିଥାଏ।

ମହିଳାମାନେ ଦୈନନ୍ଦିନ ଜୀବନଚର୍ଯ୍ୟା ଓ ଦାୟିତ୍ୱ ସମ୍ପାଦନରେ ଅଧିକ ସମୟ ବିତାନ୍ତି। ବିଶୁଦ୍ଧ ପାନୀୟ ଜଳ, ରୋଷେଇ ପାଇଁ ଇନ୍ଧନ, ଖାଦ୍ୟ ପ୍ରସ୍ତୁତି, ଘର ସଫା, ଶିଶୁ/ବୟସ୍କ ବ୍ୟକ୍ତି, ଦିବ୍ୟାଙ୍ଗ କିମ୍ବା ଅସୁସ୍ଥ ସଦସ୍ୟଙ୍କ ଯତ୍ନ ନେବା ଇତ୍ୟାଦି। ଉପରୋକ୍ତ କାର୍ଯ୍ୟ ସମ୍ପାଦନ ପାଇଁ ସେମାନେ କୌଣସି ପ୍ରତ୍ୟକ୍ଷ ପାରିଶ୍ରମିକ ପାଆନ୍ତି ନାହିଁ। କଠୋର ସାମାଜିକ ନିୟମ ଅନୁସରଣ କରି ମହିଳାମାନେ ଏହି କାର୍ଯ୍ୟକଳାପରେ ବୃହତ୍ ଅଂଶ ଗ୍ରହଣ କରନ୍ତି ଏବଂ ଏସବୁକୁ ପ୍ରାୟତଃ ସବୁ ସମାଜରେ ମହିଳାକେନ୍ଦ୍ରିକ ବୋଲି ଧରାଯାଏ। ଭାରତ ଭଳି କଠୋର ପୁରୁଷବାଦୀ ସମାଜରେ ମହିଳାମାନଙ୍କ ଘରୋଇ ସେବାକୁ ବଜାରରେ କରାଯାଉଥିବା କାର୍ଯ୍ୟ ସହିତ ସମାନ୍ତରାଳ ଭାବରେ ଦେଖାଯାଏ ନାହିଁ। ସେମାନଙ୍କୁ ପ୍ରାୟତଃ ଆର୍ଥିକ ଦୃଷ୍ଟିରୁ ଗୁରୁତ୍ୱହୀନ ବା ଦୁର୍ବଳ ଭାବରେ ବିବେଚନା କରାଯାଏ। ନିମ୍ନ ଶ୍ରେଣୀର (ଆର୍ଥିକ ମାନଦଣ୍ଡରେ) ମହିଳାମାନେ ପ୍ରାୟତଃ ଆୟ ଉପାର୍ଜନ କାର୍ଯ୍ୟ ସହିତ ସେବାଯତ୍ନ ଓ ଘରୋଇ ଦାୟିତ୍ୱବୋଝ ମୁଣ୍ଡାଇବାକୁ ବାଧ୍ୟ ହୁଅନ୍ତି। ତେଣୁ ସେମାନେ ପୁରୁଷମାନଙ୍କ ତୁଳନାରେ ଅଧିକ 'ସମୟ-ଦାରିଦ୍ର୍ୟତା' ଅନୁଭବ କରନ୍ତି।

ଅନ୍ୟପକ୍ଷରେ ବିବାହ ଓ ଶ୍ରମ ବଜାରର ପାରସ୍ପରିକ ସମ୍ପର୍କ ମହିଳାମାନଙ୍କୁ ଦୈନିକ କାର୍ଯ୍ୟର ଦ୍ୱିଗୁଣିତ ବୋଝ ବହନ କରିବାକୁ ବାଧ୍ୟ କରେ। ଏହାକୁ ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ ବିବାହିତ ମହିଳାମାନଙ୍କୁ ଅବୈତନିକ ଘରୋଇ ଓ ସେବାଯତ୍ନରେ ଅଧିକ ସମୟ ନିୟୋଜିତ କରିବାକୁ ପଡ଼ିଥାଏ। ତତ୍‌ସହିତ ଆର୍ଥିକ ଚାପ କାରଣରୁ ମଜୁରୀ କାମର ବା ସବୈତନିକ କାମର ବୋଝ ମଧ୍ୟ ସେମାନଙ୍କ ଉପରେ ଗୁରୁତର ଭାବେ ପଡ଼ିଥାଏ। ଭାରତ ଭଳି ବିକାଶୋନ୍ମୁଖୀ ଦେଶରେ ଏହା ଅଧିକ ମାତ୍ରାରେ ଦୃଷ୍ଟିଗୋଚର ହୋଇଥାଏ। ଆମର ସାମ୍ପ୍ରତିକ ଅଧ୍ୟୟନ ଓ ଗବେଷଣାଲବ୍ଧ ତଥ୍ୟ ଅନୁଯାୟୀ, ବିବାହିତ ଓ ଅର୍ଥ-ଉପାର୍ଜନ ଜଡ଼ିତ କାର୍ଯ୍ୟରେ ନିୟୋଜିତ ମହିଳାମାନେ ମୋଟ କାର୍ଯ୍ୟର ସର୍ବାଧିକ ବୋଝ (ବୈତନିକ + ଅବୈତନିକ) ବହନ କରନ୍ତି। ଫଳସ୍ୱରୂପ ସେମାନେ ସର୍ବନିମ୍ନ ଅବଶିଷ୍ଟ ଖାଲି ସମୟ ଉପଭୋଗ କରନ୍ତି।

ବୃଦ୍ଧି ପାଉଥିବା ପ୍ରତିଯୋଗିତା ଓ ସଫଳତାର ନିରନ୍ତର ପ୍ରୟାସ ସହିତ ଆଧୁନିକ ଅର୍ଥବ୍ୟବସ୍ଥା ଏପରି ଏକ କାର୍ଯ୍ୟସଂସ୍କୃତି ଆଡ଼କୁ ଅଗ୍ରସର ହେଉଛି, ଯେଉଁଠାରେ ଦୀର୍ଘସମୟ ଧରି କରାଯାଉଥିବା କାର୍ଯ୍ୟକୁ କେବଳ ପ୍ରୋତ୍ସାହିତ କରାଯାଉ ନାହିଁ, ବରଂ ଅଧିକ ଆଶା ମଧ୍ୟ ରହୁଛି। ସହରାଞ୍ଚଳର ଔଦ୍ୟୋଗିକ କାର୍ଯ୍ୟସ୍ଥଳରେ ବ୍ୟବସାୟ ଏବଂ ଉତ୍ପାଦକତାର ଗୌରବ ବ୍ୟକ୍ତିବିଶେଷଙ୍କୁ ବ୍ୟକ୍ତିଗତ ଏବଂ ପାରିବାରିକ ସମୟ ତ୍ୟାଗ କରିବା ବଦଳରେ ବୃତ୍ତିଗତ ସଫଳତା ହାସଲ କରିବାକୁ ଚାପ ପକାଉଛି। ସହରୀକରଣର ଦ୍ରୁତ ଅଗ୍ରଗତି ସାମ୍ପ୍ରତିକ ପରିସ୍ଥିତିକୁ ଆହୁରି ଜଟିଳ କରୁଛି। ମେଟ୍ରୋପଲିଟାନ ସହରଗୁଡ଼ିକର ବ୍ୟସ୍ତବହୁଳ ରାସ୍ତାକଡ଼ରେ ଭିଡ଼ଯୁକ୍ତ ଟ୍ରାଫିକ ପ୍ରତିଦିନ ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣର ଉତ୍ପାଦକ ସମୟ ନଷ୍ଟ କରେ। ଫଳସ୍ୱରୂପ, ଯାତ୍ରୀମାନେ ସେମାନଙ୍କର ଦୈନନ୍ଦିନ ଆବଶ୍ୟକ ଅବସର ସମୟକୁ ବଳି ଦେଇ ଆୟ ଉପାର୍ଜନ ଜଡ଼ିତ କାର୍ଯ୍ୟରେ ଖାପଖୁଆଇବା ପାଇଁ ପ୍ରୟାସ କରନ୍ତି। ରାସ୍ତାକଡ଼ ବିକ୍ରେତାଙ୍କଠାରୁ ଆରମ୍ଭ କରି ଘରୋଇ ସହାୟିକା (ବୈତନିକ) ପର୍ଯ୍ୟନ୍ତ ସେବା କର୍ମୀମାନେ ଏହାଦ୍ୱାରା ପ୍ରଭାବିତ ହୁଅନ୍ତି ଏବଂ ଜୀବିକା ନିର୍ବାହ ତଥା ରକ୍ଷଣାବେକ୍ଷଣ ପାଇଁ ଦୀର୍ଘ ସମୟ କାମ କରନ୍ତି। ପ୍ରତିଦ୍ୱନ୍ଦ୍ୱିତାମୂଳକ ସହରାଞ୍ଚଳରେ ଜନସେବାର କୁପରିଚାଳନା ଯୋଗୁଁ ପ୍ରାୟତଃ ଲମ୍ବା ଧାଡ଼ି ସହିତ ଅମଲାତାନ୍ତ୍ରିକ ପ୍ରକ୍ରିୟା ଅଧିକ ସମୟ ଅପଚୟ କରେ, ଯାହା ବିଶ୍ରାମ ଏବଂ ଅବସର ପାଇଁ ଆବଶ୍ୟକ ସମୟକୁ ଆହୁରି ସୀମିତ କରେ।

ଅଧିକ ସମୟ କାମ କିମ୍ବା ଖାଲି ସମୟର ଅଭାବ ମାନବ ସମ୍ବଳ ଓ ସାମାଜିକ ପୁଞ୍ଜି ଅଭିବୃଦ୍ଧି କ୍ଷମତା ଦିଗରେ ବାଧା ସୃଷ୍ଟି କରେ। ଏଥିପାଇଁ ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ଆବଶ୍ୟକ ସମୟ ଶୋଚନୀୟ ଭାବରେ ବାଧାପ୍ରାପ୍ତ ହୁଏ ଏବଂ ବଜାରରେ ସେମାନେ କରୁଥିବା ଅର୍ଥନୈତିକ ଯୋଗଦାନକୁ ସୀମିତ କରେ। 'ସମୟ-ଦାରିଦ୍ର୍ୟତା'ରେ ପୀଡ଼ିତ ମହିଳାମାନେ ମଜୁରୀଭିତ୍ତିକ ନିଯୁକ୍ତି ଓ ଶ୍ରମ ବଜାରରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୁଅନ୍ତି। ଏଭଳି ପ୍ରଭାବର ପରିଣାମ ସ୍ୱରୂପ ପରିବାରରେ ଝିଅର ଶିକ୍ଷା ମଧ୍ୟ ବଳି ପଡ଼େ। ଆଉ ଏକ ଗବେଷଣା ଅନୁଯାୟୀ, 'ସମୟ-ଦାରିଦ୍ର୍ୟତା' ମହିଳାଙ୍କ ଉପରେ ପୁରୁଷଙ୍କ ନିୟନ୍ତ୍ରଣକୁ ମଜବୁତ କରିଥାଏ। ଏହା ହିଁ ଭାରତ ପରି ରୁଢ଼ିବାଦୀ ଓ ପୁରୁଷକେନ୍ଦ୍ରିକ ଦେଶରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଇନ୍ଧନ ଯୋଗାଇଥାଏ।

ବର୍ତ୍ତମାନ ସମାଜରେ ଦ୍ୱୈତ ଉପାର୍ଜନ କରୁଥିବା ପରିବାର ସଂଖ୍ୟା ବୃଦ୍ଧି ପାଉଥିବା ହେତୁ ଆଗାମୀ ବର୍ଷଗୁଡ଼ିକରେ 'ସମୟ-ଦାରିଦ୍ର୍ୟତା' ସମସ୍ୟା ଆହୁରି ଉତ୍କଟ ହୋଇପାରେ। ଆମେ ସ୍ୱୀକାର କରୁଛୁ ଯେ ଏହି ଆହ୍ୱାନର ମୁକାବିଲା କରିବା ପାଇଁ ବହୁମୁଖୀ ଆଭିମୁଖ୍ୟ ରଣନୀତିର ଆବଶ୍ୟକତା ଅଛି। ଏଥିପାଇଁ ନୀତି ନିର୍ଦ୍ଧାରକ, ବିକାଶ କାର୍ଯ୍ୟକର୍ତ୍ତା ତଥା ଗବେଷକମାନଙ୍କ ସମାନ ଭୂମିକା ରହିଛି। ଅନୁକୂଳ କାର୍ଯ୍ୟ ସମୟ ଏବଂ ଟେଲିକମ ବିକଳ୍ପ ପରି ନମନୀୟ କାର୍ଯ୍ୟ ବ୍ୟବସ୍ଥା କାର୍ଯ୍ୟ-ଜୀବନ ସନ୍ତୁଳନକୁ ବୃଦ୍ଧି କରିପାରେ ଏବଂ ସମୟ ଚାପକୁ ହ୍ରାସ କରିପାରେ। ଗବେଷଣା ଲବ୍ଧ ସିଦ୍ଧାନ୍ତ ଅନୁଯାୟୀ, ସ୍ୱଳ୍ପ କାର୍ଯ୍ୟ ସମୟ କିମ୍ବା ସଂକୁଚିତ କାର୍ଯ୍ୟ ସପ୍ତାହ ଶ୍ରମିକଙ୍କ ଉତ୍ପାଦକତା ବୃଦ୍ଧି କରିଥାଏ, ଯାହାଦ୍ୱାରା ସାମଗ୍ରିକ ଆର୍ଥିକ ଉତ୍ପାଦନ ବୃଦ୍ଧି ପାଇଥାଏ। ପିତାମାତାଙ୍କ ଦେୟଯୁକ୍ତ ଛୁଟି(ପେଡ୍ ଲିଭ) ଓ ଅସୁସ୍ଥତା ଜନିତ ଛୁଟି(ସିକ୍ ଲିଭ୍)ପରି ନୀତିଗତ ପଦକ୍ଷେପ ପରିବର୍ତ୍ତନ କରିବାର ସମୟ ଏବେ ଆସିଛି, ଯାହା ଶ୍ରମିକମାନଙ୍କୁ ସେମାନଙ୍କର ଆୟ କିମ୍ବା ଚାକିରି ସୁରକ୍ଷାକୁ ବିପଦରେ ନପକାଇ ଘରୋଇ ଦାୟିତ୍ୱରେ ନିୟୋଜିତ କରିବାକୁ ଆକୃଷ୍ଟ କରିଥାଏ।

ଆମେରିକା, ଅଷ୍ଟ୍ରେଲିଆ, ସ୍ୱିଡେନ, ନ୍ୟୁଜିଲାଣ୍ଡ, ଜର୍ମାନୀ ଇତ୍ୟାଦି ଦେଶ ପରିବାରର ଅସୁସ୍ଥ ସଦସ୍ୟଙ୍କ ଯତ୍ନ ନେବା ପାଇଁ କର୍ମଚାରୀଙ୍କୁ ଦେୟଯୁକ୍ତ ଛୁଟି ଓ ଭତ୍ତା ପ୍ରଦାନ କରୁଛନ୍ତି, ଯେଉଁଠାରେ 'ସମୟ-ଦାରିଦ୍ର୍ୟତା'ର କମ ଉଦାହରଣ ଦେଖିବାକୁ ମିଳୁଛି। ଦେୟଯୁକ୍ତ ଶିଶୁ ଓ ବୟସ୍କଙ୍କ ସେବା ଯତ୍ନ ରୋଜଗାରର ଉତ୍ସ ସହିତ 'ସମୟ-ଦାରିଦ୍ର୍ୟତା'କୁ ସନ୍ତୁଳିତ କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିପାରେ। ଅବସର ଓ ମନୋରଞ୍ଜନ କାର୍ଯ୍ୟକଳାପରେ ସାର୍ବଜନୀନ ପୁଞ୍ଜି ବିନିଯୋଗ, ଉଦାହରଣ ସ୍ୱରୂପ କମ୍ୟୁନିଟି ପାର୍କ ଓ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ ଆଦି, ବ୍ୟକ୍ତି ଓ ପରିବାର ଉପରେ ଥିବା ସମୟ ଚାପର ପ୍ରଭାବକୁ ପ୍ରତିହତ କରି ବିଶ୍ରାମ ସହିତ ସାମାଜିକ ଯୋଗଦାନକୁ ପ୍ରୋତ୍ସାହିତ କରିପାରିବ।

'ସିନିୟର ରିସର୍ଚ୍ଚ ଫେଲୋ-ଜେଏନୟୁ'
ନୂଆଦିଲ୍ଲୀ, ମୋ: ୯୩୯୮୩୪୬୫୨୩

# ସମ୍ପର୍କରେ ନ ଲାଗୁ ଛିଟା



**ସୁବ୍ରତ ଦାସ**

ସମ୍ପର୍କ ଏକ ରଜ୍ଜୁରେ ବନ୍ଧା। ସେ ସମ୍ପର୍କକୁ ନେଇ କେତେ କଳ୍ପନାଜଳ୍ପନା। ସମ୍ପର୍କକୁ ନେଇ ଆଶାର ଆଲୋକ ଉଦୟ ହୁଏ। ସମ୍ପର୍କର ସୂତା ଝିଅ ଛିଡ଼ିଗଲେ ସବୁ ବନ୍ଧନ ତୁଟି ଯାଏ। ସମ୍ପର୍କର ସୀମା ସରହଦ ପାର ହୋଇଗଲେ ଲାଗିଯାଏ କଳଙ୍କ। ସମ୍ପର୍କ ଭାଙ୍ଗି ଚୁରମାର ହୋଇଯାଏ। ସମ୍ପର୍କର ସେତୁବନ୍ଧ ବାନ୍ଧିବା ଯେତେ କଷ୍ଟକର, ଭାଙ୍ଗିବା ତହିଁରୁ ସହଜ। ସମ୍ପର୍କର ବସାଘର ବିଶ୍ୱାସର ପ୍ରତୀକ। ସେହି ସମ୍ପର୍କକୁ ନେଇ ଜୀବନସଉଦା। ସମ୍ପର୍କକୁ ନେଇ ବାଲିଘର ତିଆରି! ପୁଣି ବାଲିଘର କେତେବେଳେ ଉଜୁଡ଼ି ଯାଏ, ଯେବେ ସମ୍ପର୍କରେ ଭଙ୍ଗା ଆସେ। ଏମିତି ଅସୁମାରୀ ସ୍ୱପ୍ନ ଆଖି ଆଇନାରେ ଝଲସି ଉଠେ। ମନେ ପଡ଼େ ସ୍ମୃତିର ଗହନ ଗହ୍ୱରର କଥା। ସମ୍ପର୍କର ମଜଭୂତ ମେରୁଦଣ୍ଡ ହଠାତ୍ ଏମିତି ଭାଙ୍ଗି ଚୂରମାର ହୋଇଯାଏ।

ସମ୍ପର୍କ ବ୍ୟକ୍ତିରୁ ସୃଷ୍ଟି ହୋଇ ବ୍ୟକ୍ତିଗତ, ପରିବାରରୁ ପାରିବାରିକ, ସମାଜରୁ ସାମାଜିକ ଗୋଷ୍ଠୀ ପର୍ଯ୍ୟନ୍ତ ବ୍ୟାପ୍ତ ଥାଏ। ସମ୍ପର୍କ ଗୋଟିଏ ସ୍ମିତହାସ୍ୟରୁ ଉକୁଟି ସ୍ନେହ, ପ୍ରେମ, ମମତା, ବାତ୍ସଲ୍ୟପଣ, ଉତ୍ସର୍ଗ, ଉଦାର ସାହାଯ୍ୟ, ତ୍ୟାଗ, ବଳିଦାନ ପର୍ଯ୍ୟନ୍ତ ଲମ୍ବି ଥାଏ। କେତେବେଳେ କୋମଳ ଶିଶୁ ପରି ବାତ୍ସଲ୍ୟ ମମତା ପାଇଁ ଉଜୁଡ଼ାଇ ଥିବା ସ୍ନେହ ତ କେତେବେଳେ ପରିବାରର ମୁଖ୍ୟ ଅଭିଭାବକ ଭାବେ ଆଦେଶ ପ୍ରଦାନର ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିଥାଏ। କାରଣ ସେଠି ସମ୍ପର୍କ ଏକ ଉତ୍ତରଦାୟିତ୍ୱର ବାହକ। ଏମିତି ବ୍ୟକ୍ତିଗତ ବିଶେଷରେ ପରିବାରରେ ଭାଇ-ଭଉଣୀ, ବାପ-ପୁଅ-ଝିଅ, ବାପ-ମାଆର ସମ୍ପର୍କ ଏକ ରକ୍ତର ସମ୍ପର୍କ। ତଦନୁସାରେ ପରିବାର ସହ ପଡ଼ୋଶୀ, କୁଟୁମ୍ବ ମଧ୍ୟ ସମ୍ପର୍କରେ ବନ୍ଧା ହୋଇଥା'ନ୍ତି। ଆଉ ସେହି ସମ୍ପର୍କ ମଜଭୂତ ହେଲେ ଗୋଟିଏ ଦାୟିତ୍ୱବୋଧ ମନ ଭିତରେ ଆସିଥାଏ।

ମାତ୍ର ସମ୍ପର୍କ ଯେତେବେଳେ ବ୍ୟାପ୍ତ ହୁଏ, ସାମାଜିକ ଗୋଷ୍ଠୀରେ ପରିବେଶରେ ସେତେବେଳେ ସମ୍ପର୍କ ଆଉ ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହି ନ ଥାଏ। ସମ୍ପର୍କର ସୂତା ଖିଅଟା ଲମ୍ବି ଲମ୍ବି ଯାଏ। ସମ୍ପର୍କ ଏକ ଉଡ଼ନ୍ତା ଚଢ଼େଇ ପରି। ଯେତେ ଦୂର ଗତି କରିବା ସେତେ ବାଟ ଯାଏଁ ସମ୍ପର୍କ ମଜଭୂତ ହୋଇ ଚାଲିବ। ସମ୍ପର୍କର ସେତୁବନ୍ଧ ତିଆରି ପାଇଁ ଦୁଇଟି ଖୋଲାମନ, ଖୋଲା ହୃଦୟ ଆବଶ୍ୟକ। ସେହି ହୃଦୟ ହୃଦୟର ଆକର୍ଷଣ ହିଁ ସମ୍ପର୍କର ଅନନ୍ୟ ସୃଷ୍ଟି। ସେ ସମ୍ପର୍କ ବିଦଗ୍ଧ ହୁଏ ପ୍ରେମରେ, ଭଲ ପାଇବାରେ ବା ପ୍ରଣୟରେ। ଯୌବନର ରଙ୍ଗୀନ ବୟସରେ ସମ୍ପର୍କ ଏକ ଚାରା ଗଛ ପରି। ଯେଉଁଠି ଉର୍ବର ମୃତ୍ତିକାରେ ରୋପଣ କରିବ, ସେଇଠି ଅଙ୍କୁରୋଦ୍‌ଗମ ହେବ। ସେହି ଚପଳ ବୟସରେ ପ୍ରଣୟର ସମ୍ପର୍କ ଅନେକ ସ୍ଥାପନ ହୁଏ। ମାତ୍ର ଜୀବିତ କିଞ୍ଚିତ ରହେ। କାରଣ ସେଠି ସମ୍ପର୍କ ସୃଷ୍ଟି ହୁଏ ଏକ ଆବେଗର, ଏକ ଉନ୍ମାଦନରୁ, ଏକ କ୍ଷଣିକ ଉତ୍ତେଜନାରୁ। ଆଉ ସାମାନ୍ୟ ଭୁଲ୍‌ରେ ସୃଷ୍ଟି ହୁଏ ଉତ୍ତେଜନା। ଅବୁଝା ଓ ଅମାନିଆ ମନ ଜୀବନର ଦୋଛକିରେ ଭୁଲ୍ ବୁଝାମଣା ଯୋଗୁଁ ଆରମ୍ଭ ହୁଏ ସମ୍ପର୍କରେ ଝଡ଼। ତର୍କ, ବିତର୍କ, ମନୋମାଳିନ୍ୟ, ଅନୁପସ୍ଥିତ, ଆରୋପ, ପ୍ରତ୍ୟାରୋପ, ପରକୀୟା ପ୍ରୀତି ପାଇଁ ସେ ସମ୍ପର୍କ ସେଇଠି ଭାଙ୍ଗି ଯାଏ। ମନରେ ତିକ୍ତତା ଆସେ। ପ୍ରେମ ହୁଏ ଅନ୍ଧକାରମୟ, ଛାରଖାର। ତେଣୁ ପ୍ରେମର ଶିଥିଳତା, ଭଗ୍ନ କୋଣାର୍କର ପ୍ରତିଛବି ଆଉ ଅସୁମାରୀ ତରଙ୍ଗର ଭଙ୍ଗା ସୃଷ୍ଟି ହୁଏ ପ୍ରେମର ବିଚ୍ଛୁଡ଼ା ସମ୍ପର୍କ ପାଇଁ। ସେଇଠି ସମ୍ପର୍କର ମାନେ ହୁଏ ମୂଲ୍ୟହୀନ। ସମ୍ପର୍କ ହୁଏ ଛିନ୍ନ। ସମ୍ପର୍କ ହୁଏ ଦୁଇଫାଳ। ପ୍ରେମୀ ଯୁଗଳ ସହଜରେ କୁହନ୍ତି ଯାହାକୁ ବ୍ରେକ-ଅପ୍।

ଧନ୍ୟ ଏ ମିଛ ଗଢ଼ା ସମ୍ପର୍କ। ସମ୍ପର୍କର ମାନେ ନୁହେଁ ଆବେଗର ଆହ୍ୱାନ। ସମ୍ପର୍କ ମାନେ ହିଁ ନିରବଚ୍ଛିନ୍ନ ହୃଦୟର ଭାବ। ଆଶାହୀନ ଭଲ ପାଇବା, ସ୍ପର୍ଶହୀନ ଆବେଗ, ନିଃସ୍ୱାର୍ଥପର ଭାବନା, ତ୍ୟାଗ, ବଳିଦାନର ସମାହାର। ସେଥିପାଇଁ ତ୍ୟାଗପୂତ ଜୀବନ ଜିଇଁବାକୁ ହୁଏ। ଜୀବନର ଚଲାପଥରେ ହୁଏତ ବହୁ ବାଧା ଆସିପାରେ। ସନ୍ଦେହ, ସନ୍ଦୀହାନର ଦୋଛକିରେ ହୁଏତ ଛନ୍ଦି ହୋଇ ପାରନ୍ତି। ମାତ୍ର ସାତ୍ତ୍ୱିକ ସମ୍ପର୍କ ରହେ ସବୁଦିନ ପାଇଁ ମଧୁର, ମଧୁମୟ। ସେ ମଧୁର ମଧୁଝରା ଫଲଗୁରେ ଭିଜିବାକୁ ହେଲେ ବିଶ୍ୱାସ ହିଁ ଗୋଟିଏ ଶକ୍ତ ମାପକାଠି ଭଳି ଦଣ୍ଡାୟମାନ ହୁଏ। ଯେତେଦିନ ଯାଏଁ ବିଶ୍ୱାସ ବଳବତ୍ତର ରହେ, ସେ ସମ୍ପର୍କର ଦାଗ ଲାଗେ ନାହିଁ। ସମ୍ପର୍କରେ କାଳିମା ଲାଗିଯାଏ, ଯେତେବେଳେ ସେ ବିଶ୍ୱାସ ରୂପକ ମାପକାଠିଟି ଭାଙ୍ଗିଯାଏ। ପ୍ରଲୋଚନାର ଶିକାର ହୁଏ। ମନ୍ଦ ବୁଦ୍ଧି ମନରେ ଉଦ୍ରେକ କରେ। ଅର୍ଥ ହିଁ ସବୁକିଛି ବୋଲି ବିବେଚନା କରେ। ନିଜକୁ ଅୟସ, ଆରାମ, ଭୋଗ, ବିଳାସ ଆଉ ପ୍ରାଚୁର୍ଯ୍ୟ ଭିତରେ ବୁଡ଼ି ରହିବାକୁ ଚେଷ୍ଟା କରେ। ସେତେବେଳେ ଆରମ୍ଭ ହୁଏ ପରିବାର ମଧ୍ୟରେ ଝଡ଼! ଅଶାନ୍ତ, ଉଦାର ଭାରାକ୍ରାନ୍ତ ତିକ୍ତତାରେ ମନର ସରାଗଟା ମଳିନ ପଡ଼ିଯାଏ। ସମ୍ପର୍କରେ ଲାଗିଯାଏ କାଳିମାର ଛିଟା। ସମ୍ପର୍କ ହୁଏ ବିଦାର, ବିଚ୍ଛେଦ। ସମ୍ପର୍କର ମୂଳଦୁଆ ଭୁଶୁଡ଼ି ପଡ଼େ। ସବୁ ସମ୍ପର୍କ ହୁଏ ଛିନ୍ନ।

ସେଥିପାଇଁ ପ୍ରିୟଜନ, ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବ ନିଜର ପ୍ରିୟ ସାଥୀ, ଗୁରୁ ଗୁରୁଜନ ଓ ବିଶ୍ୱସ୍ତ ପ୍ରିୟଜନର ଆବଶ୍ୟକତା ଅଧିକ ହୋଇଥାଏ। ବ୍ୟକ୍ତିଗତ ହେଉ ଅବା ପାରିବାରିକ; ବିଶୃଙ୍ଖଳାର ସୀମା ଲଂଘି ଗଲେ ତା'କୁ ଅକ୍ତିଆର କରିବା ସହଜସାଧ ନହେଲେ ବି ଅନେକାଂଶରେ ସହଯୋଗୀ ସହକର୍ମୀଙ୍କ ଉଚିତ୍ ପରାମର୍ଶ, ଆପୋସ ବୁଝାବଣା, ବିଶ୍ୱସ୍ତଙ୍କ ହସ୍ତକ୍ଷେପ ସମସ୍ୟାର ସମାଧାନ କରିପାରେ। ସେଥିପାଇଁ ନିଜକୁ ସମର୍ପଣ, ସମର୍ପିତ, ବିଶ୍ୱାସଭାଜନ, ସ୍ଥିତପ୍ରଜ୍ଞ, ସ୍ଥିରଚିତ୍ତ ହେବାକୁ ପଡ଼ିବ। ତେବେ ଜୀବନ ସୁଖମୟ, ସରସ ହେବ। ମାନସିକ ଭାରାକ୍ରାନ୍ତ, ମାନସିକ ଅବସାଦରୁ କ୍ଷାନ୍ତ ହେବ। ସମ୍ପର୍କ ସୁମଧୁର ହୋଇ ତିଷ୍ଠି ରହିବ। ନହେଲେ ସାରାଦିନ କଳଙ୍କ, କାଳିମାର ଦାଗ ନେଇ ଜୀବନ ଜିଇଁବା ଟା ହିଁ ସାର ହେବ। ତେଣୁ ପ୍ରତ୍ୟେକ ବ୍ୟକ୍ତି ସମ୍ପର୍କକୁ ସ୍ନେହ, ଶ୍ରଦ୍ଧା, ପ୍ରେମ ବନ୍ଧନରେ ବାନ୍ଧି ରଖିବାର ପ୍ରଚେଷ୍ଟାକୁ ନିଜ ହୃଦୟରେ ଉଜ୍ଜୀବିତ କରିବା ଉଚିତ୍।

ରାଜେନ୍ଦ୍ରପୁର(ଭଦ୍ରକ),
ମୋ: ୯୪୩୭୭୩୧୯୦୩

# ଜନଜାତୀୟ ଗୌରବ ଦିବସର ସାର୍ବଜନୀନକରଣ

**ଡ.ପରମାନନ୍ଦ ନାଏକ**

ଓଡ଼ିଶାରେ ବସବାସ କରୁଥିବା ୬୪ ପ୍ରକାରର ଜନଜାତି ସଂପ୍ରଦାୟ ଏକ ଅନନ୍ୟ ପରିଚୟ ସୃଷ୍ଟି କରିବା ସହିତ ଓଡ଼ିଶା ସଂସ୍କୃତି ଓ ଜାତୀୟ ଐତିହ୍ୟକୁ ସମୃଦ୍ଧ କରିଛନ୍ତି। କଳା, କ୍ରୀଡ଼ା, ରାଜନୀତି ଆଦି କ୍ଷେତ୍ରରେ ସେମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ରାଷ୍ଟ୍ର ନିର୍ମାଣରେ ଜନଜାତି ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ହୃଦୟଙ୍ଗମ କରି ଭାରତ ସରକାର ସେମାନଙ୍କ ସଂସ୍କୃତିର ସୁରକ୍ଷା ଓ ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଭାରତରେ ବାସ କରୁଥିବା ଜନଜାତି ସମ୍ପ୍ରଦାୟର ଅବଦାନ, ସଂସ୍କୃତି ଓ ଅଧିକାରକୁ ସମ୍ମାନ ଓ ସ୍ୱୀକୃତି ଦେବା ପାଇଁ ଭାରତ ସରକାର ନଭେମ୍ବର ୧୫ ତାରିଖ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମଦିବସକୁ 'ଜନଜାତୀୟ ଗୌରବ ଦିବସ' ଭାବେ ପାଳନ କରି ଆସୁଛନ୍ତି। ଦେଶର ସମସ୍ତ ଅଞ୍ଚଳକୁ ଜନଜାତୀୟ ଗୌରବ ଦିବସର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟକୁ ବିସ୍ତାର କରିବା ହେଉଛି 'ସାର୍ବଜନୀନକରଣ।' ଆଗାମୀ ପିଢ଼ିଙ୍କୁ ଦେଶ ପ୍ରତି ସେମାନଙ୍କ ବଳିଦାନ ବିଷୟରେ ଅବଗତ କରାଇବା ପାଇଁ ଭାରତ ସରକାରଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପ୍ରଚେଷ୍ଟା।

ବିର୍ସା ମୁଣ୍ଡା ୧୮୭୫ ମସିହା ନଭେମ୍ବର ୧୫ ତାରିଖରେ ବର୍ତ୍ତମାନର ଝାଡ଼ଖଣ୍ଡ ରାଜ୍ୟର ଉଲିହାତୁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାଲ୍ୟକାଳ ଅତି ଦାରିଦ୍ର୍ୟ ମଧ୍ୟରେ ଅତିବାହିତ ହୋଇଥିଲା। ବୟସ ବଢ଼ିବା ସହ ତାଙ୍କ ହୃଦୟରେ ଦେଶପ୍ରେମ ଜାଗ୍ରତ ହୋଇଥିଲା ଏବଂ ଏହା ବିପ୍ଳବର ରୂପ ନେଇଥିଲା। ପ୍ରକୃତି ଓ ପ୍ରାକୃତିକ ସମ୍ପଦ ଉପରେ ନିର୍ଭର କରି ବଞ୍ଚୁଥିବା ଜନଜାତିମାନଙ୍କୁ ବ୍ରିଟିଶ୍ ସରକାରଙ୍କ ସ୍ଥିତି ବ୍ୟତିବ୍ୟସ୍ତ କରିଦେଇଥିଲା। ଇଂରେଜମାନେ କୃଷି ବ୍ୟବସ୍ଥାକୁ ଧ୍ୱଂସକରି ଛୋଟ ନାଗପୁର ଅଞ୍ଚଳରେ ସାମନ୍ତବାଦୀ ଜମିଦାରୀ ବ୍ୟବସ୍ଥା ପ୍ରଚଳନ କରିଥିଲେ। ବିର୍ସା ମୁଣ୍ଡା ଅନୁମାନ କରିଥିଲେ ଯେ ବ୍ରିଟିଶ ଶାସନ ହିଁ ସମସ୍ତ ସମସ୍ୟା ଓ ଅତ୍ୟାଚାରର ମୂଳ କାରଣ। ତେଣୁ ସେ ଜନଜାତିର ଲୋକମାନଙ୍କୁ ଏକଜୁଟ୍ କରି ଇଂରେଜ ବିରୋଧରେ ବିପ୍ଳବ ଆରମ୍ଭ କରିଥିଲେ।

ବିର୍ସାମୁଣ୍ଡା ଅନେକ ଅନ୍ଧବିଶ୍ୱାସୀ ସଂସ୍କାରକୁ ଦୂର କରିଥିଲେ, ଅନେକ ସାମାଜିକ ସୁଧାର ଆଣିଥିଲେ ଏବଂ ଜନଜାତିଙ୍କ ଗୌରବକୁ ପୁନର୍ଜୀବିତ କରିବା ପାଇଁ କାର୍ଯ୍ୟ କରିଥିଲେ। ବିର୍ସା ମୁଣ୍ଡା ଥିଲେ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଦୂରଦୃଷ୍ଟି ସମ୍ପନ୍ନ ସମାଜ ସଂସ୍କାରକ ତଥା ଦେଶର ପୂଜନୀୟ ଜନଜାତି ନେତା, ଯିଏ ବ୍ରିଟିଶ ଶୋଷଣକାରୀ ବ୍ୟବସ୍ଥା ବିରୋଧରେ ସାହସର ସହ ଲଢ଼ିଥିଲେ ଏବଂ ଜୀବନକାଳ ମଧ୍ୟରେ ଜଣେ କିମ୍ବଦନ୍ତୀ ବ୍ୟକ୍ତିତ୍ୱରେ ପରିଣତ ହୋଇଥିଲେ। ସେଥିପାଇଁ ତାଙ୍କୁ ଅନେକ ସମୟରେ ଭଗବାନ ବୋଲି କୁହାଯାଏ। ଜନଜାତିମାନଙ୍କୁ ଉଲ୍‌ଗୁଲାନ (ବିଦ୍ରୋହ) ପାଇଁ ଆହ୍ୱାନ ଦେଇ ସେ ଜନଜାତି ଆନ୍ଦୋଳନକୁ ସଙ୍ଗଠିତ କରିଥିଲେ ଓ ନେତୃତ୍ୱ ନେଇଥିଲେ। ଜନଜାତିମାନଙ୍କର ପ୍ରତିରୋଧ ଆନ୍ଦୋଳନ ଥିଲା ଭାରତ ସ୍ୱାଧୀନତାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେ ଜନଜାତିମାନଙ୍କୁ ସେମାନଙ୍କ ସାଂସ୍କୃତିକ ଆଧାରକୁ ବୁଝିବା ଏବଂ ଏକତା ପାଳନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ।

ବିର୍ସାମୁଣ୍ଡା ବ୍ରିଟିଶ ପୁଲିସ ଦ୍ୱାରା ଧରାପଡ଼ି ଜେଲରେ ବନ୍ଦୀ ହୋଇଥିଲେ। ବନ୍ଦୀ ଅବସ୍ଥାରେ ୯ ଜୁନ ୧୯୦୦ରେ ମୃତ୍ୟୁବରଣ କରିଥିଲେ। କିନ୍ତୁ ଭଗବାନ ବିର୍ସା ମୁଣ୍ଡାଙ୍କ ଅଦମ୍ୟ ସଂଗ୍ରାମ ବ୍ୟର୍ଥ ଯାଇ ନ ଥିଲା। ଏହା ବ୍ରିଟିଶରାଜକୁ ଜନଜାତିମାନଙ୍କ ଦୁର୍ଦ୍ଦଶା ଏବଂ ଶୋଷଣ ବିଷୟରେ ଅବଗତ ହେବା ପାଇଁ ବାଧ୍ୟ କରିଥିଲା ଏବଂ ଜନଜାତିମାନଙ୍କ ସୁରକ୍ଷା ପାଇଁ ୧୯୦୮ରେ ଛୋଟ ନାଗପୁର ପ୍ରଜାସତ୍ୱ ଆଇନ ପ୍ରଣୀତ ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ଆଇନ ଜନଜାତି ଜମିକୁ ଅଣ-ଆଦିବାସୀଙ୍କୁ ହସ୍ତାନ୍ତର କରିବା ଉପରେ ପ୍ରତିବନ୍ଧକ ଲଗାଇଥିଲା, ଯାହା ଜନଜାତି ଅଧିକାରର ସୁରକ୍ଷା ପାଇଁ ଏକ ଯୁଗାନ୍ତକାରୀ ଆଇନରେ ପରିଣତ ହୋଇଥିଲା।

ସହକାରୀ ଅଧ୍ୟାପକ
ନୃତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ମୋ: ୯୪୩୮୫୫୯୦୮୨

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବାଂଲାଦେଶ ସମ୍ବିଧାନରୁ ଉଠିଯିବ 'ସେକୁଲାର' ଶବ୍ଦ !



ଢାକା,୧୪।୧୧(ଏଜେନ୍ସି): ବାଂଲାଦେଶ ସମ୍ବିଧାନରୁ 'ସେକୁଲାର' (ଧର୍ମ ନିରପେକ୍ଷ) ଶବ୍ଦ ପ୍ରତ୍ୟାହାର କରିବାକୁ ଏବେ ସରକାରୀ ଅଧିକାରୀମାନେ ଦାବି କରିଛନ୍ତି। ଏଠାକାର ମୋଟ ଜନସଂଖ୍ୟାର ୯୦ ଭାଗ ମୁସଲମାନ ହୋଇଥିଲା ବେଳେ ସମ୍ବିଧାନରେ ଧର୍ମ ନିରପେକ୍ଷତା ଶବ୍ଦର କି ଆବଶ୍ୟକ ରହିଛି ବୋଲି ସରକାରୀ ସ୍ତରରେ ପ୍ରଶ୍ନ ଉଠିଛି। ତେଣୁ ଏହି ଶବ୍ଦକୁ ସମ୍ବିଧାନରୁ ତୁରନ୍ତ ପ୍ରତ୍ୟାହାର କରିବାକୁ ବାଂଲାଦେଶ ଆଟର୍ଣ୍ଣି ଜେନେରାଲ ମହମ୍ମଦ ଆଶାଦୁଜମନ ଦାବି କରିଛନ୍ତି। ଏହାବ୍ୟତୀତ ବଙ୍ଗବନ୍ଧୁ ଭାବେ ପରିଚିତ ଶେଖ ମୁଜିବୁର ରହେମନଙ୍କୁ ଜାତିର ପିତା ଆଖ୍ୟା ଦିଆଯାଇଥିବାରୁ ଏହାକୁ ମଧ୍ୟ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ସମ୍ବିଧାନରେ ସଂଶୋଧନ ଦ୍ୱାରା ଦେଶରେ ଏକଛତ୍ରବାଦକୁ ବନ୍ଦ କରାଯିବା ସହିତ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆହୁରି ମଜବୁତ କରାଯାଇପାରିବ ବୋଲି ଆଶାଦୁଜମନ କହିଛନ୍ତି।

## ଝିଅକୁ ହତ୍ୟାକଲା ବାପା; ବ୍ୟାଟ୍‌ରେ ବାଡ଼େଇ ଭାଙ୍ଗିଲା ୨୫ ହାଡ଼

ଲଣ୍ଡନ, ୧୪।୧୧ (ଏଜେନ୍ସି): ଲଣ୍ଡନରେ ରହୁଥିବା ପାକିସ୍ତାନ ବଂଶୋଦ୍ଭବ ଟ୍ୟାକ୍ସି ଡ୍ରାଇଭର ଜଘନ୍ୟ କାଣ୍ଡ ଘଟାଇଛି। ସେ ନିଜ ୧୦ ବର୍ଷୀୟ ଝିଅ ସାରାକୁ କ୍ରିକେଟ ବ୍ୟାଟ୍‌ରେ ପିଟି ପିଟି ହତ୍ୟା କରିଛି। ଏଥିଯୋଗୁଁ ସାରାଙ୍କ ୨୫ ହାଡ଼ ଭାଙ୍ଗି ଯାଇଥିଲା। ଅକଥନୀୟ କଷ୍ଟ ସହି ନ ପାରି ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ମୃତଦେହକୁ ଛାଡ଼ି ବାପା ଅନ୍ୟ ସମ୍ପର୍କୀୟଙ୍କ ସହ ଫେରାର ହୋଇ ଯାଇଥିଲା। ପୁଲିସ ଗିରଫ କରିବା ପରେ ହତ୍ୟାକାରୀ ବାପା ଉର୍ଫାନ ସରିଫ ଲଣ୍ଡନ ଟ୍ରାଏଲ କୋର୍ଟରେ ଦୋଷ ସ୍ୱୀକାର କରିଛି। ଏହି ଘଟଣା ୨୦୨୩ ଅଗଷ୍ଟ ୧୦ରେ। ଏହି ଦିନ ସାଉଥ୍-ୱେଷ୍ଟ ଲଣ୍ଡନ ସ୍ଥିତ ଘରବେଡ୍‌ରୁ ଝିଅର ମୃତଦେହ ଉଦ୍ଧାର କରାଯାଇଥିଲା। ହତ୍ୟା ପରେ ପତ୍ନୀ ବେଇନାଶ ବତୁଲ (୩୦), ଦାଦା ଫୈଜଲ ମଲିକ (୨୯) ଏବଂ ୫ ଶିଶୁଙ୍କ ସହ ବାପା ପାକିସ୍ତାନ ପଳାଇ ଥିଲା। ଇସଲାମାବାଦରେ ପହଞ୍ଚି ଲଣ୍ଡନ ପୁଲିସକୁ ଫୋନ୍ କରିଥିଲା। ସେ ଝିଅକୁ ନିର୍ଘୃମ ମାଡ଼ ମାରିଥିବା କହିଥିଲା। ଏହା ପରେ ଯାଞ୍ଚ ପାଇଁ ପୁଲିସ ଘରେ ପହଞ୍ଚି ଥିଲା। ସେଠାରେ ନାବାଳିକାଙ୍କ ମୃତ୍ୟୁ ହୋଇ ସାରିଥିବା ଦେଖିଥିଲା। ଏଠାରୁ ବାପା ଛାଡ଼ି ଯାଇଥିବା ଏକ ଚିଠି ମିଳିଥିଲା।

ଏହି ଚିଠିରେ ବାପ ଲେଖିଥିଲା ଯେ ଭୟରେ ଘର ଛାଡ଼ି ପଳାଇଛି। ଖୁବ୍‌ଶୀଘ୍ର ଦଣ୍ଡ ଭୋଗିବାକୁ ପୁଲିସ ନିକଟରେ ହାଜର ହେବି। ଝିଅକୁ ମାରିବାକୁ ଚାହୁଁ ନ ଥିଲି। କିନ୍ତୁ ବାଡ଼େଇବା ସମୟରେ ନିଜଠାରୁ ନିୟନ୍ତ୍ରଣ ହରାଇ ଦେଇଥିଲି। ଏହା ପରେ ପୁଲିସ ତିନି ଜଣଙ୍କ ବିରୋଧରେ ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଥିଲା। ନାବାଳିକାଙ୍କ ଶରୀରରେ କ୍ଷତ, ଦାନ୍ତରେ କାମୁଡିଥିବା ଏବଂ ଜଳାଇଥିବାର ଚିହ୍ନ ଥିଲା। ମାଡ଼ରେ ତାଙ୍କ କାନ୍ଧ, ମେରୁଦଣ୍ଡ, ଛାତି ସହିତ ୨୫ ହାଡ଼ ଭାଙ୍ଗି ଯାଇଥିବା ବ୍ୟବଚ୍ଛେଦରୁ ଜଣା ପଡ଼ିଥିଲା। ଟ୍ରାଏଲ ସମୟରେ ବାପ ପ୍ରଥମେ ପତ୍ନୀ ଉପରେ ଦୋଷ ଲଦି ଥିଲା। ମାତ୍ର ପରେ ପ୍ୟାକେଜିଂ ଟେପ୍‌ରେ ବାନ୍ଧି ବ୍ୟାଟ୍‌ରେ ବାଡ଼େଇ ତଣ୍ଟି ଚିପିବାକୁ ପ୍ରୟାସ କରିଥିବା ସ୍ୱୀକାର କରିଥିଲା।

### ନୂଆ ରୋଷ୍ଟର୍ ନିୟମ ଆଣିଲେ ସିଜେଆଇ ସଞ୍ଜୀବ ଖାନ୍ନା

## ଜନସ୍ୱାର୍ଥ ମାମଲାର ଶୁଣାଣି କରିବେ ୩ ଖଣ୍ଡପୀଠ

ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି): ସୁପ୍ରିମକୋର୍ଟର ୫୧ ତମ ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ଶୁଣାଣି ପାଇଁ ଗଠିତ ରୋଷ୍ଟର ନିୟମରେ ପରିବର୍ତ୍ତନ କରିଛନ୍ତି। ଦାୟିତ୍ୱ ଗ୍ରହଣର ତିନି ଦିନ ପରେ ଗୁରୁବାର ସେ ଜନସ୍ୱାର୍ଥ ମାମଲାର ଶୁଣାଣି ଲାଗି ୩ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ସିଜେଆଇ ଏବଂ ୨ ବରିଷ୍ଠ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ପ୍ରଥମ ତିନି ଖଣ୍ଡପୀଠ ଲେଟର ପିଟିସନ ଏବଂ ଜନସ୍ୱାର୍ଥ ମାମଲାର ଶୁଣାଣି କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବତନ ସିଜେଆଇ ୟୁୟୁ ଲଳିତଙ୍କ ସମୟରେ ସମସ୍ତ ୧୬ ଖଣ୍ଡପୀଠ ଜନସ୍ୱାର୍ଥ ମାମଲାର ଶୁଣାଣି କରୁଥିଲେ। ତେବେ ତାଙ୍କ ଉତ୍ତରାଧିକାରୀ ଥିବା ସିଜେଆଇ ଚନ୍ଦ୍ରଚୂଡ଼ ଏହି ପ୍ରଥାକୁ ବନ୍ଦ କରିଦେଇଥିଲେ।

ମାମଲା ଜାରି କରିବାର ନୂଆ ରୋଷ୍ଟର ନିୟମ ଅନୁଯାୟୀ ଲେଟର ପିଟିସନ ଏବଂ ପିଆଇଏଲ ବ୍ୟତୀତ ବିଷୟ ଆଧାରରେ ସିଜେଆଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଅଧିକାଂଶ ମାମଲାର ଶୁଣାଣି କରିବେ। ଏଥିରେ ସାମାଜିକ ନ୍ୟାୟ, ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, ସାଂସଦ ଏବଂ ବିଧାୟକଙ୍କ ନିର୍ବାଚନ ସମ୍ବନ୍ଧିତ ବିବାଦ, ବନ୍ଦୀ ପ୍ରତ୍ୟକ୍ଷୀକରଣ ଏବଂ ମଧ୍ୟସ୍ଥତା ମାମଲା ସାମିଲ ରହିଛି। ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ନିର୍ବାଚନ ସମ୍ବନ୍ଧିତ ମାମଲାର ଶୁଣାଣି କରିବେ। ଜଷ୍ଟିସ ଜେବି ପର୍ଦ୍ଦିୱାଲା ସାଧାରଣ ଦେୱାନୀ ମାମଲା ବ୍ୟତୀତ ପ୍ରତ୍ୟକ୍ଷ-ପରୋକ୍ଷ ଟିକସ ମାମଲା ଉପରେ ମଧ୍ୟ ଶୁଣାଣି କରିବେ। ବରିଷ୍ଠ ବିଚାରପତି ଖଣ୍ଡପୀଠର ନେତୃତ୍ୱ ନେବେ।

# ଚିନ୍ତା ବଢ଼ାଇଲା ମଣିପୁର



ଇମ୍ଫାଲ , ୧୪।୧୧(ଏଜେନ୍ସି): କିଛି ଦିନର ଅନ୍ତରରେ ମଣିପୁରରେ ପୁଣି ହିଂସାର ବାତାବରଣ ଦେଖାଯାଇଛି। ମେଇତି ଏବଂ କୁକି ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଘଟିବା ଯୋଗୁ ପୁଣିଥରେ ଅଶାନ୍ତ ହୋଇ ଉଠିଛି ମଣିପୁର। ବିଶେଷକରି କିଛି ଦିନ ତଳେ ଜିରିବାମ୍ ଜିଲ୍ଲାରେ ସୁରକ୍ଷାବଳ ଏନକାଉଣ୍ଟରରେ ୧୧ କୁକି ଉଗ୍ରବାଦୀ ନିହତ ହେବା ଏବଂ ପରେ ପରେ ମେଇତି ସଂପ୍ରଦାୟର ତିନି ମହିଳା ଓ ତିନି ଶିଶୁଙ୍କୁ ଅପହରଣ କରାଯିବା ଘଟଣା ଦୁଇ ସଂପ୍ରଦାୟ ମଧ୍ୟରେ ହିଂସା ବଢାଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ଜିରିବାମ୍ ଜିଲ୍ଲାର ବହୁ ଅଞ୍ଚଳରେ କର୍ଫ୍ୟୁ ଲଗାଯାଇଥିଲେ ମଧ୍ୟ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏଭଳି ସ୍ଥିତିରେ କେନ୍ଦ୍ର ଗୃହ ମନ୍ତ୍ରାଳୟ ମଣିପୁରର ୫ ଜିଲ୍ଲାରେ ୬ ଥାନା ଅଞ୍ଚଳରେ 'ଆଫ୍‌ସ୍ପା'(ଆର୍ମଡ ଫୋର୍ସ ସ୍ପେଶାଲ ପାୱାର ଆକ୍ଟ) ପୁଣି ଲାଗୁ କରିଛି। ଏହାସହିତ ରାଜ୍ୟକୁ କେନ୍ଦ୍ର ସରକାର ଆଉ ଅଢ଼େଇ ହଜାର ସୁରକ୍ଷା ଯବାନ ପଠାଇଛନ୍ତି।

**୫ ଜିଲ୍ଲାରେ ପୁଣି ଆଫ୍‌ସ୍ପା ଲାଗୁ**

**କେନ୍ଦ୍ର ପଠାଇଲା ୨୫୦୦ ଯବାନ**

'ଆଫ୍‌ସ୍ପା' ଲାଗୁ ହେଲେ ଏହିସବୁ ଅଞ୍ଚଳରେ ଶାନ୍ତି ରକ୍ଷା କ୍ଷେତ୍ରରେ ସୁରକ୍ଷାବଳ ସର୍ବୋଚ୍ଚ କ୍ଷମତାର ଅଧିକାରୀ ହେବା ସହିତ ଉଗ୍ରବାଦ କାର୍ଯ୍ୟକଳାପ ରୋକିବାକୁ ମୁକ୍ତ ହସ୍ତରେ କାର୍ଯ୍ୟ କରିବାକୁ ସୁଯୋଗ ପାଇବେ। ସେମାନେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ନିଜ ଇଚ୍ଛା ଅନୁସାରେ କଟକଣା ଲଗାଇ ପାରିବେ। ସେହିପରି ସ୍ୱତନ୍ତ୍ର ଅପରେସନ କରି ବିନା ୱାରେଣ୍ଟରେ ଗିରଫଦାରୀ ମଧ୍ୟ କରିପାରିବେ। ହିଂସାପ୍ରବଣ ଅଞ୍ଚଳରେ ଉଗ୍ରବାଦୀଙ୍କ ବିରୋଧରେ ଯେକୌଣସି କାର୍ଯ୍ୟାନୁଷ୍ଠାନ ପାଇଁ ସୁରକ୍ଷାବଳକୁ ॥ କେନ୍ଦ୍ର ସରକାରଙ୍କ ଅନୁମତି ଲୋଡିବାକୁ ପଡ଼ିବ ନାହିଁ। ଏହାବ୍ୟତୀତ ଏଠାକାର ଯେଉଁ ଉଗ୍ରବାଦୀ ସଂଗଠନ ସରକାରଙ୍କ ସହିତ ଯୁଦ୍ଧବିରତି ବୁଝାମଣା କରିନାହାନ୍ତି ସେମାନଙ୍କ ବିରୋଧରେ ମଧ୍ୟ କେନ୍ଦ୍ରୀୟ ବଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। କେନ୍ଦ୍ର ଗୃହ ମନ୍ତ୍ରାଳୟ ବିଜ୍ଞପ୍ତି ଅନୁସାରେ ମଣିପୁରର ପଶ୍ଚିମ ଇମ୍ଫାଲ, ପୂର୍ବ ଇମ୍ଫାଲ, ଜିରିବାମ, କାଙ୍ଗପୋକପାଇ ଓ ବିଷ୍ଣୁପୁର ଅଞ୍ଚଳରେ ଆଫ୍‌ସା ଲାଗୁ କରାଯାଇଛି। ଅକ୍ଟୋବର ୧ରେ କେନ୍ଦ୍ର ସରକାର ଜାରି କରିଥିବା ବିଜ୍ଞପ୍ତିରେ ଏହି ଅଞ୍ଚଳଗୁଡ଼ିକୁ ୬ ମାସ ଯାଏ ଆଫ୍‌ସାରୁ ମୁକ୍ତ କରିଥିଲେ। ସେତେବେଳେ ଏହିସବୁ ଇଲାକାରେ ସ୍ଥିତି ସ୍ୱାଭାବିକ ହେବାରୁ ରାଜ୍ୟର ୧୯ଟି ଥାନା ଅଞ୍ଚଳକୁ ଆଫସା ପ୍ରତ୍ୟାହାର କରାଯାଇଥିଲା।

## ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ ଦେବ ଡୋମିନିକା

ରୋସେଉ, ୧୪।୧୧ (ଏଜେନ୍ସି): କାରବିଆନ ଦେଶ ଡୋମିନିକା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ ଦେବାକୁ ଘୋଷଣା କରିଛି। କରୋନା ସମୟରେ ସହାୟତା ପାଇଁ ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସହଯୋଗ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନ 'ଡୋମିନିକା ଆୱାର୍ଡ ଅଫ୍ ଅନର' ପ୍ରଦାନ କରାଯାଉଛି। ଭାରତ ୨୦୨୧ ଫେବୃଆରୀରେ ଡୋମିନିକାକୁ ଅଷ୍ଟ୍ରାଜେନେକା କରୋନା ଟିକାର ୭୦ ହଜାର ଡୋଜ୍ ପଠାଇ ଥିଲା। ଏହି ଟିକା ଡୋମିନିକା ଏବଂ ଏହାର ପଡୋଶୀ କାରବିଆନ ଦେଶ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ଡୋମିନିକା ରାଷ୍ଟ୍ରପତି ସିଲ୍‌ଭାନି ବର୍ଟନ ଗୁଏନାରେ ଭାରତ-କ୍ୟାରିକମ୍ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରିବେ। ମୋଦୀ ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁଏନା ଯାତ୍ରା କରିବେ। ଏହାକୁ ମିଶାଇ ଏ ପର୍ଯ୍ୟନ୍ତ ୧୪ ଦେଶ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିଜର ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କଲେଣି। ଗତ ଜୁଲାଇ ୯ ତାରିଖରେ ରୁଷ୍ ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ 'ଅର୍ଡର ଅଫ୍ ସେଣ୍ଟ ଆଣ୍ଡ୍ର୍ୟୁ ଦ ଏପୋଷ୍ଟଲ' ପ୍ରଦାନ କରିଥିଲା।

## ସିଂହ ସହ ଲଢ଼ି ୨ ଛୁଆକୁ ବଞ୍ଚାଇଲା କଲରାପତରିଆ

ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି): ଛୁଆକୁ ବଞ୍ଚାଇବାକୁ ମାଆ କିଛି ବି କରିପାରେ। ବାତ୍ସଲ୍ୟ ଏବଂ ମମତାର ମୂର୍ତ୍ତିମନ୍ତ ପ୍ରତୀକ ମାଆ ଯେତେବଡ଼ ବିପଦ ଆସିଲେ ବି ତାହାକୁ ସମ୍ମୁଖୀନ ହେବାକୁ ପଛାଏ ନାହିଁ। ଆଫ୍ରିକାରୁ ଏହାର ଏକ ନିଛକ ଚିତ୍ର ସାମ୍‌ନାକୁ ଆସିଛି। ଏଭଳି ଏକ ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ଏଥିରେ ନିଜର ଦୁଇ ଛୁଆକୁ ବଞ୍ଚାଇବାକୁ କଲରାପତରିଆ ବାଘ ସିଂହ ସହ ମୁକାବିଲା କରୁଥିବା ଦେଖାଯାଉଛି। ସୂଚନା ଅନୁଯାୟୀ କଲରାପତରିଆ ଛୁଆକୁ ଶିକାର କରିବାକୁ ସିଂହ ମନ ବଳାଇ ଥିଲା। ଦ୍ରୁତ ବେଗରେ ମାଡ଼ି ଆସୁଥିବାବେଳେ ମାଆ କଲରାପତରିଆ ସିଂହକୁ ଅଟକାଇ ଦେଇଥିଲା। ଦୁଇ ହିଂସ୍ର ପଶୁଙ୍କ ମଧ୍ୟରେ ସଂଘର୍ଷ ଲାଗିଥିଲା। ଶେଷରେ ମାଆର ଶକ୍ତି ଆଗରେ ସିଂହ ପରାଜିତ ହୋଇଯାଇଥିଲା। ଆଉ ସ୍ଥାନ ଛାଡ଼ି ପଳାଇ ଥିଲା। ତାଞ୍ଜାନିଆର ସେରେନଗେଟି ନ୍ୟାସନାଲ ପାର୍କର ଏହି ଭିଡିଓଟି ଆଫ୍ରିକା ଦମ୍ପତି କାରୋଲ ଏବଂ ବବ୍ ରେକର୍ଡ କରିଛନ୍ତି। ଗତ ୨୪ ତାରିଖରେ ଏହି ଭିଡିଓ ସେୟାର କରାଯାଇଥିଲା।

## ତୁଳସୀ ଗବାର୍ଡ ଆମେରିକା ଗୁଇନ୍ଦା ନିର୍ଦ୍ଦେଶକ ମନୋନୀତ

ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ପାର୍ଟିର ବିପୁଳ ବିଜୟ ଏବଂ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ଜାତୀୟ ଏବଂ ଆନ୍ତର୍ଜାତିକ ମହଲରେ ଯେତିକି ଚର୍ଚ୍ଚା ବଢାଇଛି ତା'ଠୁ ଅଧିକ ଚର୍ଚ୍ଚା ଟ୍ରମ୍ପଙ୍କ ନୂଆ ଟିମ୍‌କୁ ନେଇ ହୋଇଚାଲିଛି। ୨୦୨୫ ଜାନୁଆରୀ ୬ରେ ଟ୍ରମ୍ପ ବିଧିବଦ୍ଧ ଭାବେ ରାଷ୍ଟ୍ରପତି ଭାବେ ଶପଥ ନେବାକୁ ରହିଥିଲେ ହେଁ ଏହାପୂର୍ବରୁ ଟ୍ରମ୍ପଙ୍କ ମନ୍ତ୍ରିମଣ୍ଡଳରେ କିଏ ସାମିଲ ହେବେ ଏବଂ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱ କାହା ହାତରେ ରହିବ ତାହାକୁ ନେଇ ନିଜ ରଣନୀତିରେ କାର୍ଯ୍ୟ ଆରମ୍ଭ କରିଛନ୍ତି। କିନ୍ତୁ ଟ୍ରମ୍ପଙ୍କ ଟିମ୍‌ରେ ବହୁ ଭାରତୀୟ ବଂଶୋଦ୍ଭବଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅଧିଷ୍ଠିତ କରିବା ସୂଚନା ମିଳିବା ପରେ ଭାରତ ସମେତ ଆମେରିକାର ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି। ଏହିକ୍ରମରେ ଏବେ ସବୁଠୁ ଅଧିକ ଚର୍ଚ୍ଚାରେ ରହିଛନ୍ତି ୪୩ ବର୍ଷିଆ ହିନ୍ଦୁ ତୁଳସୀ ଗାବର୍ଡ। ତୁଳସୀ ଆମେରିକାର ଜାତୀୟ ଗୁଇନ୍ଦା ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ଆମେରିକା ବ୍ୟତୀତ ବିଦେଶରେ ଗୁଇନ୍ଦା ସୂଚନା ସଂଗ୍ରହ ପାଇଁ ଆମେରିକାର ସିଆଇଏ ରହିଛି। ଏହାର ନିର୍ଦ୍ଦେଶକ ଭାବେ ଟ୍ରମ୍ପ ଜନ୍ ରାଟକ୍ଲିଫ୍‌ଙ୍କୁ ନିଯୁକ୍ତ କରିଛନ୍ତି। କିନ୍ତୁ ତୁଳସୀ ଜାତୀୟ ସ୍ତରରେ ଆମେରିକାର ଗୁଇନ୍ଦା ସଂସ୍ଥା ସହ କାର୍ଯ୍ୟ କରୁଥିବା ୧୮ ଟି ଏଜେନ୍ସିର ମୁଖ୍ୟ ହେବେ । ଏହାବ୍ୟତୀତ ହ୍ୱାଇଟ୍ ହାଉସର ସୁରକ୍ଷାକୁ ନେଇ ଗୁଇନ୍ଦା ସୂଚନା ମଧ୍ୟ ତାଙ୍କ ଉପରେ ନିର୍ଭର କରିବ। ଏଥିପାଇଁ ସେ ପ୍ରତ୍ୟେକ ଦିନ ସକାଳେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ସହିତ ଗୁଇନ୍ଦା ସୂଚନା ବିନିମୟ କରିବେ ଏବଂ ଆବଶ୍ୟକ ସ୍ଥଳେ ପଦକ୍ଷେପ ନେବେ । ଆମେରିକା ଇତିହାସରେ ପ୍ରଥମ ହିନ୍ଦୁ ଭାବେ ତୁଳସୀ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ହେବା ଆମେରିକାର ପ୍ରବାସୀ ଭାରତୀୟଙ୍କ ପାଇଁ ଯେତିକି ମହତ୍ୱପୂର୍ଣ୍ଣ ଭାରତ ପାଇଁ ମଧ୍ୟ ସେତିକି ଗର୍ବର ବିଷୟ। ସବୁଠୁ ବଡ଼ କଥା ହେଲା ତୁଳସୀ ଜଣେ ହିନ୍ଦୁ ହୋଇଥିଲା ବେଳେ ଭାରତୀୟ ପରମ୍ପରା ଏବଂ ସଂସ୍କୃତିକୁ ନେଇ ତାଙ୍କର ପ୍ରଗାଢ



ନିଷ୍ଠା ଏବଂ ଶ୍ରଦ୍ଧା ରହିଛି। ସେ ହିନ୍ଦୁତ୍ୱ ରକ୍ଷା ଲାଗି ଅନେକ ଆନ୍ତର୍ଜାତିକ ମଞ୍ଚରେ ଲଢେଇ କରି ଆସିଛନ୍ତି। ଭାରତ ବିରୋଧରେ ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ଏବଂ ବାଂଲାଦେଶରେ ସଂଖ୍ୟା ଲଘୁ ହିନ୍ଦୁଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ନେଇ ନିଜର ମତ ଓ ସ୍ୱର ଶାଣିତ କରିଛନ୍ତି। ତେଣୁ ତାଙ୍କର ଏହି ନିଯୁକ୍ତି ଆଗାମୀ ଦିନରେ ଭାରତ ପାଇଁ ବିଭିନ୍ନ ଦିଗରେ ସହାୟକ ହୋଇପାରେ ବୋଲି କୁହାଯାଉଛି।

### ପ୍ରଥମ ହିନ୍ଦୁ ସାଂସଦ ଭାବେ ଗୀତା ଛୁଇଁ ନେଇଥିଲେ ଶପଥ

ତୁଳସୀ ଗବାର୍ଡଙ୍କ ଜନ୍ମ ଦକ୍ଷିଣ ପ୍ରଶାନ୍ତ ମହାସାଗର ଉପକୂଳ ଆମେରିକାର ସାମୋଆ ଦ୍ୱୀପାଞ୍ଚଳରେ । ପରେ ପରେ ସେ ହାୱାଇ ରେ ବଢିଥିଲା ବେଳେ କିଛି ସମୟ ଫିଲିପିନ୍ସରେ ମଧ୍ୟ କଟାଇଛନ୍ତି। ତୁଳସୀଙ୍କ ମାଆ କାରୋଲ ଗବାର୍ଡ ଆମେରିକାର ଇଣ୍ଡିଆନା ରାଜ୍ୟର ହୋଇଥିଲା ବେଳେ ତାଙ୍କ ବାପା ମାଇକ୍ ଗବାର୍ଡ ୟୁରୋପୀୟ ବଂଶୋଦ୍ଭବ ଏବଂ ସାମୋଆ ଦ୍ୱୀପାଞ୍ଚଳର ।କିନ୍ତୁ ତୁଳନୀଙ୍କ ମାଆ ହିନ୍ଦୁତ୍ୱ ପ୍ରତି ଆକୃଷ୍ଟ ହୋଇ ହିନ୍ଦୁ ଧର୍ମରେ ଦୀକ୍ଷିତ ହେବା ପରେ ସେ ନିଜର ଝିଅର ନାମ ତୁଳସୀ ରଖିଥିଲେ। ତୁଳସୀ ମାତ୍ର ୨୧ ବର୍ଷ ବୟସରେ ଆମେରିକୀୟ ରାଜନୀତିରେ ପ୍ରବେଶ କରିବା ହାୱାଇରୁ ପ୍ରତିନିଧିତ୍ୱ କରିଥିଲେ। ସେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ପ୍ରଥମ ହିନ୍ଦୁ ସାଂସଦ ଭାବେ ଭଗବତ୍ ଗୀତା ପାଠ କରି ଆମେରିକୀୟ କଂଗ୍ରେସରେ ଶପଥ ନେଇଥିଲେ। କେବଳ ସେତିକି ନୁହେଁ , ତୁଳସୀ ଆଜୀବନ ଶାକାହାରୀ ଜୀବନ ବିତାଇବା ସହିତ ହିନ୍ଦୁ ପରାମ୍ପରା ଅନୁସାରେ ନିଜର ଜୀବନ ଚର୍ଯ୍ୟା ପରିଚାଳନା କରନ୍ତି। ରାଜନୀତି ବ୍ୟତୀତ ଆମେରିକାର ପ୍ରତିରକ୍ଷା ବିଭାଗରେ ତୁଳସୀ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିବା ସହିତ ଇରାକ୍‌ରେ ମଧ୍ୟ ମୁତୟନ ହୋଇଥିଲେ। ମିଲିଟାରୀ ଏବଂ ଗୁଇନ୍ଦା କ୍ଷେତ୍ରରେ ତାଙ୍କର ଦୃଢ ଅଭିଜ୍ଞତା ରହିଛି। ସେ ପ୍ରଥମେ ଡେମୋକ୍ରାଟ୍ ଦଳରେ କାର୍ଯ୍ୟ କରିଥିଲେ। କିନ୍ତୁ କିଛି ବର୍ଷ ତଳେ ସେ ଟ୍ରମ୍ପଙ୍କ ନେତୃତ୍ୱ ରିପବ୍ଲିକାନ ପାର୍ଟିରେ ଯୋଗ ଦେଇଥିଲେ। ଟ୍ରମ୍ପଙ୍କ ଦକ୍ଷିଣପନ୍ଥୀ ମାନସିକତା ଏବଂ ସ୍ୱଦେଶ ପ୍ରୀତି ମନୋଭାବ ତାଙ୍କୁ ରିପବ୍ଲିକାନ ପାର୍ଟି ପ୍ରତି ଆକୃଷ୍ଟ କରିଥିଲା।

### ପାକିସ୍ତାନ, ବାଂଲାଦେଶ ବିରୋଧରେ ବିଷୋଦ୍‌ଗାର

ତୁଳସୀ ଆମେରିକା କଂଗ୍ରେସରେ ହିନ୍ଦୁ ସମାଜର ସୁରକ୍ଷା ପାଇଁ ବହୁବାର ପ୍ରଶ୍ନ ଉଠାଇ ଆସିଛନ୍ତି। ୨୦୧୭ରେ ସେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଇଣ୍ଡିଆ କକସ୍‌ର କୋ ଚେୟାର ପଦରେ ଅଧିଷ୍ଠିତ ହେବା ପରେ ପାକିସ୍ତାନ ସେନା ବିରୋଧରେ ପ୍ରଶ୍ନ ଉଠାଇଥିଲେ। ପାକ୍ ସେନା କାଶ୍ମୀରରେ ଆତଙ୍କବାଦ ଚଳାଇବା ସହିତ ଆଫଗାନିସ୍ତାନରେ ମଧ୍ୟ ଆତଙ୍କବାଦକୁ କିଭଳି ପ୍ରୋତ୍ସାହିତ କରିଛି ତାହାକୁ ନେଇ ପ୍ରଶ୍ନ କରିଥିଲେ। ସେହିଭଳି ୨୦୨୧ରେ ସେ କଂଗ୍ରେସରେ ୧୯୭୧ରେ ବାଂଲାଦେଶ ଗଠନ ହେବା ପରେ ସେଠାରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ବଢି ଚାଲିଥିବା ଅନ୍ୟାୟ ,ଅତ୍ୟାଚାରକୁ ନେଇ ବାଂଲାଦେଶ ବିରୋଧରେ ଏକ ପ୍ରସ୍ତାବ ମଧ୍ୟ ଆଗତ କରିଥିଲେ।

## ୱାଣ୍ଟେଡ ଆତଙ୍କବାଦୀକୁ ନିର୍ଦ୍ଦୋଷ କହିଲା କାନାଡ଼ା

ଓଟାୱା, ୧୪।୧୧ (ଏଜେନ୍ସି): କାନାଡ଼ା ପୁଣି ଭାରତ ବିରୋଧୀ ପଦକ୍ଷେପ ଗ୍ରହଣ କରିଛି। ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜାର ହତ୍ୟା ମାମଲାରେ ଦୁଇ ଦେଶ ମଧ୍ୟରେ ବିବାଦ ଚରମ ସ୍ଥିତିରେ ପହଞ୍ଚିଥିବାବେଳେ କାନାଡ଼ାର ଜଷ୍ଟିନ ଟ୍ରୁଡୋ ସରକାର ପୁଣି ଆତଙ୍କବାଦୀଙ୍କ ସମର୍ଥନରେ ବାହାରିଛନ୍ତି। ଭାରତର ପଳାତକ ଆତଙ୍କବାଦୀଙ୍କ ତାଲିକାରେ ସାମିଲ ଅପରାଧୀ ସନ୍ଦୀପ ସିଂହ ସିଦ୍ଧୁ ଓରଫ ସନି ଟୋରୋଣ୍ଟୋକୁ କାନାଡ଼ା ନିର୍ଦ୍ଦୋଷ କହିଛି। ସନି ବିରୋଧରେ ଆତଙ୍କବାଦର ପ୍ରଚାରପ୍ରସାର ଅଭିଯୋଗ ଲାଗିଛି। କାନାଡିଆନ ସିକ୍ୟୁରିଟି ଇଣ୍ଟେଲିଜେନ୍ସ ସର୍ଭିସ (ସିଏସଆଇଏସ) ଏହି ମାମଲାର ତଦନ୍ତ କରୁଥିଲା। ଏବେ ଏହି ଏଜେନ୍ସି ଆତଙ୍କବାଦୀ ସନ୍ଦୀପ ବିରୋଧରେ ଲାଗିଥିବା ସମସ୍ତ ଅଭିଯୋଗକୁ ଖାରଜ କରି ତା'କୁ କ୍ଲିନ୍‌ଚିଟ୍ ଦେଇଛି। କାନାଡ଼ା ବର୍ଡର ସର୍ଭିସେସ ଏଜେନ୍ସି (ସିବିଏସ୍‌ଏ)ରେ ସନି ମୁତୟନ ଥିଲା। ତାକୁ ପୁଣିଥରେ ସୁପରିଟେଣ୍ଡେଣ୍ଟ ପଦରେ ମୁତୟନ କରିଦିଆଯାଇଛି। ସେ ଭାରତରେ ଶୌର୍ଯ୍ୟ ଚକ୍ର ବିଜେତା ବଲବିନ୍ଦର ସିଂହ ସାନ୍ଧୁଙ୍କୁ ହତ୍ୟା କରାଇଥିବା ଅଭିଯୋଗ ଲାଗିଛି। ସାନ୍ଧୁ ଜଣେ ଶିକ୍ଷକ ଏବଂ ଖଲିସ୍ତାନୀ ବିରୋଧୀ ଥିଲେ। ୯୦ ଦଶକରେ ପଞ୍ଜାବରେ ଖଲିସ୍ତାନୀ ଆତଙ୍କବାଦୀଙ୍କ ବିରୋଧରେ ଲଢ଼ିବାକୁ ନେଇ ୧୯୯୩ରେ ତାଙ୍କୁ ଶୌର୍ଯ୍ୟ ଚକ୍ରରେ ସମ୍ମାନିତ କରାଯାଇଥିଲା। ୨୦୨୦ ଅକ୍ଟୋବର ୧୬ରେ ତାଙ୍କୁ ପଞ୍ଜାବ ଭିଖିୱିଣ୍ଡ ସ୍ଥିତ ନିଜ ଘର ସାମ୍‌ନାରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରାଯାଇଥିଲା। ଉଭୟେ ସନି ଟୋରୋଣ୍ଟୋ ନିର୍ଦ୍ଦେଶରେ ମାରିଥିବା କହିଥିଲେ। ଦୁଇ ଅପରାଧୀ ସୁଖମିଲ ପାଲ ସିଂହ ଏବଂ ଲଖବୀର ସିଂହର ନାମ ମଧ୍ୟ କହିଥିଲେ। ଏହି ଦୁଇ ଜଣ ଖଲିସ୍ତାନ ସମର୍ଥକ।

ନ୍ୟାସନାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ଏନ୍‌ଆଇଏ) ଅନୁଯାୟୀ ଖଲିସ୍ତାନୀ ଆତଙ୍କବାଦୀଙ୍କ ସହ ସନିର ଲିଙ୍କ୍ ରହିଛି। ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସ୍‌ଆଇ ସହ ମଧ୍ୟ ତାର ସମ୍ବନ୍ଧ ଅଛି। ସେ ପଞ୍ଜାବରେ ଆତଙ୍କବାଦର ପ୍ରଚାରପ୍ରସାର କରୁଛି। ପାକିସ୍ତାନର ଅନେକ ଆତଙ୍କବାଦୀ ସଂଗଠନଙ୍କ ସହ ସମ୍ବନ୍ଧ ରଖିଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ଅକ୍ଟୋବରରେ ଭାରତ ସରକାର ସନିକୁ ପଳାତକ ଆତଙ୍କବାଦୀ ତାଲିକାରେ ସାମିଲ କରିଥିଲେ।

### ଛାତ୍ରଙ୍କ ଦାବିରେ ନଇଁଲେ ୟୁପି ସରକାର

## ଗୋଟିଏ ଦିନରେ ହେବ ପିସିଏସ୍ ପ୍ରିଲିମ୍ ପରୀକ୍ଷା

ଲକ୍ଷ୍ନୌ,୧୪।୧୧(ଏଜେନ୍ସି): ଉତ୍ତର ପ୍ରଦେଶରେ ପ୍ରୋଭିଜିନାଲ ସିଭିଲ ସର୍ଭିସ(ପିସିଏସ୍)ର ପ୍ରିଲିମ୍ ପରୀକ୍ଷା ସମୟ ସାରଣୀକୁ ନେଇ ଗତ ୪ ଦିନ ହେଲା ହଜାର ହଜାର ଛାତ୍ର ବିକ୍ଷୋଭ ପ୍ରଦର୍ଶନ କରିଥିଲା ବେଳେ ଗୁରୁବାର ରାଜ୍ୟ ସରକାର ଛାତ୍ରଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଛନ୍ତି। ଡିସେମ୍ବର ୭ ଏବଂ ୮ ତାରିଖ ଦୁଇ ଦିନ ଧରି ପିସିଏସ୍ ପ୍ରିଲିମ ପରୀକ୍ଷା ହେବାକୁ ସ୍ଥିର କରାଯାଇଥିଲା ବେଳେ ଆରଓ ଏବଂ ଏଆରଓ ପରୀକ୍ଷା ଡିସେମ୍ବର ୨୨ ଏବଂ ୨୩ ଦୁଇ ଦିନ ଧରି ତିନୋଟି ସିଫ୍ଟରେ କରିବାକୁ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରାଯାଇଥିଲା। କିନ୍ତୁ ଏହି ସମୟ ସାରଣୀକୁ ଛାତ୍ରମା ।।ନେ ତୀବ୍ର ବିରୋଧ କରି ଗୋଟିଏ ଦିନରେ ପରୀକ୍ଷା କରିବାକୁ ଦାବି କରିଥିଲେ। ଶେଷରେ ପିସିଏସ୍ ପରୀକ୍ଷାକୁ ଗୋଟିଏ ଦିନରେ କରିବାକୁ ଉତ୍ତର ପ୍ରଦେଶ ଲୋକ ସେବା ଆୟୋଗ ରାଜି ହୋଇଛି। ଅନ୍ୟପକ୍ଷରେ ରିଭ୍ୟୁ ଅଧିକାରୀ (ଆରଓ) ଏବଂ ଅତିରିକ୍ତ ରିଭ୍ୟୁ ଅଧିକାରୀ (ଏଆରଓ) ପରୀକ୍ଷାକୁ ସ୍ଥଗିତ ରଖାଯାଇଛି।

### ଶତପ୍ରତିଶତ ଚାକିରି ଗ୍ୟାରେଣ୍ଟି ଦେଇପାରିବେନି କୋଚିଂ ସଂସ୍ଥା

କୌଣସି କୋଚିଂ ସଂସ୍ଥା ବିଦ୍ୟାର୍ଥୀମାନଙ୍କୁ ଶତପ୍ରତିଶତ ଚାକିରି ଗ୍ୟାରେଣ୍ଟି ଦେଇପାରିବେନି। ଏହାକୁ ଦୃଷ୍ଟିରେ ରଖି କୋଚିଂ ସଂସ୍ଥାମାନଙ୍କ ପକ୍ଷରୁ ଦିଆଯାଉଥିବା ମିଥ୍ୟା ବିଜ୍ଞାପନ ଉପରେ ଅଙ୍କୁଶ ଲଗାଇଛନ୍ତି କେନ୍ଦ୍ର ସରକାର। କୌଣସି କୋଚିଂ ସଂସ୍ଥା ବିଜ୍ଞାପନ ମାଧ୍ୟମରେ ଭ୍ରମ ସୃଷ୍ଟି କରିପାରିବେ ନାହିଁ ବୋଲି ସରକାର ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶତପ୍ରତିଶତ ଚୟନ କିମ୍ବା ଶତପ୍ରତିଶତ ଚାକିରି ଗ୍ୟାରେଣ୍ଟି ଭଳି ମିଥ୍ୟା ଦାବି ଯେଭଳି ବିଜ୍ଞାପନରେ ପ୍ରକାଶ ନ ପାଏ ସେଥିପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜାତୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ମୁତାବକ ହେଲ୍ପଲାଇନରେ ଗ୍ରହଣ କରାଯାଇଥିବା ଅନେକ ଅଭିଯୋଗ ପରେ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

# ଗୁଜରାଟରେ 'ଆୟୁଷ୍ମାନ' କେଲେଙ୍କାରୀ

ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି): ଗୁଜରାଟରୁ ଭୟଙ୍କର ମାମଲା ସାମ୍‌ନାକୁ ଆସିଛି। କେନ୍ଦ୍ର ସରକାରଙ୍କ ' ପିଏମ୍ ଆୟୁଷ୍ମାନ ଯୋଜନା'ରେ ଠକେଇ କରି ଅର୍ଥ ରୋଜଗାର ପାଇଁ ରୋଗୀଙ୍କ ଜୀବନ ସହ ଖେଳା ଯାଇଛି। ବିନା କାରଣରେ ଅସ୍ତ୍ରୋପଚାର କରି ଅର୍ଥ ହରିଲୁଟ୍ କରାଯାଉଛି। ଷଡ଼ଯନ୍ତ୍ର କରି ଲୋକଙ୍କୁ ରୋଗ ନାମରେ ଫସା ଯାଉଛି। ଏହି ଟଙ୍କାର ଖେଳରେ ଅକାଳରେ ନିରୀହ ଲୋକଙ୍କ ଜୀବନ ଯାଉଛି। ଅହମଦାବାଦର ଖ୍ୟାତି ହସ୍ପିଟାଲରେ ଏଭଳି ଘଟଣା ଘଟିଛି। ଏହି ହସ୍ପିଟାଲ ଠକିବା ପାଇଁ ଗ୍ରାମାଞ୍ଚଳରେ ମାଗଣା ମେଡିକାଲ କ୍ୟାମ୍ପ ଆୟୋଜନ କରୁଥିଲା। ପରେ ପରିବାର ସଦସ୍ୟଙ୍କୁ ନ ଜଣାଇ ରକ୍ତ ପରୀକ୍ଷା ପାଇଁ ବସ୍‌ରେ ହସ୍ପିଟାଲକୁ ଅଣା ଯାଇଥିଲା। ଆଧାର କାର୍ଡ ଏବଂ ଆୟୁଷ୍ମାନ କାର୍ଡ ନମ୍ବର ନେଇ ଚିକିତ୍ସା ନାମରେ ସହରକୁ ଡାକି ଅସ୍ତ୍ରୋପଚାର କରାଯାଉଥିଲା। ଏପରି ଭାବେ ବୋରିସାନା ଗ୍ରାମର ୧୯ ରୋଗୀଙ୍କ ଆଞ୍ଜିଓଗ୍ରାଫି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୭ ଜଣଙ୍କ ଆଞ୍ଜିଓପ୍ଲାଷ୍ଟି ହୋଇଥିଲା। ତେବେ ଷ୍ଟେଣ୍ଟ ଲାଗିଥିବା ୨ ଜଣ ରୋଗୀ ପ୍ରାଣ ହରାଇଛନ୍ତି। ଏହା ପରେ ପରିବାର ସଦସ୍ୟଙ୍କୁ ସୂଚନା ଦିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ୧୫ ରୋଗୀଙ୍କୁ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସମସ୍ତଙ୍କୁ

**ଟଙ୍କା ପାଇଁ ସୁସ୍ଥଙ୍କୁ ବନାଇ ଦେଲେ ରୋଗୀ**

**ରୋଗ ନ ଥାଇ ଆଞ୍ଜିଓପ୍ଲାଷ୍ଟି କରିଥିଲେ**

**୭ ରୋଗୀଙ୍କ ଆଞ୍ଜିଓପ୍ଲାଷ୍ଟି; ୨ ମୃତ**



ଆଇସିୟୁରେ ରଖାଯାଇଛି। ହସ୍ପିଟାଲର ଡାକ୍ତର, ଅଧ୍ୟକ୍ଷ ଏବଂ ନିର୍ଦ୍ଦେଶକ ସମେତ ୫ ଜଣଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ବିଳମ୍ବରେ ପୁଲିସ ଏବଂ ପ୍ରଶାସନର ନିଦ ଭାଙ୍ଗିଛି। ଏହି ମାମଲାରେ ଡ. ପ୍ରଶାନ୍ତ ବଜିରାନୀଙ୍କୁ ଗୁରୁବାର ଗିରଫ କରାଯାଇଛି। ହସ୍ପିଟାଲର ନିର୍ଦ୍ଦେଶକ ସଞ୍ଜୟ ପଟୋଲିଆ ଏହାର ମାଷ୍ଟରମାଇଣ୍ଡ। ସେ ହିଁ ଆୟୁଷ୍ମାନ ଯୋଜନା ଅଧିନରେ ଅର୍ଥ ଲୁଟ୍ ପାଇଁ ଅସ୍ତ୍ରୋପଚାର କରିବାକୁ ଷଡ଼ଯନ୍ତ୍ର କରିଥିଲା। ତାର ରାଜକୋଟ ଏବଂ ସୁରଟରେ ମଧ୍ୟ ଗୋଟିଏ ଲେଖାଏଁ ହସ୍ପିଟାଲ ରହିଛି। ଏହି ହସ୍ପିଟାଲରେ ମଧ୍ୟ ଏଭଳି କାରବାର ଚାଲିଥିବା ଅଭିଯୋଗ ହୋଇଛି। ମାତ୍ର ଖ୍ୟାତିକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ସ୍ୱାସ୍ଥ୍ୟ ବିଭାଗ ଏବଂ ପୁଲିସ ମାମଲାର ଯାଞ୍ଚ କରୁଥିବାରୁ ଆଗାମୀ ଦିନରେ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍‌ନାକୁ ଆସିପାରେ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ ଗତ ୧୦ ତାରିଖରେ ମେହସାନା ଜିଲ୍ଲା କାଦିର ବୋରିସାନା ଗ୍ରାମରେ ଖ୍ୟାତି ହସ୍ପିଟାଲ ହେଲ୍‌ଥ କ୍ୟାମ୍ପ ଆୟୋଜନ କରାଯାଇଥିଲା। ସେଠାରୁ ଏହି ରୋଗୀଙ୍କୁ ଚିକିତ୍ସା ପାଇଁ ଅଣା ଯାଇଥିଲା। ଅସ୍ତ୍ରୋପଚାର ପରେ ମହେଶ ଗିରଧରଭାଇ ବାରୋଟ, ନାଗର ସେନମାଙ୍କ ମୃତ୍ୟୁ ହୋଇଥିଲା। ଜଣେ ମୃତକଙ୍କ ବୋହୂ ଅଭିଯୋଗ କରିଛନ୍ତି ଯେ ତାଙ୍କ ଶ୍ୱଶୁରଙ୍କୁ ହତ୍ୟା କରାଯାଇଛି। କାରଣ ତାଙ୍କର କେବେ ଜ୍ୱର ବି ହୋଇନାହିଁ। ଏହି ସୂଚନା ମିଳିବା ପରେ ଗ୍ରାମବାସୀ ହସ୍ପିଟାଲରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ଏବେ ହସ୍ପିଟାଲ ପ୍ରଶାସନର ସବୁ ବଡ଼ ଅଧିକାରୀ ଫେରାର ଅଛନ୍ତି। ସରକାରୀ ଯୋଜନାର ଲାଭ ଉଠାଇବା ପାଇଁ ହସ୍ପିଟାଲ ଦୀର୍ଘ ଦିନ ହେଲା ଏଭଳି କାରସାଦି ଚଳାଇ ଥିଲା ବୋଲି ଅଭିଯୋଗ ହୋଇଛି। ୨୦୨୨ରେ ମଧ୍ୟ ଖ୍ୟାତି ହସ୍ପିଟାଲ ବିରୋଧରେ ସରକାରୀ ଯୋଜନା ନାମରେ ଅର୍ଥ ଲୁଟ୍ କରୁଥିବା ଅଭିଯୋଗ ଲାଗିଥିଲା। ସେତେବେଳେ ସାଣନ୍ଦ ଗ୍ରାମର ଲୋକଙ୍କୁ ଚିକିତ୍ସା ନାମରେ ସହରକୁ ଅଣା ଯାଇଥିଲା। ତିନି ରୋଗୀଙ୍କ ଷ୍ଟେଣ୍ଟ ଲଗା ଯାଇଥିଲା। ଏମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିଲା। ତେବେ ସେତେବେଳେ କଠୋର କାର୍ଯ୍ୟାନୁଷ୍ଠାନ ନ ନେବାରୁ ପୁଣି ଏବେ ରୋଗ ନ ଥିବା ଲୋକଙ୍କ ଜୀବନ ଗଲା।

ଜିଲ୍ଲାସ୍ତରୀୟ ବନାଗ୍ନି ନିରାକରଣ ଓ ପ୍ରତିରୋଧ ବୈଠକ

# ‘ନିଆଁ ମୁକ୍ତ ଜଙ୍ଗଲ ପାଇଁ ପ୍ରଚେଷ୍ଟା କରାଯିବ’

ଫୁଲବାଣୀ,୧୪।୧୧(ସମିସ)



ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କୁ ଜଙ୍ଗଲ ନିଆଁରୁ ରକ୍ଷା କରିବା ପାଇଁ ସରକାର ଅଗ୍ନି ଅସୁରକ୍ଷିତ ସ୍ଥାନଗୁଡ଼ିକୁ ଚିହ୍ନଟ କରିବା ପାଇଁ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରିବାକୁ ସ୍ଥିର କରିଛନ୍ତି ଏବଂ ଜଙ୍ଗଲରେ ନିଆଁକୁ ରୋକିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ଏହା କନ୍ଧମାଳ ଜିଲ୍ଲାରେ ଆସନ୍ତା ବର୍ଷ ଜାନୁଆରୀରୁ ଜୁନ୍, ମାସ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବନାଗ୍ନି ନିରାକରଣ ଓ ପ୍ରତିରୋଧ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ଅଧିକାଂଶ ଲୋକ ଗଛ କାଟିବା ଓ ପୋଡୁ ଚାଷ କରିବା ଦ୍ୱାରା ଜିଲ୍ଲାର ଜଙ୍ଗଲ ସମ୍ପଦ ହ୍ରାସ ପାଉଛି । ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ଏବଂ ଏ ଦିଗରେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଉଦ୍ୟମରେ ଚଳିତ ବର୍ଷ ଗତ ବର୍ଷ ତୁଳନାରେ ସମ୍ବେଦନଶୀଳ ଅଗ୍ନିକାଣ୍ଡ ପଏଣ୍ଟ କମ୍‌ଥିବା ଜଣାପଡ଼ିଛି। ୨୦୨୫ ମସିହାରେ ଜଙ୍ଗଲ ନିଆଁ ମୁକ୍ତ କନ୍ଧମାଳ ଜିଲ୍ଲା ପାଇଁ ପ୍ରତିଷେଧକ ବ୍ୟବସ୍ଥା ପାଇଁ ପ୍ରଚେଷ୍ଟା କରାଯିବ ବୋଲି ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଟେଲ କହିଥିଲେ। ବୈଠକରେ ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ବିଶ୍ୱରାଜ୍ ପଣ୍ଡା ସମତେ ବନବିଭାଗର ଅଧିକାରୀ, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାବେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ପାହାଡ, ବନବାସୀ ସେବା ସମିତି ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ, ସବୁଜ ପ୍ରେମୀ ଏବଂ ବନ ସୁରକ୍ଷା ସମିତିର ସଭାପତି ଏସମ୍ପର୍କରେ ମତ ରଖଥିଲେ। ନିଆଁ ସ୍ୱାର୍ଥ ହାସଲ ପାଇଁ ଲାଗିଥାଉ କିମ୍ବା ଖଳ ପ୍ରକୃତିର ଲୋକମାନଙ୍କ ଦ୍ୱାରା ଲଗାଯାଇଥାଉ ତାକୁ ଲିଭାଇବା ପାଇଁ ସମସ୍ତଙ୍କର ମିଶନ ହେଉ ବୋଲି ସମସ୍ତେ ମତ ରଖିଥିଲେ । ଫୁଲବାଣୀ ଫରେଷ୍ଟ ଡିଭିଜନର ସହକାରୀ ବନ ସଂରକ୍ଷକ ଶ୍ୱେତଲିନା ସାହୁ, ବନଖଣ୍ଡ ଅଧିକାରୀ(କେନ୍ଦୁ ଲିଫ୍) ଶରତ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶମ୍ଭୁନାଥ ନନ୍ଦୀଙ୍କ ସମେତ ଫୁଲବାଣୀ ଓ ବାଲିଗୁଡ଼ା ବନଖଣ୍ଡର ଅଧିକାରୀ ଓ ଅନ୍ୟମାନେ ବୈଠକରେ ଯୋଗ ଦେଇଥିଲେ।

## ଫିରିଙ୍ଗିଆରେ ଦତ୍ତାତ୍ରେୟ ବରିଷ୍ଠ ନାଗରିକ ସଙ୍ଘ ଗଠିତ

**ଫିରିଙ୍ଗିଆ,୧୪।୧୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ବରିଷ୍ଠ ନାଗରିକଙ୍କୁ ନେଇ ଦତ୍ତାତ୍ରେୟ ବରିଷ୍ଠ ନାଗରିକ ସଙ୍ଘ ନାମରେ ଏକ ସଂଗଠନ ନୂତନ ଭାବରେ ଗଠନ କରାଯାଇଛି। ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ଭାସ୍କର ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସହମତି କ୍ରମେ ଭାସ୍କର ମହାରଣାଙ୍କୁ ସଭାପତି ଭାବରେ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ଭାବେ ସୁରେନ୍ଦ୍ର କହଁର, ସହସମ୍ପାଦକ ଘାସିରାମ କହଁର, କୋଷାଧ୍ୟକ୍ଷ ଭାବରେ ହର ମୁଖି ଓ ଉପସଭାପତି ରିବିନି କହଁରଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶିବ ମନ୍ଦିର ପୂଜକ ଚିନ୍ତାମଣି ମହାପାତ୍ର, ପ୍ରେମାନନ୍ଦ ମୁଖି, ଗୁରୁ ବରାଡ଼, ଘାସିରାମ କହଁର, ବିଜୟ କୁମାର ପଣ୍ଡା, ଗୌତମ ଦିଗାଲ ଓ ସେନାପତି ନାୟକ ଉପସ୍ଥିତି ଥିବା ବେଳେ ଆଗାମୀ ଦିନରେ ଏହି ସଂଘରେ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ସାମିଲ ହେବେ ବୋଲି ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

**ଜି.ଉଦୟଗିରି,୧୪।୧୧(ସମିସ):** ବନପାଳ ପ୍ରଶିକ୍ଷଣ ବିଦ୍ୟାଳୟ ଖେଳ ପଡିଆରେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୧ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ବନପାଳ କଳ୍ପନା ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ବିନୋଦ ବିହାରୀ ଦାଶ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମାପନ ଦିବସରେ ଶିଶୁ ମନ୍ଦିରର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷା ପ୍ରଧାପକ ଲଡୁକେଶ୍ୱର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ସଭାପତି ରାଜେନ୍ଦ୍ର ମହାପାତ୍ର ଏବଂ ସମ୍ପାଦକ ଶିବରାମ ସାହୁ, କୋଷାଧ୍ୟକ୍ଷ ଗୋଲକ ବିହାରୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଉଦଘାଟନ ଓ ସମାପନ ଦିବସର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାସ କରିଥିଲେ। ଆଚାର୍ଯ୍ୟା ରଶ୍ମିତା ପାଣିଗ୍ରାହୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କ୍ରୀଡ଼ା ପ୍ରମୁଖ ଅନିତା ନାୟକଙ୍କ ତତ୍ତ୍ୱାବଧାନରେରେ ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ସହଯୋଗ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବ୍ଲକସ୍ତରୀୟ ଦିନିକିଆ ଫୁଟ୍‌ବଲ ପ୍ରତିଯୋଗିତା

**ଚକାପାଦ,୧୪।୧୧(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ଲାଇନପଡ଼ାର ବୁରୁପଦା ପଡିଆରେ ଚକାପାଦ ଏବଂ ଖଜୁରୀପଡ଼ା ବ୍ଲକର ୬ ଦଳକୁ ନେଇ ଦିନିକିଆ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ଉତ୍ସବରେ କୁସୁମେଣ୍ଡିର ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର କହଁର ଯୋଗ ଦେଇ ପ୍ରତିଯୋଗିତା କୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ସାମ୍ବାଦିକ ସଂଜିତ କୁମାର ନାଏକ ଓ ବ୍ଲକ ଯୁବ ଛାତ୍ର ବିଜେଡି ସଭାପତି ଆଶିଷ କୁମାର ନାଏକ ଯୋଗ ଦେଇଥିଲେ। ଜଗନ୍ନାଥ କହଁର, ମଳୟ କହଁର ଏବଂ ରୋସନ ଭୋଇ ଖେଳ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ ଲାଇନପଡ଼ା ଏ ଦଳ କ୍ରିକେଟ ଇଲେଭେନ ଫୁଟବଲ ଦଳକୁ ୪ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ବିଜେତା ଏବଂ ଉପବିଜେତା ଦଳକୁ ମୁଖ୍ୟଅତିଥି ଟ୍ରଫି ପ୍ରଦାନ କରିଥିଲେ।

## କିରାମାହା ଗ୍ରାମରେ ଶିଶୁ ଦିବସ

**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୧୪।୧୧(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଝିଞ୍ଜିରିଗୁଡ଼ା ପଞ୍ଚାୟତର କିରାମାହା ଗ୍ରାମର ବଡ଼ସାହିରେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ସହାୟତାରେ ଇମ୍-ପ୍ୟାକ୍ଟ ବାଳିକା ଶିକ୍ଷାକେନ୍ଦ୍ର ମାଧମରେ ଶିଶୁଦିବସ ପାଳନ କରାଯାଇଥିଲା। ବ୍ରାହ୍ମଣୀଗାଁ ଅଞ୍ଚଳରେ ଥିବା ୨୦ଟି କେନ୍ଦ୍ରର ବାଳିକା, ଶିଶୁଙ୍କୁ ନେଇ ନାଚ, ଗୀତ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟଅତିଥି ଭାବେ ଝିଞ୍ଜିରିଗୁଡ଼ା ସରପଞ୍ଚ ଚାନ୍ଦିନୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗୁଡ୍ରିସା ବଡମାଝି, ସାନୁ ମାଝୀ, ମାନବାଧିକାର କର୍ମୀ ଗୋପାଳ ରଣସଣ୍ଡ, ଜୀବିକା ସୁରକ୍ଷା ମଞ୍ଚର କର୍ମୀ ଟନିତା ରଣସଣ୍ଡ ଓ ସାମାଜିକ କର୍ମୀ ଅନିତା ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସୁପରଭାଇଜର ନିରଞ୍ଜନ ମାଝି ଓ ଭୀମସେନ ବଡମାଝିଙ୍କ ନେତୃତ୍ୱ ଓ କିରାମାହା ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଇମ୍-ପ୍ୟାକ୍ଟ ବାଳିକା ଶିକ୍ଷା କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ନିକଦିମ୍ ମଲିକ କର୍ଯ୍ୟକ୍ରମ ପରିଚାଳନା ଓ ନହ ପାଟମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ସମେଇଗୁଡ଼ା ଡବଲ ମର୍ଡର ଘଟଣା

## ଭାଇ, ଭାଇବୋହୂ ଓ ପୁତୁରା ଗିରଫ



ଆସିକା,୧୪।୧୧(ସମିସ): ଆସିକା ଥାନା ଅନ୍ତର୍ଗତ ସମେଇଗୁଡ଼ା ଗାଁ ଡବଲ ମର୍ଡର ଘଟଣାରେ ପୁଲିସ ମୃତକଙ୍କ ସାନ ଭାଇ, ଭାଇବୋହୂ ଓ ପୁତୁରାକୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା, ବିଷ ବୋତଲ ଓ ଏକ ବାଇକ ଜବତ କରିଛି। ଏନେଇ ଆସିକା ଥାନାରେ ଉପଖଣ୍ଡ ପୁଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବୁଧବାର ସକାଳେ ସମେଇଗୁଡ଼ା ଗ୍ରାମର ରାଜୁ ପାତ୍ର ଓ ତାଙ୍କ ସ୍ତ୍ରୀ ଚାଷ କାମ କରୁଥିବା ବେଳେ ପୂର୍ବ ପ୍ରସ୍ତୁତି ପ୍ରକାରରେ ମୃତ ରାଜୁର ସାନ ଭାଇ ଭୋବିନି ପାତ୍ର, ସ୍ତ୍ରୀ ରଞ୍ଜିତା ପାତ୍ର, ପୁଅ ପୁପୁନି ମିଶି ଏହି ହତ୍ୟାକାଣ୍ଡ ଘଟାଇଥିଲେ। ବିବାଦୀୟ ଜମିକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିଲା। ପ୍ରଥମେ ପପୁନ ବଡ଼ ବାପା ରାଜୁକୁ ମାଡ଼ ମାରିଥିଲା। ସେ ତଳେ ପଡିବାରୁ ତାଙ୍କ ବେକକୁ କାଟିଦେଇଥିଲେ। ଘଟଣାସ୍ଥଳରେ ରାଜୁର ମୃତ୍ୟୁ ଘଟିଥିବାବେଳେ ପାଖରେ ଦେଖୁଥିବା ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଘଟଣାର ପ୍ରଘଟ କରିଦେବା ଭୟରେ ସମସ୍ତେ ମିଶି ମାଡ଼ ମାରି ତଳେ ପକାଇ କୀଟନାଶକ ପିଆଇ ଦେଇଥିଲେ। ଲକ୍ଷ୍ମୀ ଗୁରୁତର ହୋଇ ପଡ଼ିଥିବା ବେଳେ ପ୍ରଥମେ ଆସିକା ମେଡିକାଲ ଏବଂ ତାପରେ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ଘଟିଥିଲା। ଆସିକା ଥାନା ଦାୟିତ୍ୱରେ ଥିବା ଅଧିକାରୀ କୃଷ୍ଣଚନ୍ଦ୍ର ସାହା ସହ ତାଙ୍କ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ଛାନ ଭିନ କରିବା ପରେ ପ୍ରଥମେ ମୃତର ସାନ ଭାଇ ଭୋନୁନି ଏବଂ ତାଙ୍କ ସ୍ତ୍ରୀ ରଞ୍ଜିତାକୁ ପୁଲିସ ଅଟକ ରଖିଥିଲା। ଫେରାର ଥିବା ପାପୁନକୁ ବଡ଼ଗଡ଼ ଥାନା ଇଲାକାର ଏକଲପୁରରୁ ଗିରଫ କରିଥିଲା। ପୁଲିସ ଘଟଣାସ୍ଥଳରୁ ଆସାମୀ ମାନଙ୍କୁ ନେଇ ସ୍କ୍ରିନ ରିକରେସନ କରିଥିଲା। ଆସିକା ଥାନା କେସ ନମ୍ବର ୭୩୮/୨୪ରେ ହତ୍ୟା ମାମଲା ରୁଜୁ କରାଯାଇ ତିନି ଆସାମୀକୁ କୋର୍ଟଚାଲାଣ କରାଯାଇଛି।

## ରାଜ୍ୟସ୍ତରୀୟ ହ୍ୱିଲ୍ ଚେୟାର୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଗଞ୍ଜାମ ଚାମ୍ପିଅନ



**ଛତ୍ରପୁର,୧୪।୧୧(ସମିସ):** ରାଜ୍ୟସ୍ତରୀୟ ହ୍ୱିଲ ଚେୟାର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଦଳ ଚାମ୍ପିଅନ ହୋଇଛି। କନ୍ଧମାଳ ଜିଲ୍ଲାର ଫୁଲବାଣୀ ସ୍ଥିତ ପୁଲିସ ପଡିଆରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ୬ଟି ଟିମ ଯଥା ରାୟଗଡା, ଅନୁଗୋଳ, କନ୍ଧମାଳ, କଳାହାଣ୍ଡି, ଭଦ୍ରକ ଓ ଗଞ୍ଜାମ କ୍ରିକେଟ ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲରେ କନ୍ଧମାଳ ଟିମକୁ ହରାଇ ଗଞ୍ଜାମ ଟିମ ଚାମ୍ପିଅନ ହୋଇଥିଲା। ଏଥିରେ ଗଞ୍ଜାମ କ୍ରିକେଟ ଟିମର ଅଧିନାୟକ ଭାବେ ପଦ୍ମନାଭ ବେହେରା ଦାୟିତ୍ୱ ତୁଲାଇଥିଲେ। ଏନେଇ ଗୁରୁବାର ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ବିଜେତା ଗଞ୍ଜାମ ଟିମର ସମସ୍ତ ସଦସ୍ୟଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ଆସନ୍ତା ମାର୍ଚ୍ଚରେ ରାଜ୍ୟସ୍ତରୀୟ ହ୍ୱିଲ ଚେୟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ନିମନ୍ତେ ଗଞ୍ଜାମ ହ୍ୱିଲ ଚେୟାର କ୍ରିକେଟ ଆସୋସିସନ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଜିଲ୍ଲାପାଳଙ୍କ ସହ ଆଲୋଚନା ବେଳେ ଆସୋସିଏସନର ସଭାପତି ପଦ୍ମନାଭ ନାହାକ, ଉପସଭାପତି ନିକୁ ପ୍ରଧାନ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେଠି, କୋଷାଧ୍ୟକ୍ଷ ଏନ. ତିରୁପତି ରେଡ୍ଡୀଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ସୋଲାର ଲାଇଟ୍ ଅଚଳ; କଳିଙ୍ଗା ଘାଟିରେ ବୃଦ୍ଧିପାଉଛି ଦୁର୍ଘଟଣା



**ଜି.ଉଦୟଗିରି,୧୪।୧୧(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟି ରେ ବାରମ୍ବାର ହେଉଛି ଦୁର୍ଘଟଣା। ଘାଟି ରେ ଲାଗିଥିବା ସୂଚନା ଫଳକ ଭାଙ୍ଗିରୁଜି ଯାଇଥିବା ବେଳେ ନୂଆ ଗାଡି ଚାଳକ ଘାଟି ରାସ୍ତା ସୂଚନା ଠିକ୍ ଭାବେ ପାଇପାରୁ ନ ଥିବାରୁ ଦୁର୍ଘଟଣା ଘଟୁଛି। ବୁଧବାର ବିଳମ୍ବିତ ରାତିରେ ଏକ କେବୁଲ ବୋଝେଇ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଗାଡଓ୍ୱାଲ ଚାଳକ ଚାପି ହୋଇ ରହିଥିବା ବେଳେ ଅଗ୍ନି ସମ ବାହିନୀ, ପୁଲିସ ସହିତ ସ୍ଥାନୀୟ ଲୋକଙ୍କ ସହାୟତାରେ କଟରରେ କାଟି ଚାଳକଙ୍କୁ ବାହାର କରାଯାଇଥିଲା। ସୁରକ୍ଷା ପାଇଁ ଲଗାଯାଇଥିବା ବହୁ ସୋଲାର ଲାଇଟ ଅଚଳ ହୋଇ ପଡିଥିବା ବେଳେ ଅନ୍ଧରରେ ନାନା ସମସ୍ୟାର ସମ୍ମୁଖିନ ହେବାକୁ ପଡିଥିଲା। ଘାଟି ରାସ୍ତାରେ ଦୁର୍ଘଟଣା, ଗାଡିରେ ସମସ୍ୟା, ଚୋରି ଡକାୟତି, ଜିବଜନ୍ତୁଙ୍କ ଭୟଆଦି ଦୂର କରିବା ପାଇଁ ଘାଟିରେ ସୋଲାର ଲାଇଟ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବହୁ ସୋଲାର ଲାଇଟ ଅଚଳ ହୋଇ ପଡିଥିବା ବେଳେ ଯାତ୍ରୀ ଯାତାୟାତ କରିବାକୁ ଭୟଭୀତ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବିଦ୍ୟୁତ୍ ଆଘାତରେ ଜଣେ ଆହତ

**କୋଦଳା,୧୪।୧୧(ସମିସ):** ବେଗୁନିଆପଡ଼ା ବ୍ଲକ୍ ଅଙ୍ଗାରଗାଁ ପଞ୍ଚାୟତର ବୋରିଆସାହି ଗ୍ରାମରେ ଗୁରୁବାର ସକାଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଜଣେ ବ୍ୟକ୍ତି ଆହତ ହୋଇ ସୁମଣ୍ଡଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ ସେହି ଗ୍ରାମର ରବୀନ୍ଦ୍ର ବେହେରା (୫୦) କୌଣସି କାମ ପାଇଁ ନିଜଘର ଛାତ ଉପରକୁ ଚଢୁଥିବା ବେଳେ ଛାତ ଉପର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ଘର ଛାତ ଉପରୁ ବିଦ୍ୟୁତ୍ ତାର ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ତାଙ୍କ ପରିବାର ବର୍ଗ ବିଦ୍ୟୁତ୍ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଏଥିସହ ତାଙ୍କର ଉତ୍ତମ ଚିକିତ୍ସା ନିମନ୍ତେ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

## କୁମାରୀପାରିରେ ହାତୀ ଆତଙ୍କ

**କୋଦଳା,୧୪।୧୧(ସମିସ):** ଗଞ୍ଜାମ ଜିଲ୍ଲା ସୁମଣ୍ଡଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ କୁମ୍ଭାରଗାଁ ପଞ୍ଚାୟତର କୁମାରୀପାରି ଗ୍ରାମରେ ବଣୁଆ ହାତୀ ପଲର ଉପଦ୍ରବ ଚାଲିଛି। ଏନେଇ କୁମାରୀପାରି ଗ୍ରାମ ଏବଂ ପାଖାପାଖିଥିବା ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଶାଗୁଆନ ଜଙ୍ଗଲ ବରବରାରୁ ଏହି ହାତୀ ପଲ ଆସିଥିବା ନେଇ ଗ୍ରାମବାସୀ ଅନୁମାନ କରିଛନ୍ତି। ବୁଧବାର ରାତିରେ ଉକ୍ତ ହାତୀପଲ କୁମ୍ଭାରଗାଁ ଏବଂ କୁମାରୀପାରି ରାସ୍ତା ନିକଟରେ ଥିବା ଝରନଈ ଠାରେ ଥିଲେ। ଏନେଇ ବନ ବିଭାଗ ପକ୍ଷରୁ ହାତୀ ପଲ୍ଲଙ୍କ ଉପରେ ନଜର ରଖିଥିବା ନେଇ ସୂଚନା ମିଳିଛି। ତେବେ ହାତୀ ପଲକୁ ଘଉଡେଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବିନା ଅନୁମତିରେ ବିଦେଶ ପଠାଇ ଯୁବକ ଗିରଫ



**ରଙ୍ଗେଇଲୁଣ୍ଡା,୧୪।୧୧(ସମିସ):** ବେରୋଜଗାରୀ ଯୁବକମାନଙ୍କୁ ବୈଦେଶିକ ବେପାର ମନ୍ତ୍ରାଳୟ ବିନା ଅନୁମତିରେ ବିଦେଶ ଚାଲାଣ କରିବା ଅଭିଯୋଗରେ ଗୁରୁବାର ଗୋଳନ୍ଥରା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ପିତାତଳି ଗାଁର ଏସ. ସନମୁଖ ରାଓ। ସେ ପିତାତଳି ଗାଁ ନିକଟରେ ତାଲିମ କେନ୍ଦ୍ର କରି ବେରୋଜଗାରୀ ଯୁବକ ମାନଙ୍କୁ ୱେଲଡିଂ ଶିକ୍ଷା ତାଲିମ ଦେଇ ବିଦେଶ ପଠାଉ ଥିଲେ। ବର୍ତ୍ତମାନ ୧୪ ଯୁବକଙ୍କୁ ତାଲିମ ଶେଷ କରି ବିନା ବୈଦେଶିକ ମନ୍ତ୍ରାଳୟ ଅନୁମତିରେ ତୁର୍କୀ ପଠାଇ ସେଠାରେ ନିଯୁକ୍ତି ଦେବା ପାଇଁ ଉଦ୍ୟମ କରିଥିଲେ। ଏଥିପାଇଁ ପ୍ରତି ଯୁବକଙ୍କ ଠାରୁ ତୁର୍କୀ ପଠେଇବା ପାଇଁ ୩୫ ହାଜର ଟଙ୍କା ଲେଖାଏଁ ଆଦାୟ କରି କରିଥିଲେ। ଏହା ଭୁବନେଶ୍ୱର ଏମିଗ୍ରେଣ୍ଟ୍ସର ପ୍ରୋଟେକ୍ଟର ଅଧିକାରୀ ସୁନୀଲ କୁମାର ସାହା ଜାଣିବା ପରେ ବୁଧବାର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନଂ ୪୮୧/୨୪ ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା। ଗୁରୁବାର ସଂମୁଖଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

## ସ୍ୱାମୀର ଛୁରାମାଡ଼ରେ ସ୍ତ୍ରୀ ଗୁରୁତର



**ଧରାକୋଟ,୧୪।୧୧(ସମିସ):** ଗଂଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଢ଼ଉଗାଁର ପନ୍ଦରା ସାହିରେ ସ୍ୱାମୀର ଛୁରା ମାଡ଼ରେ ସ୍ତ୍ରୀ ଆହତ ହୋଇଛନ୍ତି। ତାଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ଜଣକ ହେଲେ ଗାଁର ହୃଷୀକେଶ ପାଣିଗ୍ରାହୀଙ୍କ ସ୍ତ୍ରୀ ଲିଟିଲି (୩୨)। ପୁଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖିଛି। ବୁଧବାର ବିଳମ୍ବିତ ରାତିରେ ଲିଟିଲି ସହ ତାଙ୍କ ସ୍ୱାମୀଙ୍କ ମଧ୍ୟରେ କଳହ ହୋଇଥିଲା। ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ଏପରି ହୋଇଥିବା ପୁଲିସ କହିଛି। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ହୃଷିକେଶ ସବୁବେଳେ ଘରେ କଳି କରୁଥିଲେ। ତେବେ ବୁଧବାର ରାତିରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ କଳି ହେବାରୁ ହୃଷୀକେଶ ସ୍ତ୍ରୀ ଲିଟିଲିଙ୍କ ପେଟ ଓ ହାତକୁ ଛୁରାମାଡ଼ କରିଥିଲେ। ଲିଟିଲିଙ୍କ ଚିତ୍କାର ଶୁଣି ପଡୋଶୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ପୁଲିସକୁ ଖବର ଦେଇଥିଲେ। ଖବର ଲେଖା ସୁଦ୍ଧା ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

## ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିଶୁ ଦିବସ

ଟିକାବାଲି,୧୪।୧୧(ସମିସ): ଟିକାବାଲି ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଆଦର୍ଶ ବିଦ୍ୟାଳୟ ସଲପଗାଁରେ ଭାରପ୍ରାପ୍ତ ଅଧକ୍ଷ ବାବୁଲା ବେହେରାଙ୍କ ଅଧକ୍ଷତାରେ ସମାରୋହ ହୋଇଥିବା ବେଳେ ଟିକାବାଲି ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାମଦର ସାହୁ ଯୋଗ ଦେଇଥିଲେ। ସେହିପରି ପିକରଡ଼ି ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁନିଲ କୁମାର ମହିନିଙ୍କ ଅଧକ୍ଷତାରେ ଶିଶୁଦିବସ ପାଳିତ ହୋଇଥିଲା। ଟିକାବାଲି ସେଣ୍ଟ ଯୋହନ ଇଂରାଜୀ ବିଦ୍ୟାଳୟ, ସଲପଗାଁ ଉଚ୍ଚବିଦ୍ୟାଳୟ, କଇଁଝର ବରାଳଦେବୀ ବିଦ୍ୟାପୀଠ, ଟିକାବାଲି ମଧ ଇଂରାଜୀ ବିଦ୍ୟାଳୟ, ବଜାର ଉଚ୍ଚ ପ୍ରାଥମିକ ବଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଥିଲା।

## ନାମଯଜ୍ଞରେ ଯୋଗଦେଲେ ପୂର୍ବତନ ବିଧାୟକ



**ସୋରଡ଼ା,୧୪।୧୧(ସମିସ):** କାର୍ତ୍ତିକ ଅବସରରେ ସୋରଡ଼ାରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି। ଏଥିରେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ନଗରପାଳ ଶିବ ଶଙ୍କର ପଣ୍ଡା ବିଜେଡି ବ୍ଲକ ସଭାପତି ବସନ୍ତ ସ୍ୱାଇଁ ପହଁଚି ଭାବ ବିନିମୟ ସହିତ ଅଞ୍ଚଳର ଶାନ୍ତି ଓ ସମୃଦ୍ଧି ବଜାୟ ପାଇଁ ନିବେଦନ ସହିତ ସହବାସୀଙ୍କ ସହ ଯୋଡ଼ି ହୋଇ ରହିଥିବା ଦେଖିବାକୁ ମିଳିଛି। ଆଞ୍ଚଳିକ ସଂକୀର୍ତ୍ତନ ମଣ୍ଡଳ ପ୍ରମୁଖ ଭାବେ ବାଲିଘାଇ, ବିଞ୍ଜିଗିରି, ଅମୃତୁଲୁ, ରଙ୍ଗବାଲି, ପାଇକ ସାହି, ଗୌଡ଼ ସାହି, କେଉଟ ସାହି, ମଠ ସାହିରେ ଯୋଗ ଦେଇଥିବାବେଳେ ଅଞ୍ଚଳବାସୀ ମଧ ଜନ ସମାଗମ ପଟୁଆରରେ ଯୋଗ ଦେଇଥିଲେ।

ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ

# ପଡ଼ି ରହିଥିବା କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ

ପାରଳାଖେମୁଣ୍ଡି,୧୪।୧୧(ସମିସ)




ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଜିଲ୍ଲାପାଳ ବିଜୟ କୁମାର ଦାଶ, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ. ଆନନ୍ଦ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଡ଼.ଗୁଣନିଧି ନାୟକ ଓ ପାରଳାଖେମୁଣ୍ଡି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ମଞ୍ଚାସୀନ ଥିଲେ। ବୈଠକରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର କୃଷି, ଉଦ୍ୟାନ, ସ୍ୱାସ୍ଥ୍ୟ, ଶିକ୍ଷା, ସମନ୍ୱିତ ଅଧିବାସୀ ଉନ୍ନୟନ ସଂସ୍ଥା, ସାମାଜିକ ସୁରକ୍ଷା, ସମାଜ ମଙ୍ଗଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଜିଲ୍ଲା ଶିଳ୍ପ କେନ୍ଦ୍ର, ପଞ୍ଚାୟତିରାଜ ବିଭାଗ, ରାସ୍ତା ଓ କୋଠାବାଡ଼ି, ପାନୀୟ ଜଳ, ଜଙ୍ଗଲ ବିଭାଗ, କ୍ଷୁଦ୍ର ଜଳସେଚନ, ଜଳ ବିଭାଜିକା ଓ ବିଦ୍ୟୁତ୍ ବିଭାଗର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ସେହିପରି ନିର୍ବାଚନମଣ୍ଡଳୀରେ ପଡ଼ିରହିଥିବା ଉନ୍ନୟନ କାର୍ଯ୍ୟ ତୁରନ୍ତ ସମାଧାନ କରିବା ଓ ଚାଲୁଥିବା କାର୍ଯ୍ୟକୁ ତୁରନ୍ତ ସମାପ୍ତ କରିବା ପାଇଁ ଜିଲ୍ଲାପାଳ ସମସ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ବିଭାଗରେ କାର୍ଯ୍ୟ ଦୀଘ ଦିନ ଧରି ପଡ଼ି ରହିଥିବା କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ କୁହାଯାଇଥିଲା। ସେହିପରି ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର କିପରି ବିକାଶ ହୋଇପାରିବ ସେ ସମ୍ପର୍କରେ ସମସ୍ତ ବିଭାଗର ଅଧିକାରୀଙ୍କୁ ବିଧାୟକ କହିଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନିଜ ନିଜ ବିଭାଗର ବିଭିନ୍ନ ପ୍ରକଳ୍ପ ବିଷୟରେ ଅବଗତ କରାଇବା ସହିତ ବିଭାଗରେ ଅଟକି ରହୁଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ଓ ସଂପୃକ୍ତ ବିଭାଗ ସହ ଯୋଗାଯୋଗ କରି ଉକ୍ତ ବିଭାଗ ତୁରନ୍ତ କାର୍ଯ୍ୟ କରିବା ପାଇଁ କହିଥିଲେ। ଏହି ବୈଠକରେ ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମୀ ମଣ୍ଡଳ, କାଶୀନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ବାଲା ସାୟମା, ଗୋଷାଣି ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ୍.ବୀରରାଜୁ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, କାଶୀନଗର ଏନ୍‌ଏସି ଅଧ୍ୟକ୍ଷା ଏମ୍.ସୁଧାରାଣୀ, ଜିଲ୍ଲା ଯୋଜନା ବିଭାଗ ଉପନିର୍ଦ୍ଦେଶକ ମହେଶ୍ୱର ସାହୁ, ଗୁମ୍ମା ଓ ଗୋଷାଣି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

● ଗାୟତ୍ରୀ ଶକ୍ତିପୀଠ ପ୍ରତିଷ୍ଠା ଉତ୍ସବ

## ୩ୟ ଦିନରେ ଚକ୍ଷୁ ଚିକିତ୍ସା ଶିବିର

**ରମ୍ଭା,୧୩।୧୧(ସମିସ):** ରମ୍ଭା ସହର ସ୍ଥିତ ଗାୟତ୍ରୀ ଶକ୍ତିପୀଠର ଚାଳିଶତମ ପ୍ରତିଷ୍ଠା ଦିବସର ତୃତୀୟ ଦିବସରେ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହାୟତାରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମାଜସେବୀ ସତ୍ୟନାରାୟଣ ଆଚାରି, ସମ୍ମାନୀତ ଅତିଥିଭାବେ ପତଞ୍ଜଳି ଯୋଗଗୁରୁ ରବୀନ୍ଦ୍ର ବେହେରା ଯୋଗଦେଇ ଗଞ୍ଜାମରେ ଚକ୍ଷୁ ଚିକିତ୍ସା ସେବା ଯୋଗ ଦେଇଥିଲେ। ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ସଂଯୋଜକ ରବିନାରାୟଣ ସେନାପତି ଓ ସହ ସଂଯୋଜକ ବିଜୟ କୁମାର ମିସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୋଟ ୪୪ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଥିବାବେଳେ ୭ ଜଣଙ୍କୁ ମୋତିଆବିନ୍ଦୁ ଅପରେସନ ପାଇଁ ସମରଝୋଳସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ଏହି ଅବସରରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ସାବୁଳିଆ ଶାଖାର ସଂଯୋଜକ ନାରାୟଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟି ଉମାକାନ୍ତ ସାହୁ, ମୁନା ପ୍ରଧାନ, ଦଣ୍ଡପାଣି ପାତ୍ର, ସୁମନ୍ତ ନାୟକ, କାଳୁ ନାୟକ ପରିଚାଳନା କରିଥିଲେ। ଶିବିରରେ ଶଙ୍କର ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ ମ୍ୟାନେଜର ଚିତ୍ରସେନ ଗୌଡ଼ଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ 'ମୋ ହାଟ' କାର୍ଯ୍ୟକ୍ରମ



ଜି.ଉଦୟଗିରି,୧୪।୧୧(ସମିସ): ଶିଶୁ ଦିବସ ଉପଲକ୍ଷେ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଓ ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମୋ ହାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟାକ୍ରମକୁ ଉପଖଣ୍ଡ ପୁଲିସ ଅଧିକାରୀ ବିଜୟ କୁମାର ବିଶି ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜି.ଉଦୟଗିରି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ, ବ୍ଲକ ଶିକ୍ଷା ଅଧିକାରୀ ଦିବ୍ୟ ପ୍ରକାଶ ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜନ କୁମାର ରାଉତରାୟ ଯୋଗ ଦେଇଥିଲେ। ଶିକ୍ଷାକେନ୍ଦ୍ରର ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବ୍ୟବସାୟୀ ଭିତ୍ତିକ ବିଭିନ୍ନ ଷ୍ଟଲ୍ କରିଥିଲେ। ପଣ୍ଡିତ ଜବହାରଲାଲ ନେହୁରୁଙ୍କ ଫଟୋରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ ଅତିଥିଗଣ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ।

## କାଶୀନଗର ବ୍ଲକ୍‌ରେ ବିଜ୍ଞାନ ମେଳା



କାଶୀନଗର,୧୪।୧୧(ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ଖାରଡ଼ା ହାଇସ୍କୁଲ୍ ପରିସରରେ ଚଳିତ ବର୍ଷର ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଆମୁସ୍ ଲିମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନକୁ ମୁଖ୍ୟଅତିଥି ରୂପେ ଯୋଗ ଦେଇ ବିଇଓ ଆଦିକନ୍ଦ ଗମାଙ୍ଗ ଉଦଘାଟନ କରିଥିବା ବେଳେ ଏବିଇ ଓ ନର୍ମଦା ଦାଶ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ।

ଦ୍ୱିତୀୟ ଅଧିବେଶନ ତଥା ଉଦ୍‌ଯାପନ ସମାରୋହର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଗଜପତି ଡିଇଓ ମାୟାଧର ସାହୁ ଓ ପଞ୍ଚାୟତ ସମିତି ଅଧକ୍ଷା ବି.ସାୟାମ୍ମା ଯୋଗ ଦେଇଥିଲେ। ବ୍ଲକ୍‌ର ୭୬ଟି ବିଦ୍ୟାଳୟର ଛାତ୍ରୀଛାତ୍ର ମେଳାରେ ଅଂଶଗ୍ରହଣ କରିଥିଲେ। ଗଣିତ, ବର୍ଜ୍ୟବସ୍ତୁ ପରିଚାଳନା, ସୁଷମ ପୁଷ୍ଟିକର ଖାଦ୍ୟ ପ୍ରଭୃତି ପ୍ରସଙ୍ଗ ଆଧାରିତ ପ୍ରକଳ୍ପ ଏଥିରେ ସ୍ଥାନ ପାଇଥିଲା। ମୋହନାର ପୂର୍ବତନ ବିଇଓ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ।

# ସରକାରୀ କୋଠା ଅସାମାଜିକଙ୍କ ଆଡ଼ାସ୍ଥଳୀ

ଗୁମ୍ମା,୧୪।୧୧(ସମିସ)

ଲୋକଙ୍କ ସୁବିଧା ପାଇଁ ପ୍ରତ୍ୟେକ ସ୍ଥାନରେ ଖୋଲାଯାଇଛି ସରକାରୀ କାର୍ଯ୍ୟାଳୟ। ଏହି କ୍ରମରେ ଦୀର୍ଘ ବର୍ଷ ହେଲା ଗଜପତି ଜିଲ୍ଲା ଗୁମ୍ମା ବ୍ଲକର ବି.କଲାକଟରେ ନୂତନ ଆରଆଇ କାର୍ଯ୍ୟଳୟ ନିର୍ମାଣ କରାଯାଇଥିଲା। କାର୍ଯ୍ୟଳୟ ଖୋଲିବା ସହିତ ଏହି କାର୍ଯ୍ୟଳୟରେ କାର୍ଯ୍ୟକାରୀ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି ସରକାରୀ କୋଠା। ବଡ଼ କଲାକଟ, ରେଗିଡି ଓ ଡୁମ୍ବାଡା ଅଞ୍ଚଳବାସୀଙ୍କ ପାଇଁ ଏହି କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା। ତେବେ ନିର୍ମାଣ ପର ଠାରୁ ଏହି କାର୍ଯ୍ୟଳୟ ଆଜି ପର୍ଯ୍ୟନ୍ତ ବ୍ୟବହାର ନ ହୋଇ ପଡ଼ି ରହିଥିବା ଦେଖିବାକୁ ମିଳିଛି। ସେହିପରି ଗୁମ୍ମା ସଦର ମହକୁମା କସ୍ତୁରବାଗାନ୍ଧୀ ବାଳିକା ବିଦ୍ୟାଳୟ ହଷ୍ଟେଲ ଗୃହ, ମିଶନ ଶକ୍ତି ଗୃହ ଗୁମ୍ମା ଓ ହାଟପଦା କମ୍ୟୁନିଟି ସେଣ୍ଟର ନିର୍ମାଣ ହେବା ପରଠାରୁ କାର୍ଯ୍ୟକ୍ଷମ ହେଉ ନ ଥିବା ଅଭିଯୋଗ ହେଉଛି। ସରକାରୀ କୋଠା କେଉଁ ଉଦେଶ୍ୟରେ ନିର୍ମାଣ କରାଯାଇଛି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠାର ବହୁ ସାମଗ୍ରୀ ଚୋରି ହୋଇଯାଇଥିବା ଜଣାପଡ଼ିଛି। ସରକାରୀ କୋଠା ଗୁଡିକ ଅବ୍ୟବହୃତ ହୋଇ ପଡ଼ିଥିବା ବେଳେ ଏହାକୁ ଅସାମାଜିକ ତତ୍ତ୍ୱମାନେ ବ୍ୟବହାର କରିବା ସହ ସଞ୍ଜ ନଇଁଲେ ଏଠାରେ ଆଡ଼ା ଜମୁଛି। ଏଠି ପ୍ରଶ୍ନ ଉଠୁଛି ଯଦି ସରକାରୀ କାର୍ଯ୍ୟାଳୟ ଆବଶ୍ୟକତା ନାହିଁ ତାହେଲେ ଏତେ ଟଙ୍କା ବିନିଯୋଗ କରି କାହିଁକି ନିର୍ମାଣ କରାଯାଇଛି। ଯଦି ନିର୍ମାଣ କରାଗଲା ତେବେ ଏହାକୁ ବ୍ୟବହାର କରିବାକୁ ବିଭାଗ ପକ୍ଷରୁ କୁହାଯାଉ ନାହିଁ ବୋଲି ପ୍ରଶ୍ନ ହେଉଛି। ଏଭଳି ପରିସ୍ଥିତିରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠା ଗୁଡ଼ିକକୁ ଅନ୍ତତଃ ପକ୍ଷେ ଅନ୍ୟ କୌଣସି ବିଭାଗକୁ ଦିଆଯାଇ ବ୍ୟବହାର କରାଯିବା ସହ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଦାବି ହେଉଛି।



## ପାଚିକା ସଂଘର ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ଫୁଲବାଣୀ,୧୪।୧୧(ସମିସ): ବିଭିନ୍ନ ଦାବି ନେଇ ମଧ୍ୟାହ୍ନ ଭୋଜନ ପାଚିକା ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶତାଧିକ ପାଚିକା ମାଦିକୁନ୍ଦା ଛକରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜନବାଦୀ ଗୌଡଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପାଚିକା ସଂଘ ସଭାପତି ରାଜେନ୍ଦ୍ର ଦାଶ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତିରେଖା ପ୍ରଧାନ, ଯଶୋଦା କହଁର, ପ୍ରଫୁଲ କୁମାର ପ୍ରଧାନ, ସସ୍ମିତା କହଁର, ସାଲିନୀ କହଁର, ସରମିତା କହଁର, ବିଜୁଳୀ କହଁର, ଅନୁସ୍ୟା ଦୀପୋ, ମଞ୍ଜୁ ବିଷୋୟୀ, ସୁକୁମାରୀ କହଁର, ସବିତା ମଲିକ, ପୁଷ୍ପା ବେହେରା ଓ ଚତୁର୍ଥି ବେହେରା ଉଦବୋଧନ ଦେଇଥିଲେ। ଶେଷରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

ପାଚିକାଙ୍କୁ ଶ୍ରମିକର ମାନ୍ୟତା ସହ ମାସିକ ସର୍ବନିମ୍ନ ମଜୁରୀ ୨୬ହଜାର ଟଙ୍କା ପ୍ରଦାନ, କରୋନା କାଳ ଦୁଇ ବର୍ଷର ବକେୟା ସହ ହାଇକୋର୍ଟ ନିର୍ଦ୍ଦେଶିତ୨୪ ମାସର ବକେୟା ପ୍ରାପ୍ୟ ପ୍ରଦାନ, ଜିଲ୍ଲାରେ ବନ୍ଦ ହୋଇଥିବା ୩୮୭ ବିଦ୍ୟାଳୟକୁ ପୁଣି ଥରେ ଖୋଲିବା ସହ ଛଟେଇ ପାଚିକାଙ୍କୁ ପୁନଃନିଯୁକ୍ତି, ଅବସରକାଳୀନ ବୟସ ୬୫କୁ ବୃଦ୍ଧି, ୧୦ ମାସ ପରିବର୍ତ୍ତେ ୧୨ ମାସର ପ୍ରାପ୍ୟ, ସ୍ୱାସ୍ଥ୍ୟ ବୀମା ସହ ଦୁର୍ଘଟଣା ମୃତ୍ୟୁରେ ୧୦ ଲକ୍ଷ ଓ ସାଧାରଣ ମୃତ୍ୟୁ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଦାବି କରାଯାଇଛି।

## ଧାନବିକ୍ରି ନେଇ ସଚେତନତା ଶିବିର

ଗୋଷାଣି,୧୪।୧୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଜଙ୍ଗଲପାଡୁ ଗ୍ରାମରେ ସେବା ସମବାୟ ସମିତି ତରଫରୁ ଧାନ କ୍ରୟବିକ୍ରୟକୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଙ୍କୁଡୁ, ଜଙ୍ଗଲପାଡୁ, ଉତ୍ତରସେଲି ଓ ଇଂଲିଶପେଣ୍ଟ ଗ୍ରାମର ବିଭିନ୍ନ ସ୍ଥାନରେ ଚାଷୀଙ୍କୁ ଏକତ୍ର କରି ୨୦୨୪-୨୦୨୫ ବର୍ଷ ସକାଶେ ଧାନ ମଣ୍ଡିରେ କିପରି ଭାବରେ ଧାନ କିଣାଯିବ, ଧାନର ଗୁଣବତ୍ତା, କ୍ୱିଣ୍ଟାଲ ପିଛା ପ୍ରକୃତ ମୂଲ୍ୟ ୩୧୦୦ ଟଙ୍କା ଆଦି ସମ୍ପର୍କରେ ସଚେତନତା କରାଯାଇଥିଲା। ଏଥିରେ ଜଙ୍ଗଲପାଡୁ ସେବାସମବାୟ ସମିତିର ସମ୍ପାଦକ ବାବୁଲି ସାମଲ, ଡିଇଓ ଚିନ୍ନାଗୋଟିପାଲ୍ଲି, ଖଗେଶ୍ୱର ରାଓ ଓ ସହକାରୀ ଡିଇଓ ରାଜେନ୍ଦ୍ର ପ୍ରସାଦ ପାତ୍ର ସଚେତନତା କରିଥିଲେ।

## ଅଟୋ ଦୁର୍ଘଟଣାରେ ୭ ଆହତ



ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୧୪।୧୧(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସ୍ଥିତ ତାଜୁଙ୍ଗି ପଞ୍ଚାୟତରୁ ଗଦାପୁରକୁ ଏକ ଅଟୋରେ ୭ ଜଣ ଯାତ୍ରୀ ରମାକାନ୍ତ ଦିଗାଲ (୭୨) ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ଦିଗାଲ (୭୦), ଭିକ୍ଟୋରିଆ ବଡ଼ସେଟ୍ (୨୩) ଓ ତାଙ୍କର ଦୁଇଟି ଶିଶୁ ଆୟନ୍ ନାୟକ (୪), ସାଇକା ନାୟକ (୨), ସୁଶାନ୍ତି ନାୟକ ଓ ସୁକାନ୍ତି ନାୟକ(୨୬) ଥିଲେ।କମ୍ପଲି ମୋଡ଼ ନିକଟରେ ହଠାତ୍ ରମାକାନ୍ତ ଅଟୋରୁ ଖସି ପଡୁଥିଲେ। ତାହାଙ୍କୁ ରକ୍ଷା କରିବାକୁ ଯାଇ ଅଟୋ ଡ୍ରାଇଭର ସାମନ୍ତ ନାୟକ (୩୧) ଭାରସାମ୍ୟ ରକ୍ଷା କରି ନ ପାରିବାରୁ ଅଟୋ ରାସ୍ତା କଡ଼କୁ ଓଲଟି ପଡିଥିଲା। ଏଥିରେ ଅଟୋ ଚାଳକ ସମେତ ବସିଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କୁ ଅନ୍ୟ ଏକ ଅଟୋର ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ରମାକାନ୍ତ ଓ ସାଇକାଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ପିକ୍‌ଅପ୍ ଭ୍ୟାନ୍ ସହ ଲକ୍ଷେ ଟଙ୍କାର କାଠ ଜବତ; ଜଣେ ଗିରଫ



ମୋହନା,୧୪।୧୧(ସମିସ): ଗଜପତି ଜିଲ୍ଲା ମୋହନା ବନ ବିଭାଗ ବୁଧବାର ବିଳମ୍ବିତ ରାତିରେ ଅଡବା ଥାନା ଅନ୍ତର୍ଗତ ପାଣିଗଣ୍ଡା ନିକଟରେ ପାଟ୍ରୋଲିଂ କଲାବେଳେ ନାନ୍ଦୀଙ୍ଗ ନାଳ ନିକଟରୁ ଏକ ପିକଆପ୍ ଭ୍ୟାନ୍ ସହ ବିପୁଳ ପରିମାଣର ଶାଗୁଆନ ଗଣ୍ଡି ଜବତ କରିଛି। ଏହା ସହ ଚାଲାଣକାରୀ ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ଲୁକାମେରୀ ଗ୍ରାମର ବୃନ୍ଦାବନ ମହାରଣାଙ୍କୁ ଗିରଫ କରିଛି ବନ ବିଭାଗ। ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀପ୍ରସାଦ ବିଷୋୟୀଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ପାଟ୍ରୋଲିଂ କଲାବେଳେ ସନ୍ଦେହରେ ଗାଡିକୁ ଅଟକାଇଥିଲେ। ବନ କର୍ମଚାରୀଙ୍କୁ ଦେଖି ଦୁଇ ଜଣ ଚାଲାଣକାରି ଚମ୍ପଟ ମାରିଥିବା ବେଳେ ମୁଖ୍ୟ ଚାଲାଣକାରୀ ବୃନ୍ଦାବନକୁ କାବୁ କରିଥିଲା ବନବିଭାଗ। ଗାଡିରୁ ୩୪ ଖଣ୍ଡ ଶାଗୁଆନ କାଠ ଜବତ କରାଯାଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ ହେବ ବୋଲି ସୂଚନା ଦେଇଛନ୍ତି ମୋହନା ବନାଞ୍ଚଳ ଅଧିକାରୀ। ଉକ୍ତ କାଠ ଗଜପତିରୁ ଗୌଡ଼ଗୋଠ ରାସ୍ତା ଦେଇ ଗଞ୍ଜାମକୁ ଚୋରା ଚାଲାଣ କରାଯାଉଥିବା ଜଣାପଡିଛି। ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ବନ ବିଭାଗ।

## ରାୟଗଡ଼ରେ ସମବାୟ ଦିବସ



ରାୟଗଡ଼,୧୪।୧୧(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମାସ୍ଥିତ ବୃହଦାକାର ଆଦିବାସୀ ବହୁମୂଖୀ ସମବାୟ ସମିତିରେ ମଙ୍ଗଳବାର ୭୧ତମ ସମବାୟ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବହୁମୂଖୀ ସମବାୟ ସମିତି ସଭାପତି ଅନ୍ତର୍ଯ୍ୟାମୀ ଗମାଙ୍ଗ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଏମ୍‌ଡି ପ୍ରବଳ ଚନ୍ଦ୍ର ଲିମା, ବି.ଆଇ.ସି ନିରାକାର ଗଉଡ, କାଳିଆ ପାଇକ, ଚିତ୍ତରଞ୍ଜନ ଦାସଙ୍କ ସମେତ ସମସ୍ତ ଡାଇରେକ୍ଟର ଓ ବହୁଚାଷୀ ଉପସ୍ଥିତ ଥିଲେ।



## କିଡ୍‌ନୀ ରୋଗରେ ପୀଡ଼ିତ ଅନାମ
## ଚିକିତ୍ସା ପାଇଁ ସରକାରଙ୍କୁ ନିବେଦନ କଲେ ଅଞ୍ଚଳବାସୀ

ଜି.ଉଦୟଗିରି,୧୪।୧୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗାଡ଼ାକୁନ୍ଦା ଗ୍ରାମର ଅନାମ ଚନ୍ଦ୍ର ଦିଗାଲ(୭୦)ଙ୍କ ଦୀର୍ଘ ଦିନ ହେଲା ତାଙ୍କର ଦୁଇଟି କିଡନୀ ନଷ୍ଟ ହୋଇଯାଇଛି। ଏହି କାରଣରୁ ସେ ବିଭିନ୍ନ ସମଦ୍ୟାର ସମ୍ମୁଖୀନ ହେଉଥିବା ବେଳେ ପରିବାର ପାଇଁ ଚିନ୍ତାର କାରଣ ହୋଇଛି। କିଛି ଦିନ ପୂର୍ବରୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ସେ ଚିକିତ୍ସିତ ହେଉଥିଲେ । ଅର୍ଥ ଅଭାବରୁ ଉନ୍ନତ ମାନର ଚିକିତ୍ସା ନିମନ୍ତେ ସେ ବଡ଼ ଡାକ୍ତରଖାନା କୁ ଯାଇ ପାରୁନାହାନ୍ତି। ଆର୍ଥିକ ଅନାଟନରେ ପରିବାର ଗତି କରୁଥିବା ବେଳେ ଘରୋଇ ଡାକ୍ତରଖାନାରେ ଚିକିତ୍ସା ସ୍ୱପ୍ନ ହୋଇଛି। ପରିବାରରେ କେବଳ ବୃଦ୍ଧା ସ୍ତ୍ରୀଙ୍କ ଛଡା ଆଉ କେହିନାହାଁନ୍ତି। ବର୍ତ୍ତମାନ୍ ସେ ଘରେ ଥିବା ଅବସ୍ଥାରେ ଗୁରୁବାର ପୁଣି ତାଙ୍କ ଦେହ ବହୁତ ଖରାପ ହୋଇଥିଲା। ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ତାଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲାଫ ଏମିତି ସମସ୍ୟା ଲାଗି ରହିଥିବା ବେଳେ ବୃହତ ଚିକିତ୍ସାର ଆବଶ୍ୟକତା ରହିଛି। ତାଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ କିମ୍ବା ରେଡ୍ କ୍ରସ୍‌ରୁ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ସମାଜସେବୀ ଆମନ୍ ଚନ୍ଦ୍ର ନାୟକ ଏବଂ ଅଞ୍ଚଳବାସୀ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ବିଭିନ୍ନ ବିଦ୍ୟାଳୟରେ ଶିଶୁ ଦିବସ ପାଳନ



ଦାରିଙ୍ଗବାଡି,୧୪।୧୧(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରେମ୍-ଏଡୁକୋ ଆନୁକୂଲ୍ୟରେ ଗୁରୁବାର କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକର ୧୫ ବିଦ୍ୟାଳୟରେ ଶିଶୁ ଦିବସ ପାଳନ କରାଯାଇଥିଲା। ଏହି ଦିବସ ଆଗାମୀ ୨୦ ଦିନ ଯାଏଁ ଅର୍ଥାତ ଡିସେମ୍ବର ୩ ତାରିଖ ଯାଏଁ ପାଳନ ହେବା ଏବଂ ୨୦ ଦିନ ମଧ୍ୟରେ ଏହି ଦିବସ ଅନ୍ୟ ୨୩ ଟି ବିଦ୍ୟାଳୟ ଓ ୧୦୩ ଟି ଗ୍ରାମରେ ପାଳନ କରାଯିବ ବୋଲି କୁହାଯାଇଛି। ପିତାମାତା, ଅଭିଭାବକ ଏବଂ ଅନ୍ୟାନ୍ୟ ପ୍ରାଥମିକ ଦାୟିତ୍ୱାଧିକାରୀଙ୍କ ମଧ୍ୟରେ ଏହି ଦିବସର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଶିଶୁ ମାନଙ୍କର ସମସ୍ୟା ଚିହ୍ନଟ କରି ବିଭିନ୍ନସ୍ତରରେ ଉପସ୍ଥାପନା କରି ଶିଶୁଙ୍କ ସାମଗ୍ରିକ ବିକାଶ କରିବା ଏହି ଦିବସ ପାଳନର ମୁଖ୍ୟ ଉଦେଶ୍ୟ ବୋଲି ପ୍ରେମ ଅନୁଷ୍ଠାନର ପ୍ରୋଗ୍ରାମ ମ୍ୟାନେଜର ସୁଧୀର ଦିଗାଲ୍ କହିଛନ୍ତି। ଏହି କାର୍ଯ୍ୟକ୍ରମ ଶିଶୁ ଦିବସର ପ୍ରଥମ ଦିବସରେ ୧୫ ବିଦ୍ୟାଳୟରେ ପାଳନ ହୋଇଥିଲା।

ପାରଳାଖେମୁଣ୍ଡି: ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ତଥା ୩୫ତମ ବାର୍ଷିକ ଖେଳକୁଦ ସମାରୋହ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଞ୍ଜୟ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବୀ ମଠର ମହନ୍ତ ରାମାନନ୍ଦ ଦାସ ମହାରାଜ, ସମ୍ମାନିତ ଅତିଥି ଭାବେ ଯାଜପୁରର ୟୁ ଜି ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଧିରେନ୍ଦ୍ର କୁମାର ସାମଲ ଓ ଭେଙ୍କଟେଶ୍ୱର ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଅଭିନ୍ନ ବାସୁଦେବ ମିଶ୍ର ଓ ପ୍ରମୋଦ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ୫୦୦ ରୁ ଅଧିକ ଛାତ୍ରଛାତ୍ରୀ ସ୍ଥାନୀୟ କଲେଜ ପଡିଆରେ ଦୁଇ ଦିନିଆ ବାର୍ଷିକ ଖେଳକୁଦ ସମାରୋହର ବିଭିନ୍ନ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ବିଦ୍ୟାଳୟର ଶାରୀରିକ ପ୍ରମୁଖ ମୂରଲୀ ମୋହନ ପ୍ରଧାନ, ସହ ଶାରୀରିକ ପ୍ରମୁଖ ରାଜେଶ କରାଇଙ୍କ ସଂଯୋଜନାରେ ତଥା ଅନ୍ୟ ଆଚାର୍ଯ୍ୟସହଯୋଗ କରିଥିଲେ।



# ସମସ୍ୟା ଘେରରେ କାଶୀନଗରବାସୀ

● ସାଂସଦଙ୍କୁ ବିଭିନ୍ନ ସମସ୍ୟା ଜଣାଇଲେ କାଶୀନଗରବାସୀ

କାଶୀନଗର,୧୪।୧୧(ସମିସ)

ଗଜପତି ଜିଲ୍ଲା କାଶୀନଗର ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କୁ ଜଣାଇଛନ୍ତି ଅଞ୍ଚଳବାସୀ। ବୁଧବାର ସନ୍ଧ୍ୟାରେ ପାରଳାଖେମୁଣ୍ଡିରେ ସାଂସଦ ପାଣିଗ୍ରାହୀ ଜିଲ୍ଲା ପ୍ରଶାସନ ବୈଠକରେ ଯୋଗ ଦେଇଥିଲେ। ଏହି ଅବସରରେ କାଶୀନଗର ବିଜେପି ନଗର ସଭାପତି ଭି.ଚଲାପତି ରାଓ, ଯୁବ ମୋର୍ଚ୍ଚା ସଭାପତି ବିଜୟ କୁମାର, ଏମ୍.ପ୍ରବୀଣ କୁମାର, ବିଜେପି କର୍ମୀ ଓ ଅଞ୍ଚଳବାସୀ ସାଂସଦଙ୍କୁ ଭେଟି ଅଞ୍ଚଳର ସମସ୍ୟା ସମ୍ପର୍କରେ ଜଣାଇଥିଲେ। କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା ଘେରରେ ଚାଲିଥିବା ନେଇ ଅଭିଯୋଗ କରିବା ସହ ମହିଳା, ଶିଶୁ ଓ ଔଷଧ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବା ନେଇ ଅନୁରୋଧ କରିଥିଲେ। ବହୁ ସମୟରେ ବିଶେଷଜ୍ଞ ଡାକ୍ତର ଅଭାବ ଯୋଗୁ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି। ସେହିପରି କାଶୀନଗର ବ୍ଲକରେ ବହୁ ଚାଷୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ନେଇ ସାଂସଦଙ୍କୁ ଜଣାଇଥିଲେ। ଉକ୍ତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ କିଶାନ ଓ ମୁଖ୍ୟମନ୍ତ୍ରୀଙ୍କ ଚାଷୀ ଯୋଜନାରେ ସାମିଲ କରାଯାଇ ପାରିବ ସେଥିପ୍ରତି ପଦକ୍ଷେପ ନେବାପାଇଁ ଲିଖିତ ଭାବେ ଜଣାଇଥିଲେ। ସେହିପରି କାଶୀନଗର ଅଞ୍ଚଳ ଆନ୍ଧ୍ରର ସୀମାନ୍ତରେ ରହିଥିବା ବେଳେ ଅଞ୍ଚଳରେ ଆନ୍ଧ୍ର ଓ ଓଡ଼ିଶାର ଲୋକେ ବିଭିନ୍ନ ବ୍ୟବସାୟୀ ଉପରେ ନିର୍ଭରଶୀଳ। ହେଲେ ଦୁଇ ଅଞ୍ଚଳକୁ ଗମନାଗମନ ପାଇଁ ବହୁ ଅସୁବିଧା ହେଉଥିବା ତଥା ବଂଶଧାରା ନଦୀ ପାର ହୋଇଯିବାକୁ ପଡେ। ଆନ୍ଧ୍ର ଓଡ଼ିଶା ଗମନାଗମନ ପାଇ କାଶୀନଗର ବ୍ଲକ୍ ଅନ୍ତର୍ଗତ ଇଦୁଡି ଗ୍ରାମ ନିକଟରେ ଅବସ୍ଥିତ ବଂଶଧାରା ନଦୀ ଉପରେ ସେତୁ ନିର୍ମାଣ କରିବା ନେଇ ସାଂସଦଙ୍କୁ ଜଣାଇଥିଲେ। ସେତୁ ନିର୍ମାଣ ହେଲେ ବହୁ ବ୍ୟବସାୟୀ ଲାଭବାନ ହୋଇପାରିବେ ବୋଲି ମତ ପ୍ରକାଶ ଅଞ୍ଚଳବାସୀ ଜଣାଇଥିଲେ। ଉକ୍ତ ସମସ୍ୟାକୁ ଅନୁଧ୍ୟାନ କରି ଗୁରୁତ୍ୱର ସହ ସମାଧାନ କରିବା ନେଇ ଚେଷ୍ଟା କରିବେ ବୋଲି ଅଞ୍ଚଳବାସୀଙ୍କ ସାଂସଦ ପ୍ରତିଶ୍ରୁତି ଦେଇଛନ୍ତି। ଆନ୍ଧ୍ର-ଓଡ଼ିଶା ଗମନାଗମନ ପାଇ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ସାଂସଦ କହିଛନ୍ତି।



## ପୁଲିସ ପକ୍ଷରୁ ଆଶ୍ରମର ଅନ୍ତେବାସୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ



ଗୋଷାଣି,୧୪।୧୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଏସ୍.ଉରୁଡାରେ ଥିବା ବିବେକାନନ୍ଦ ବାଲ୍ କଲ୍ୟାଣ ଆଶ୍ରମରେ ପୁଲିସ ପକ୍ଷରୁ ଅନ୍ତେବାସୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। ଶିଶୁ ଦିବସ ଅବସରରେ ଏପରି କାର୍ଯ୍ୟକ୍ରମ କରାଯାଇଥିଲା। ଆଶ୍ରମରେ ରହୁଥିବା ୩୦ ଜଣ ଅନ୍ତେବାସୀଙ୍କୁ ପେନ୍, ଖାତା, ସାବୁନ୍ ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ସହ ସମୟ ବିତାଇଥିଲେ ପୁଲିସ ଅଧିକାରୀ ଓ କର୍ମଚାରୀ। ଅନ୍ତେବାସୀଙ୍କୁ ଭଲ ପାଠ ପଢିବା ସହ ଭଲ ଖେଳାଳୀ ହେବା ପାଇଁ ଖେଳ କୁଦ ମଧ୍ୟ କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ ପୁଲିସ ଅଧିକାରୀ। ଏହି କାର୍ଯ୍ୟକ୍ରମରେ ଗାରାବନ୍ଧା ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିସିକା, ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ଓ ରାମଗିରି ଥାନା ଅଧିକାରୀ ଏସ୍.ଗଜପତି ଦୋରାଙ୍କ ସହ ଅନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗାରାବନ୍ଧ ଥାନା ଏସ୍‌ଆଇ ଲୋକନାଥ ବେହେରା ପରିଚାଳନା କରିଥଲେ।

## ଶ୍ରୀରାମ ନଗରରେ ରାହାସ ଯାତ୍ରା

ଫିରିଙ୍ଗିଆ,୧୪।୧୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସହରର ମଧ୍ୟଭାଗରେ ଥିବା ଶ୍ରୀରାମ ନଗରରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣମା ଅବସରରେ ରାହାସ ଯାତ୍ରା ଉଦଘାଟିତ ହୋଇଛି। ଚଳିତ ବର୍ଷ ଏହି ଯାତ୍ରା ୪୨ ବର୍ଷରେ ପ୍ରବେଶ କରିଛି।



ଚଳିତ ବର୍ଷ ଯାତ୍ରା ପରିଚାଳନା କମିଟି ସଭାପତି ବେଣୁଧର ମୁଖିଙ୍କ ଅଧ୍ୟକ୍ଷତାରେ ଯାତ୍ରାର ଉଦଘାଟନି ଉତ୍ସବରେ ଫିରିଙ୍ଗିଆ ସମିତିସଭ୍ୟା ମୌସୁମୀ ପ୍ରଧାନ ମୁଖ୍ୟଅତିଥି, ଫିରିଙ୍ଗିଆର ଅଧିଷ୍ଠାତ୍ରୀ ଦେବୀ ମା ପିତାବଳିଙ୍କ ମୁଖ୍ୟପୂଜକ ସତ୍ୟ ନାରାୟଣ ଭୁକ୍ତା, ରୁଦ୍ରେଶ୍ୱର ଶିବ ମନ୍ଦିର ପୂଜକ ଚିନ୍ତାମଣି ମହାପାତ୍ର, ଜଗନ୍ନାଥ ମନ୍ଦିର ପୂଜକ କାଳିଆ ପଣ୍ଡା, କାଳି ମନ୍ଦିର ପୂଜକ ଯୋଗୀନ୍ଦ୍ର ବିଶୋଇ, ବନ୍ଧଗଡ଼ ବରାଳ ଦେବୀ ମନ୍ଦିର ପୂଜକ ବିର ଦେହୁରୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ସଂସ୍କୃତିକ ଅନୁଷ୍ଠାନ ସାତସୁରର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ମଞ୍ଚ ଉଦଘୋଷକ ସରୋଜ କୁମାର ଚର୍ଚ୍ଚା ପରିଚାଳନା କରିଥିଲେ। ଯାତ୍ରା କମିଟି ଉପସଭାପତି ଜିତୁ ମୁଖି, ସମ୍ପାଦକ ଜିପୁନ କୁମାର ମୁଖି, ସହସମ୍ପାଦକ ଭୂୟାଁ ମୁଖି,କୋଷାଧ୍ୟକ୍ଷ ନନ୍ଦନ ମୁଖିଙ୍କ ସହ ବରିଷ୍ଠ ସଦସ୍ୟ ସାରସ୍ୱତ ମୁଖି, ବୁନା ମୁଖି, ଶିବୁଦତ୍ତ ମୁଖି, କିଶୋର ମୁଖି, ବିଭୁଦତ୍ତ ମୁଖି, ନନ୍ଦି ମୁଖି, ଭ୍ରମର ମୁଖି, ହରି ମୁଖି, ମାନସ ମୁଖି, ବୁନୁ ମୁଖି, ସୁଶାନ୍ତ ପ୍ରଧାନ ଓ ଲୁଲୁ ମୁଖି ସହଯୋଗ କରିଥିଲେ।

## ରୋଟାରୀ କ୍ଲବ ପାଳିଲା ଶିଶୁ ଦିବସ



**ଭଞ୍ଜନଗର,୧୪।୧୧(ସମିସ):** ଏଠାରୁ ପ୍ରାୟ ପାଞ୍ଚ କିଲୋମିଟର ଦୂର ବାଣତୁମ୍ବ ପ୍ରାଥମିକ ବିଦ୍ୟାଳୟ ଠାରେ ରୋଟାରୀ କ୍ଲବ ଭଞ୍ଜନଗର ତରଫରୁ ଶିଶୁ ଦିବସ ପାଳନ କରାଯାଇଛି। ସଭାପତି ବସନ୍ତ କୁମାର ପାତ୍ରଙ୍କ ସଭାପତିତ୍''ରେ ଆୟୋଜିତ ଉକ୍ତ ଉତ୍ସବରେ ରୋଟାରୀଆନ ସନ୍ତୋଷ ଜେନା, ରବୀନ୍ଦ୍ର ପାଣିଗ୍ରାହୀ, ରଂଜିତ କୁମାର ବାରିକ, ସୁଧୀର କୁମାର ପାଣିଗ୍ରାହୀ, ରାମଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିଶୁଦିବସର ଗୁରୁତ୍'', ଜବାହରଲାଲ ନେହେରୁଙ୍କ ଜୀବନୀ, ଶିଶୁ ହସିଲେ, ଦୁନିଆ ହସେ ଉପରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସଭାପତି ପାତ୍ର ଶୁଭାରମ୍ଭ କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ଗାନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିଙ୍କ ଦ୍ୱାରା ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରାଯାଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଉତ୍ସାହୀ ଯୁବକ, ବୁଦ୍ଧିଜୀବୀ ଓ ଅଭିଭାବକ ଯୋଗଦେଇଥିଲେ।

## ସ୍କୁଲରେ ଶିଶୁ ଦିବସ ପାଳିତ



**ପୁରୁଷୋତ୍ତମପୁର,୧୪।୧୧(ସମିସ):** ପୁରୁଷୋତ୍ତମପୁର ସହର ସ୍ଥିତ ସନସାଇନ ଇଣ୍ଟରନ୍ୟାସନାଲ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ସ୍କୁଲ ସଭାପତି ପ୍ରଫୁଲ୍ଲ କୁମାର ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ଡୋନର ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଏ ରାଜଗୋପାଳ ରାଓ, ଲକ୍ଷ୍ମୀ ଚରଣ ପାଣିଗ୍ରାହୀ, ବଂଶୀଧର ମହାନ୍ତି, ସ୍କୁଲ ଅଧ୍ୟକ୍ଷ ସୁନିଲ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଜବାହରଲାଲ ନେହେରୁଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ବର୍ଗରେ କୃତତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରିତ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିବାବେଳେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ,ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

## ନୂତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ଆସିକା,୧୪।୧୧(ସମିସ): ମିଳିତ ପ୍ରାଥମିକ ଶିକ୍ଷକ ସଂଘ, ଆସିକା ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଛି। ହାଟପଦା ଏକ୍ସ ବୋର୍ଡ ଗାର୍ଲ୍ସ ୟୁ ପି ସ୍କୁଲ ପରିସରରେ ସଂଘର ସଭାପତି ସନ୍ତୋଷ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ସରୋଜ ପାଢୀ, ଏନଏସିର ଅଧ୍ୟକ୍ଷା ବିନେତା ସ୍ୱାଇଁ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗିରଥି ପାତ୍ର, ବିଭୁ ନନ୍ଦନ ପଣ୍ଡା, ସଂଘର ଉପଦେଷ୍ଟା ମିହିରକାନ୍ତ ମହାପାତ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ। ଏହି ଅବସରରେ ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ୭୪ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଆବାସିକ ବିଦ୍ୟାଳୟ ହଷ୍ଟେଲରେ ଛାତ୍ର ମୃତ୍ୟୁ ଘଟଣା

# କୁଇ ସମାଜର ରାସ୍ତାରୋକ

**ଫୁଲବାଣୀ/ଖଜୁରୀପଡ଼ା,୧୪।୧୧(ସମିସ)**



କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଆର.ନୂଆଗାଁ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଗୁରୁବାର କୁଇ ସମାଜ ପକ୍ଷରୁ ରାସ୍ତାରୋକ କରାଯାଇଛି। ସକାଳ ୧୧ ଟାରେ କୁଇ ସମାଜ ଯୁବ ପରିଷଦ ଏବଂ କୁଇ ସମାଜ ସେବା ସମିତି ସଦସ୍ୟ ମୃତ ଛାତ୍ରଙ୍କ ପରିବାରଙ୍କୁ କ୍ଷତି ପୂରଣ ସହିତ ନ୍ୟାୟ ପାଇଁ ୫ ଦଫା ଦାବି କରି ଖଜୁରୀପଡ଼ା-ଶଙ୍କରଖୋଲ ମୁଖ୍ୟରାସ୍ତାର ଆର.ନୂଆଗାଁ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିଲେ। କୁଇ ସମାଜ ସେବା ସମିତି ସଭାପତି ସୁଦର୍ଶନ କହଁର, ଉପସଭାପତି ରମାକାନ୍ତ ମଲ୍ଲିକ, ଯୁବ ପରିଷଦ ଉପସଭାପତି ଆଲୋକ କହଁର, କୋଷାଧ୍ୟକ୍ଷ ଭାବୀନ୍ଦ୍ର କହଁର, ସମ୍ପାଦକ ଅଚ୍ୟୁତ ଯାନୀ, ଲାଇନପଡ଼ା ଶାଖା ସହ ସମ୍ପାଦକ ଅଗସ୍ତି କୁମାର ମଲ୍ଲିକ, ମୃତକଙ୍କ ବଡଭାଇ ଅରୂପାନନ୍ଦ ମଲିକଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଓ କର୍ମକର୍ତ୍ତା ରାସ୍ତା ଅବରୋଧ କରିଥିଲେ। ଖବର ପାଇ ରାଜସ୍ୱ ନିରୀକ୍ଷକ ଅଧିକାରୀ ପ୍ରଜ୍ଞା ପରମିତା ପ୍ରଧାନ ଏବଂ ଥାନା ଅଧିକାରୀ ଚାପଧାରୀ ପ୍ରଧାନ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ସଦର ଏସଡିପିଓ ସୁପ୍ରସନ୍ନ ମଲ୍ଲିକ, ସମାଜ ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ର ଏବଂ ତହସିଲଦାର ସୌମ୍ୟ ରଞ୍ଜନ ପାତ୍ର ପହଞ୍ଚି ଦାବିପତ୍ର ଗ୍ରହଣ କରିବା ସହିତ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ।

ସରକାରଙ୍କ ତରଫରୁ ମୃତ ଛାତ୍ରଙ୍କ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତି ପୂରଣ ଏବଂ ଘଟଣାର ତଦନ୍ତ କରି ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ ଲୋକଙ୍କୁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୪ଟାରେ ଲୋକେ ରାସ୍ତାରୁ ହଟିଥିଲେ। ରାସ୍ତାରୋକ ଯୋଗୁଁ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସୂଚନାଯୋଗ୍ୟ, ବାଲିସୁଗ୍ରୀ ଗ୍ରାମର ରସାନନ୍ଦ ମଲ୍ଲିକଙ୍କ ସାନ ପୁଅ ଆନନ୍ଦେଶ୍ୱର ମଲ୍ଲିକ (୧୬) କେଏମଆରଏସର ହଷ୍ଟେଲରେ ରହି ଦଶମ ଶ୍ରେଣୀରେ ପାଠ ପଢୁଥିଲେ।

ବୁଧବାର ସକାଳେ ହଷ୍ଟେଲ ଶୌଚାଳୟରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ମୃତକଙ୍କ ବଡ଼ ଭାଇ ଅରୂପାନନ୍ଦ ଥାନାରେ ଏତଲା ଦେଇ ଭାଇକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା



**ଛତ୍ରପୁର,୧୪।୧୧(ସମିସ):** ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ପଞ୍ଜିକୃତ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ହିତାଧିକାରୀମାନଙ୍କୁ ସହାୟତା ରାଶି ବାବଦକୁ ଚେକ ପ୍ରଦାନ କରିଥିଲେ। ଛତ୍ରପୁର ଶ୍ରମ ବିଭାଗ ଅଧିନରେ ପ୍ରାୟ ୪୦୯ ହିତାଧିକାରୀ ୨ କୋଟି ୪୨ ଲକ୍ଷ ୧୩ ହଜାର ଟଙ୍କାର ସହାୟତା ମିଳିଛି। ୪୦୯ ଜଣ ମଧ୍ୟରେ ୪୭ ଜଣ ଶିକ୍ଷା ବାବଦରେ ୪ ଲକ୍ଷ ୨୩ ହଜାର, ବିବାହ ରାଶି ସହାୟତା ବାବଦରେ ୨୬୬ ଜଣକୁ ୧ କୋଟି ୩୧ ଲକ୍ଷ ୫୦ ହଜାର ଟଙ୍କା, ପ୍ରସୂତି କାଳୀନ ସହାୟତା ରାଶି ବାବଦରେ ୪ଜଣକୁ ୪୦ ହଜାର ଟଙ୍କା, ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୪୦ ଜଣକୁ ୨ ଲକ୍ଷ ଟଙ୍କା, ମୃତ୍ୟୁକାଳୀନ ସହାୟତା ରାଶି ବାବଦରେ ୫୨ ଜଣକୁ ୧ କୋଟି ୪ ଲକ୍ଷ ମିଳିଛି। କାର୍ଯ୍ୟକ୍ରମରେ ଛତ୍ରପୁର ଶ୍ରମ ଅଧିକାରୀ ବର୍ଷାରାଣୀ ଜେନା, ସହକାରୀ ଶ୍ରମ ଅଧିକାରୀ ରଶ୍ମିରେଖା ପଣ୍ଡାଙ୍କ ସମେତ ହିତାଧିକାରୀ ଉପସ୍ଥିତ ଥିଲେ।

## କାର୍ତ୍ତିକେଶ୍ୱର ପୂଜା ପାଳିତ

**ହିଞ୍ଜିଳିକାଟୁ,୧୪।୧୧(ସମିସ):** ହିଞ୍ଜିଳିକାଟୁ ପୌରାଞ୍ଚଳ କେଉଟ ସାହିରେ ଉତ୍ସାହ ସହକାରେ ଚାଲିଛି କାର୍ତ୍ତିକେଶ୍ୱର ପୂଜା। ଦୀର୍ଘ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ପୂଜା ଚଳିତ ଥର ୨୫ବର୍ଷରେ ପହଞ୍ଚିଛି। ରବିବାର ଠାରୁ ଆରମ୍ଭ ହୋଇଥିବା ଏହି ପୂଜା ଉତ୍ସବ ଆସନ୍ତା ଶନିବାର ପର୍ଯ୍ୟନ୍ତ ଚାଲିବା ପରେ ଆଗାମୀ ରବିବାର ଦିନ ବିସର୍ଜନ ହେବ ବୋଲି ଆୟୋଜକ କମିଟି ବୃନ୍ଦଙ୍କ ଠାରୁ ପ୍ରକାଶ। କର୍ତ୍ତା ବାବୁଲା ବେହେରା ଓ ପୂଜକ ଦିବାନା ବେହେରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କାର୍ଯ୍ୟବିଧି ସଞ୍ଚାଳନ କରୁଛନ୍ତି। ନବମୀ ଦିନ ପ୍ରାତଃରୁ ବହୁ ପୁରୁଷ, ମହିଳା ନିକଟସ୍ଥ ଘୋଡ଼ାହାଡ଼ ନଦୀ ତଟରେ ପୂଜାର୍ଚ୍ଚନା କରିବା ସହିତ ପବିତ୍ର ଜଳ ଯାତ୍ରା ଆରମ୍ଭ କରି କର୍ମସଂସ୍କାର ଆରମ୍ଭ କରିଥିଲେ। ପୂଜା କମିଟି ସଦସ୍ୟ ଗୋପବନ୍ଧୁ ବେହେରା, ସ୍ୱାଧୀନ ବେହେରା, ଗୋରାଚାନ୍ଦ ସାହୁ, ସିଲୁ ବେହେରା, ମଣ୍ଟୁ ବେହେରା, ଭୋଲା ବେହେରା, ମଇନା ବେହେରା, ସୁଜିତ ପାତ୍ର, ଶୁଭମ ବେହେରା, କହ୍ନେଇ ବେହେରା, ଶଙ୍କର ବେହେରା ଓ ଟୁକୁ ବେହେରା ପରିଚାଳନା ଓ ସହଯୋଗ କରୁଛନ୍ତି।

## ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଶିଶୁ ପ୍ରତିଭା ସମ୍ମାନ

**ବ୍ରହ୍ମପୁର,୧୪।୧୧(ସମିସ):** ଉତ୍କଳ ଆଶ୍ରମ ମଣ୍ଡପରେ ଶିଶୁଦିବସ ଉପଲକ୍ଷେ ଭାରତୀୟ ଜନତା ମହିଳା ମୋର୍ଚ୍ଚା ପକ୍ଷରୁ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁଯା ନନ୍ଦ ବଶ୍ୱାଳଙ୍କ ନେତୃତ୍ୱରେ "ଶିଶୁ ପ୍ରତିଭା ସମ୍ମାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି। ଏଥିରେ ଅତିଥି ଭାବେ ପ୍ରେସ କ୍ଲବର ସଭାପତି ଅଶୋକ ବ୍ରହ୍ମା, ଗଞ୍ଜାମ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ସୁଦିପ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରରେ ବିଭିନ୍ନ ପ୍ରତିଭାର ଅଧିକାରୀ ଥିବା ଶିଶୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ଉଷାରାଣୀ ମହାପାତ୍ର ଓ ମୋନିକା ପ୍ରହରାଜ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟ ମଣ୍ଡଳ ସଭାନେତ୍ରୀ ଗୀତା ଦାସ, ରଞ୍ଜିତା ଡାକୁଆ, ପ୍ରେମଶିଳା ନନ୍ଦ, ଭାଗ୍ୟଶ୍ରୀ, ସୁଜାତା ଖାଡ଼ଙ୍ଗାଙ୍କ ସମେତ ଜିଲ୍ଲା ମହିଳା ମୋର୍ଚ୍ଚାର ସମସ୍ତ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟରେ ଅଭିମୁଖୀକରଣ କାର୍ଯ୍ୟକ୍ରମ

**ବ୍ରହ୍ମପୁର,୧୪।୧୧(ସମିସ):** ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା କୋ-ୟୁନିଟ ପକ୍ଷରୁ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ମହାବିଦ୍ୟାଳୟର ପ୍ରଶାସନିକ ଉପଦେଷ୍ଟା ଡ଼. ଆନନ୍ଦ ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ମହାମାୟୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ. ସ୍ୱର୍ଣ୍ଣଲତା ପଟ୍ଟନାୟକ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନା ମହିଳା ବିଭାଗର କାର୍ଯ୍ୟକର୍ତ୍ତା ଅଧିକାରୀଣୀ ଡ଼. ଏସ ଅପର୍ଜିତା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଗଙ୍ଗାଧର ବେହେରା ସ୍ୱେଚ୍ଛାସେବୀଙ୍କୁ ଉତ୍ସାହୀ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆବାହକ ଅଧ୍ୟାପିକା ସ୍ନେହାସିନୀ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ଡ଼. ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

**ଭଞ୍ଜନଗର,୧୪।୧୧(ସମିସ):** ସ୍ଥାନୀୟ କବି ସମ୍ରାଟ ଷ୍ଟାଡିୟମ ପରିସରରେ ଚାଲିଥିବା ୩ ଦିନିଆ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗୁରୁବାର ଉଦଯାପିତ ହୋଇଯାଇଛି। ଅନ୍ତିମ ଦିବସରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳ ଚାଷୀଙ୍କ ଅର୍ଥନୈତିକ ବିକାଶ ହେଲେ ରାଜ୍ୟ ତଥା ଦେଶର ବିକାଶ ହେବ ବୋଲି ଉଲ୍ଲେଖ କରିଥିଲେ। ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଓ ଜୟନ୍ତୀ ପଢ଼ିଆରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମେଳାରେ ଟ୍ରାକ୍ଟର,ପାୱାର ଟିଲର, ଧାନ ଅମଳ, ଧାନ ରୁଆ,ମଞ୍ଜି ସଫା, ରୋଟାଭେଟର, ଘାସ ଛେଦନ, କୋଡାଖୁସା ଭଳି ବିଭିନ୍ନ କୃଷି ଯନ୍ତ୍ରପାତି ରିହାତି ବିକ୍ରି ସହ ପ୍ରଦର୍ଶନ କରାଯାଇଥିଲା। ଏହା ସହ ଚାଷୀଙ୍କୁ ନେଇ କୃଷି ପାଠଶାଳା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ କୃଷି ଯନ୍ତ୍ରପାତି, ବିଭିନ୍ନ ମହିଳା ଏସଏଚଜି ଗୋଷ୍ଠୀର ଉତ୍ପାଦିତ ଦ୍ରବ୍ୟ ବିକ୍ରି ସହ ସରକାରଙ୍କ ବିଭିନ୍ନ ବିଭାଗର ୨୫ ଷ୍ଟଲ ମେଳାରେ ଖୋଲା ଯାଇଥିଲା। ସହକାରୀ କୃଷି ଅଧିକାରୀ ଦିବ୍ୟରଞ୍ଜନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ଗୃହ ଉଦ୍‌ଘାଟନ ସମାରୋହ

**ଦାରିଙ୍ଗବାଡି,୧୪।୧୧(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ସୋନପୁର ପଞ୍ଚାୟତ ଅନ୍ତର୍ଗତ ବ୍ରାହାବାନ୍ଦା ଗ୍ରାମରେ ଗୁରୁବାର ଶିଶୁ ଗୃହ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସୋନପୁର ସରପଞ୍ଚ କୁମୁଦିନି ପ୍ରଧାନ ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ୍, ଶିଶୁ ବିକାଶ ଯୋଜନା ସୁପରଭାଇଜର ସ୍ୱର୍ଣ୍ଣକାନ୍ତି ପ୍ରଧାନ, ଏଏନଏମ୍ ବୁଲିଦେଇ ପ୍ରଧାନ, ସିଏଚଓ ନିରୂପମା ପ୍ରଧାନ ଏବଂ ଗ୍ରାମର ସଭାପତି ପିତାମ୍ବର ରୁପାମାଝୀ ଉପସ୍ଥିତ ରହି ଶିଶୁମାନଙ୍କ ଉପରେ ଆଲୋକପାତ କରିଥିଲେ। ଏଥିରେ ଗ୍ରାମର ଶତାଧିକ ମା ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ବ୍ରହ୍ମପୁର,୧୪।୧୧(ସମିସ): ସ୍ଥାନୀୟ ଆସିକା ରୋଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା 'ବାଲ ବୈଜ୍ଞାନିକ ପ୍ରଦର୍ଶନୀ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମେୟର ସଂଘମିତ୍ରା ଦଳାଇ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ଯୋଗ ଦେଇଥିଲେ। ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇଜର ନିର୍ଦ୍ଦେଶକ ପ୍ରଫେସର ଅଶୋକ ଗାଙ୍ଗୁଲି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜୁନାଗଡ଼ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡମ୍ବରୁଧର ସାହୁ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗ ଦେଇଥିଲେ। ପ୍ରଦର୍ଶନୀରେ ୧୭ଟି କ୍ଲଷ୍ଟରରୁ ୨୧୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ୫୦୦ଛାତ୍ରଛାତ୍ରୀ ନିଜ ନିଜ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଦ୍ୟାର୍ଥୀଙ୍କୁ ମାର୍ଗଦର୍ଶନ ପାଇଁ ୧୩୦ଶିକ୍ଷକ ଉପସ୍ଥିତ ଥିଲେ। ବିଭିନ୍ନ ବର୍ଗରେ ୧୦ଜଣ କୃତି ବାଲ ବୈଜ୍ଞାନିକ ଶ୍ରେଷ୍ଠ ବିବେଚିତ ହୋଇଥିଲେ। କୃତି ଛାତ୍ରଛାତ୍ରୀ ଆଗାମୀ ଦିନରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବେ। ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ମେଳାକୁ ପର୍ଯ୍ୟବେକ୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସ୍କାରୋଡ଼ ସ୍କୁଲର ବହୁ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ମେଳାକୁ ବହୁ ବିଜ୍ଞାନ ପ୍ରେମୀ ପରିଦର୍ଶନ କରି ଜ୍ଞାନ ଅର୍ଜନ କରିଥିଲେ।

## ସିପିଆଇ ପକ୍ଷରୁ ଶିଶୁ ଦିବସ

**ଦିଗପହଣ୍ଡି,୧୪।୧୧(ସମିସ):** ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ ସ୍ଥିତ ସିପିଆଇ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଜୟନ୍ତୀ ଅବସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ଅଳକ ନାଥ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଣ୍ଡିତ ନେହେରୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଭାରତବର୍ଷ ରେ ଗଣତନ୍ତ୍ର ର ସୁରକ୍ଷା ପାଇଁ ପଣ୍ଡିତ ନେହେରୁଙ୍କ ଅବଦାନ ସମ୍ପର୍କରେ ସଭାରେ ବିସ୍ତୃତ ଆଲୋଚନା କରାଯିବା ସହ ତାଙ୍କ ଅମଳରେ ରାଜ୍ୟର ବହୁବିଧ ବିକାଶ ହୋଇପାରିଥିଲା ବୋଲି ମତପ୍ରକାଶ ପାଇଥିଲା। ସଭାରେ ଆର.ପୂର୍ଣ୍ଣ, ଏନ୍.ସୁନୀଲ, ସନ୍ତୋଷ ବେହେରା, କିଶୋର ଚନ୍ଦ୍ର ବେହେରା, ଏ.ପ୍ରବୀର, କିଶନ ନାୟକ, କିରଣ ନାୟକ, କାହ୍ନୁ ସ୍ୱାଇଁ, ନିଳାଞ୍ଚଳ ପାଳ ଏବଂ ବନମାଳି ପ୍ରଧାନଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମୀ ଯୋଗଦେଇଥିଲେ।

## ଚବିଶି ପ୍ରହର ନାମଯଜ୍ଞ

**ଗଞ୍ଜାମ,୧୪।୧୧(ସମିସ):** ଗଞ୍ଜାମ ସହର ସ୍ଥିତ ରାଉଳ ସାହିରେ ଚବିଶି ପ୍ରହର ନାମଯଜ୍ଞ ଗୁରୁବାର ପ୍ରାତଃରୁ ଆରମ୍ଭ ହୋଇଥିଲାଫ ଏହି ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସାହି ଓ ଆଖପାଖ ଅଞ୍ଚଳର ବହୁ ମହିଳା ଓ ପୁରୁଷ ଋଷିକୂଲ୍ୟା ନଦୀ ଠାରେ ଏକତ୍ରିତ ହୋଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ମସ୍ତକରେ କଳସରେ ଜଳ ଧାରଣ କରି ଅସ୍ଥାୟୀ ଯଜ୍ଞ ମଣ୍ଡପ ଠାରେ ପହଞ୍ଚିବା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ତଥା ପୁଇଁତୋଳା, ଝାଡକୁଦା, ବୁରୁଡି ଆଦି ଅଞ୍ଚଳର କୀର୍ତନ ମଣ୍ଡଳୀ ଯୋଗ ଦେଇ ନାମ ସଂକୀର୍ତ୍ତନ ଗାନ କରିଥିଲେ କ୍ଷ ସନ୍ଧ୍ୟାରେ ନଗର ପରିକ୍ରମା ପରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ସାହିର ରବୀନ୍ଦ୍ର ଗୌଡ଼, ସଞ୍ଜୟ ମହାରଣା, ଶୁଭ ପଟ୍ଟନାୟକ, ସନ୍ତୋଷ ଗୌଡ଼, ଦେବରାଜ ମହାରଣା, ପଙ୍କଜ ମହାରଣା ପ୍ରମୁଖଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

## ଆଇନଜୀବୀଙ୍କ ଶୋକସଭା

**ଆସିକା,୧୪।୧୧(ସମିସ):** ଆସିକା ଓକିଲ ସଙ୍ଘ କାର୍ଯ୍ୟାଳୟରେ ସ୍ୱର୍ଗତ ଆଇନଜୀବୀ ସନ୍ତୋଷ ପ୍ରଧାନଙ୍କ ଶୋକସଭା ପାଳିତ ହୋଇଯାଇଛି। ସେ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ମୃତ୍ୟୁ ଘଟିଥିଲା। ଓକିଲ ସଙ୍ଘ ଉପସଭାପତି ପ୍ରଭାତ ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ଶୋକ ସଭାରେ ସମ୍ପାଦକ ବିଦେଶୀ ନାହାକ, ଆଇନଜୀବୀ ନାରାୟଣ ମୁନି, ଅଜିତ ଚୌଧୁରି, ସୁରେନ୍ଦ୍ର ନାଥ ପଣ୍ଡା, ଦିଲୀପ ପାଣିଗ୍ରାହୀ, ନାରାୟଣ ହୋତା, ଶିବ ଶଙ୍କର ପାତ୍ର, ଗଙ୍ଗାଧର ନାହାକ, ଛବିଳ ରାମ ମିଶ୍ର, ସନ୍ତୋଷ ମିଶ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ଓଡ଼ିଶା କଳାକାର ମହାସଂଘର ପ୍ରତିଷ୍ଠା ଦିବସ

**ବ୍ରହ୍ମପୁର,୧୪।୧୧(ସମିସ)**




ସ୍ଥାନୀୟ ଜାତୀୟ ସଂଗୀତକଳା କେନ୍ଦ୍ରରେ ନିଖିଳ ଓଡ଼ିଶା କଳାକାର ମହାସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ଯାତ୍ରା କଳାକାର ରାଜେନ୍ଦ୍ର ମୋହନ ପତି ଯୋଗଦେଇ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ସମଗ୍ର ଓଡ଼ିଶାରେ କଳାକାରଙ୍କ ଅସ୍ମିତାର ଜାଗ୍ରତ ପ୍ରହରୀ ରୂପେ ଦଣ୍ଡାୟମାନ ହୋଇପାରିଛି ବୋଲି କହିଥିଲେ। ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ କୈଳାସ ପାଣିଗ୍ରାହୀ ଉଦଘାଟନ କରିବା ପରେ ଦୁଆନପଲ୍ଲୀସ୍ଥିତ ମା'ମଙ୍ଗଳା ଓ କଳାପାଟ ଲୋକ ନାଟ୍ୟ ସଂଘ ପ୍ରଯୋଜିତ ତଥା ବନଜ କୁମାର ସାହୁ ନିର୍ଲଡ଼ଦେଶିତ ଲୋକ ନାଟକ ମହାଲକ୍ଷ୍ମୀ ପୁରାଣ ପରିବେଷଣ କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ସୀମାନ୍ତ ନାଟରାଜ ଡା. ତିରୁପତି ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ବରିଷ୍ଠ ସାମ୍ବାଦିକ ପ୍ରକାଶ ପଟ୍ଟନାୟକ, ନବରଙ୍ଗପୁର ବରିଷ୍ଠ କଳାକାର ସଂଘ ଉପସଭାପତି ପେଣ୍ଡ୍ରା ପ୍ରସାଦ ନାୟକ, କୋରାପୁଟ ଦେଶିଆ ନାଟ୍ ଗୁରୁ ବାଲାଜୀ ସାମନ୍ତରା, ବରିଷ୍ଠ ଗ୍ରାମୀଣ ନାଟ୍ୟ ସଂଗଠକ ତଥା କଳାକାର ସୁରେଶ ପାଣିଗ୍ରାହୀ, ନାଟ୍ୟକାର ଯୁଧିଷ୍ଠିର ଭଞ୍ଜସାମନ୍ତ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ କଳାକାରଙ୍କୁ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସଂଘର ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟରେ ଉଦଘୋଷକ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସଂଯୋଜନା କ୍ରମେ ସାଂସ୍କୃତିକ ବିଚିତ୍ରା ପରିବେଶିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର କୃଷ୍ଣପ୍ରସାଦ ସାବତ, ପାଣ୍ଡବ ପ୍ରଧାନ, ରୂପଚନ୍ଦ୍ର ସାହୁ, ରାମ ପ୍ରସାଦ ସାବତ, କୁନୁ ବେହେରା, ପ୍ରଦୀପ କୁମାର ସାହୁ, ଦୀପକ କୁମାର ସାହୁ, ଶ୍ରୁତି ସ୍ୱାଧୀନା ସାବତ ଓ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବୃତ୍ତିଗତ ସମ୍ଭାବନା କର୍ମଶାଳା



**ବ୍ରହ୍ମପୁର,୧୪।୧୧(ସମିସ):** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ବୃତ୍ତିଗତ ସମ୍ଭାବନା କର୍ମଶାଳା ଅନୁଷ୍ଠିତ ହୋଇଛି। ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥଙ୍କ ସଭାପତିତ୍ୱରେ ବିଷୟ ବିଶାରଦ ଭାବେ ଶଶିଭୂଷଣ ରଥ ମହିଳା ସ୍ୱୟଂଶାସିତ କଲେଜ ଅଧ୍ୟାପକ ଶାନ୍ତନୁ ସୁନା, ଡ. ବିଦ୍ୟୁତପ୍ରଭା ସାହୁ, ଡ. ମନୋଜ ପଟ୍ଟନାୟକ, ଡ. ବନମାଳୀ ପାଣିଗ୍ରାହୀ, ଡ. ମନୋରଞ୍ଜନ ବିଷୋୟୀ, ସ୍ୱର୍ଣ୍ଣଲତା ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଆ ଏକ ଭାଷା ନୁହେଁ, ଏହା ଅସ୍ମିତାର ବାହକ। ତେଣୁ ଓଡ଼ିଆରେ ସ୍ନାତକୋତ୍ତର ପଢୁଥିବା ଛାତ୍ରଛାତ୍ରୀ କର୍ମସଂସ୍ଥାନକୁ ନେଇ ଅନେକ ସମୟରେ ବିତସ୍ପୃହତା ପ୍ରକାଶ କରିଥାନ୍ତି। ତେଣୁ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଅନୁରାଗ ଦୂର କରିବା ଏବଂ ଏ କ୍ଷେତ୍ରରେ ଥିବା ବୃତ୍ତିଗତ ସମ୍ଭାବନା ସୂଚାଇବା କର୍ମଶାଳାର ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ସେହିପରି ଭୂତତ୍ତ୍ୱ ବିଭାଗରେ ମଧ୍ୟ ବୃତ୍ତିଗତ ପରାମର୍ଶ କର୍ମଶାଳା ହୋଇଥିଲା। ପ୍ରାଧ୍ୟାପକ ଡ. ମନୋଜ ପଟ୍ଟନାୟକ କର୍ମଶାଳା ଉଦ୍‌ଘାଟନ କରିଥିବା ବେଳେ ବିଷୟ ବିଶାରଦ ଭାବେ କୁଏତ୍‌ରେ ଅବସ୍ଥାପିତ ଭୂବିଜ୍ଞାନୀ ଡ. ଗିରିଜା ଶଙ୍କର ପାଢ଼ୀ ଭୂତତ୍ତ୍ୱ ଗବେଷଣା କ୍ଷେତ୍ରରେ ବ୍ୟବହୃତ ନୂତନ ଜ୍ଞାନ କୌଶଳ ଓ ସମ୍ଭାବ୍ୟ ଦିଗ ଉପରେ ବକ୍ତବ୍ୟ ଦେଇଥିଲେ। ପ୍ରାକୃତିକ ଗ୍ୟାସ ଓ ଖଣିଜ ତୈଳ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଥିବା ପ୍ରକାଶ କରିଥିଲେ। ଅଧ୍ୟାପକ ଡ. ରଜତ ପଣ୍ଡା ଓ ଡ. ମନିଷା ଦାସ କର୍ମଶାଳା ପରିଚାଳନା କରିଥିଲେ।

■ ନିଖିଳ ଭାରତୀୟ ପୁଲିସ ଆଥ୍ଲେଟିକ୍ ମିଟ୍

# ଅଶୋକଙ୍କୁ ସ୍ୱର୍ଣ୍ଣ; ଓଡ଼ିଶାକୁ ୪ ପଦକ



କଟକ, ୧୪।୧୧(ସମିସ): ଦିଲ୍ଲୀରେ ଚାଲିଥିବା ନିଖିଳ ଭାରତୀୟ ପୁଲିସ ଆଥଲେଟିକ ମିଟ୍‌ରେ ଓଡ଼ିଶା ୪ଟି ପଦକ ଜିତିଛି। ଏଥିରେ ୩ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ରହିଛି। ଗୁରୁବାର ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ଓଡ଼ିଶା ନିମନ୍ତେ ୩ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ ଅଶୋକ ଦଣ୍ଡସେନା। ଭୁବନେଶ୍ୱର ୮ମ ବାଟାଲିୟନର ଅଶୋକ ୧୫୦୦ମିଟର ଦୌଡ଼ ଫାଇନାଲ ହିଟ୍‌କୁ ସେ ୩ ମିନିଟ ୪୮ ସେକେଣ୍ଡରେ ଶେଷ କରି ପ୍ରଥମସ୍ଥାନ ଅକ୍ତିଆର କରି ଏହି ସଫଳତା ପାଇଥିଲେ। ଚଳିତ ମିଟ୍‌ରେ ଅଶୋକଙ୍କ ଏହା ଦ୍ୱିତୀୟ ପଦକ। ୮୦୦ମିଟର ଦୌଡ଼ରେ ସେ ରୌପ୍ୟ ଜିତିଥିଲେ। ଏହାଛଡ଼ା ଉକ୍ତ ପ୍ରତିଯୋଗିତାର ୧୦୦ମିଟର ବାଧାଦୌଡ଼ରେ ସୁନ୍ଦରଗଡ଼ର ସବିତା ଟପ୍ପୋ ଏବଂ ୩ହଜାର ମିଟର ଷ୍ଟିପଲଚେଜ୍‌ରେ ସୁସ୍ମିତା ଟିଗା ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି।

# ଜୋଶୁଆ ଟେକ୍‌ନିକାଲ ଡେଲିଗେଟ୍ ନିଯୁକ୍ତ

ହକି ଇଣ୍ଡିଆ ଲିଗ୍

ନୂଆଦିଲ୍ଲୀ, ୧୪ ।୧୧(ଏଜେନ୍ସି): ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ) ର ଆଗାମୀ ଷଷ୍ଠ ସଂସ୍କରଣ ପାଇଁ ନୂଆ ଟେକନିକାଲ ଡେଲିଗେଟ ବା ବୈଷୟିକ ପ୍ରତିନିଧି ଓ ଅମ୍ପାୟାର ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ଏଚ୍‌ଆଇଏଲ୍ ଗୁରୁବାର ଅଷ୍ଟ୍ରେଲିଆର ଜୋଶୁଆ ବର୍ଟଙ୍କୁ ଟେକ୍‌ନିକାଲ ଡେଲିଗେଟ୍ ଓ ନ୍ୟୁଜିଲାଣ୍ଡର କଲିନ ଫ୍ରେଞ୍ଚ୍‌ଙ୍କୁ ଅମ୍ପାୟାର ମ୍ୟାନେଜର ନିଯୁକ୍ତ ଦେଇଛି। ଜୋଶୁଆ ୨୦୧୧ରୁ ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଆସୁଛନ୍ତି। ସେ ୨୦୧୩ ପୁରୁଷ କନିଷ୍ଠ ବିଶ୍ୱକପ୍, ୨୦୧୪ ଯୁବ ଅଲିମ୍ପିକ୍ସ, ୨୦୧୫ ଓ ୨୦୧୭ ରେ ହକି ଇଣ୍ଡିଆ ଲିଗ୍ ସେମିଫାଇନାଲ ୨୦୧୨ ଓ ୨୦୧୮ ରେ ଚାମ୍ପିଅନ୍ସ ଟ୍ରଫି ଏବଂ ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ଅଲିମ୍ପିକ୍ସରେ ଗୁରୁଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି କଲିନ ଫ୍ରେଞ୍ଚ୍ ୨୦୧୩ରୁ ଅମ୍ପାୟରିଂ କ୍ୟାରିଅର ଆରମ୍ଭ କରିଛନ୍ତି। ସେ ଓସେନିଆ କପ୍, ଟ୍ରାନ୍ସ- ତାସମାନ ଟ୍ରଫି, ଯୁଥ ଅଲିମ୍ପିକ୍ସ ଗେମ୍ସ, ଏଫ୍‌ଆଇଏଚ୍ ପ୍ରୋ ଲିଗ୍, ୨୦୧୮ ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମ୍ୟାଚ୍ ପରିଚାଳନା କରିଛନ୍ତି।

## ବର୍ଡର- ଗାଭାସ୍କାର ଟ୍ରଫି

# ପର୍ଥରେ ଟିମ୍ ଇଣ୍ଡିଆର ଅଭ୍ୟାସ





ପର୍ଥ, ୧୪।୧୧(ଏଜେନ୍ସି): ହାଇପ୍ରୋଫାଇଲ ବର୍ଡର-ଗାଭାସ୍କର ଟ୍ରଫି ଅର୍ଥାତ୍ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ କ୍ରିକେଟ ଦଳ ପର୍ଥରେ ଜୋରଦାର ଅଭ୍ୟାସ କରିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଗୁରୁବାର ଫିଲ୍ଡିଂ କରୁଥିବା ଖେଳାଳିମାନଙ୍କ ଭିଡିଓ ଓ ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛି। ୫ ମ୍ୟାଚ୍ ବିଶିଷ୍ଟ ଏହି ବହୁ ଚର୍ଚ୍ଚିତ ସିରିଜର ପ୍ରଥମ ମ୍ୟାଚ୍ ଆସନ୍ତା ୨୨ ତାରିଖରୁ ପର୍ଥରେ ଆରମ୍ଭ ହେବ। ଗତ ସୋମବାର ଭାରତୀୟ ଦଳ ଅଷ୍ଟ୍ରେଲିଆ ଯାତ୍ରା କରିଥିଲା। କୋହଲି ପ୍ରଥମ ଖେଳାଳି ଭାବେ ପରିବାର ସହିତ ଅଷ୍ଟ୍ରେଲିଆରେ ପହଞ୍ଚିଥିଲେ। ଏହି ସିରିଜରେ ଦ୍ୱିତୀୟ ଟେଷ୍ଟ ଦିବାରାତ୍ର ଭିତ୍ତିକ ହେବ ଓ ଏହା ଆଡିଲେଡ୍‌ରେ ଡିସେମ୍ବର ୬ରୁ ଆରମ୍ଭ ହେବ।

### ନେଟ୍ ପ୍ରାକ୍ଟିସ କଲେ ସବୁ ଖେଳାଳି

ଭାରତୀୟ ଦଳ ସବୁ ସଦସ୍ୟ ନେଟ୍ସରେ ଅଭ୍ୟାସ କରିଛନ୍ତି। ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି, ଉପ- ଅଧିନାୟକ ଯଶପ୍ରୀତ ବୁମ୍‌ରା, ଦ୍ରୁତ ବୋଲର ମହମ୍ମଦ ସିରାଜ, ଅଭିଜ୍ଞ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ସମେତ ସବୁ ଖେଳାଳି ଅଭ୍ୟାସ କରୁଥିବାର ଦେଖାଯାଇଥିଲା। ଦଳର କୋଚିଂ ଷ୍ଟାଫ୍‌ମାନେ ଖେଳାଳିମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଭାରତର ସହକାରୀ କୋଚ୍ ଅଭିଷେକ ନାୟାର, ବୋଲିଂ ପ୍ରଶିକ୍ଷକ ମର୍ଣ୍ଣ ମୋର୍କେଲ ଓ ଅନ୍ୟତମ ସହକାରୀ କୋଚ୍ ରିଆନ ଟେନ ଡୋଏଷ୍ଟେ ପରସ୍ପର ମଧ୍ୟରେ ସିରିଜ ନେଇ ଆଲୋଚନା କରୁଥିବାର ଦେଖାଯାଇଥିଲା। ଏହି ସିରିଜ ଭାରତୀୟ ଦଳ ପାଇଁ ଅଗ୍ନିପରୀକ୍ଷା ସଦୃଶ ବୋଲି ନାୟାର କହିଛନ୍ତି।

### ମୁମ୍ବାଇରେ ରୋହିତଙ୍କ ଜବରଦସ୍ତ ଅଭ୍ୟାସ

ଭାରତୀୟ ଅଧିନାୟକ ରୋହିତ ଶର୍ମା ଏହି ସିରିଜର ଗୋଟିଏ ଟେଷ୍ଟ ଖେଳି ନପାରିନ୍ତି। ରୋହିତ କିନ୍ତୁ ମୁମ୍ବାଇରେ ଜୋରଦାର ଅଭ୍ୟାସ କରିଛନ୍ତି। ସେ ପ୍ରଥମ ଦୁଇଟି ଟେଷ୍ଟରୁ ଗୋଟିଏ ମ୍ୟାଚ୍ ଖେଳି ନପାରିନ୍ତି। ସେ ଏ ନେଇ ବିସିସିଆଇକୁ ଅବଗତ କରାଇଛନ୍ତି। ଖାସ୍ ଏଥିପାଇଁ ରୋହିତ ଅଷ୍ଟ୍ରେଲିଆରେ ପହଞ୍ଚି ପାରିନାହାନ୍ତି। ଯଦି ରୋହିତ ପ୍ରଥମ ଟେଷ୍ଟ ନ ଖେଳନ୍ତି ତେବେ, ଅଭିମନ୍ୟୁ ଈଶ୍ୱରନ କିମ୍ବା ଲୋକେଶ ରାହୁଲ ତାଙ୍କ ସ୍ଥାନରେ ଇନିଂସ ଓପନ କରିପାରନ୍ତି।

### ୨୦୧୪-୧୫ରୁ ସିରିଜ ଜିତିନି ଅଷ୍ଟ୍ରେଲିଆ

ଗତ ୪ଟି ସିରିଜରେ ଅଷ୍ଟ୍ରେଲିଆ ଭାରତୀୟ ଦଳକୁ ପରାସ୍ତ କରିପାରିନାହିଁ। ଶେଷଥର ପାଇଁ ୨୦୧୪-୧୫ରେ ଭାରତକୁ ହରାଇବାକୁ ଅଷ୍ଟ୍ରେଲିଆ ସମର୍ଥ ହୋଇଥିଲା। ସେତେବେଳେ ଷ୍ଟିଭ୍ ସ୍ମିଥ୍‌ଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ୨-୦ରେ ଭାରତକୁ ଟେଷ୍ଟ ସିରିଜରେ ପରାସ୍ତ କରିଥିଲା। କିନ୍ତୁ ଏଥର ଭାରତକୁ ହରାଇ ଅଷ୍ଟ୍ରେଲିଆ ୯ ବର୍ଷ ପରେ ପ୍ରଥମ ସିରିଜ ଜିତିବା ଲକ୍ଷ୍ୟରେ ରହିଛି।

**ବର୍ଡର- ଗାଭାସ୍କର ଟ୍ରଫି କାର୍ଯ୍ୟସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ (ଭାରତୀୟ) |
|---|---|---|---|
| ୨୨/୧୧ | ପ୍ରଥମ ଟେଷ୍ଟ | ପର୍ଥ | ସକାଳ ୭.୫୦ |
| ୬/୧୨ | ଦ୍ୱିତୀୟ ଟେଷ୍ଟ | ଆଡିଲେଡ୍ | ସକାଳ ୯.୩୦ |
| ୧୪/୧୨ | ତୃତୀୟ ଟେଷ୍ଟ | ବ୍ରିସ୍‌ବେନ | ସକାଳ ୫.୫୦ |
| ୨୬/୧୨ | ଚତୁର୍ଥ ଟେଷ୍ଟ | ମେଲବୋର୍ଣ୍ଣ | ସକାଳ ୫ଟା |
| ୩/୧(୨୦୨୫) | ପଞ୍ଚମ ଟେଷ୍ଟ | ସିଡନୀ | ସକାଳ ୫ଟା |

# କୁଚ୍ ବିହାର ଟ୍ରଫି: ଶ୍ରେୟାଂଶ ଓ ପାନକଲଙ୍କ ଶତକ



ମୋକ୍ଷିତ ପାନକଲ



ଶ୍ରେୟାଂଶ ଭରଦ୍ୱାଜ

କଟକ/ବରଗଡ଼, ୧୪।୧୧(ସମିସ): ବରଗଡ଼ ବିକାଶ ଗ୍ରାଉଣ୍ଡରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ କୁଚେ ବିହାର ଟ୍ରଫିର ମେଘାଳୟ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ପକ୍ଷରେ ବିଜୟ ସୁଯୋଗ ରହିଛି। ଅଧିନାୟକ ଶ୍ରେୟାଂଶ ଭରଦ୍ୱାଜ ଏବଂ ୱିକେଟ ରକ୍ଷକ ପାନକଲ ମୋକ୍ଷିତଙ୍କ ଶତକୀୟ ପାଳି ବଳରେ ଓଡ଼ିଶା ୯ ୱିକେଟ ହରାଇ ୪୨୪ ରନ କରି ପାଳି ଘୋଷଣା କରିଥିଲା। ଘରୋଇ ଓଡ଼ିଶାକୁ ୩୨୮ ରନରେ ଅଗ୍ରଣୀ ମିଳିଛି। ଜବାବରେ ମେଘାଳୟ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ୨ ୱିକେଟ ବିନିମୟରେ ୮୪ରନ କରିଛି। ମେଘାଳୟ ୨୪୪ରନ ପଛରେ ଥିବା ବେଳେ ଓଡ଼ିଶାକୁ ବିଜୟ ପାଇଁ ୮ଟି ୱିକେଟ ଆବଶ୍ୟକ। ପ୍ରକାଶଯୋଗ୍ୟ, ମେଘାଳୟର ପ୍ରଥମ ପାଳି ୯୬ରନ ଜବାବରେ ଓଡ଼ିଶା ବୁଧବାର ଖେଳ ଶେଷ ସୁଦ୍ଧା ୩ ୱିକେଟ ବିନିମୟରେ ୧୮୬ରନ କରିଥିଲା। ଶ୍ରେୟାଂଶ ଭରଦ୍ୱାଜ ୫୩ରନ ଏବଂ ସମ୍ବିତ ବେଜ ୭ରନରେ ଅପରାଜିତ ଥିଲେ। ସମ୍ବିତ ୩୪ରନରେ ଆଉଟ ହୋଇଥିଲେ। ଶ୍ରେୟାଂଶ ଏବଂ ମୋକ୍ଷିତ ପାନକଲ ଶତକୀୟ ପାଳି ଖେଳି ଦଳୀୟ ସ୍କୋରକୁ ୪୦୦ ପାର୍ କରିବାରେ ସହାୟକ ହୋଇଥିଲେ। ଶ୍ରେୟାଂଶ ୧୦୩ରନ ଏବଂ ମୋକ୍ଷିତ ୧୧୬ରନରେ ଆଉଟ ହୋଇଥିଲେ। ମେଘାଳୟର ଏମ ଗୁପ୍ତା ୫ଟି ୱିକେଟ ହାସଲ କରିଥିଲେ।

# ଅଷ୍ଟ୍ରେଲିଆଠୁ ହାରିଲା ପାକିସ୍ତାନ

ପ୍ରଥମ ଟି-୨୦

ବ୍ରିସବେନ, ୧୪ ।୧୧(ଏଜେନ୍ସି): ସ୍ଥାନୀୟ ଗାବା ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨୯ ରନରେ ଭ୍ରମଣକାରୀ ପାକିସ୍ତାନକୁ ପରାସ୍ତ କରିଛି। ଦୀର୍ଘ ୨୨ ବର୍ଷ ପରେ ଅଷ୍ଟ୍ରେଲିଆକୁ ତା'ର ନିଜ ମାଟିରେ ଦିନିକିଆ ସିରିଜରେ ପରାସ୍ତ କରି ଇତିହାସ ସୃଷ୍ଟି କରିଥିବା ପାକିସ୍ତାନ କିନ୍ତୁ ପ୍ରଥମ ଟି-୨୦ରେ ଏହି ସଫଳତାକୁ ଦୋହରାଇ ପାରିନାହିଁ। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍ କ୍ରମାଗତ ବର୍ଷା ଓ ବିଜୁଳି ତଥା ଘଡ଼ଘଡି ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା ଓ ପାଖାପାଖି ୩ ଘଣ୍ଟା ବିଳମ୍ବରେ ମ୍ୟାଚ୍ ଆରମ୍ଭ ହୋଇଥିଲା। ଫଳରେ ମ୍ୟାଚ୍‌କୁ ୭ ଓଭର ବିଶିଷ୍ଟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଟସ୍ ଜିତି ପାକିସ୍ତାନ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୭ ଓଭରରେ ୪ ୱିକେଟ ହରାଇ ୯୩ ରନ ସଂଗ୍ରହ କରିଥିଲା। ଜବାବରେ ପାକିସ୍ତାନ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ନିୟମିତ ଅନ୍ତରରେ ଗୋଟିଏ ପରେ ଗୋଟିଏ ୱିକେଟ ହରାଇଥିଲା। ଫଳରେ ଦଳ ୭ ଓଭରରେ ୯ ୱିକେଟ ହରାଇ ୬୪ ରନରେ ସୀମିତ ରହି ପରାସ୍ତ ହୋଇଥିଲା।

# ଓଡ଼ିଶାର ପ୍ରଥମ ପ୍ରୋ କୋଚ୍ ଶୁଭେନ୍ଦୁ



ରାଜ୍ୟ ଫୁଟବଲକୁ ସଫଳତା

କଟକ, ୧୪।୧୧(ସମିସ): ଫୁଟବଲ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ପ୍ରଥମ ପ୍ରୋ ଲାଇସେନ୍ସ କୋଚ୍ ହେବାର ସୌଭାଗ୍ୟ ହାସଲ କରିଛନ୍ତି ଶୁଭେନ୍ଦୁ ପଣ୍ଡା। ଏଏଫସି 'ଏ' ଲାଇସେନ୍ସପ୍ରାପ୍ତ ଶୁଭେନ୍ଦୁ ପ୍ରୋ ଲାଇସେନ୍ସକୁ ଉନ୍ନୀତ ହୋଇ ନିଜସ୍ୱ କ୍ରୀଡ଼ା କ୍ୟାରିୟରରେ ନୂତନ ସଫଳତାର ଫର୍ଦ୍ଦ ଯୋଡିଛନ୍ତି। କୋଚିଂରେ ଏହା ହେଉଛି ସର୍ବାଧିକ ମାନ୍ୟତାପ୍ରାପ୍ତ ଲାଇସେନ୍ସ। ଭାରତୀୟ କନିଷ୍ଠ ଫୁଟବଲ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇ ପୂର୍ବରୁ ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ଏବେ ପ୍ରୋ-ଲାଇସେନ୍ସ ପ୍ରାପ୍ତ କରି ସେ ଆଉ ଏକ ସୋପାନକୁ ଉନ୍ନୀତ ହୋଇଛନ୍ତି। ଏପରିକି ଦେଶରେ ମୋଟ୍ ୪୭ଜଣ ପ୍ରୋ-ଲାଇସେନ୍ସଧାରୀଙ୍କ ଭିତରୁ ଶୁଭେନ୍ଦୁ ହୋଇଛନ୍ତି ଅନ୍ୟତମ। ନୂଆପଡ଼ା ଜିଲ୍ଲାରେ ଜନ୍ମିତ ଶୁଭେନ୍ଦୁ ରାଜ୍ୟ ବରିଷ୍ଠ ଫୁଟବଲ ଦଳର ଜଣେ ପୂର୍ବତନ ଖେଳାଳି। ୨୦୦୦-୦୧ ମସିହା ସନ୍ତୋଷ ଟ୍ରଫିରେ ସେ ଡିଫେଣ୍ଡର ଭାବେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ସ୍ପୋର୍ଟସ ଓଡ଼ିଶା ଟିମ୍‌ର ବୈଷୟିକ ନିର୍ଦ୍ଦେଶକ ତଥା ହେଡ ଅଫ ୟୁଥ ଡେଭେଲପମେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୭ରୁ ୨୦୨୩ ଭିତରେ ରାଜ୍ୟରେ ଫୁଟବଲର ବିକାଶ ଦିଗରେ ତାଙ୍କ ଅବଦାନ ଅତୁଳନୀୟ। ତାଙ୍କ ଅଧୀନରେ ପ୍ରଶିକ୍ଷଣ ନେଇ ଓଡ଼ିଶାର ୫ଜଣ ଖେଳାଳି ବିଭିନ୍ନ ବର୍ଗରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସଭାପତି ସମୀର ଦେ ଏବଂ ସମ୍ପାଦକ ଆଶୀର୍ବାଦ ବେହେରା ଶୁଭେନ୍ଦୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରଣଜୀ ଟ୍ରଫିରେ ସ୍ୱସ୍ତିକ୍ ସାମଲଙ୍କ ପ୍ରଥମ ଶତକ

# ବିଶାଳ ଅଗ୍ରଣୀ ସୁଯୋଗ ଛାଡ଼ିଦେଲା ଓଡ଼ିଶା



କଟକ, ୧୪।୧୧(ସମିସ): ମହାରାଷ୍ଟ୍ର ବିପକ୍ଷରେ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରି ବିଜୟ ସୁଯୋଗ ହାତଛଡ଼ା କରିଛି ଓଡ଼ିଶା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ରଣଜୀ ଟ୍ରଫିର ୫ମ ଲିଗ୍ ମ୍ୟାଚରେ ଓଡ଼ିଶାର ଦୁର୍ବଳ ବ୍ୟାଟିଂ ଯୋଗୁଁ ମ୍ୟାଚ୍ ପରିସ୍ଥିତି ଉଭୟ ପକ୍ଷରେ ଝୁଲି ରହିଛି। ମହାରାଷ୍ଟ୍ରର ପ୍ରଥମ ପାଳି ୧୭୨ରନ ଜବାବରେ ଓଡ଼ିଶା ୨୦୦ରନରେ ଅଲଆଉଟ ହୋଇଥିଲା। ମଧ୍ୟକ୍ରମ ବ୍ୟାଟିଂ ଲାଇନଅପ ଭୁଷୁଡ଼ି ପଡ଼ିବା ସହ ଦଳ ୭୩ରନରେ ଶେଷ ୭ଟି ୱିକେଟ ହରାଇଥିଲା। ଯାହା ଫଳରେ ଓଡ଼ିଶା ଏକ ବିଶାଳ ଇନିଂସ ଅଗ୍ରଣୀ ହେବାର ସୁଯୋଗ ହାତଛଡ଼ା କରିଦେଇଥିଲା। ଘରୋଇ ଦଳ ପକ୍ଷରୁ ଓପନର ସ୍ୱସ୍ତିକ ସାମଲ ଏକାକୀ ସଂଘର୍ଷ ଜାରି ରଖି ଏଠାରେ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ଗୁରୁବାର ମ୍ୟାଚ୍‌ର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ମହାରାଷ୍ଟ୍ର ଦ୍ୱିତୀୟ ପାଳିରେ ୩ ୱିକେଟ ବିନିମୟରେ ୭୮ରନ ସଂଗ୍ରହ କରିବା ସହ ୪୦ରନରେ ଆଗୁଆ ରହିଛି। ମ୍ୟାଚ୍ ରୋମାଞ୍ଚକ ସ୍ଥିତି ଆଡକୁ ଗତି କରିଛି।

ଅସମାପ୍ତ ପ୍ରଥମ ପାଳି ୯୯/୧ରୁ ଆଜିର ଖେଳ ଆରମ୍ଭ କରିଥିଲା ଓଡ଼ିଶା। ସ୍ୱସ୍ତିକ ୫୬ରନ ଏବଂ ସନ୍ଦୀପ ପଟ୍ଟନାୟକ ୪୧ରନରେ ଅପରାଜିତ ଥିଲେ ଓ ଆଜି ସକାଳେ ସେହି ସ୍କୋରରେ ଆଉଟ ହୋଇଥିଲେ। ପରେ କ୍ରିଜକୁ ଆସିଥିବା କୌଣସି ବ୍ୟାଟର ଅଧିକ ସମୟ ତିଷ୍ଠି ପାରିନଥିଲେ। ଆଶୀର୍ବାଦ ସ୍ୱାଇଁ ୧୫, ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧ରନ, କାର୍ତ୍ତିକ ବିଶ୍ୱାଳ ୦, ସୂର୍ଯ୍ୟକାନ୍ତ ପ୍ରଧାନ ୦, ରାଜେଶ ଧୂପର ୧୧ରନ, ସୁନୀଲ ରାଉଳ ୩ରନ, ସୁମିତ ଶର୍ମା ୨ରନ ଏବଂ ତରଣୀ ସ ଶୂନରେ ଆଉଟ ହୋଇଥିଲେ। ତେବେ ମହାରାଷ୍ଟ୍ରର ଶାଣିତ ବୋଲିଂ ଆଟାକକୁ ସତର୍କତାର ସହ ସମ୍ମୁଖୀନ କରି ସ୍ୱସ୍ତିକ ଏଠାରେ ସ୍ମରଣୀୟ ଶତକୀୟ ପାଳି ଖେଳିଥିଲେ। ସେ ୨୪୦ବଲରୁ ୯ଟି ଚୌକା ଏବଂ ୨ଟି ଛକା ବଳରେ ୧୧୮ରନ କରିଥିଲେ। ମହାରାଷ୍ଟ୍ର ପକ୍ଷରୁ ରଜନୀଶ ଗୁରବାନି ଏବଂ ରାମକ୍ରିଷ୍ଣା ଘୋଷ ୩ଟି ଲେଖାଏ, ସତ୍ୟଜିତ ବଚଭ ୨ଟି ଲେଖାଏ ୱିକେଟ ହାସଲ କରିଛନ୍ତି।

ଦ୍ୱିତୀୟ ପାଳି ଓପନିଂ ଭାଗିଦାରୀରେ ମହାରାଷ୍ଟ୍ର ୫୭ରନ ସଂଗ୍ରହ କରି ଓଡ଼ିଶାକୁ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲା। ଓପନର ସଚିନ ଧାସ୍‌ଙ୍କୁ ୩୮ରନରେ ଗୋବିନ୍ଦ ଷ୍ଟମ୍ପ ଆଉଟ କରିଥିଲେ। ଅନ୍ୟତମ ଓପନର ଅର୍ସିନ କୁଲକର୍ଣ୍ଣୀ ୨୫ରନରେ ତରଣୀଙ୍କ ଦ୍ୱାରା ଆଉଟ ହୋଇଥିଲେ। ପରେ କ୍ରିଜ୍‌କୁ ଆସିଥିବା ଯଶ କ୍ଷୀରସାଗର ୭ରନରେ ତରଣୀଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଧିନାୟକ ଅଙ୍କିତ ବାୱନେ ୭ରନ ଏବଂ ପ୍ରଶାନ୍ତ ସୋଲାଙ୍କି ଶୂନରେ ଅପରାଜିତ ଅଛନ୍ତି।

■ ବେଙ୍ଗଲ- ମଧ୍ୟ ପ୍ରଦେଶ ରଣଜୀ ମ୍ୟାଚ୍

# ସାମିଙ୍କ ଜବରଦସ୍ତ ପ୍ରତ୍ୟାବର୍ତ୍ତନ



ଇନ୍ଦୋର, ୧୪ ।୧୧(ଏଜେନ୍ସି): ପାଖାପାଖି ଗୋଟିଏ ବର୍ଷ ପରେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବା ଅଭିଜ୍ଞ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ସ୍ଥାନୀୟ ହୋଲକର କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ମଧ୍ୟ ପ୍ରଦେଶ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଗୁରୁବାର ଦ୍ୱିତୀୟ ଦିବସରେ ଜବରଦସ୍ତ ବୋଲିଂ କରି ୪ ୱିକେଟ ଅକ୍ତିଆର କରିଛନ୍ତି। ଫଳରେ ସେ ବର୍ଡର- ଗାଭାସ୍କର ଟ୍ରଫି ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତ କରିବାର ସମ୍ଭାବନା ବଢ଼ିଯାଇଛି। ବୁଧବାର ପ୍ରଥମ ଦିନରେ ୧୦ ଓଭର ବୋଲିଂ କରି ଗୋଟିଏ ମେଡେନ ସହ ୩୪ ରନ ବ୍ୟୟ କରିଥିବା ସାମି କୌଣସି ୱିକେଟ ହାସଲ କରିପାରି ନଥିଲେ ଓ ସେ ସଂଘର୍ଷ କରୁଥିବାର ଦେଖାଯାଇଥିଲା। କିନ୍ତୁ ଦ୍ୱିତୀୟ ଦିନରେ ସେ ମଧ୍ୟ ପ୍ରଦେଶର ୪ ବ୍ୟାଟରଙ୍କୁ ଆଉଟ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୩୪ ବର୍ଷୀୟ ସାମି ମୋଟ୍ ଉପରେ ୧୯ ଓଭର ବୋଲିଂ କରି ୪ ମେଡେନ ନେବା ସହ ୫୪ ରନ ବ୍ୟୟ କରି ଦଳ ତରଫରୁ ସର୍ବାଧିକ ୪ ୱିକେଟ ଅକ୍ତିଆର କରିଛନ୍ତି।

### ଅଷ୍ଟ୍ରେଲିଆ ଗସ୍ତରେ ଯାଇପାରନ୍ତି

### ଶୁଭ୍ରାଂଶୁ ସେନାପତି ଅର୍ଦ୍ଧଶତକରୁ ବଞ୍ଚିତ

ମଧ୍ୟ ପ୍ରଦେଶ ପ୍ରଥମ ପାଳିରେ ୫୯ ଓଭରରେ ୧୬୭ ରନକରି ଅଲଆଉଟ ହୋଇଥିଲା। ମଧ୍ୟ ପ୍ରଦେଶ ତରଫରୁ ଓପନିଂ କରିବାକୁ ଆସିଥିବା ଓଡ଼ିଆ ବ୍ୟାଟର ଶୁଭ୍ରାଂଶୁ ସେନାପତି ୪୭ ରନକରି ଆଉଟ ହେବା ସହ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଛନ୍ତି। ଓଭରନାଇଟ ବ୍ୟାଟର ଶୁଭ୍ରାଂଶୁ ୪୪ ରନରୁ ଖେଳ ଆରମ୍ଭ କରି ଆଉ ମାତ୍ର ୩ ରନ ସଂଗ୍ରହ କରି ପ୍ୟାଭିଲିଅନ ଫେରିଥିଲେ। ସାମିଙ୍କ ୪ ୱିକେଟକୁ ବାଦ୍ ଦେଲେ ସୂରଜ ସିନ୍ଧୁ ଜୟସ୍ୱାଲ ଓ ମହମ୍ମଦ କୈଫ୍ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଟସ୍ ହାରି ବେଙ୍ଗଲ ପ୍ରଥମ ପାଳିରେ ୫୧.୨ ଓଭରରେ ୨୨୮ ରନକରି ଅଲଆଉଟ ହୋଇଥିଲା। ଫଳରେ ବେଙ୍ଗଲ ୬୧ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ମଧ୍ୟ ପ୍ରଦେଶକୁ ପ୍ରଥମ ପାଳିରେ ଅଲ ଆଉଟ କରିବା ପରେ ବେଙ୍ଗଲ ଦ୍ୱିତୀୟ ପାଳି ଆରମ୍ଭ କରି ଗୁରୁବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୮ ଓଭରରେ ୫ ୱିକେଟ ହରାଇ ୧୭୦ ରନ ସଂଗ୍ରହ କରିଛି। ଫଳରେ ବେଙ୍ଗଲ ୫ ୱିକେଟ ବାକି ରଖି ୨୩୧ ରନର ଅଗ୍ରଣୀ ହାସଲ କରିଛି।

■ ଗୋଆ ଏକ ଇନିଂସ ଓ ୫୫୧ରନ୍‌ରେ ବିଜୟୀ

# ରଣଜୀରେ କାଶ୍ୟପ୍-ସ୍ନେହାଲଙ୍କ ରେକର୍ଡ ପାର୍ଟନର୍‌ସିପ୍





ପୋରଭୋରିମ୍, ୧୪ ।୧୧(ଏଜେନ୍ସି): ଚଳିତ ରଣଜୀ ଟ୍ରଫିରେ ଅପେକ୍ଷାକୃତ ଦୁର୍ବଳ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଘରୋଇ ଗୋଆ ରେକର୍ଡ ବିଜୟ ହାସଲ କରିଛି। ମାତ୍ର ଦୁଇଦିନ ମଧ୍ୟରେ ଗୋଆ ଏକ ଇନିଂସ ଓ ୫୫୧ ରନରେ ଅରୁଣାଚଳକୁ ପରାସ୍ତ କରି ରେକର୍ଡ କରିଛି। ଏହି ମ୍ୟାଚ୍‌ରେ ରଣଜୀ ଇତିହାସରେ ସର୍ବାଧିକ ପାର୍ଟନରସିପ୍ ଅର୍ଥାତ ଭାଗୀଦାରିର ରେକର୍ଡ ହୋଇଛି। ଅପରାଜିତ ତ୍ରିଶତକ ହାସଲ କରିଥିବା କାଶ୍ୟପ ବାକ୍‌ଲେ ଓ ସ୍ନେହାଲ କାଉଥାଙ୍କରଙ୍କ ମଧ୍ୟରେ ତୃତୀୟ ୱିକେଟରେ ସର୍ବାଧିକ ଅପରାଜିତ ୬୦୬ ରନର ଭାଗୀଦାରି ସ୍ଥାପନ ହୋଇଛି।

ଏଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଗୋଆ ବ୍ୟାଟର କାଶ୍ୟପ ୩୦୦ ରନ (୨୬୯ ବଲ, ୩୯ ଚୌକା, ୨ ଛକା) ଓ ସ୍ନେହାଲ ୩୧୪ ରନ(୨୧୫ ବଲ, ୪୫ ଚୌକା, ୪ ଛକା)ର ଅପରାଜିତ ତ୍ରିଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ସ୍ନେହାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଟସ୍ ଜିତି ଅରୁଣାଚଳ ୩୦.୩ ଓଭରରେ ୮୪ ରନକରି ଅଲଆଉଟ ହୋଇଥିଲା। ଜବାବରେ ଗୋଆ ପ୍ରଥମ ପାଳି ଆରମ୍ଭ କରି ୯୨ ଓଭରରେ ୨ ୱିକେଟ ହରାଇ ୭୨୭ ରନକରି ପାଳି ଘୋଷଣା କରି ୬୪୩ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଅରୁଣାଚଳ ଦ୍ୱିତୀୟ ପାଳି ଆରମ୍ଭ କରି ୨୨.୩ ଓଭରରେ ୯୨ ରନକରି ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା।

## ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ଟି-୨୦ ଆଜି

# ସିରିଜ ଜିତିବା ଲକ୍ଷ୍ୟରେ ଭାରତ

ଜୋହାନ୍ସବର୍ଗ, ୧୪।୧୧(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୪ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଚତୁର୍ଥ ତଥା ଶେଷ ମୁକାବିଲା ଆସନ୍ତାକାଲି ବା ଶୁକ୍ରବାର ସ୍ଥାନୀୟ ୱାଣ୍ଡରର୍ସ ଷ୍ଟାଡିୟମରେ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୩ଟି ମୁକାବିଲା ମଧ୍ୟରୁ ଘରୋଇ ଦଳ ଗୋଟିକରେ ଓ ଭାରତ ୨ଟିରେ ଜିତି ସିରିଜ୍‌ରେ ଆଗୁଆ ରହିଛି। ଏହି ବିଜୟ ଅର୍ଥ ଭାରତ ଆଉ ସିରିଜ୍ ହାରିବ ନାହିଁ। ଏଭଳି ସ୍ଥିତିରେ

**ଖେଳ ଆରମ୍ଭ: ରାତି ୮ଟା ୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮ , ଜିଓ ସିନେମା**




ଚତୁର୍ଥ ଟି-୨୦ରେ ଭାରତ ଖୋଲା ମନନେଇ ଖେଳିବା ସହ ଓ ନୂଆ ଖେଳାଳିଙ୍କୁ ସୁଯୋଗ ଦେବାର ସମ୍ଭାବନାକୁ ଏଡ଼ାଇଦେଇ ହେବ ନାହିଁ। ସେଞ୍ଚୁରିଆନ୍ ପିଚ୍ ଫାଷ୍ଟ ବୋଲରଙ୍କୁ ସହାୟତା ଦେଉଥିଲେ ମଧ୍ୟ ତୃତୀୟ ମ୍ୟାଚ୍‌ରେ ତାହାର ବିଶେଷ ପ୍ରଭାବ ପଡ଼ି ନାହିଁ। ଯାହା ଫଳରେ ଭାରତ ପକ୍ଷରୁ ତିଳକ ବର୍ମା ୫୬ ବଲ୍‌ରେ ୧୦୭ ଓ ଅଭିଷେକ ଶର୍ମା ୨୫ ବଲ୍‌ରେ ୫୦ ରନ୍ କରିଥିଲେ। ଏମାନଙ୍କ ବ୍ୟାଟିଂ ଆଗରେ ଫିକା ପଡ଼ିଥିଲା ମାର୍କୋ ଜାନ୍‌ସେନ୍‌ଙ୍କ ୧୭ ବଲ୍‌ରେ ୫୪ ଓ ହେନରିଚ୍ କ୍ଲାସେନଙ୍କ ୨୨ ବଲ୍‌ରେ ୪୧ ରନ୍। ଏହି ମ୍ୟାଚ୍‌ରେ ବ୍ୟାଟରଙ୍କ ରାଜ ଦେଖିବାକୁ ମିଳିଥିଲା ଓ ଉଭୟ ଦଳ ସେମାନଙ୍କ ଇନିଂସରେ ୨୦୦ ରନ୍ ପୂରଣ କରିଥିଲେ। ଚତୁର୍ଥ ମ୍ୟାଚ୍ ଖେଳାଯିବାକୁ ଥିବା ପିଚ୍‌ରେ ବିଶ୍ୱର ସର୍ବାଧିକ ରନ୍ ଚେଜ୍‌ର ରେକର୍ଡ ରହିଛି। ଏହି ପିଚ୍‌ରେ ବିଜୟୀ ଦକ୍ଷିଣ ଆଫ୍ରିକା ଓ ପରାଜିତ ଅଷ୍ଟ୍ରେଲିଆ ଗୋଟିଏ ମ୍ୟାଚ୍‌ରେ ୪୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବାରେ ସମର୍ଥ ହୋଇଛନ୍ତି। ଏଭଳି ସ୍ଥିତିରେ ଚତୁର୍ଥ ମ୍ୟାଚ୍‌ରେ ଯେ ରନ୍ ବର୍ଷା ହୋଇପାରେ ଏଥିରେ ସନ୍ଦେହ କରିବାର ଅବକାଶ ନାହିଁ।

ଚଳିତ ସିରିଜ୍‌ରେ ଉଭୟ ଦଳର ବରିଷ୍ଠ ଖେଳାଳି ଏଯାଏ କ୍ଲିକ୍ କରି ନାହାନ୍ତି। ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା ଓ ରିଙ୍କୁ ସିଂଙ୍କ ବ୍ୟାଟରୁ ଏଯାଏ ବିସ୍ଫୋରଣ ଶବ୍ଦ ଶୁଭିନାହିଁ। ଯାହା ଫଳରେ ଦଳର ଅନ୍ୟ ଖେଳାଳି ଚାପରେ ରହୁଛନ୍ତି। ଓପନର ସଞ୍ଜୁ ସାମସନ ଶତକ ହାସଲ କରିବା ପରେ କ୍ରମାଗତ ୨ଟି ମ୍ୟାଚ୍‌ରେ ଖାତା ଖୋଲି ନ ପାରିବା ମଧ୍ୟ ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ାଇଛନ୍ତି। ଏମାନଙ୍କ ସଫଳତା ବିନା ଯଦିଓ ଭାରତ ୩ଟି ମଧ୍ୟରୁ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି, ତଥାପି ଦଳ ଲାଗି ଚିନ୍ତାର କାରଣ ପାଲଟିଛନ୍ତି ଏମାନେ। ଅନ୍ୟ ଯୁବ ଖେଳାଳିମାନେ ଏବେ ଭଲ ଖେଳୁଥିଲାବେଳେ ବୋଲରଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ପ୍ରଥମ ମ୍ୟାଚ୍‌ରେ ଉଭୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ, ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ହାରିଥିଲେ ମଧ୍ୟ ବରୁଣ ଓ ତୃତୀୟ ମ୍ୟାଚରେ ଅର୍ଶଦୀପ ସିଂହ ଓ ଅକ୍ଷର ପଟେଲ ଭଲ ବୋଲିଂ କରିଥିଲେ। ଯାହା ଫଳରେ ଭାରତ ଉନ୍ନତ ପ୍ରଦର୍ଶନ କରିଆସିଛି। ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଶଦୀପ ଓ ଆଭେଷ ଖାନ୍ ବୋଲିଂ କରିଥିବା ଶେଷ ୩ ଓଭରକୁ ବାଦ୍ ଦେଲେ ଅନ୍ୟ ସବୁଥିରେ ଭାରତୀୟ ବୋଲର ନିୟନ୍ତ୍ରଣରେ ରହିଛନ୍ତି। ୱାଣ୍ଡରର୍ସରେ ମଧ୍ୟ ଏମାନେ ସମାନ ଭୂମିକା ନେଇପାରନ୍ତି। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ହାରାହାରି ୧୫୧ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛି। ରନ୍ ଚେଜ୍ କରୁଥିବା ଦଳ ଫାଇଦାରେ ରହିଆସିଛି। ଚଳିତ ସିରିଜ୍‌ରେ ଭାରତ ଏଯାଏ ରନ୍ ଚେଜ୍ କରିନାହିଁ। ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ଟସ୍ ଜିତିଲେ ରନ୍ ଚେଜ୍ ଉପରେ ନିଶ୍ଚିତ ଗୁରୁତ୍ୱ ଦେବ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକାର ଅନେକ ବରିଷ୍ଠ ଖେଳାଳି ଏହି ସିରିଜ୍‌ରେ ଅନୁପସ୍ଥିତ ଥିବାରୁ ଅନ୍ୟ ଖେଳାଳିମାନେ ସେମାନଙ୍କ ସ୍ଥାନ ପୂରଣ କରିପାରି ନାହାନ୍ତି କିମ୍ବା ବରିଷ୍ଠ ଖେଳାଳି ଆଇଡେନ ମାର୍କରାମ, ହେନରିଚ୍ କ୍ଲାସେନ ଓ ଡେଭିଡ୍ ମିଲର ଏଯାଏ କ୍ଲିକ୍ କରିନାହାନ୍ତି। ତୃତୀୟ ଟି-୨୦ରେ କ୍ଲାସେନ ତାଙ୍କ ଫର୍ମକୁ ଫେରିଛନ୍ତି ଓ ମାର୍କୋ ଜାନସେନ୍ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। କିନ୍ତୁ ଟପ୍ ଅର୍ଡର ବ୍ୟାଟିଂ କ୍ଲିକ୍ ନ କଲେ ଭାରତ ଭଳି ଟି-୨୦ରେ ଶକ୍ତିଶାଳୀ ଦଳ ବିପକ୍ଷରେ ସଫଳତା ପାଇବା କଷ୍ଟକର।

# ଭାରତ ୧୩-୦ରେ ଥାଇଲାଣ୍ଡକୁ ହରାଇଲା




## ଏସିଆନ ଚାମ୍ପିଅନ୍ସ ଟ୍ରଫି ମହିଳା ହକି

ରାଜଗିରି, ୧୪।୧୧(ଏଜେନ୍ସି): ନାଳନ୍ଦାସ୍ଥିତ ପୁରାତନ ଐତିହସମ୍ପର୍ଣ୍ଣ ସହର ରାଜଗିରିର ହକି ଷ୍ଟାଡିୟମରେ ଚାଲିଥିବା ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଭାରତ ଏକ ବୃହତ୍ ବିଜୟ ହାସଲ କରିଛି। ଭାରତ ତା'ର ତୃତୀୟ ମ୍ୟାଚ୍‌ରେ ୧୩-୦ ଗୋଲରେ ଅପେକ୍ଷାକୃତ ଦୁର୍ବଳ ଥାଇଲାଣ୍ଡକୁ ପରାସ୍ତ କରିଛି। ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ମାଲେସିଆକୁ ୪-୦ ଗୋଲରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ୩-୨ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ଏଥିସହ ୩ଟି ମ୍ୟାଚ୍ ଖେଳି ହ୍ୟାଟ୍ରିକ ବିଜୟ ସହ ୯ ପଏଣ୍ଟ ପାଇଁ ଭାରତ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଚୀନ ସମାନ ୯ ପଏଣ୍ଟ ପାଇଥିଲେ ମଧ୍ୟ ଉନ୍ନତ ଗୋଲ ବ୍ୟବଧାନରେ ଶୀର୍ଷରେ ରହିଛି। ଗୁରୁବାର ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡିକରେ ଚୀନ୍ ୨-୧ ଗୋଲରେ ଜାପାନକୁ ଏବଂ ମାଲେସିଆ ୨-୧ ଗୋଲରେ ଦକ୍ଷିଣ କୋରିଆକୁ ହରାଇଛି। ଭାରତ ଏବେ ପରବର୍ତ୍ତୀ ମ୍ୟାଚ୍‌ରେ ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଚୀନକୁ ଶନିବାର ଏବଂ ଅନ୍ତିମ ମ୍ୟାଚ୍‌ରେ ଜାପାନକୁ ଭେଟିବ।

ଟୁର୍ଣ୍ଣାମେଣ୍ଟର ଅଷ୍ଟମ ସଂସ୍କରଣରେ ଅନୁଷ୍ଠିତ ଏହି ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚ୍‌ରେ ଭାରତ ପାଇଁ ଦୀପିକା ସର୍ବାଧିକ ୫ଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ତୃତୀୟ, ୧୯, ୪୩ ମିନିଟ୍‌ରେ ୩ଟି ଗୋଲ ଓ ୪୫ତମ ମିନିଟ୍‌ରେ ୨ଟି ଗୋଲ ଦେଇଥିଲେ। ସେହିପରି ପ୍ରୀତି ଦୁବେ ୯ ଓ ୪୦ତମ ମିନିଟ୍‌ରେ ଦୁଇଟି, ଲାଲରେମସିଆମି ଦ୍ୱାଦଶ ଓ ୫୬ତମ ମିନିଟ୍‌ରେ ଦୁଇଟି, ମନୀଷା ଚୌହାନ ୫୫ ଓ ୫୮ତମ ମିନିଟ୍‌ରେ ଦୁଇଟି, ବିୟୁଟି ଡଙ୍ଗ ଡଙ୍ଗ ୩୦ତମ ଏବଂ ନବନୀତ କୌର ୫୩ତମ ମିନିଟ୍ ଗୋଟିଏ ଗୋଲ ଦେଇଥିଲେ।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ଭିଡିଓ ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର | ୩ ବର୍ଷର ଅଭିଜ୍ଞତା |
| ୫) ଏସ୍‌ଇଓ (ଡିଜିଟାଲ୍) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ଡିସେମ୍ବର ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯



ବିଶ୍ୱ ବଡିବିଲ୍ଡିଂ ଚାମ୍ପିଅନ୍‌ସିପ୍‌ର କାଂସ୍ୟ ପଦକ ବିଜେତା ଜଗନ୍ନାଥ ଖୁଣ୍ଟିଆ ଗୁରୁବାର ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି

# ଫାଇନାଲରେ ଆଶୁତୋଷ-ସୁବ୍ରତ



ଭୁବନେଶ୍ୱର, ୧୪।୧୧(ସମିସ): ରାଜ୍ୟର ଦୁଇ ପ୍ରଭାବଶାଳୀ ଖେଳାଳି ତଥା ଗୁରୁ ସୁବ୍ରତ ଦାସ ଓ ତାଙ୍କ ଶିଷ୍ୟ ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ଅଲ୍ ଓଡ଼ିଶା ସିନିୟର ର୍‍ୟାଙ୍କିଙ୍ଗ୍ ସ୍ନୁକର ଚାମ୍ପିଅନସିପ୍‌ର ଫାଇନାଲ ମୁକାବିଲା ହେବ। ପଟିଆସ୍ଥିତ ସିକ୍ସପକେଟ୍ସ କ୍ଲବ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାର ଗୁରୁବାର ଖେଳାଯାଇଥିବା ସେମିଫାଇନାଲରେ ବରିଷ୍ଠ ଖେଳାଳି ସୁବ୍ରତ ଯୁବ ପ୍ରତିଦ୍ୱନ୍ଦ୍ୱୀ ଚିରାଗ ଅରୋରାଙ୍କ ବିପକ୍ଷରେ ଲଢୁଆ ଖେଳି ଏହାକୁ ୫-୪ ଫ୍ରେମ୍‌ରେ ଜିତିଥିଲେ। ଦ୍ୱିତୀୟ ସେମି ମୁକାବିଲା ଏକତରଫା ହୋଇଥିଲା ଓ ଏଥିରେ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଆଶୁତୋଷ ପାଢ଼ୀ ୫-୨ ଫ୍ରେମ୍‌ରେ ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରିଥିଲେ।

ସକାଳ
THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ
4th Anniversary

ଦୈନିକ 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଅବସରରେ ରାଜ୍ୟସ୍ତରୀୟ

ବିତର୍କ ପ୍ରତିଯୋଗିତା ୨୦୨୪

Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with
SRI VINAYAKA CLASSES
SINCE 2006
BHUBANESWAR

୧୭ ନଭେମ୍ବର ୨୦୨୪ | ସକାଳ ୯ ଘଟିକା

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ। ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ

ପ୍ରତିଯୋଗିତାର ସ୍ଥାନ

**ଅନୁଗୁଳ:** ସ୍ୱର୍ଣ୍ଣ ମଣ୍ଡପ, ଜିଲ୍ଲା ଟ୍ରକ ମାଲିକ ସଂଘ, ଅନୁଗୁଳ ଟାଉନ (ମୋ: ୯୪୩୯୦୧୭୦୧୯), **ବାଲେଶ୍ୱର:** ସକାଳ ଭବନ, ବାଲେଶ୍ୱର (ମୋ: ୯୪୩୯୪୫୨୧୮୮), **ବରଗଡ:** ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ, ଭଟଲି ଛକ, ବରଗଡ (ମୋ: ୯୯୩୭୦୬୧୩୩୦), **ବାରିପଦା:** ସାଇ ଆଦର୍ଶ ବିଦ୍ୟାଳୟ, ରଘୁନାଥପୁର, ବାରିପଦା (ମୋ: ୯୪୩୮୨୪୮୪୯୧), **ଭଦ୍ରକ:** ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ (ମୋ: ୯୦୯୦୯୦୪୦୭୭), **ଭୁବନେଶ୍ୱର:** ଷ୍ଟୁଆର୍ଟ ସ୍କୁଲ୍, ଭୁବନେଶ୍ୱର (ମୋ:୬୩୭୨୭୬୯୪୪୨), **ବଲାଙ୍ଗୀର:** ସାମ୍ବାଦିକ ଭବନ, ବଲାଙ୍ଗୀର (ମୋ: ୯୪୩୮୦୪୧୭୫୯), **ବୌଦ୍ଧ:** ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲ, ବୌଦ୍ଧ (ମୋ:୬୦୦୮୭୩୯୮୬୦), **କଟକ:** ଶାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସୀପୁର, କଟକ (ମୋ:୯୩୩୮୧୦୧୦୮୩), **ଦେଓଗଡ:** ଆପ୍ରାଇଜ୍ ଏଜୁକେସନାଲ ଇନଷ୍ଟିଚ୍ୟୁଟ, ପୁରୁଣାଗଡ, ଦେଓଗଡ (ମୋ:୭୮୪୭୦୨୩୩୦୩), **ଢେଙ୍କାନାଳ:** ସିନର୍ଜି ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ଢେଙ୍କାନାଳ (ମୋ: ୯୪୩୭୦୭୪୦୩୩), **ଗଜପତି:** ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି (ମୋ:୯୪୩୭୨୪୦୦୦୨), **ବ୍ରହ୍ମପୁର:** ଶ୍ରୀ ଅରବିନ୍ଦ ଉଚ୍ଚ ଶିକ୍ଷା ଅନୁଷ୍ଠାନ, ବ୍ରହ୍ମପୁର (ମୋ: ୯୪୩୯୯୬୧୧୧୬), **ଜଗତସିଂହପୁର:** ପାରାଦୀପ କଲେଜ, ପାରାଦୀପ (ମୋ: ୯୪୩୮୬୯୯୬୯୫), **ଯାଜପୁର:** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର ଟାଉନ (ମୋ: ୯୪୩୯୪୯୬୬୪୫), **ଝାରସୁଗୁଡା:** ସରକାରୀ ଉଚ୍ଚ ବିଦ୍ୟାଳୟ, ସରବାହାଲ, ଝାରସୁଗୁଡା (ମୋ: ୯୭୭୭୩୪୩୬୯୩), **କଳାହାଣ୍ଡି:** ଅମଲା ଭବନ, ଭବାନୀପାଟଣା (ମୋ:୯୪୩୭୨୨୨୯୨୨), **କନ୍ଧମାଳ:** ଡିଆଇପିଆରଓ କନଫରେନ୍ସ ହଲ୍, ଫୁଲବାଣୀ (ମୋ: ୯୪୩୭୬୬୫୨୯୪), **କେନ୍ଦ୍ରାପଡା:** ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା (ମୋ: ୯୯୩୭୨୨୭୯୯୪), **କେନ୍ଦୁଝର:** ସି ଟି ଜି ଫାଉଣ୍ଡେସନ, ଶିକ୍ଷା ନିକେତନ ଡିମ୍ପୋ, କେନ୍ଦୁଝର (ମୋ: ୯୪୩୭୬୧୭୮୮୫), **ଖୋର୍ଦ୍ଧା:** ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟ, ବାଣପୁର (ମୋ: ୯୪୩୭୪୫୬୫୬୭), **କୋରାପୁଟ:** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଅରବିନ୍ଦ ନଗର, ପାରାବେଢ଼ା, ଜୟପୁର (ମୋ: ୯୪୩୯୫୧୦୦୯୧), **ମାଲକାନଗିରି:** ମାଲକାନଗିରି କଲେଜ, ମାଲକାନଗିରି (ମୋ: ୯୦୭୮୯୩୨୨୬୬), **ନବରଙ୍ଗପୁର:** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମିର୍ଗାନ ଗୁଡା, ନବରଙ୍ଗପୁର କଲେଜ ନିକଟ, ନବରଙ୍ଗପୁର (ମୋ: ୭୯୭୮୭୩୩୬୩୭), **ନୟାଗଡ:** ବ୍ଲକ ସଭା ଗୃହ, ନୟାଗଡ (ମୋ: ୭୩୭୭୭୧୦୦୯୭), **ନୂଆପଡା:** ନ୍ୟାସନାଲ ଉଚ୍ଚ ବିଦ୍ୟାଳୟ, ନୂଆପଡା (ମୋ: ୯୯୩୭୬୯୨୧୩୨), **ପୁରୀ:** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ ପରିସର, ପୁରୀ (ମୋ: ୭୯୭୮୭୬୬୨୧୧୬), **ରାୟଗଡା:** ସେଞ୍ଚୁରିଆନ ପବ୍ଲିକ୍ ସ୍କୁଲ, ରାୟଗଡା (ମୋ: ୭୦୦୮୧୪୧୨୧୬), **ରାଉରକେଲା :** ରିମସ, ଛେଣ୍ଡ, ରାଉରକେଲା (ମୋ: ୯୪୩୭୦୮୨୭୭୭), **ସମ୍ବଲପୁର:** ଗୁରୁନାନକ ପବ୍ଲିକ୍ ସ୍କୁଲ, ସମ୍ବଲପୁର (ମୋ:୯୭୭୭୫୪୯୪୫୮), **ସୋନପୁର:** ସାହାରା ଟ୍ରଷ୍ଟ ହାଇ ସ୍କୁଲ, ସୋନପୁର (ମୋ: ୯୬୫୮୬୨୮୫୫୦), **ସୁନ୍ଦରଗଡ:** ସରକାରୀ କଲେଜ, ସୁନ୍ଦରଗଡ (ମୋ: ୯୯୩୮୧୭୪୬୬୭)।

Follow us on: SakalaNews

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS